# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୫/୨୦୨୩ (୧୮ ପୃଷ୍ଠା) Bhubaneswar, Wednesday, July 5/2023 Page 18 ₹ 7.00

୪୯ଶ ଭାଗ ୨୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 220 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୫/୨୦୨୩ | Bhubaneswar, Wednesday, July 5/2023 | ପୃଷ୍ଠା-୧




**ଭାରତ ସାଫ୍ ଫୁଟ୍‌ବଲ ଚାମ୍ପିୟନ**

କୁଏଟକୁ ପରାସ୍ତ କରି ଭାରତ ସାଫ୍ ଫୁଟ୍‌ବଲ ଚାମ୍ପିୟନ ହୋଇଛି। ସୁନିଲ ଛେତ୍ରୀ ଗୋଲ୍ଡେନ ବୁଟ ଓ ଗୋଲ୍ଡେନ ବଲ୍ ହାସଲ କରିଛନ୍ତି।

୧୪

୧୩

**ପ୍ରଥମ ଥର ପାଇଁ ଭୋଗ୍‌ରେ ରେଖା**

ଆମେରିକାର ମାସିକ ଫ୍ୟାଶନ ଏବଂ ଜୀବନଶୈଳୀ ପତ୍ରିକା ଭୋଗ୍‌ର କଭରପେଜ୍‌ରେ ଭେଟେରାନ ଅଭିନେତ୍ରୀ ରେଖା ପ୍ରଥମ ଥର ପାଇଁ ସ୍ଥାନ ପାଇଛନ୍ତି।



## ରେଳ ସୁରକ୍ଷାରେ ସାଲିସ କରିଛି କେନ୍ଦ୍ର

### ବାଲେଶ୍ୱର ଦୁର୍ଘଟଣାର ସିଆର୍‌ଏସ୍ ରିପୋର୍ଟ ଉପରେ କଂଗ୍ରେସର ଅଭିଯୋଗ

**ନୂଆଦିଲ୍ଲୀ, ୪।୭(ପି.ଟି.):** ମନୁଷ୍ୟକୃତ ତ୍ରୁଟି ଯୋଗୁ ବାଲେଶ୍ୱରର ବାହାନଗାରେ ଟ୍ରେନ୍ ଦୁର୍ଘଟଣା ଘଟିଥିବା ନେଇ ରେଲ୍‌ୱେ ସୁରକ୍ଷା କମିଶନର (ସିଆର୍‌ଏସ୍) ରିପୋର୍ଟ ଦେବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। ନରେନ୍ଦ୍ର ମୋଦି ସରକାର ରେଲୱେ ସୁରକ୍ଷାର ମୌଳିକ ପ୍ରସଙ୍ଗ ସହ ସାଲିସ କରିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଏହାର ମୂଳରେ ପରିଚାଳନା ଏବଂ ରାଜନୈତିକ ନେତୃତ୍ୱର ବିଫଳତା ବୋଲି କଂଗ୍ରେସ କହିଛି। ବାଲେଶ୍ୱର ଦୁର୍ଘଟଣାର ମୁଖ୍ୟ କାରଣ ଭୁଲ୍ ସିଗ୍‌ନାଲିଂ ବୋଲି ଉଚ୍ଚସ୍ତରୀୟ ତଦନ୍ତରୁ ଜଣାପଡ଼ିଛି। ସିଗ୍‌ନାଲିଂ ଓ ଟେଲିକମ୍ୟୁନିକେଶନ ବିଭାଗର ବିଭିନ୍ନ ସ୍ତରରେ ତ୍ରୁଟି ରହିଥିଲା। ଯଦି ପୂର୍ବରୁ ରେଡ୍ ଫ୍ଲାଗ ଦେଖାଯାଇଥାନ୍ତା, ତେବେ ଦୁର୍ଘଟଣାକୁ ଏଡ଼ାଇଦିଆଯାଇ ପାରିଥାନ୍ତା ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି କେନ୍ଦ୍ର ଯାତ୍ରୀ ସୁରକ୍ଷା ଅପେକ୍ଷା ଜନସମ୍ପର୍କକୁ ଅଧିକ ପ୍ରାଥମିକତା ଦେଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ' ବ୍ରାଏନ୍ କହିଛନ୍ତି। ଦେଶର ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକ 'ଭ୍ରାମ୍ୟମାଣ ଶବାଗାର'ରେ ପରିଣତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ବିରୋଧୀ ଦଳ ପାର୍ଲାମେଣ୍ଟରେ ଏକାଧିକ ପ୍ରସଙ୍ଗ ଉଠାଇବା ସହ ଗଠନମୂଳକ ପ୍ରସ୍ତାବ ଦେଇଥିଲେ ମଧ ଯାତ୍ରୀ ସୁରକ୍ଷା ଅପେକ୍ଷା ଜନସମ୍ପର୍କକୁ ପ୍ରାଥମିକତା ଦିଆଯାଉଥିବାରୁ ତାହାକୁ କେହି ଶୁଣି ନ ଥିଲେ ବୋଲି ଟିଏମ୍‌ସି ନେତା କହିଛନ୍ତି।

# ବିନା ଅନୁମତିରେ ଗଛ କାଟିଛି ୱାଟ୍‌କୋ

## ଶିଖରଚଣ୍ଡୀ ଜଳ ପ୍ରକଳ୍ପ ବିବାଦ: ଏନ୍‌ଜିଟିରେ ରିପୋର୍ଟ ଦାଖଲକଲା ଯାଞ୍ଚ କମିଟି

**ଭୁବନେଶ୍ୱର, ୪।୭ (ବନ୍ଦନା ସେଠୀ)**

- **୩ ଏକର ବଦଳରେ ଇଡ୍‌କୋ ଦେଇଛି ୪ ଏକର**
- **ସାଢେ ୭ଏକର ଜଙ୍ଗଲ ଜମି ନଷ୍ଟ ହୋଇଛି**
- **ଏନ୍‌ଜିଟିରେ ଆଜି ଶୁଣାଣି**

ଶିଖରଚଣ୍ଡୀ ପାହାଡ଼ରେ ଗଛକାଟି ପ୍ରକଳ୍ପ ନିର୍ମାଣ ମାମଲାରେ ମଙ୍ଗଳବାର ଯାଞ୍ଚ କମିଟି ପକ୍ଷରୁ ଏନ୍‌ଜିଟିରେ ରିପୋର୍ଟ ଦାଖଲ କରାଯାଇଛି। ପାହାଡ଼ ଉପରେ ହୋଇଥିବା ଗଛକଟା ପାଇଁ ଡିଏଫ୍‌ଓଙ୍କଠାରୁ କୌଣସି ଅନୁମତି ନିଆଯାଇ ନ ଥିବା ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଏଥିସହ ସମ୍ପୃକ୍ତ ପାଣିଟାଙ୍କି ନିର୍ମାଣ ପାଇଁ ୩ ଏକର ଜମି ଆବଶ୍ୟକ ଥିବାବେଳେ ଇଡ୍‌କୋ ପକ୍ଷରୁ ୱାଟ୍‌କୋକୁ ୪ ଏକର ଜମି ପ୍ରଦାନ କରାଯାଇଛି। ପ୍ରକଳ୍ପ ପାଇଁ ୩ ଏକର ଓ ଆଉ ଗୋଟିଏ ଏକରକୁ ବନୀକରଣ ପାଇଁ ଦିଆଯାଇଛି। କିନ୍ତୁ ୱାଟ୍‌କୋ ଏହି ୪ ଏକର ବାଦ୍ ଆଉ ସାଢେ ୩ ଏକର ଅର୍ଥାତ୍ ମୋଟ୍ ସାଢେ ୭ଏକର ଜମିରେ ଥିବା ଜଙ୍ଗଲକୁ କାଟି ପଦା କରିଦେଇଛି। ତେବେ ୩ ଏକର ଜମିରେ ପାଣି ଟାଙ୍କି ନିର୍ମାଣ ପ୍ରକଳ୍ପକୁ ଅନୁମତି ଦିଆଯିବା ସହ ବାକି ୧ ଏକର ଜମିରେ ପୁନଃ ବନୀକରଣ କରିବା ପାଇଁ କମିଟି ପକ୍ଷରୁ ରିପୋର୍ଟରେ ସୁପାରିସ କରାଯାଇଥିବା ଜଣାପଡିଛି। ବୁଧବାର ଏନ୍‌ଜିଟି ପକ୍ଷରୁ ଶୁଣାଣି ହେବାକୁ ଥିବାବେଳେ ପ୍ରଥମେ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଓ ଏବେ ତଦନ୍ତକାରୀ କମିଟି ପକ୍ଷରୁ ରିପୋର୍ଟ ଦାଖଲ କରାଯାଇଛି। ଆଗକୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିବ କି ନାହିଁ ଏବଂ ବିନା ଅନୁମତିରେ ଗଛ କଟା ହୋଇଥିବାରୁ ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ ହେବ କି ନାହିଁ ତାହା ଶୁଣାଣି ସମୟରେ ଜଣାପଡ଼ିବ।

ତେବେ ଘଟଣା ସମ୍ପର୍କରେ ଚନ୍ଦକା ଏସିଏଫ୍ ଶରତ ମିଶ୍ର କହିଛନ୍ତି, ପାଣିଟାଙ୍କି ନିର୍ମାଣ ପାଇଁ ଶିଖରଚଣ୍ଡୀ ପାହାଡ଼ରୁ ଡିଏଫ୍‌ଓଙ୍କ ବିନା ଅନୁମତିରେ ଗଛକଟା ହୋଇଛି। ଅନୁମତି ନେଇ ନ ଥିବାରୁ କେତେ ପରିମାଣର କେଉଁ କେଉଁ ଗଛ ସେଠାରୁ କଟାଯାଇଛି ତାହାର ସୂଚନା ଏବେସୁଦ୍ଧା ଆମ ପାଖରେ ନାହିଁ। ଏନ୍‌ଜିଟି ନିର୍ଦ୍ଦେଶ ଦେବା ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିଏଫ୍ ମିଶ୍ର କହିଛନ୍ତି। ସେହିପରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତିର ସଚିନ ମହାପାତ୍ର କହିଛନ୍ତି, ଶିଖରଚଣ୍ଡୀ ପାହାଡ଼ ପାଇକମାନଙ୍କର ସ୍ମୃତିପୀଠ। ମାତ୍ର ଉନ୍ନତି ନାମରେ ଏହାକୁ ନଷ୍ଟ କରାଯାଉଛି। ଶିଖରଚଣ୍ଡୀ ମା'ଙ୍କ ନାମରେ ଥିବା ୨୧୨ଏକର ଏବେ ଇଡ୍‌କୋ ନାମରେ ରହିଛି। ପ୍ରଥମେ ମା'ଙ୍କଠାରୁ ଜମି ଛଡ଼ାଇ ନିଆଯିବା ପରେ ଚକ୍ରାନ୍ତ କରି ଏହାକୁ ନଷ୍ଟ କରାଯାଉଛି। ତେଣୁ ୩ ଏକର ଜାଗା ବଦଳରେ ଇଡ୍‌କୋ ମନଇଚ୍ଛା ୱାଟ୍‌କୋକୁ ୪ଏକର ଜମି ପ୍ରଦାନ କରିଛି। କିନ୍ତୁ ଏଠାରେ ସାଢେ ୭ଏକର ଜଙ୍ଗଲ ଜମି ନଷ୍ଟ ହୋଇଥିବା ଏନ୍‌ଜିଟି କମିଟିଙ୍କ ରିପୋର୍ଟରେ ଉଲ୍ଲେଖ ରହିଥିବାବେଳେ ବାସ୍ତବରେ ଏହା ଆହୁରି ଅଧିକ ବୋଲି ସଚିନ ଅଭିଯୋଗ କରିଛନ୍ତି। ସେହିପରି ପାହାଡ଼ରୁ ପ୍ରାୟ ୨ଶହ ପ୍ରକାରର ଔଷଧୀୟ ବୃକ୍ଷ ନଷ୍ଟ କରାଯାଇଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ, ଜଙ୍ଗଲ (ସଂରକ୍ଷଣ) ଆଇନ ୧୯୮୦କୁ ଉଲ୍ଲଂଘନ କରି ଶିଖରଚଣ୍ଡୀ ପାହାଡ଼ରେ ନିର୍ମାଣାଧୀନ ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଉଥିବା ଅଭିଯୋଗ କରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଅନୁଭବ କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ପ୍ରକଳ୍ପ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ତଦନ୍ତ କରି ରିପୋର୍ଟ ଦେବାକୁ ୪ଜଣିଆ କମିଟି ଗଠନ ହୋଇଥିଲା। ☞ପୃଷ୍ଠା-୨



ଶିଖରଚଣ୍ଡୀରେ ଗଛକଟାର ପୂର୍ବ ଏବଂ ପରର ଦୃଶ୍ୟ।

## ଆମେରିକାରେ ଶୁଟିଂବେଳେ ଶାହରୁଖ ଆହତ



**ୱାଶିଂଟନ,୪।୭:** ନିକଟରେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଶାହରୁଖ୍ ଖାନ୍‌ଙ୍କର ଲସ୍‌ଆଞ୍ଜେଲ୍ସରେ ଏକ ଅସ୍ତ୍ରୋପଚାର ହୋଇଛି। ଅପ୍‌କମିଂ ଫିଲ୍ମ 'ଯବାନ'ର ଶୁଟିଂ ସମୟରେ ଏକ ଦୁର୍ଘଟଣା ଘଟିବାରୁ ତାଙ୍କ ନାକରେ ଆଘାତ ଲାଗିଥିଲା। ରକ୍ତସ୍ରାବ ହେବା କାରଣରୁ ସେଠାରେ ଶାହରୁଖଙ୍କ ଏକ ମାଇନର ଅପରେଶନ୍ କରିବାକୁ ପଡ଼ିଥିଲା ବୋଲି କୁହାଯାଉଛି। ତେବେ ଶାହରୁଖ ଏବେ ଘରେ ବିଶ୍ରାମ କରୁଛନ୍ତି। ନିକଟରେ ସେ ଦର୍ଶକଙ୍କୁ ସୁପରହିଟ୍ ଫିଲ୍ମ 'ପଠାନ୍' ଭେଟି ଦେବା ପରେ ଚଳିତ ବର୍ଷ ତାଙ୍କ ଅଭିନୀତ ଆଉ ଦୁଇଟି ଫିଲ୍ମ ରିଲିଜ୍ ଅପେକ୍ଷାରେ ରହିଛି।

**ଆଜିର ସମ୍ପାଦକୀୟ**

**ଉପେକ୍ଷିତ ସେନା**

## ୨ ମେଡିକାଲ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ

### ଭିମ୍‌ସାରରେ ୟୁଫୋରିଆ କାର୍ଯ୍ୟକ୍ରମ

**ସମ୍ବଲପୁର/ ବ୍ରହ୍ମପୁର, ୪।୭ (ଶୁଭାଶିଷ ପାଢ଼ୀ/ ସୁବାସ ଚନ୍ଦ୍ର ପାଢ଼ୀ)**

ଚଳିତବର୍ଷ ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାରରେ ଆନ୍ତଃ ମେଡିକାଲ କଲେଜ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ (ୟୁଫୋରିଆ) ଆୟୋଜିତ ହେଉଥିବା ବେଳେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବୁର୍ଲା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏମ୍‌କେସିଜି ମେଡିକାଲ କଲେଜ ବିଦ୍ୟାର୍ଥୀଙ୍କୁ ଆକ୍ରମଣ କରାଯାଇଛି। ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଭିଡିଓ ଭାଇରାଲ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ବୁର୍ଲା ମେଡିକାଲ କଲେଜ ଛାତ୍ରମାନେ ବସ୍‌ର କାଚ ବନ୍ଦ କରି ଭିତରକୁ ଫାୟାର ଏକ୍ସଟିଙ୍ଗୁଇସର ଗ୍ୟାସ୍ ଛାଡିଦେବାରୁ ୯ଜଣ ଏମ୍‌କେସିଜି ଛାତ୍ର ଅସୁସ୍ଥ ହୋଇଥିବା ବେଳେ ଏମ୍‌ବିବିଏସ୍ ୨ୟ ବର୍ଷ ଛାତ୍ର ଏମ୍ ଶୁଭାଶିଷ ଗୁରୁତର ହୋଇ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଏହି ଘଟଣାକୁ ନେଇ ଏମ୍‌କେସିଜି ଓ ବୁର୍ଲା ମେଡିକାଲ କଲେଜ ବିଦ୍ୟାର୍ଥୀଙ୍କ ଭିତରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।

ପ୍ରତିବର୍ଷ 'ୟୁଫୋରିଆ' ଅନୁଷ୍ଠିତ ହୋଇଥାଏ। ଭିନ୍ନ ଭିନ୍ନ କଲେଜ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥାନ୍ତି। ଗତବର୍ଷ ବ୍ରହ୍ମପୁର ମେଡିକାଲ କଲେଜରେ 'ୟୁଫୋରିଆ' ଆୟୋଜିତ ହୋଇଥିଲା। ଚଳିତବର୍ଷ ଭିମ୍‌ସାରରେ ଏହାର ଆୟୋଜନ ହୋଇଥିଲା ବେଳେ ପ୍ରଥମେ ଆଥଲେଟ୍ ମିଟ୍ ଥିବାରୁ ଏମ୍‌କେସିଜିରୁ ପ୍ରାୟ ୧୫୦ ଛାତ୍ରୀଛାତ୍ର ଯୋଗଦେବାକୁ ଯାଇଥିଲେ। ମଙ୍ଗଳବାର ସକାଳୁ ଏମ୍‌କେସିଜି ବିଦ୍ୟାର୍ଥୀମାନେ ବୁର୍ଲାରେ ପହଞ୍ଚିଥିଲେ। ଗୋଟିଏ ବସ୍‌ରେ ୪୪ଜଣ ପୁଅ ଓ ୬ଜଣ ଝିଅ ଥିଲେ। ବସ୍ ସେଠାରେ ପହଞ୍ଚିବା ପରେ ବୁର୍ଲା ଛାତ୍ରୀଛାତ୍ରମାନେ ପଥର ଫିଙ୍ଗି ସ୍ୱାଗତ କରିଥିଲେ। ପରେ ବସ୍‌ର ସବୁ ଡୋର ବନ୍ଦ କରିଦେଇଥିଲେ ଏବଂ କିଛି ଛାତ୍ର ବସ୍ ☞ପୃଷ୍ଠା-୨

## ୧୮ ଜିଲାରେ ନିଅଣ୍ଟିଆ ବର୍ଷା

### ୬ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୪।୭(ଅନିଲ ଦାସ)**

ରାଜ୍ୟରେ ବର୍ଷାଭାବ ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ବଢ଼ିଗଲାଣି। ଜୁନ୍‌ରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବା ସାଙ୍ଗକୁ ୧୧ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୨୨ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟକୁ ପ୍ରବେଶ କରିଥିଲା। ଦୁଇ ତିନି ଦିନ ପରେ ମୌସୁମୀଜନିତ ବର୍ଷା ଏକପ୍ରକାର ବନ୍ଦ ହୋଇଯାଇଛି। ମୌସୁମୀ ଦୁର୍ବଳ ରହିବା ସାଙ୍ଗକୁ ଲଘୁଚାପ ନ ଥିବାରୁ ବର୍ଷା ପରିମାଣ ବହୁମାତ୍ରାରେ ହ୍ରାସପାଇଛି। ଏପରି କି ରାଜ୍ୟର ୩ ଜିଲା ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରେ ସ୍ଥିତି ସଙ୍ଗିନ ରହିଥିବା ବେଳେ ୧୮ ଜିଲାରେ ଭୟଙ୍କର ବର୍ଷାଭାବ ଦେଖାଦେଇଛି।

ମୌସୁମୀ ବାୟୁ ଦୁର୍ବଳ ଥିବାରୁ ବର୍ଷା ପରିମାଣ ହ୍ରାସ ପାଇଛି। ଜୁନ୍ ପହିଲାରୁ ଜୁଲାଇ ୪ ତାରିଖ ମଧ୍ୟରେ ରାଜ୍ୟରେ ୩୧ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୨୪୭.୪ ମିଲିମିଟର ବର୍ଷା ହେବା ସ୍ଥାନରେ ହୋଇଛି ୧୭୧.୭ ମିଲିମିଟର। ସେହିପରି ରାଜ୍ୟରେ ☞ପୃଷ୍ଠା-୨

## ଗ୍ରାମାଞ୍ଚଳରେ ବେକାରି ବୃଦ୍ଧି

### ଜୁନ୍‌ରେ ୮.୭୩%, ୨ ବର୍ଷରେ ସର୍ବାଧିକ

**ଗତ ମାର୍ଚ୍ଚଠାରୁ ଭାରତରେ ବେକାରି ହାର ୮%ରୁ ଅଧିକ ରହିଛି। ଜୁନ୍‌ରେ ମଧ ଏହି ଧାରା ଦେଖିବାକୁ ମିଳିଥିବାବେଳେ ଗ୍ରାମାଞ୍ଚଳରେ ବେରୋଜଗାରି ଗତ ୨ ବର୍ଷରେ ସର୍ବାଧିକ ସ୍ତରକୁ ଉଠିଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଆଇଏମ୍‌ଇ)ର ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତବର୍ଷ ଶେଷ ସୁଦ୍ଧା ୧୦ ଲକ୍ଷ ନିଯୁକ୍ତି ପ୍ରଦାନର ପ୍ରତିଶ୍ରୁତି ଦେଇଥିବାବେଳେ ମଝିରେ କିଛି କିଛି ନିଯୁକ୍ତିପତ୍ର ବାଣ୍ଟି ଦେଶବିଦେଶରେ ନିଜ ସରକାରର ପିଠି ଥାପୁଡ଼ାଉଛନ୍ତି। ଏଭଳି ସମୟରେ ପସିଲି ଥିଙ୍କ୍‌ଟ୍ୟାଙ୍କ୍ ସିଆଇଏମ୍‌ଇର ରିପୋର୍ଟ ଦର୍ଶାଉଛି ଯେ, ମୋଦି ସରକାର ନିଯୁକ୍ତିକୁ ନେଇ କହୁଛନ୍ତି ବେଶି, କରୁଛନ୍ତି କମ୍।**

**ନୂଆଦିଲ୍ଲୀ,୪।୭ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୯ ମାସ ପରେ ଦେଶରେ ବହୁପ୍ରତୀକ୍ଷିତ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାଜପା ନେତା ଓ କେନ୍ଦ୍ରମନ୍ତ୍ରୀମାନେ ବୁଲି ବୁଲି ମୋଦି ସରକାରଙ୍କ ୯ ବର୍ଷ ଶାସନର ସଫଳତା ବଖାଣୁଛନ୍ତି। ୟଙ୍ଗ୍ ଇଣ୍ଡିଆ (ଯୁବ ଭାରତ) ବର୍ତ୍ତମାନ ବିଶ୍ୱର ଦ୍ରୁତତମ ଅର୍ଥନୀତି ଏବଂ ଖୁବ୍‌ଶୀଘ୍ର ଏହା ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଯାଇ ଭାଷଣ ଦେଉଛନ୍ତି। କିନ୍ତୁ ଦେଶର ଏହି ତଥାକଥିତ ଅଭିବୃଦ୍ଧି ବେକାରି ସମସ୍ୟାର ସମାଧାନ ବାଟ ଫିଟାଇପାରି ନାହିଁ। ନୀତି ପ୍ରଣୟନକାରୀଙ୍କ ଦୂରଦୃଷ୍ଟିହୀନତା ଯୋଗୁ ସହରାଞ୍ଚଳର ପାଠୁଆ ଆଶାୟୀଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ବ୍ଲକ୍ ଅଫିସଠୁ ନେଇ ସେନା ପର୍ଯ୍ୟନ୍ତ ଅନେକ ଲକ୍ଷ ପଦବୀ ଖାଲି ପଡ଼ିଛି। ସେଗୁଡ଼ିକୁ ପୂରଣ କରିବା ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଗ୍ରାମାଞ୍ଚଳର ଶ୍ରମିକମାନେ ମଧ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଏ) ଅଧୀନରେ ଗ୍ୟାରେଣ୍ଟି ମୁତାବକ ୧୦୦ ଦିନ କାମ ପାଉନାହାନ୍ତି। କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ଅମଳରେ କରାଯାଇଥିବା ଏହି ଯୋଜନା ପାଇଁ ମୋଦି ସରକାର ବଜେଟରେ ଅର୍ଥ ଆବଣ୍ଟନ ଲଗାତର ଭାବେ ହ୍ରାସ କରିଚାଲିଥିବାରୁ ଏପରି ଅବସ୍ଥା ହୋଇଥିବା କୁହାଯାଉଛି। ଦେଶରେ ଅନେକ କୋଟି ଯୁବ ଆଶାୟୀ ନିଯୁକ୍ତି ନ ପାଇ ହତାଶ ହେବା ପରେ ଚାକିରି ଖୋଜିବା ଛାଡ଼ିଦେଲେଣି। ବିଭିନ୍ନ ରାଜ୍ୟର ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକମାନେ ବିଦେଶକୁ ଯାଇ ମୂଲ ଲାଗୁଛନ୍ତି। ଦଲାଲ ଓ ଶ୍ରମିକ ଚାଲାଣ ରାକେଟ୍ ହାବୁଡ଼ରେ ପଡ଼ି ଖର୍ଚ୍ଚାନ୍ତ ଓ ହଇରାଣ ମଧ ହେଉଛନ୍ତି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉ ନ ଥିବାରୁ ଚଳିତବର୍ଷ ଦେଶର ବେରୋଜଗାରି ହାର ତୃତୀୟ ଥର ପାଇଁ ୮%ରୁ ଉପରକୁ ଉଠିଛି। ମେ'ରେ ବେରୋଜଗାରି ୭.୬୮% ଥିବାବେଳେ ଜୁନ୍‌ରେ ଏହା ୮.୪୫%କୁ ଛୁଇଁଛି। ଏହି ଅବଧି ମଧ୍ୟରେ ସହରାଞ୍ଚଳରେ ବେକାରି ହାର ୭.୮୭% ☞ପୃଷ୍ଠା-୨

## ଚଟ୍ରି ନଦୀରେ ପଶି ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର

**ଦଶମନ୍ତପୁର,୪।୭(ଅରବିନ୍ଦ ନାୟକ)**

କୋରାପୁଟ ଜିଲାରେ ଏପରି କେତେକ ଗ୍ରାମ ରହିଛି ଯେଉଁଠିକୁ ଏଯାଏ ପ୍ରଶାସନ ପହଞ୍ଚିପାରିନାହିଁ। ନଦୀନାଳ, ବଣଜଙ୍ଗଲ ଓ ପାହାଡ଼ ଘେରା ପରିବେଶରେ ଥିବା ଗ୍ରାମଗୁଡ଼ିକୁ ଏଯାଏ ଗ୍ରାମବାସୀଙ୍କ ପାଇଁ ପ୍ରଶାସନ ରାସ୍ତାଟିଏ କରିପାରିନାହିଁ। ଖରା ଓ ଶୀତିଦିନେ ଗ୍ରାମବାସୀ ଓ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନଦୀରେ କମ୍ ପାଣି ଥିବାରୁ ଚାଲିଯାଉଥିବା ବେଳେ ବର୍ଷ ଦିନେ ସେମାନଙ୍କ ପାଇଁ ଚାଲିବା କଷ୍ଟକର ହେଉଛି। ବିଶେଷକରି ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ନଦୀପାର ହୋଇ ବିଦ୍ୟାଳୟକୁ ପାଠପଢ଼ି ଯାଉଥିବା ଦେଖିବାକୁ ମିଳେ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ☞ପୃଷ୍ଠା-୨



## ଏନ୍‌ସିପି ଛାଡ଼ିଲେ ଏମ୍‌ପି ଆମୋଲ କୋହ୍ଲେ

**ମୁମ୍ବାଇ,୪।୭**

- **ଶରଦ ପାୱାରଙ୍କ ପାଖକୁ ଫେରିଲେ ୨ ବିଧାୟକ**
- **ଆଜି ଦୁଇ ଗୋଷ୍ଠୀର ପୃଥକ୍ ବୈଠକ**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଦ୍ରୋହ ପରେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀରେ ସାମିଲ ହୋଇଥିବା ଏମ୍‌ପି ଅମୋଲ କୋହ୍ଲେ ମଙ୍ଗଳବାର ବିଳମ୍ବିତ ରାତିରେ ଦଳରୁ ଇସ୍ତଫା ଦେଇଛନ୍ତି। ଅଜିତ ରବିବାର ବିଦ୍ରୋହ କରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ କ୍ୟାବିନେଟ୍‌ରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାବେଳେ ରାଜଭବନରେ କୋହ୍ଲେ ଉପସ୍ଥିତ ଥିଲେ। ସେ ଏନେଇ ଟୁଇଟ୍ କରିଥିଲେ, ବିଦ୍ରୋହ ପରେ ଏନ୍‌ସିପିରେ ଚାଲିଥିବା ଉଠାପକାକୁ ନେଇ ଏତେ ଅତିଷ୍ଠ ହୋଇଯାଇଥିଲେ ଯେ, ଦଳୀୟ ଏମ୍‌ପି ପଦରୁ ଇସ୍ତଫା ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ, ପାୱାର ସାହେବ (ଶରଦ)ଙ୍କୁ ଭେଟିବା ପରେ ସେ ନିଷ୍ପତ୍ତି ବଦଳାଇଥିଲେ। ମନ ଓ ହୃଦୟ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିଲେ ହୃଦୟର କଥା ଶୁଣିବା ଉଚିତ। ମସ୍ତିଷ୍କ ବେଳେବେଳେ ନୈତିକତା ଭୁଲିଯାଏ, କିନ୍ତୁ ହୃଦୟ କେବେ ଭୁଲି ନ ଥାଏ ବୋଲି ଶିରୁର ଏମ୍‌ପି କୋହ୍ଲେ ଟୁଇଟ୍ କରିଥିଲେ। କିନ୍ତୁ ମଙ୍ଗଳବାର ବିଳମ୍ବିତ ରାତିରେ ସେ ଦଳ ଛାଡ଼ିଛନ୍ତି। ଅନ୍ୟପକ୍ଷେ ଅଜିତ ଗୋଷ୍ଠୀରେ ସାମିଲ ହୋଇଥିବା ସତାରା ବିଧାୟକ ମାର୍କଣ୍ଡ ପାଟିଲ ଓ ନର୍ଥ କରାଡ୍ ବିଧାୟକ ବାଲାସାହେବ ପାଟିଲ ସୋମବାର ସିନିୟର ପାୱାରଙ୍କ ଶିବିରକୁ ଫେରିଆସିଛନ୍ତି।

ସେପଟେ ଶରଦ ପାୱାର ବୁଧବାର ବିଧାୟକମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ଉକ୍ତ ବୈଠକରେ ଦଳର ସମସ୍ତ ବିଧାୟକଙ୍କୁ ଉପସ୍ଥିତ ରହିବା ପାଇଁ ଧାଡ଼ିକିଆ ହୁଇପ୍ ଜାରି କରାଯାଇଛି। ପାୱାର ଗୋଷ୍ଠୀର ମୁଖ୍ୟ ସଚେତକ ଜିତେନ୍ଦ୍ର ଅୱାହାଡ଼ ଜାରି କରିଥିବା ☞ପୃଷ୍ଠା-୨



ଅମୋଲ କୋହ୍ଲେ

**ଆଜିର ମନ୍ତବ୍ୟ**
"ଆତଙ୍କବାଦ କାର୍ଯ୍ୟକଳାପ ରୋକିବାରେ ଦୋମୁହାଁ ନୀତି ରଖିବା ଅନୁଚିତ। ଆତଙ୍କବାଦୀଙ୍କୁ ପାଣି ଯୋଗାଣ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ନେଲେ କିଛି ଯାଏ,
ଘର ପୋଡ଼ିଲେ ସବୁ ଯାଏ।**

ଚୋର ଟଙ୍କା, ସୁନା ଗହଣା ଆଦି ସମ୍ପଦରୁ ଆଂଶିକ ଭାଗ ଚୋରିକରି ନେଇଥାଏ। ପରନ୍ତୁ ଘର ପୋଡ଼ିଗଲେ ସକଳ ସମ୍ପଦ ପୋଡ଼ି ପାଉଁଶ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚିରା ଦରବାରେ ନ ଲୁଚେ ଆଣ୍ଠୁ
ଧନ ଯାକ ନେଇ ଭୂଇଁରେ ପୋତୁ।**

ସାଧାରଣତଃ କୃପଣ ବ୍ୟକ୍ତି ନିଜର ଓ ନିଜ ପରିବାରର ଖର୍ଚ୍ଚ ତୁଲାଇବାରେ କଞ୍ଜୁସି ଦେଖାଇଥାନ୍ତି। ଏପରିକି ଭଲରେ ଖାଇବା ଓ ପିନ୍ଧିବାରେ ମଧ୍ୟ ଅନେକ କାଟ୍‌ଛାଣ୍ଟ କରିଥାନ୍ତି। ଧନ ଥାଇ ମଧ୍ୟ କୃପଣ ସ୍ୱଭାବ ବ୍ୟକ୍ତି ନିଜକୁ ସର୍ବଦା ନିର୍ଦ୍ଧନ ବୋଲି ଦେଖେଇ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଉଷୁନା ନୁହେଁ, ଅରୁଆ ନେବ ଏଫ୍‌ସିଆଇ

## ବଳକା ଚାଉଳ ଉଠାଣ ପ୍ରସଙ୍ଗ

### ୨.୫ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବାକୁ ଡିଭିଜନାଲ ମ୍ୟାନେଜରଙ୍କୁ ଚିଠି

ଭୁବନେଶ୍ୱର,୪।୭(ଅନିଲ ଦାସ)

ରାଜ୍ୟର ବଳକା ଉଷୁନା ଚାଉଳକୁ ନେଇ ରାଜ୍ୟ ସରକାର ଚିନ୍ତାରେ ଥିବାବେଳେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଉଷୁନା ବଦଳରେ ଅରୁଆ ଚାଉଳ ନେବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛି। ଏ ସମସ୍ତ ଚାଉଳ ଇଥାନଲ ପ୍ରସ୍ତୁତିରେ ବ୍ୟବହୃତ ହେବ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଥିବା ଇଥାନଲ ଶିଳ୍ପକୁ ସମସ୍ତ ଅରୁଆ ଚାଉଳ ଯୋଗାଣ କରାଯିବ। ଏଥିପାଇଁ ଓଡ଼ିଶାରୁ ଅରୁଆ ଚାଉଳ ସଂଗ୍ରହ କରିବାକୁ ଏଫ୍‌ସିଆଇ ଆଗ୍ରହ ଦେଖାଇଛି। ଅରୁଆ ଚାଉଳ ସଂଗ୍ରହ କରିବାକୁ ଓଡ଼ିଶାରେ ଥିବା ସମ୍ବଲପୁର, ଟିଟିଲାଗଡ଼, ଜୟପୁର, ବ୍ରହ୍ମପୁର, କଟକ, ବାଲେଶ୍ୱର ଏବଂ ଭୁବନେଶ୍ୱର ଏଫ୍‌ସିଆଇ ଡିଭିଜନାଲ ମ୍ୟାନେଜରଙ୍କୁ ଏଫ୍‌ସିଆଇ ଚିଠି ଲେଖିଛି। ୨୦୨୩ ଅକ୍ଟୋବର ମଧ୍ୟରେ ୨.୫ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ସଂଗ୍ରହ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଫ୍‌ସିଆଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ମଧ୍ୟ ଏ ନେଇ ସୂଚନା ଦେଇଛି। ଅରୁଆ ଚାଉଳ କରିବାକୁ ରାଜ୍ୟ ସରକାର ମିଲରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉଷୁନା ଚାଉଳ କରୁଥିବା ମିଲରଙ୍କୁ ଅରୁଆ ଚାଉଳ କରିବାକୁ ହେଲେ ଆହୁରି ୩୦ରୁ ୪୦ ଲକ୍ଷ ଟଙ୍କା ପୁଞ୍ଜିବିନିଯୋଗ କରିବାକୁ ହେବ। ଆଗାମୀ ଦିନରେ ଉଷୁନା ବଦଳରେ ଅରୁଆ ଚାଉଳ କରିବାକୁ ମିଲରମାନଙ୍କୁ କୁହାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ରାଜ୍ୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖରିଫ ଋତୁରେ ୪୪ ଲକ୍ଷ ଟନ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୨୪ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାରେ ପ୍ରଦାନ କରାଯାଉଛି। ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରହିଯାଇଛି। ଏହି ଚାଉଳକୁ ଏଫ୍‌ସିଆଇ ନେଉ ନ ଥିବାରୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ବଳକା ଉଷୁନା ଚାଉଳ ଉଠାଇବା ପାଇଁ ଗତ ମାର୍ଚ୍ଚ ୨୮ ତାରିଖରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଥିଲେ ଯେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୫୪ ଲକ୍ଷ ମେଟ୍ରିକ ଟନ ଧାନ ଅର୍ଥାତ୍ ୪୪ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରାଯିବ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଜନକଲ୍ୟାଣ କାର୍ଯ୍ୟକ୍ରମରେ ମୋଟ ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଖର୍ଚ୍ଚ ହେଉଛି। ପ୍ରାୟ ୨୦ ଲକ୍ଷ ଟନ୍ ଚାଉଳ ବଳକା ରହିଯାଉଛି। ଏଫ୍‌ସିଆଇ ଚଳିତ ଆର୍ଥିକ ବର୍ଷରେ ୧୦.୩୩ ଲକ୍ଷ ଟନ ଉଷୁନା ଚାଉଳ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛି। ତେବେ ବଳକା ଚାଉଳ ରାଜ୍ୟର ଧାନ ସଂଗ୍ରହ ଉପରେ ଗୁରୁତର ପ୍ରଭାବ ପକାଇବ। ଏଥିରେ ହସ୍ତକ୍ଷେପ କରିବା ସହ ଏଫ୍‌ସିଆଇକୁ ଚାଉଳ ଉଠାଇବାକୁ ନିର୍ଦ୍ଦେଶ ଦେବାକୁ ନବୀନ ଚିଠିରେ ଉଲ୍ଲେଖ କରିଥିଲେ। ଏଥିସହିତ ବିଭିନ୍ନ ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ବିଜେଡି ଏମ୍‌ପିମାନେ ମଧ୍ୟ ବଳକା ଉଷୁନା ଚାଉଳ ଉଠାଇବା ନେଇ ପାର୍ଲାମେଣ୍ଟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ଏଫ୍‌ସିଆଇ ବଳକା ଧାନକୁ ଅରୁଆ ଚାଉଳରେ ପରିଣତ କଲେ ନେବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛି।

# ଆଜିଠୁ ମାଟ୍ରିକ ସାର୍ଟିଫିକେଟ୍ ତ୍ରୁଟି ସଂଶୋଧନ

କଟକ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ସାର୍ଟିଫିକେଟରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିପାଇଁ ବୁଧବାରଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବୋର୍ଡ ପକ୍ଷରୁ ତ୍ରୁଟି ସଂଶୋଧନ କରାଯିବ। ସ୍କୁଲ କର୍ତ୍ତୃପକ୍ଷ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଏବଂ ଏ ବାବଦରେ ଫି' ଦାଖଲ କରି ସଂଶୋଧିତ ପ୍ରମାଣପତ୍ର ପାଇପାରିବେ। ଅଫ୍‌ଲାଇନ୍ ମାଧ୍ୟମରେ ଏହି ପ୍ରକ୍ରିୟା ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସମସ୍ତ ଜିଲାରେ ବୋର୍ଡ ପକ୍ଷରୁ ଗୋଟିଏ ଲେଖାଏଁ ସେଣ୍ଟର କରାଯାଇଥିଲା। ଜୁନ୍ ୨୪ ଏବଂ ୨୫ ତାରିଖ ଦୁଇଦିନ ମଧ୍ୟରେ ସ୍କୁଲର ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କର ସାର୍ଟିଫିକେଟ୍ ନେଇଥିଲେ। ବିଭିନ୍ନ ଜିଲାର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଏହି କାର୍ଯ୍ୟର ତଦାରଖ କରିଥିଲେ। ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଏହି ସାର୍ଟିଫିକେଟ ପ୍ରଦାନ କରିବା ସମୟରେ ଅଧିକାଂଶ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା।

# ବିଶ୍ୱସ୍ତରରେ ଭାରତ ଉପରେ ବିଶ୍ୱାସ ବଢ଼ିଛି: ଧର୍ମେନ୍ଦ୍ର

## 'ସୋସିଆଲ ଏଣ୍ଟରପ୍ରାଇଜ୍ କନ୍‌କ୍ଲେଭ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)




ବର୍ତ୍ତମାନ ସମୟରେ ଭାରତ ଉପରେ ବିଶ୍ୱର ଭରସା ବଢୁଥିବା ବେଳେ ଦେଶର ଘରେ ଘରେ କୁଶଳୀ ମା' ଭଉଣୀମାନେ ପ୍ରସ୍ତୁତ କରୁଥିବା ସିଲେଇ ଓ ଅନ୍ୟ ଡିଜାଇନକୁ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ଷ୍ଟେକ୍‌ହୋଲ୍‌ଡର ମାନଙ୍କୁ ଉଦ୍ୟମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ 'ସୋସିଆଲ ଏଣ୍ଟରପ୍ରାଇଜ୍ କନ୍‌କ୍ଲେଭ'ର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦ(ଆଇଆର୍‌ଏମ୍‌ଏ) ଓ ଏଲ୍‌ଆଇସି ହାଉସିଂ ଫାଇନାନ୍ସର ମିଳିତ ଭାଗୀଦାରିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅମୃତ କାଳରେ ଭାରତ ନୂଆ ଦିଶା ଓ ଦୃଷ୍ଟିକୋଣ ରଖିଛି। ବିଶ୍ୱସ୍ତରରେ ଭାରତ ଉପରେ ବିଶ୍ୱାସ ବଢ଼ିଛି। ଆମକୁ ଏବେ ଆମର ପାରମ୍ପରିକ ସାମଗ୍ରୀକୁ ବୈଶ୍ୱିକ ବଜାରରେ ଯୋଡ଼ିବାର ଉପାୟ ଅନ୍ୱେଷଣ କରିବାକୁ ହେବ। ଦେଶରେ ପ୍ରଶିକ୍ଷଣ ପାଇ ଘରେ ମାଆ ଓ ଭଉଣୀମାନେ ପ୍ରସ୍ତୁତ କରିଥିବା ସିଲେଇ କିମ୍ବା ଅନ୍ୟାନ୍ୟ ଡିଜାଇନକୁ ବିଶ୍ୱ ବଜାରରେ ଆଣିବା ଆବଶ୍ୟକ। ଏଥିପାଇଁ ଏହା ଉପରେ ଉଦ୍ୟମ କରିବା ଦରକାର। ଆଗାମୀ ଦିନରେ ଦେଶ ଦ୍ରୁତଗତିରେ ଅଭିବୃଦ୍ଧି କରିବ। ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମାନ ବଢୁଛି। ଏଭଳି ସମୟରେ ସୋସିଆଲ ଏଣ୍ଟରପ୍ରାଇଜ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ଅଛି। ତାହାକୁ ଦୃଷ୍ଟିରେ ରଖି ସରକାରୀ ଫଣ୍ଡ ଉପରେ ନିର୍ଭର ନ ହୋଇ ନିବେଶକଙ୍କ ପ୍ରତି ସଙ୍କୋଚପଣ ଦେଖାଇବାକୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ୟୁରୋପୀୟ ଓ ଭାରତୀୟ ବିଚାରଧାରାର ମୂଳ ଅନ୍ତର ରହିଛି। ୟୁରୋପୀୟ ବିଚାର 'ମୁଁ', ମୋର ଦୁନିଆ, ମୋର ଆଇଡିଆକୁ ଦର୍ଶାଉଥିବା ବେଳେ ଭାରତ 'ଆମେ'ରେ ବିଶ୍ୱାସକରେ। ଏହିଭଳି ଭାବେ ଦୁନିଆ ସାମ୍ନାରେ ଅନ୍ୟମାନଙ୍କ ପାଇଁ ବଞ୍ଚିବାର ମଡେଲ ବନାଇବା ପାଇଁ ଉପସ୍ଥିତ ସୋସିଆଲ ଏଣ୍ଟରପ୍ରାଇଜର ଅଂଶୀଦାରମାନଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଗ୍ରାମାଞ୍ଚଳରେ ବେକାରି...

ଥିବାବେଳେ ଗ୍ରାମାଞ୍ଚଳରେ ୨ ବର୍ଷର ରେକର୍ଡ ଭାଙ୍ଗି ୮.୭୩%କୁ ଉଠିଛି। ସାଧାରଣତଃ ଜୁନ୍‌ରେ ଚାଷକାର୍ଯ୍ୟ ଆରମ୍ଭ ହେଉଥିବାରୁ କୃଷି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାସ। କାରଣ ଗ୍ରାମାଞ୍ଚଳର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି। ମେ'ରେ ଅମଳ ଶେଷ ହେବା ପରେ ଜୁନ୍‌ରେ ଗାଁଗୁଡ଼ିକରେ ବେରୋଜଗାରି ବଢ଼ିଥାଏ। ଜୁଲାଇରେ ମୌସୁମୀ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇ ଭଲ ବୃଷ୍ଟିପାତ ହେଲେ ନୂଆ ବିହନ ବୁଣା ଆଗକୁ ବଢ଼ିଥାଏ। କିନ୍ତୁ ଏଥର ମୌସୁମୀ ବି ଧୋକା ଦେଲାଣି। ସ୍ୱଳ୍ପବୃଷ୍ଟି ଓ ଅନାବୃଷ୍ଟି ଦେଶର ବିଭିନ୍ନ ଭାଗରେ ମରୁଡ଼ି ସ୍ଥିତି ଉପୁଜାଇଲାଣି। ଏହା ଉଭୟ କୃଷି ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ରକୁ ବହୁଳ ଭାବେ ପ୍ରଭାବିତ କରିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଭାରତର ଦୁଇ-ତୃତୀୟାଂଶ ଜନସଂଖ୍ୟା ବସବାସ କରୁଥିବା ଗ୍ରାମାଞ୍ଚଳର ଦୁର୍ବଳ ଶ୍ରମ ବଜାର ୨୦୨୪ରେ ପୁଣି ଥରେ କ୍ଷମତାକୁ ଫେରିବାକୁ ଅଣ୍ଟା ଭିଡୁଥିବା ମୋଦି ସରକାରଙ୍କ ଆଗରେ ବଡ଼ ଚ୍ୟାଲେଞ୍ଜ ଭାବେ ଉଭାହେବାକୁ ଯାଉଛି। ୨୦୧୭ରେ ଭାରତରେ ବେକାରି ହାର ୬% ଥିବାବେଳେ ବର୍ତ୍ତମାନ ୯% ଆଡ଼କୁ ମୁହାଁଇଲାଣି। ଏହା ଐତିହାସିକ ଭାବେ ସର୍ବୋଚ୍ଚ ଥିବାବେଳେ ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଆହୁରି ରେକର୍ଡ ସ୍ତରକୁ ଉଠିବ ବୋଲି ଅର୍ଗାନାଇଜେଶନ୍ ଫର୍ ଇକୋନୋମିକ୍ କୋ-ଅପରେଶନ୍ ଆଣ୍ଡ୍ ଡେଭେଲପ୍‌ମେଣ୍ଟ (ଓଇସିଡି) ସତର୍କ କରାଇଛି। ଏକ ଆକଳନ ଅନୁସାରେ ଆସନ୍ତା ୪ ବର୍ଷ ମଧ୍ୟରେ ଭାରତର ଆହୁରି ୧ କୋଟି ଲୋକ ବେକାର ହୋଇଯିବେ।

## ବିନା ଅନୁମତିରେ...

ଉକ୍ତ କମିଟିରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଆଞ୍ଚଳିକ କାର୍ଯ୍ୟାଳୟର ଡିଡିଜିଏଫ୍ (ସି) ଏ.ଟି ମିଶ୍ର, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ସନ୍ଦୀପ ରାୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ଆଞ୍ଚଳିକ ଅଧିକାରୀ ଡ. ସୋହନ ଗିରି ଓ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରହିଥିଲେ। ଜୁନ୍ ୨୪ରେ ଉକ୍ତ କମିଟି ଘଟଣାସ୍ଥଳ ଅନୁଧ୍ୟାନ କରି ବାସ୍ତବ ସ୍ଥିତି ଦେଖିବା ସହ ସମସ୍ତଙ୍କ ସହ ଆଲୋଚନା କରିବା ପରେ ରିପୋର୍ଟ ପ୍ରଦାନ କରିଛନ୍ତି।

## ଚକ୍ରି ନଦୀରେ ପଶି...

ବ୍ଲକରେ। ବ୍ଲକରେ ପ୍ରବାହିତ ଚକ୍ରି ନଦୀ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ବିକାଶରେ ବାଧକ ସାଜିଛି। ୧୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଦଶମନ୍ତପୁର ବ୍ଲକ ଏ.ମାଲକାନଗିରି ପଞ୍ଚାୟତର ରାଉତପୁଟ ଗ୍ରାମର ଚକ୍ରି ନଦୀ ପାଇଁ ହୋଇପାରୁନାହିଁ କୌଣସି ଉନ୍ନତି। ୯ଶହ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମକୁ ରାସ୍ତାଟିଏ ନାହିଁ। ପ୍ରବାହିତ ଚକ୍ରି ନଦୀ ଉପରେ ଭରସାକରି ଚଳନ୍ତି ଗ୍ରାମବାସୀ। ବର୍ଷସାରା ନଦୀ ପାରହୋଇ ଯାତାୟାତ କରନ୍ତି। ବର୍ଷା ୪ମାସ ସେମାନେ ନାହିଁ ନ ଥିବା ହଇରାଣ ହେଉଥିବା କହନ୍ତି ଗ୍ରାମର ରାମଚନ୍ଦ୍ର ଗୌଡ଼, ଅମିର ଟାକ୍ରି, କୁନ୍ତି ଖରା, ଲକ୍ଷ୍ମଣ ଗୌଡ଼। ବର୍ଷାଦିନେ ସେମାନେ ଜଳବନ୍ଦୀ ଜୀବନ କାଟନ୍ତି। ଅଧିକ ବର୍ଷାରେ ନଦୀ ବଢ଼ିଲେ ପିଲାଙ୍କ ପାଠପଢ଼ା ବିଶେଷ ପ୍ରଭାବିତ ହୋଇଥାଏ। ସେମାନେ ବିପଦସଙ୍କୁଳ ଅବସ୍ଥାରେ ନଦୀପାର ହୋଇ ବିଦ୍ୟାଳୟକୁ ଯାଇଥାନ୍ତି। କେହିକେହି ଅଭିଭାବକ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ି ନ ଥାନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବା, ରାଶନ ଚାଉଳ ଏବଂ ବୃଦ୍ଧାବୃଦ୍ଧ ସେମାନଙ୍କ ଭତ୍ତା ଟଙ୍କା ଆଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ନଦୀ ଉପରେ ବ୍ରିଜ୍‌ଟିଏ ନିର୍ମାଣ ଲାଗି ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଯାଏ ବିଭିନ୍ନ ଅଧିକାରୀଙ୍କୁ ଭେଟି ଦୁଃଖ ଜଣାଇଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳିନାହିଁ। ପୋଲଟିଏ ନିର୍ମାଣ ହୋଇପାରିଲେ ଗ୍ରାମକୁ ରାସ୍ତା ସହଜରେ ନିର୍ମାଣ ହୋଇପାରନ୍ତା ବୋଲି କହିଛନ୍ତି ସେମାନେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆମେ ସାଧାରଣ ନିର୍ବାଚନ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି ରାଉତପୁଟ ଗ୍ରାମବାସୀ।

## ୧୮ ଜିଲାରେ...

ଏବେ ୧୮ଟି ଜିଲାରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ସୃଷ୍ଟି ହୋଇଛି। ସେହି ଜିଲାଗୁଡ଼ିକରେ ୨୦ରୁ ୭୦ ପ୍ରତିଶତ କମ୍ ବର୍ଷା ହୋଇଛି। ଆଗାମୀ ଦିନରେ ବର୍ଷା ପରିମାଣ ନ ବଢ଼ିଲେ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରାୟଗଡ଼ାରେ ସର୍ବାଧିକ ୭୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କଳାହାଣ୍ଡି ୭୦, କନ୍ଧମାଳ ୬୭, ନବରଙ୍ଗପୁର ୫୭, ଖୋର୍ଦ୍ଧା ୪୨, ପୁରୀ ୪୦, ସୋନପୁର ୪୦, ବଲାଙ୍ଗୀର ୪୭, ବାଲେଶ୍ୱର ୪୬, କଟକ ୩୯, ଗଞ୍ଜାମ ୪୭, ଜଗତ୍‌ସିଂହପୁର ୪୪, ପୁରୀ ୪୦, ଯାଜପୁର ୩୯, ଗଜପତି ୩୭, ନୂଆପଡ଼ା ୩୭, କୋରାପୁଟ ଜିଲାରେ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, ବୌଦ୍ଧ ଏବଂ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋଓ୍ୱାର୍ନିଂ ଜାରି କରାଯାଇଛି।

## ଏନ୍‌ସିପି ଛାଡ଼ିଲେ...

ଏହି ହ୍ୱିପ୍‌ରେ ଉଲ୍ଲେଖ କରାଯାଇଛି ଯେ, ଜୁଲାଇ ୫ ଅପରାହ୍ଣ ୧ଟାରେ ୱାଇ.ବି. ଚଭନ ସେଣ୍ଟରରେ ସମସ୍ତ ବିଧାୟକ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଅନ୍ୟପକ୍ଷେ ଅଜିତ୍ ଗୋଷ୍ଠୀ ପକ୍ଷରୁ ମଧ୍ୟ ସମସ୍ତ ବିଧାୟକ, ପୂର୍ବତନ ବିଧାୟକ, ଏମ୍‌ପି, କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ୍ ଜାରି କରାଯାଇଛି। ବାନ୍ଦ୍ରାସ୍ଥିତ ଏମ୍‌ଇଟି ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ବୁଧବାର ସକାଳେ ହେବାକୁ ଥିବା ଉକ୍ତ ବୈଠକରେ ଉପସ୍ଥିତ ରହିବାକୁ ଏନ୍‌ସିପି ରାଜ୍ୟ ସଭାପତି ସୁନୀଲ ତଟ୍‌କାରେ ଏଥିରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ମଙ୍ଗଳବାର ରାତିରେ ଏକ ବୈଠକ କରି ମହାରାଷ୍ଟ୍ରର ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛି।

### ସୁପ୍ରିମକୋର୍ଟ ଗଲା ଠାକ୍‌ରେ ଗୋଷ୍ଠୀ

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ୟୁବିଟି ପୁଣି ଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଶିବସେନାର ଅନ୍ୟ ବିଧାୟକମାନଙ୍କ ୨୦୨୨ ଜୁନ୍ ବିଦ୍ରୋହ ପରିପ୍ରେକ୍ଷୀରେ ସେମାନଙ୍କ ସଦସ୍ୟତା ରଦ୍ଦ ପାଇଁ ବିଧାନସଭା ବାଚସ୍ପତି ରାହୁଲ ନରୱେକର କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଅଯୋଗ୍ୟତା ଆବେଦନର ତ୍ୱରିତ ଶୁଣାଣି ନିମନ୍ତେ ନିର୍ଦ୍ଦେଶ ଦେବାକୁ ୟୁବିଟି ସୁପ୍ରିମକୋର୍ଟରେ ନିବେଦନ କରିଛି। ସର୍ବୋଚ୍ଚ ଅଦାଲତ ମେ' ୧୧ରେ ରାୟ ଦେବା ସତ୍ତ୍ୱେ ବାଚସ୍ପତି ଜାଣିଶୁଣି ଏହାର ବିଚାର ବିଳମ୍ବିତ କରୁଥିବା ଉଦ୍ଧବ ଗୋଷ୍ଠୀର ବିଧାୟକ ସୁନିଲ ପ୍ରଭୁ ଏଥିରେ ଉଲ୍ଲେଖ କରିଛନ୍ତି।

## ୨ ମେଡିକାଲ...


ଭିମ୍‌ସାର ପରିସରରେ ବସ୍‌କୁ ଘେରିଥିବା ଛାତ୍ରୀଛାତ୍ର।

ଭିତରକୁ ଫାୟାର ଏକ୍ସଟିଙ୍ଗୁଇସ ଗ୍ୟାସ୍ ଛାଡ଼ିଥିଲେ। ବସ୍‌ରେ ଥିବା ୫୦ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୯ଜଣ ଗୁରୁତର ହୋଇଥିଲେ। ଏହି ଘଟଣା ପରେ ଏମକେସିଜି ବିଦ୍ୟାର୍ଥୀମାନେ 'ୟୁଫୋରିଆ' କାର୍ଯ୍ୟକ୍ରମ ବର୍ଜନ କରି ବ୍ରହ୍ମପୁର ଫେରିଯାଇଥିଲେ। ଅସୁସ୍ଥ ଥିବା ବିଦ୍ୟାର୍ଥୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ବେଳେ ସେମାନଙ୍କୁ ବ୍ରହ୍ମପୁର ଅଣାଯାଇଥିବା ଏମ୍‌କେସିଜି ଏମ୍‌ବିବିଏସ୍ ଛାତ୍ର ସଂସଦ ସଭାପତି ଦେବିତୋଷ ପଟ୍ଟନାୟକ କହିଛନ୍ତି। ଫାୟାର ଏକ୍ସଟିଙ୍ଗୁଇସରେ କାର୍ବନ୍ ଡାଇଅକ୍ସାଇଡ୍ ରହିଛି। ଯଦି କେହି ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ଥିବେ ଏହି ଗ୍ୟାସ୍ ଦିଆଗଲେ ଜୀବନ ଚାଲିଯିବାର ଆଶଙ୍କା ରହିଛି। ଇଣ୍ଟର କଲେଜ କାର୍ଯ୍ୟକ୍ରମରେ ଥଟ୍ଟାମଜା ହୁଅନ୍ତି। କିନ୍ତୁ ଏଭଳି ଥଟା କାହାର ଜୀବନ ନେଇପାରେ ବୋଲି ପଟ୍ଟନାୟକ କହିଛନ୍ତି। ଅପରପକ୍ଷରେ ଏହି ଗଣ୍ଡଗୋଳ ମାମଲାକୁ ନେଇ ବ୍ରହ୍ମପୁରର ମାନବାଧିକାର କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ ରୁଜୁ କରିଛନ୍ତି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ପିଟିଶନରେ ଉଲ୍ଲେଖ କରିଛନ୍ତି। ତେବେ ଗଣ୍ଡଗୋଳକୁ ନେଇ ଭିମ୍‌ସାର କର୍ତ୍ତୃପକ୍ଷ କିମ୍ବା ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଏମ୍‌କେସିଜି କର୍ତ୍ତୃପକ୍ଷ ଏ ନେଇ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବା ପାଇଁ କହିଛନ୍ତି। ଘଟଣାକୁ ବିଭିନ୍ନ ମେଡିକାଲର ଡାକ୍ତରମାନେ ସାମାଜିକ ଗଣମାଧ୍ୟମରେ ନିନ୍ଦା କରିଛନ୍ତି।

ଭିମ୍‌ସାର୍‌ର ଜଣେ ଛାତ୍ରଙ୍କ କହିବା କଥା, ବ୍ରହ୍ମପୁର ମେଡିକାଲ କଲେଜ ଛାତ୍ରମାନେ ବସ୍‌ରେ ଆସିବା ପରେ ଏଭଳି ଭାବେ ସ୍ୱାଗତ କରାଯାଇଥିଲା। ଏହା କାର୍ଯ୍ୟକ୍ରମ ଭିତରେ ରହିଛି। ଏଭଳି ଭାବେ ସ୍ୱାଗତ କରି ମଜା କରାଯାଇଥାଏ। ସମସ୍ତ ଛାତ୍ରୀଛାତ୍ର ଏହା ଜାଣିକି କରନ୍ତି। ଏଥିରେ କାହାରି ସମସ୍ୟା ହୋଇ ନ ଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ ଭିମ୍‌ସାର ଅଧୀକ୍ଷକ ଡାକ୍ତର ଜୟଶ୍ରୀ ଡୋରା କହିଛନ୍ତି, ଭିମ୍‌ସାରରେ ଚାଲିଥିବା କାର୍ଯ୍ୟକ୍ରମକୁ ବାହାର ମେଡିକାଲ ଛାତ୍ର ଆସିଛନ୍ତି। ଏଥିରେ କ୍ରୀଡ଼ା, ଖେଳକୁଦ, ସାଂସ୍କୃତିକ, ମନୋରଞ୍ଜନ ଭଳି ଅନେକ କାର୍ଯ୍ୟକ୍ରମ ହୋଇଥାଏ। ମଙ୍ଗଳବାର ଆଥ୍‌ଲେଟିକ ଦିନ ରହିଥିଲା। ଛାତ୍ରମାନେ ପଢ଼ିଆକୁ ଯିବା ପାଇଁ ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଗଣ୍ଡଗୋଳ ସମୟର ଏକ ଭିଡିଓ ଆମ ପାଖକୁ ଆସିଛି। ହେଲେ କେହି ଅଭିଯୋଗ କରିନାହାନ୍ତି। ଏହା ସତ୍ତ୍ୱେ ଘଟଣାର ତଦନ୍ତ ପାଇଁ ଏକ ଟିମ୍ ଗଠନ ହୋଇଥିବା ସେ କହିଥିଲେ। ଘଟଣା ନେଇ ହୀରାକୁଦ ଏସ୍‌ଡିପିଓ ଏସ୍. ଦାସ କହିଛନ୍ତି, ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି। ହେଲେ ଅଭିଯୋଗ ହୋଇ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଦଶମ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ରରେ ଆଲୋଚନାରେ ଅଗ୍ରଣୀ ହେବେ। କିନ୍ତୁ ଲ-ନାମାକ୍ଷର ବ୍ୟକ୍ତିମାନେ ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ବିବାଦୀୟ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଆକସ୍ମିକ ସାମୟିକ ବିବାଦ ଦେଖାଦେଇ ପଡ଼ିପାରେ।

**ବୃଷ** – ଆଜି ବିଶେଷ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜର ସ୍ୱାର୍ଥ ହାସଲ କରିପାରନ୍ତି। ମାତ୍ର ବ-ନାମାକ୍ଷର ବ୍ୟକ୍ତିମାନେ ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** – ଆଜି ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବା ଦ୍ୱାରା ସେମାନଙ୍କ ସହ ତିକ୍ତତା ସୃଷ୍ଟି ଆଶଙ୍କା ରହିଛି। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଂଗଠନ ମଜଭୁତ ହେବ। କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** – ସାଧାରଣ କଥାକୁ କେନ୍ଦ୍ରକରି ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ପାଟିତୁଣ୍ଡ ସମ୍ଭାବନା ରହିଛି। କିନ୍ତୁ ହ-ନାମାକ୍ଷର ବ୍ୟକ୍ତିମାନେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** – ମଘା ନକ୍ଷତ୍ର କୌଣସି କଥା ବିଚାର ନ କରି ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ମୂଲ୍ୟହୀନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ। କଚେରୀ ମାମଲାର ଶୁଣାଣିରୁ ମନ ଖୁସୀ ରହିବ। ପରିବାରବର୍ଗଙ୍କ ସହାୟତା ପାଇବେ ଓ ଖୁସି ମନରେ କାମ କରିବେ।

**କନ୍ୟା** – ଉଦ୍ୟମ ଜାରି ରଖିଲେ ମଧ୍ୟ ସହଜରେ କାମ ହାସଲ କରିବା କଷ୍ଟକର ହୋଇପାରେ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** – ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାର କଳ୍ପନା କରି ମାନସିକ ସ୍ଥିତି ଭଲ ରହିବ ନାହିଁ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣ କର୍ମମୁଖର ହୋଇଯିବେ। ସ୍ୱାତୀ ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ହିତୈଷୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା** – ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ପ୍ରାୟତଃ ମନ୍ଦ ହେବନି। କିନ୍ତୁ ସାମୟିକ ଭାବରେ ଉପକୃତ ବ୍ୟକ୍ତିମାନେ ହିଁ ଅନିଷ୍ଟ ଚିନ୍ତା କରିବେ। ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ପ୍ରଶାସନ ଓ ପରିବହନରେ ସମସ୍ୟା ଦେଖା ଦେଇଥିଲେ ସୁଦ୍ଧା ବିଶେଷ କିଛି ଅସୁବିଧା ହେବନାହିଁ।

**ଧନୁ** – ସମସ୍ୟା ମଧ୍ୟରେ ଚଳିବାକୁ ପଡୁଥିଲେ ମଧ୍ୟ ଆଜି କିଛିଟା ସାନ୍ତ୍ୱନାଦାୟକ ସ୍ଥିତି ଦେଖାଦେବ। କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଅଫିସରେ ସହକର୍ମୀ ମାନଙ୍କ ସହ ମିଷ୍ଟାଳାପରେ ମାତି ରହିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** – କାମ ହାସଲ ସକାଶେ ବିଶ୍ୱାସ ଜନ୍ମାଇ ଜଣେ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ପୂର୍ବ ବିବାଦକୁ କେନ୍ଦ୍ରକରି ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ** – ବିଭିନ୍ନ ପ୍ରତିରୋଧର ସାମନା କରି ଦିନଟିକୁ ଅତିବାହିତ କରିବାକୁ ପଡ଼ିପାରେ। ବାଣିଜ୍ୟ ଓ ପରିବହନରେ ତର୍କ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ** – ବୁଝାମଣା ଅଭାବରୁ ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତି ବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ଜୁଲାଇ ୦୫ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ ଓ ପ୍ରବେଶ ପାଇଁ ଶୁଭଦିନ। ଦିବା ଘ. ୦୭.୫୪ମି.ଗତେ ଘ.୦୮.୩୩ମି. ମଧ୍ୟେ, ଘ୧୦.୧୨ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୧ମି. ଗତେ ଘ. ୦୧.୧୯ମି. ମଧ୍ୟେ ରାହୁ କାଳ।




# ଡେଙ୍ଗୁ ପରେ ଘାରିଲାଣି ଝାଡ଼ାବାନ୍ତି ଚିନ୍ତା

ଭୁବନେଶ୍ୱର,(ଅଭିଜିତ ଦାସ)/ ପଟ୍ଟାଙ୍ଗି, ୪।୭(ଶରତ ଧଳ)

## ପଟାଙ୍ଗିରେ ୩ ମଲେଣି

- ୧୦ରୁ ଆରମ୍ଭ ହେବ ଇଣ୍ଟିଗ୍ରେଟେଡ୍ କ୍ୟାମ୍ପେନ
- ହାଲୋଜେନ ବଟିକା, ଓଆର୍ଏସ୍ ବଣ୍ଟାଯିବ

ବର୍ଷା ଋତୁ ଆରମ୍ଭରୁ ରାଜ୍ୟରେ ଜଳବାହିତ ରୋଗ ବ୍ୟାପିଲାଣି। ଡେଙ୍ଗୁ ପରେ ଏବେ ଝାଡାବାନ୍ତି, କାମଳ(ହେପାଟାଇଟିସ୍-ଏ ଓ ଇ) ରୋଗରେ ଅନେକେ ଆକ୍ରାନ୍ତ ହୋଇଥିବାବେଳେ କେତେଜଣ ରୋଗୀଙ୍କ ଜୀବନ ଗଲାଣି। କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍‌ରେ ଝାଡ଼ାବାନ୍ତିରେ ୩ଜଣଙ୍କ ମୃତ୍ୟୁ ଘଟିବା ପରେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ସ୍ଥିତିର ସମୀକ୍ଷା କରାଯିବା ସହ ସଂକ୍ରମଣ ନିୟନ୍ତ୍ରଣ ଲାଗି ପଦକ୍ଷେପ ଆରମ୍ଭ ହୋଇଛି। ବର୍ଷା ପୂର୍ବରୁ ରାଜ୍ୟର ସମସ୍ତ ଅଞ୍ଚଳରେ ଜଳ ଉତ୍ସଗୁଡିକୁ ବିଶୋଧନ କରିବାକୁ କୁହାଯାଇଥିବାବେଳେ ୧୦ ତାରିଖରୁ ପ୍ରତି ପଞ୍ଚାୟତରେ ଇଣ୍ଟିଗ୍ରେଟେଡ୍‌କ୍ୟାମ୍ପେନ ଆରମ୍ଭ କରିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି।

ମୌସୁମୀ ପୂର୍ବରୁ ଜଳବାହିତ ରୋଗ ସମ୍ଭାବନା ଏଡାଇବାକୁ ସ୍ୱାସ୍ଥ୍ୟ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରାଯାଉଥିବା ରାଜ୍ୟ ସରକାର କହୁଛନ୍ତି। ୨୦୨୦-୨୧ରେ ୨୦୯ଟି କେସ୍ ବାହରିଥିବା ବେଳେ ୧୧ ଝାଡାବାନ୍ତି ରୋଗୀ ଚିହ୍ନଟ ହୋଇଥିଲେ। ଏଥିମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୧-୨୨ରେ ୨୦୦୭ଟି କେସ୍ ବାହାରିଥିବା ବେଳେ ୬୯ଜଣ ଝାଡାବାନ୍ତି ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସେହିବର୍ଷ ମୃତ୍ୟୁ ସଂଖ୍ୟା ୩୦କୁ ବୃଦ୍ଧି ପାଇଥିଲା। ଉକ୍ତ ବର୍ଷ ରାୟଗଡ଼ା କାଶୀପୁର ଘଟଣା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା। ଏଠାରେ ୭ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୦୪ଜଣ ଆକ୍ରାନ୍ତ ହୋଇଥିଲେ। ତେବେ ଚଳିତବର୍ଷ ଏଯାଏ ୩୧୪ଟି କେସ୍ ବାହାରିଥିବାବେଳେ ୧୦ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ତେବେ ଏମାନଙ୍କ ମଧ୍ୟରୁ ପଟାଙ୍ଗି ବ୍ଲକ୍ ମେଟାପାଡୁ ଗ୍ରାମରେ ଗତ ୨୫ ତାରିଖରୁ ଝାଡ଼ାବାନ୍ତି ବ୍ୟାପିଛି। ଗ୍ରାମର ଦିଶାରି ପାଖରୁ ଔଷଧ ଖାଇ ୨୮ ଓ ୨୯ ତାରିଖରେ ୬ଜଣ ଗୁରୁତର ହୋଇପଡିଥିଲେ। ୩୦ ତାରିଖରେ ଗୋଲରି ବୁଦ୍ରାୟାଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ୫ଜଣଙ୍କୁ ପଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗତ ୨ ତାରିଖରେ ଜାନି ମାଲାମାଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ଗୋଲରି ପେଣ୍ଡାୟାଙ୍କ ମୃତ୍ୟୁ ଘଟିଛି।

ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହୁଛନ୍ତି, ଜଳବାହିତ ରୋଗର ସଚେତନତା ଲାଗି ଜୁଲାଇ ୧୦ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଇଣ୍ଟିଗ୍ରେଟେଡ୍ କ୍ୟାମ୍ପେନ ଆରମ୍ଭ ହେବ। ଡାଇରିଆ, କାମଳ, ମ୍ୟାଲେରିଆ ରୋଗ ପାଇଁ ବିଭିନ୍ନ ଜିଲାରେ ଥିବା ସିଏଚ୍‌ସି, ପିଏଚ୍‌ସିରେ ସ୍ୱାସ୍ଥ୍ୟକର୍ମୀ, ଆଶାଦିଦି ଓ ଚିଫ୍ ହେଲ୍‌ଥ ଅଧିକାରୀ ଘରକୁ ଘର ବୁଲି ସର୍ଭେ କରିବେ। ଏହାସହ ପ୍ରତି ପରିବାରକୁ ହାଲୋଜେନ ବଟିକା ଓ ଓଆର୍‌ଏସ୍ ଦିଆଯିବ। ସେହିପରି ଗାଁମାନଙ୍କର ଜଳଉତ୍ସଗୁଡିକ ବିଶୋଧନ କରାଯିବାର ଲକ୍ଷ୍ୟ ରହିଛି।




# 'ଶାରୀରିକ ସମ୍ପର୍କ ରଖୁଥିଲେ ଶ୍ରୀକାନ୍ତ ସାହୁ'

ଭୁବନେଶ୍ୱର,୪।୭(ସତ୍ୟଜିତ୍ ରାଉତ)

## ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲାଙ୍କ ବିସ୍ଫୋରକ ବୟାନ

- ପରିବାର ଲୋକଙ୍କୁ ଲଗାଇ ମିଥ୍ୟା ଅଭିଯୋଗ ଆଣିଥିବା କହିଲେ

ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲା ମଙ୍ଗଳବାର ବିସ୍ଫୋରକ ବୟାନ ଦେଇଛନ୍ତି। ପୂର୍ବତନ ଶ୍ରମମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ନିର୍ଯାତନା ଦେଉଥିଲେ ବୋଲି ସଞ୍ଜୁକ୍ତା ଗଣମାଧ୍ୟମରେ କହିଛନ୍ତି। ତେବେ ସଞ୍ଜୁକ୍ତାଙ୍କ ଏଭଳି ବୟାନ ପରେ ରାଜନୈତିକ ମହଲରେ ଏହାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଗଣମାଧ୍ୟମ ଜରିଆରେ ସଞ୍ଜୁକ୍ତା ଦେଇଥିବା ବୟାନ ଅନୁଯାୟୀ, ଶ୍ରୀକାନ୍ତ ୨୦୧୫ରୁ ୨୦୨୨ ଡିସେମ୍ବର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଆଳ ଦେଖାଇ ତାଙ୍କୁ ନିର୍ଯାତନା ଦେବା ସହ ଶାରୀରିକ ସମ୍ପର୍କ ରଖୁଥିଲେ। ସ୍ତ୍ରୀ ଭଳି ସେ ତାଙ୍କୁ ରଖୁଥିବାବେଳେ ଘରକୁ ମଧ୍ୟ ଆସୁଥିଲେ। ସଞ୍ଜୁକ୍ତା ମଧ୍ୟ ଶ୍ରୀକାନ୍ତଙ୍କ ଅଞ୍ଚଳକୁ ଯାଆନ୍ତି। ହେଲେ ମନ୍ତ୍ରୀ ପଦ ପାଇଲା ପରେ ଶ୍ରୀକାନ୍ତ ତାଙ୍କୁ ଆଉଟ୍ କରିବାକୁ ବସିଲେ। ସେତେବେଳକୁ ୩୦ ବର୍ଷର ସମ୍ପର୍କରେ ଥିବା ସ୍ୱାମୀଙ୍କ ସହ ଛାଡ଼ପତ୍ର ମଧ୍ୟ କରିସାରିଥିଲେ। ତେବେ ଏନେଇ ସେ ଥାନାରେ ଏଫ୍‌ଆଇଆର୍ ଦେଇଥିଲେ। ହେଲେ ଚାପରେ ପଡ଼ି ପୋଲିସ କେସ୍ କଲା ନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ଦେବେ ବୋଲି ପୂରା ଭରସା ଥିଲା। ଶ୍ରୀକାନ୍ତଙ୍କ ମନ୍ତ୍ରୀ ପଦ ଗଲା। କିନ୍ତୁ ମୋତେ ପ୍ରକୃତ ନ୍ୟାୟ ମିଳିଲା ନାହିଁ। ଏଥିସହ ସଞ୍ଜୁକ୍ତା ଆହୁରି କହିଛନ୍ତି ଯେ, ସେ ସବୁଆଡ଼େ ଶୁଣିବାକୁ ପାଇଲେ ତାଙ୍କୁ କୁଆଡ଼େ ପଇସା ଦିଆଯାଇଛି, କୋଟିଏ ଟଙ୍କା ଦିଆଯାଇଛି, ଗୋଟିଏ ଆପାର୍ଟମେଣ୍ଟ ଦିଆଯାଇଛି। ତାହାଛଡ଼ା ଦଳରେ ଗୋଟିଏ ପଦବୀ ମଧ୍ୟ ଦିଆଯାଇଛି। ହେଲେ ମୋତେ କୌଣସି ଜିନିଷ ଦିଆଯାଇନାହିଁ ବୋଲି ଆପଣମାନେ ଜାଣିରଖନ୍ତୁ ବୋଲି ସଞ୍ଜୁକ୍ତା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ପରିବାର ଲୋକେ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇ ସଂଯୁକ୍ତାଙ୍କ ନାଁରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏ ସଂକ୍ରାନ୍ତରେ ମଧ୍ୟ ସଞ୍ଜୁକ୍ତା ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗ ଭିତ୍ତିହୀନ। ଏସବୁ ଘଟଣାରେ ମୁଖ୍ୟ ପୁରୋଧା ଶ୍ରୀକାନ୍ତ ସାହୁ ବୋଲି ସଞ୍ଜୁକ୍ତା କହିଛନ୍ତି। ଏସବୁର ଅନ୍ତ ହେବ। ଏଫ୍‌ଆଇଆର୍ କପି ପ୍ରସ୍ତୁତ କଲିଣି। ଏଥିରେ ଯଦି ନ୍ୟାୟ ନ ମିଳିବ, ତେବେ ଆଗାମୀ ଦିନରେ ତାଙ୍କ ଦୁଆର ମୁହଁରେ ବସିବେ ବୋଲି ସଞ୍ଜୁକ୍ତା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।

# ପ୍ରଭାସ ଆଚାର୍ଯ୍ୟ ଲୋକସେବକ ମଣ୍ଡଳର ନୂଆ ସମ୍ପାଦକ



ଭୁବନେଶ୍ୱର, ୪।୭ (ଅନିଲ ଦାସ)

ଡ. ପ୍ରଭାସ ଆଚାର୍ଯ୍ୟ ଲୋକସେବକ ମଣ୍ଡଳର ନୂତନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଲୋକସେବକ ମଣ୍ଡଳ ସମ୍ବିଧାନ ଧାରା-୬ ଅନୁଯାୟୀ ତାଙ୍କୁ ସଭାପତି ରାଜକୁମାର ମନୋନୀତ କରିଛନ୍ତି। ଏହା ପୂର୍ବରୁ ସେ କାର୍ଯ୍ୟନିର୍ବାହୀ ପରିଷଦର ଜଣେ ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ସେ ଭୀମସେନଙ୍କ ସ୍ଥାନରେ ଦାୟିତ୍ୱ ତୁଲାଇବେ।

# ଗୋଟିଏ ରଶିରେ ଝୁଲିପଡ଼ିଲେ ଦମ୍ପତି

ତିହିଡ଼ି, ୪।୭(ସଞ୍ଜିତ ବଳ)

## ଆର୍ଥିକ ଅନଟନରୁ ଆତ୍ମହତ୍ୟା

ଆର୍ଥିକ ଅନଟନରୁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି ଦମ୍ପତି। ଘର ଭିତରେ ଗୋଟିଏ ରଶିରେ ସ୍ୱାମୀ ସ୍ତ୍ରୀ ଝୁଲିପଡ଼ିଲେ। ମଙ୍ଗଳବାର ଏଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ବାରାଣାକୁଳ ଗ୍ରାମରେ। ଗୋଟିଏ କୋଠରିରେ ଉକ୍ତ ଗ୍ରାମର ଆଶାକର୍ମୀ ଓ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ପୋଲିସ ସେମାନଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ ଦମ୍ପତି ହେଉଛନ୍ତି ଆଶାକର୍ମୀ ମିନତି ମଲିକ(୪୦) ଏବଂ ତାଙ୍କ ସ୍ୱାମୀ ଉପେନ୍ଦ୍ର ମଲିକ(୪୫)। ମିନତି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କାଁପଡ଼ାରେ ଆଶାକର୍ମୀ ଭାବେ କାର୍ଯ୍ୟରତ ଥିଲେ। ସ୍ୱାମୀ ସ୍ତ୍ରୀ ଘରେ ରହୁଥିବା ବେଳେ ୨ପୁଅ ବାହାରେ ରହି ପାଠ ପଢୁଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ତାଙ୍କ ଘର କବାଟ ନ ଖୋଲିବାରୁ ପଡ଼ୋଶୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନେ ଝରକା ପଟେ ଘର ଭିତରେ ରଶିରେ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ତିହିଡ଼ି ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ତିହିଡ଼ି ଥାନା ଏଏସ୍‌ଆଇ ଶ୍ରୀକାନ୍ତ ନାୟକ କହିଛନ୍ତି, ଯୁକ୍ତ ୩ରେ ପଢୁଥିବା ଉକ୍ତ ଦମ୍ପତିଙ୍କ ସାନପୁଅ ରାକେଶ ମଲିକଙ୍କ କହିବା ଅନୁଯାୟୀ, ଘରେ ଆର୍ଥିକ ଅନଟନକୁ ନେଇ ତାଙ୍କ ମା' ବାପା ସବୁବେଳେ ଚିନ୍ତାରେ ରହୁଥିଲେ। ଏହିକାରଣରୁ ସେମାନେ ଆତ୍ମହତ୍ୟା କରିଥାଇପାରନ୍ତି। ତେବେ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଦେଢ଼ମାସର ଶିଶୁକନ୍ୟା ତଣ୍ଟି ଚିପି ହତ୍ୟା କଲେ ମା'

ଆଳି,୪।୭(ବନମାଳୀ ସେନାପତି)

ଜଣେ ମା' ଅଧରାତିରେ ନିଜ ଦେଢ଼ମାସର ଶିଶୁକନ୍ୟାର ତଣ୍ଟିଚିପି ହତ୍ୟା କରିଛନ୍ତି। ଏନେଇ ଶିଶୁକନ୍ୟାଙ୍କ ଜେଜେମା' ଅଭିଯୋଗ ଆଣିଛନ୍ତି। ଏଭଳି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ଥାନା ନଦୀନାଳଘେରା ପଦନୀପାଳ ଗାଁରେ। ପଦନୀପାଳ ଗାଁର ବାସନ୍ତୀ ମହାନ୍ତି ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ପ୍ରତିଦିନ ପରି ସୋମବାର ରାତିରେ ତାଙ୍କ ଦେଢ଼ମାସର ନାତୁଣୀ ତ୍ରିଶାଖା ଓ ୩ ବର୍ଷର ନାତି ଆୟୁଷ ମା' ରଶ୍ମିତା ପାଖରେ ଶୋଇଥିଲେ। ମଙ୍ଗଳବାର ସକାଳୁ ସମସ୍ତେ ଉଠିବା ପରେ ଦେଖିଥିଲେ, ଶିଶୁକନ୍ୟା ନାକରୁ ରକ୍ତସ୍ରାବ ହେଉଛି। ସଙ୍ଗେ ସଙ୍ଗେ ଶିଶୁକନ୍ୟାକୁ ଧରି ଜେଜେ ମା' ବାସନ୍ତୀ ଓ ଜେଜେବାପା ରବୀନ୍ଦ୍ର କଣ୍ଠିଆହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ। ବାସନ୍ତୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ. ୫୫୮/୨୩ରେ ମାମଲା ରୁଜୁ କରିବା ସହ ରଶ୍ମିତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ରଶ୍ମିତାଙ୍କ ସ୍ୱାମୀ ଅମିୟ ଦିଲ୍ଲୀରେ ପାଣି ପାଇପ କାମ କରୁଥିବାବେଳେ ଘରକୁ ଛୁଟିରେ ଆସିଥିଲେ। ମଙ୍ଗଳବାର ଅମିୟ ଦିଲ୍ଲୀରେ ପହଞ୍ଚି ଥିବାବେଳେ ସ୍ତ୍ରୀଙ୍କ ଏଭଳି କାଣ୍ଡରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ପୁନର୍ବାର ଘରକୁ ଫେରୁଥିବା ଜଣାପଡ଼ିଛି।

# ପେନ୍‌ସନ ପ୍ରଦାନରେ ବିଳମ୍ବ ହେଲେ ଆଦାୟ ହେବ ୧୮% ସୁଧ

ଭୁବନେଶ୍ୱର,୪।୭(ଅନିଲ ଦାସ)

## ପ୍ରତ୍ୟେକ ମାସରେ ପେନ୍‌ସନ ମାମଲାର ତାଲିକା ଦେବେ ବିଭାଗ

ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଚାକିରିରୁ ଅବସର ଦିନ ହିଁ ପେନ୍‌ସନ ସୁବିଧା ପାଇବା ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ବହୁସଂଖ୍ୟକ କର୍ମଚାରୀ ଦୀର୍ଘଦିନ ଧରି ନିଜର ପେନ୍‌ସନ ପାଇବାକୁ ଅପେକ୍ଷା କରି ରହିଛନ୍ତି। ଏହାକୁ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ପ୍ରଶାସନିକ ବିଭାଗ ମୁଖ୍ୟଙ୍କୁ କଡ଼ା ତାଗିଦ କରିଛନ୍ତି। ଏଥିସହିତ ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବ ହେଲେ ପେନ୍‌ସନଧାରୀ ବାର୍ଷିକ ୧୮% ସୁଧ ହାରରେ ପେନ୍‌ସନ ପାଇବାକୁ ହକ୍‌ଦାର। ପେନ୍‌ସନ ପ୍ରଦାନରେ ବିଳମ୍ବ ପାଇଁ ଯେଉଁ ଅଫିସର ବା କର୍ମଚାରୀ ଦାୟୀ ରହିବେ ତାଙ୍କଠାରୁ ଏହି ସୁଧ ଅର୍ଥ ଆଦାୟ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ (ପେନ୍‌ସନ) ରୁଲ୍‌ସ-୧୯୯୨ ଅନୁସାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପେନ୍‌ସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରିବା ସରକାରଙ୍କ କର୍ତ୍ତବ୍ୟ। ମାତ୍ର ବହୁ ସଂଖ୍ୟକ ପେନ୍‌ସନ ମାମଲା ଏବେ ବିଭିନ୍ନ ସ୍ତରରେ ପ୍ରଶାସନିକ ବିଭାଗ ଓ ଅଧସ୍ତନ ଅଫିସଗୁଡ଼ିକରେ ପଡ଼ିରହିଛି। ବିଭାଗଗୁଡ଼ିକର ପଦକ୍ଷେପ ଓ ଅଗ୍ରଗତି ମଧ୍ୟ ଏ ଦିଗରେ ସନ୍ତୋଷଜନକ ନୁହେଁ। ସମସ୍ତ ପ୍ରଶାସନିକ ବିଭାଗ ସାଧାରଣ ପ୍ରଶାସନ ଦ୍ୱାରା ଜାରି ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପେନ୍‌ସନ ପ୍ରଦାନ ଉପରେ ଗୁରୁତ୍ୱ ଦେବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହାସହିତ ମାସର ପ୍ରଥମ ସପ୍ତାହ ସୁଦ୍ଧା ଇ-ମେଲ୍ ମାଧ୍ୟମରେ ଏକ ନିର୍ଦ୍ଧାରିତ ଫର୍ମାଟରେ କେତେ ପରିମାଣର ପେନ୍‌ସନ ମାମଲା ପଡ଼ିରହିଛି ଓ କେତେ ସଂଖ୍ୟକ ସମାଧାନ ହୋଇଛି ତାହା ନିୟମିତ ଭାବେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫର୍ମାଟରେ ପ୍ରତ୍ୟେକ ବିଭାଗର ନାମ, ମାସ ଆରମ୍ଭରୁ କେତେ ସଂଖ୍ୟକ ପେନ୍‌ସନ ମାମଲା ପଡ଼ିରହିଛି, ସେହି ମାସରେ କେତେ ସଂଖ୍ୟକ ପେନ୍‌ସନ ମାମଲା ଯୋଡ଼ିହୋଇଛି, କେତେ ଜଣଙ୍କୁ ପ୍ରୋଭିଜନାଲ ଓ ଫାଇନାଲ ପେନ୍‌ସନ ପ୍ରଦାନ କରାଯାଇଛି, ବିଭାଗରୁ ଅବସର ନେଇଥିବା କେତେ ସଂଖ୍ୟକ କର୍ମଚାରୀଙ୍କ ପେନ୍‌ସନ ସଂକ୍ରାନ୍ତ ଦସ୍ତାବିଜ ପୈଠ ହୋଇନି ଏ ସବୁର ବିସ୍ତୃତ ତଥ୍ୟ ଦେବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

DSPL - 131

ଓଡ଼ିଶା ଶାସନ

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

## ମଶାବାହିତ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ମାର୍ଗଦର୍ଶିକା

ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ।
- ଘରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସାପ୍ତାହିକ ପରିଷ୍କାର କରନ୍ତୁ।
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା / ଛିଣ୍ଡା ଟାୟାର, ନଡ଼ିଆ ଷଢ଼େଇ, କୋତୁଆ, ଓଳି, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରନ୍ତୁ କିମ୍ବା ଦୂରେଇ ଦିଅନ୍ତୁ।
- ଘର ପାଖ ପରିବେଶ ସଫା ରଖନ୍ତୁ।
- ମଶାରୀ ନିୟମିତ ବ୍ୟବହାର କରନ୍ତୁ। ମଶାଙ୍କ ପ୍ରବେଶ ରୋକିବାକୁ ଝରକାରେ ସରୁ ଜାଲି ଲଗାଇଲେ ଭଲ।
- ପୁରା ଶରୀରକୁ ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ।
- ଆବଶ୍ୟକ ସ୍ଥଳେ ସୁରକ୍ଷିତ ମଶା ନିବାରକ ବ୍ୟବହାର କରନ୍ତୁ।
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ।

OIPR-10003/13/0072/2324

ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। **–ଶ୍ରୀଅରବିନ୍ଦ**



# ଉପେକ୍ଷିତ ସେନା

ଆଜି ସେନାରେ ପ୍ରବଳ ମାତ୍ରାରେ ମାନବ ସମ୍ବଳର ଅଭାବ ଦେଖାଦେଲାଣି। ମନେପଡ଼େ ଅର୍ଦ୍ଧଶତାବ୍ଦୀର କିଛି ବର୍ଷ ପୂର୍ବେ ଭୁବନେଶ୍ୱର ଭଳି ଜାଗାରେ ଆର୍ମି ରିକ୍ରୁଟ୍‌ମେଣ୍ଟ ପରୀକ୍ଷା ସମୟରେ ଅନେକ ଦିନ ଧରି ଯୁବକମାନଙ୍କ ଭିଡ଼ ଲାଗି ରହୁଥିଲା। ଏପରିକି ସେହି ଆଶାୟୀମାନଙ୍କୁ ଶୃଙ୍ଖଳିତ କରିବାକୁ ଯାଇ ସ୍ଥାନୀୟ ପୋଲିସକୁ ଲାଠିଚାର୍ଜ କରିବାକୁ ପଡୁଥିଲା। ଆଜି ସେହି ପରିସ୍ଥିତିରେ ପରିବର୍ତ୍ତନ ଦେଖାଦେଇଛି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କର 'ଅଗ୍ନିପଥ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ଯେଉଁଥିରେ କେତୋଟି ନିର୍ବାଚନମୁଖୀ ରାଜ୍ୟରେ ଯୁବକମାନଙ୍କୁ ସେନାରେ ଅସ୍ଥାୟୀ ଭାବେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଥିଲା। ସାଧାରଣରେ ଭାରତରେ ଯୁବପିଢ଼ିକୁ ନିଯୁକ୍ତି ମିଳିଲେ କୌଣସି ରାଜନୈତିକ ଦଳ କେବେହେଲେ ବିରୋଧ କରିବା କଥା ଜଣା ନ ଥିଲା। ହେଲେ ଅଗ୍ନିପଥ ଯୋଜନାକୁ ପ୍ରବଳ ବିରୋଧ ହୋଇଥିଲା। କାରଣ ସମସ୍ତେ ସେତେବେଳେ ବୁଝିଥିଲେ ଯେ, ମୂଳ କାର୍ଯ୍ୟକ୍ରମ ଅଗ୍ନିପଥର ଉଦ୍ଦେଶ୍ୟ ମନ୍ଦ ଥିବାରୁ ମାତ୍ର ୪ ବର୍ଷ ପାଇଁ ଚାକିରି ପାଇଗଲେ ଭାରତର ଅସଂଖ୍ୟ ଗରିବ ଯୁବକଙ୍କର ଅର୍ଥନୀତିରେ ପରିବର୍ତ୍ତନ ଆସିବ ନାହିଁ। ସେହି କାର୍ଯ୍ୟକ୍ରମରେ କୁହାଯାଇଥିଲା ଯେ,ସାଢେ ୧୭ ବର୍ଷରୁ ୨୩ ବର୍ଷ ବୟସ୍କ ଯୁବକ ଅଗ୍ନିବୀର ଭାବେ ସେନାରେ ଯୋଗଦେବାର ସୁଯୋଗ ପାଇପାରିବେ। କିନ୍ତୁ ଏହି କାର୍ଯ୍ୟକ୍ରମ ମାତ୍ର ୪ ବର୍ଷିଆ ଚିକିରିର ହୋଇଥିବାରୁ ଯୁବପିଢ଼ି ମଧ୍ୟରେ, କ୍ରମଶଃ, ଏଥପ୍ରତି ଉତ୍ସାହ ଭାଙ୍ଗିଗଲାଣି। ସେହି ସମୟରେ ପୂର୍ବରୁ ଭାରତୀୟ ସେନା ଏବଂ ବାୟୁସେନାରେ ନିଯୁକ୍ତି ପାଇଁ ଇଚ୍ଛୁକ ଯୁବକମାନଙ୍କର ଯେଉଁସବୁ ପରୀକ୍ଷା କରାଯାଇଥିଲା ସେଗୁଡ଼ିକୁ ଶେଷ କରିବା ପରିବର୍ତ୍ତେ ବାତିଲ କରିଦିଆଯାଇଥିଲା। ଅର୍ଥାତ୍ ନିୟମିତ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିଦିଆଗଲା। କାରଣ କେବଳ ଅଗ୍ନିପଥ ଯୋଜନାରେ ଅଗ୍ନିବୀରମାନଙ୍କୁ ଚାକିରି ଦିଆଯିବ ବୋଲି କୁହାଗଲା। ଉଲ୍ଲେଖଯୋଗ୍ୟ ଯେ, ନିୟମିତ ନିଯୁକ୍ତି ପାଇଁ ଯେଉଁସବୁ ପରୀକ୍ଷା ପୂର୍ବରୁ କରାଯାଇଥିଲା ତାହାର ଫଳାଫଳ ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇଲା ନାହିଁ।

ସୁରକ୍ଷାଜନିତ କଠିନ ସ୍ଥିତିରେ ଥିବା ଭାରତ ଭଳି ଦେଶ ପାଇଁ ସେନା ସବୁବେଳେ ଆଶାର ଏକ ଉତ୍ସ ହୋଇରହିଛି। ଏଣୁ ସେନା ଓ ତାହାର ଯବାନମାନଙ୍କୁ ପ୍ରଭାବିତ କରୁଥିବା ସମସ୍ୟାଗୁଡ଼ିକ ଉପରେ ଗମ୍ଭୀରତାର ସହ ବିଚାରକରିବା ଉଚିତ। ଅବଶ୍ୟ ଏହା କହିଲାବେଳକୁ ଆମେ ସଚେତନ ଯେ, ଭାରତୀୟ ସେନାର ନକାରାତ୍ମକ ଆଭିମୁଖ୍ୟ ଯୋଗୁ ଦେଶରେ ଅନେକ ସମସ୍ୟା ଉପୁଜିଚାଲିଛି। ବିଶେଷକରି କଶ୍ମୀର ସହିତ ମଣିପୁର ଭଳି ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଲାଗୁ ହୋଇଥିବା ଆର୍ମଡ୍ ଫୋର୍ସେସ ସ୍ପେଶାଲ ପାୱାର୍ସ ଆକ୍ଟ, ଏଏଫ୍ଏସ୍‌ପିଏ (ଆଫସ୍‌ପା)ର ଦୁହାଇଦେଇ ଭାରତୀୟ ସୈନିକମାନେ ଅନେକ ଅତ୍ୟାଚାର ଏବଂ ନୃଶଂସ କାର୍ଯ୍ୟ କରୁଛନ୍ତି ଯାହା ଦେଶର ଏକତାକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଉଛି।

ଏହା ବ୍ୟତୀତ ଚାଇନା ଯୁଦ୍ଧର ପାଖାପାଖି ୬୦ ବର୍ଷ ପରେ ଭାରତୀୟ ସେନାର ଯବାନଙ୍କ ପାଇଁ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଉପକରଣ ହୋଇପାରିନାହିଁ। ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ସ୍ଥଳସେନାରେ ୮,୧୨୯ ଅଧିକାରୀଙ୍କ ଅଭାବ ଥିବାବେଳେ ବାୟୁସେନାରେ ୭୨୧ ଓ ନୌସେନାରେ ୧,୬୫୩ ଅଧିକାରୀ ପଦ ଖାଲିପଡ଼ିଛି। ୨୦୧୨ ଓ ୨୦୧୭ ରେ ପ୍ରକାଶିତ ରିପୋର୍ଟ ମଧ୍ୟ ଅଧିକାରୀଙ୍କ ଅଭାବକୁ ଦର୍ଶାଇଥିଲା। କେବଳ ଅଧିକାରୀ ନୁହନ୍ତି, ସେନାରେ ନିର୍ଦ୍ଧାରିତ ଯବାନଙ୍କ ସଂଖ୍ୟା ଅନେକ ଦଶନ୍ଧି ହେଲା କମ୍ ରହିଆସିଛି। ୩ ସେନାରେ ଏବେ ୧.୫୫ ଲକ୍ଷ ଯବାନ କମ୍ ରହିଛନ୍ତି ବୋଲି ଏବକାର ରିପୋର୍ଟରୁ ଜଣାପଡ଼ିଛି। କେବଳ ସ୍ଥଳସେନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯବାନ ନାହାନ୍ତି। ଏଥିରୁ ସ୍ପଷ୍ଟ ଯେ, ଅଧିକାରୀ ଓ ଯବାନ ଅଭାବଜନିତ ସମସ୍ୟାରୁ ସେନା ମୁକ୍ତି ପାଇନାହିଁ କି ପାଇପାରୁନାହିଁ। ଏହାର ସମାଧାନ ପାଇଁ ବାଟ ମଧ୍ୟ ବାହାର କରାଯାଉନାହିଁ। ବରଂ ସେନାରେ ମାନବ ଦକ୍ଷତା ମଜଭୁତ କରିବା ପରିବର୍ତ୍ତେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବୃଦ୍ଧି ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି ସେଥିରେ ଦୁର୍ନୀତି ପଦାକୁ ଆସିଛି। ବୋଫର୍ସଠାରୁ ଆରମ୍ଭ କରି ନିକଟରେ ଆମେରିକା ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ମୋଦି ଯେଉଁ ଡ୍ରୋନ୍ କିଣିବାର ଚୁକ୍ତି ଦସ୍ତଖତ କରିଛନ୍ତି ସେସବୁରେ ଅଧିକ ଅର୍ଥ ଖର୍ଚ୍ଚ କରାଯାଇ ରାଜନୈତିକ ବ୍ୟକ୍ତିମାନେ ଲାଭବାନ୍ ହୋଇଥିବା ଯେଉଁ ଦାବି କରାଯାଉଛି ତାହା ବିଶ୍ୱାସଯୋଗ୍ୟ ବୋଲି କୁହାଯାଇପାରେ। ଏଭଳି ପରିସ୍ଥିତିରେ 'ସିଆଚେନ୍‌ରେ ଛିଡ଼ା ହୋଇଥିବା ସୈନ୍ୟକୁ ଦେଖ' ଧ୍ୱନି ଉପରଠାଉରିଆ ମନେହେବା ଅଯଥା ନୁହେଁ। ଗୋଟିଏ ଡ୍ରୋନ୍‌କୁ ୮୮୦ କୋଟିରେ ଭାରତ କିଣିଥିବାବେଳେ ଇଂଲଣ୍ଡ ସେହି କମ୍ପାନୀର ସମାନ ପ୍ରକାର ଡ୍ରୋନ୍‌କୁ ୧୦୦ କୋଟିରେ କିଣିଛି। ଏଭଳି ଅଭିଯୋଗ ଓ ପ୍ରତି ଅଭିଯୋଗ ସବୁବେଳେ ଲାଗିରହିବ। ମୂଳ ସମସ୍ୟା ହେଲା ଯେ, ଭାରତର ସଶସ୍ତ୍ର ବାହିନୀ ପ୍ରତି କେନ୍ଦ୍ର ସରକାରଙ୍କର ଅଭିମୁଖ୍ୟ ସ୍ପଷ୍ଟ ହୋଇ ନ ଥିବାରୁ ଅନେକ ସମସ୍ୟା ଉପୁଜୁଛି। ପୂର୍ବରୁ କ୍ଷମତାରେ ଥିବାବେଳେ କଂଗ୍ରେସ ଦଳ ଏହି ଦିଗକୁ ସମ୍ପୂର୍ଣ୍ଣ ଅବହେଳା କରିଆସିଥିବାବେଳେ ଏବକାର ଭାଜପା ସରକାର ବାହୁସ୍ଫୋଟ ମାରିବା ବ୍ୟତୀତ କୌଣସି ଆଖିଦୃଶିଆ ଉନ୍ନତି କରିବାରେ ସଫଳ ହୋଇନାହାନ୍ତି।

# ସଙ୍କଟରେ ସବୁଜିମା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ବସ୍ତୁବାଦୀ ଜୀବନଶୈଳୀ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ଉଦ୍ଭିଦ ଜଗତ ବା ସବୁଜିମା। ପୃଥିବୀରେ ବାର୍ଷିକ ଲୋପପାଇବାରେ ଲାଗିଛି ହାରାହାରି ପ୍ରାୟ ଦଶ ନିୟୁତ ହେକ୍ଟର ଅରଣ୍ୟ। ଏକଥା ସତ୍ୟ ଯେ ସାମାଜିକ ବିକାଶ ପାଇଁ ବୃକ୍ଷ ବଳିପଡ଼ିବା ପ୍ରକ୍ରିୟା ଜାରି ରହିଛି ସଭ୍ୟତା ଆରମ୍ଭରୁ। ଆଦିମ କାଳରେ ମଣିଷ ଯେତେବେଳେ ଧାତୁର ବ୍ୟବହାର ଜାଣି ନ ଥିଲା ଓ ବୃକ୍ଷଚ୍ଛେଦନ ପାଇଁ ଯନ୍ତ୍ର ତିଆରି କରି ନ ଥିଲା, ସେତେବେଳେ ସେ ନିଆଁ ସାହାଯ୍ୟରେ ଜଙ୍ଗଲକୁ ପୋଡ଼ି ଆରମ୍ଭ କରିଥିଲା କୃଷିକାର୍ଯ୍ୟ। ସେତେବେଳେ କିନ୍ତୁ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗଲାଳସା। ଯେତିକି ଆବଶ୍ୟକ, ପ୍ରକୃତିଠାରୁ ସେତିକି ସଂଗ୍ରହ କରି ସେ ବଞ୍ଚୁଥିଲା ଏକ ସୁନ୍ଦର ଓ ସନ୍ତୁଳିତ ପୃଥିବୀରେ। ବିଶେଷ କରି ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ସେ ଆବିଷ୍କାର କରିଥିଲା ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟ। ବୃକ୍ଷ ନିଜ ମଥାରେ ରୌଦ୍ରତାପ ସହେ, ଅଥଚ ଆଶ୍ରିତ ପଥିକକୁ ପ୍ରଦାନ କରେ ଶୀତଳ ଛାୟା। ଫଳ ପୁଷ୍ପଠାରୁ ଆରମ୍ଭ କରି ଡାଳ, ପତ୍ର ଓ ଛାଲି ଯାଏ ବୃକ୍ଷ କେବଳ ଦେଇଚାଲେ ପରଆପଣାର ଭେଦାଭେଦ ନ ରଖି। ତା'ର ମୂଳ ଛେଦନ କରୁଥିବା କାଠୁରିଆକୁ ବି ସେ ପ୍ରଦାନ କରେ ଫଳ, ପୁଷ୍ପ ଓ ଛାୟା। ଏପରି କି ଚନ୍ଦନ ତରୁକୁ କର୍ତ୍ତନ କରୁଥିବା କୁଠାର ବି ନିଜେ ସୁରଭିତ ହୋଇଯାଏ ଚନ୍ଦନ ଗନ୍ଧରେ। ବୃକ୍ଷର ଏହି ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ଏ ଦେଶର ମୁନିଋଷିମାନେ ଉଚ୍ଚାରଣ କରିଥିଲେ 'ସବୁଜ ବନାନୀ ପ୍ଲାବନ ମନ୍ତ୍ର'। ବୃକ୍ଷକୁ ଦେବ ସଦନ ବୋଲି ଅଭିହିତ କରି ଉପାସନା କରିଥିଲେ, ଯାହା ଲିପିବଦ୍ଧ ହୋଇ ରହିଛି ଆମ ଶାସ୍ତ୍ରପୁରାଣରେ। ଏହି ଶାସ୍ତ୍ରବାଣୀରେ ଅନୁପ୍ରାଣିତ ହୋଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରୁଥିଲେ ଆମ ପୂର୍ବଜମାନେ। ଏବେ ବିକାଶ ନାମରେ ରାସ୍ତା କଡ଼ରୁ ଯେଉଁ ମହାଦ୍ରୁମ ସବୁକୁ ଡ୍ରୋଜର ଲଗାଇ ଉତ୍ଖାତ କରାଯାଉଛି, ତାକୁ ସେମାନେ ଦିନେ ରୋପଣ କରିଥିଲେ ଅତି ଯତ୍ନରେ। ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ସେ ଗଛମୂଳରେ ପାଣି ଢାଳୁଥିଲେ ଧର୍ମ ଅର୍ଜନ ପାଇଁ। ବୃକ୍ଷ ଦେବତାଙ୍କୁ ପୂଜା ଅର୍ଘ୍ୟ ବାଢ଼ିବାର ସେ ପ୍ରବଣତା ଆଜି ଆଉ କ'ଣ ଆମ ଭିତରେ ଅଛି ?

ମଣିଷର ସ୍ଥିତି, ଉନ୍ନତି ଓ ଆଧ୍ୟାତ୍ମିକତା ସହ ବୃକ୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ। ପ୍ରାଣ ସଞ୍ଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭ କରି ଖାଦ୍ୟ, ବସ୍ତ୍ର ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ। ମଣିଷ ପାଇଁ ବୃକ୍ଷର ସବୁଠାରୁ ବଡ଼ ଅବଦାନ ଅମ୍ଳଜାନ।



ଚିକିତ୍ସାଳୟରେ ତିନୋଟି ସିଲିଣ୍ଡରରେ ଥିବା ଅମ୍ଳଜାନ ଜଣେ ବ୍ୟକ୍ତିର ଦୈନିକ ଶ୍ୱାସକ୍ରିୟା ପାଇଁ ଆବଶ୍ୟକ। ଗୋଟିଏ ସିଲିଣ୍ଡରର ବଜାର ମୂଲ୍ୟ ପାଖାପାଖି ଆଠ ଶହ ଟଙ୍କା। ଅର୍ଥାତ୍ ଜଣେ ବ୍ୟକ୍ତି ଦୈନିକ ୨୪୦୦ ଟଙ୍କାର ଅମ୍ଳଜାନ ଗ୍ରହଣ କରେ, ଯାହାକୁ ଉତ୍ପାଦନ କରନ୍ତି ଦୁଇଟି ୩୨ଫୁଟ ଉଚ୍ଚତା ବିଶିଷ୍ଟ ଗଛ। ଆମେରିକାର କୃଷି ମନ୍ତ୍ରଣାଳୟ ରିପୋର୍ଟ(୨୦୧୫) ଅନୁଯାୟୀ ଏକ ଏକର ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ପାଞ୍ଚ ଟନ୍ ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କରେ ଓ ଚାରି ଟନ୍ ଅମ୍ଳଜାନ ନିର୍ଗମନ କରେ, ଯାହା ଅଠର ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ।

ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନର ବୃହତ୍ ଉତ୍ସ ହେଉଛି ଅରଣ୍ୟ। ପରିବେଶ ବିଜ୍ଞାନୀଙ୍କ ମତରେ ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳର ବାୟୁମଣ୍ଡଳରେ କେବଳ ଅଧିକ ଅମ୍ଳଜାନ ନୁହେଁ, ଏଥିସହିତ ଥାଏ ବିଭିନ୍ନ ବୃକ୍ଷର ଫୁଲ, ପତ୍ର ଓ କଢ଼ରୁ ଝରୁଥିବା ସୂକ୍ଷ୍ମାତିସୂକ୍ଷ୍ମ ତୈଳ, ମଧୁକଣିକା ଓ ସୁଗନ୍ଧ। ତା'ର ସଂସ୍ପର୍ଶରେ ଆସିବା ଦ୍ୱାରା ସୁଦୃଢ଼ ହୁଏ ଆମ ଶରୀରର ପ୍ରତିରକ୍ଷା ବ୍ୟବସ୍ଥା। ଶାନ୍ତ ହୁଏ ସ୍ନାୟବିକ ଉତ୍ତେଜନା। ଦ୍ରୁତ ଅମ୍ଳଜାନ ସଂଶ୍ଲେଷଣ ଯୋଗୁ ଶରୀରର ଯାନ୍ତ୍ରିକ ପ୍ରକ୍ରିୟା ପାଇଁ ମିଳିଯାଏ ଆବଶ୍ୟକ ପୋଷଣ। ଫଳରେ କ୍ରିୟାଶୀଳ ହୋଇ ଉଠନ୍ତି ମରି ମରି ଯାଉଥିବା ମସ୍ତିଷ୍କର କୋଷିକା। ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହା ହିଁ ଅରଣ୍ୟର ଏକ ସ୍ୱୟଂକ୍ରିୟ ସୁରକ୍ଷା ବ୍ୟବସ୍ଥା। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ଦୁନିଆର ପ୍ରାୟ ଏକ ହଜାର ନିୟୁତ ଲୋକ ମାନସିକ ବ୍ୟାଧିର ଶିକାର, ଯାହା ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ପ୍ରତ୍ୟେକ ଦେଶର ଅର୍ଥନୀତି। ମନସ୍ତତ୍ତ୍ୱବିତଙ୍କ ମତରେ ଏଥିରୁ ମୁକୁଳିବା ପାଇଁ ଆବଶ୍ୟକ ଅରଣ୍ୟ ସ୍ନାନ। ଶ୍ରୀମା କହିଥିଲେ, "ଏକ ବିଶାଳ ବୃକ୍ଷ ଛାୟାରେ କେହି ଯଦି ଆଶ୍ରୟ ଗ୍ରହଣ କରେ ସେ ମର୍ମେ ମର୍ମେ ଏହା ଅନୁଭବ କରିପାରିବ ଯେ ବୃକ୍ଷଟିର ଶାଖାପ୍ରଶାଖା ଆଉ ପ୍ରତ୍ୟେକଟି ପତ୍ରରୁ ଶୀତଳତା ଝରିଆସି ତାକୁ ସ୍ପର୍ଶ କରୁଛି ଏବଂ ତା'ର ଅଶାନ୍ତ ଉତ୍ତପ୍ତ ମନରେ ଭରିଦେଉଛି ଅକଳ୍ପନୀୟ ଶାନ୍ତି।" ଏହି କାରଣରୁ ଆମ ମୁନିଋଷିମାନେ ଅରଣ୍ୟରେ ବାସ କରିବାକୁ ପସନ୍ଦ କରୁଥିଲେ ଏବଂ ସେଠାରେ ଦୀର୍ଘାୟୁ ଓ ପ୍ରଜ୍ଞାବାନ ହେବା ସହିତ ସୁସ୍ଥ ଓ ସତେଜ ରହୁଥିଲେ ଶେଷ ପର୍ଯ୍ୟନ୍ତ।

ସଭ୍ୟତା ଆରମ୍ଭରୁ ଜଙ୍ଗଲ ହୋଇଛି ଖାଦ୍ୟର ପ୍ରଧାନ ଉତ୍ସ। ଏବେ ବି ଜଙ୍ଗଲରେ ଓ ତା'ର ଆଖପାଖରେ ରହୁଥିବା ଲୋକଙ୍କ ଖାଦ୍ୟ ଆବଶ୍ୟକତାର ପଚାଶ ଭାଗ ସଂଗୃହୀତ ହେଉଛି ଜଙ୍ଗଲରୁ। ଜଙ୍ଗଲ କ୍ଷୟ ହେବା ଦ୍ୱାରା ଉଜୁଡ଼ି ଯାଉଛି ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ। ଆମର ଭୁଲିଯିବା ଉଚିତ ନୁହେଁ ଯେ ପଶୁପକ୍ଷୀଙ୍କ ସୁନ୍ଦର ଦୁନିଆକୁ ନଷ୍ଟ କରିଦେବା ଅର୍ଥ ଖାଲି ଜୈବ ବିବିଧତାର ଅବକ୍ଷୟ ନୁହେଁ, ଏଥିସହିତ ଯୋଡ଼ି ହୋଇରହିଛି ମାନବ ସମାଜ ବିଲୁପ୍ତିର ପୂର୍ବାଭାସ। ଅର୍ଥାତ୍ ଜଙ୍ଗଲ କିଛି ସମ୍ପଦ ନୁହେଁ, ଏହା ଜୀବଜଗତର ଜୀବନ ନାଟିକା। ଯେଉଁ ସୂର୍ଯ୍ୟାଲୋକକୁ ଆମେ ଜୀବନର ମୂଳପିଣ୍ଡ ବୋଲି କହୁ, ସେଇ ମୂଳପିଣ୍ଡର ପିଣ୍ଡ ହେଉଛି ସବୁଜିମା। ଅଥଚ ତା'ର ବିନୀତ ଦାନ ପ୍ରତି ଆଉ ପ୍ରକାଶ ପାଉନି ଆମ ଆତ୍ମାର କୃତଜ୍ଞତା। ବୃକ୍ଷ ଛେଦନ କଥା ଭାବିବା ମାତ୍ରେ ପ୍ରାଣରେ ଜାଗିଉଠୁନି ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ। ସେଥିପାଇଁ ଉପକୂଳ ଲୁଣା ଜଙ୍ଗଲଠାରୁ ପର୍ବତ ଶିଖର ଯାଏ ସବୁ ଜଙ୍ଗଲ ଏବେ ଅବକ୍ଷୟମୁଖୀ। ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ୧୦ଟି ଗଛ ଲାଗିବ। କିନ୍ତୁ ଗୋଟେ ମହାଦ୍ରୁମ ବଦଳରେ କି ଗଛ ଲାଗିବ ? ସେ ଗଛ କେବେ ଧାରଣ କରିବ ଫଳ ଓ ପୁଷ୍ପ ? ପ୍ରତ୍ୟେକ କ୍ରିୟାର ଏକ ପ୍ରତିକ୍ରିୟା ସଂସାରର ନିୟମ। ତେଣୁ ଜଙ୍ଗଲ ହାନିଜନିତ ପ୍ରତିକ୍ରିୟା ସ୍ୱରୂପ ସନ୍ତୁଳନ ହରାଉଛି ପରିବେଶ, ବଦଳୁଛି ଜଳବାୟୁ। ଘନ ଘନ ସୃଷ୍ଟି ହେଉଛି ପ୍ରାକୃତିକ ବିପର୍ଯ୍ୟୟ।

ଏପରି ସ୍ଥଳେ ପରିବେଶକୁ ପୁନଃ ସବୁଜିମାରେ ଭରିଦେବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଜଣେ ଜଣେ ସବୁଜ ସୈନିକ ଭାବି ଆଗେଇ ଆସିବା ଉଚିତ। ବିଶେଷକରି ପରିବେଶ ବିଜ୍ଞାନୀ ଓ ସାହିତ୍ୟିକଙ୍କର ଭୂମିକା ବେଶି। ବିଜ୍ଞାନ ତଥ୍ୟ ଦିଏ ଏବଂ ତାକୁ ଆଧାର କରି ସାହିତ୍ୟ ସୃଷ୍ଟି କରେ ଆବେଗ। ତେଣୁ ପରିବେଶ ବିଜ୍ଞାନୀମାନେ ଯେଉଁ ତଥ୍ୟ ଓ ସତ୍ୟ ଉଦ୍‌ଘାଟନ କରୁଛନ୍ତି, ସାହିତ୍ୟିକ ତାକୁ ହୃଦୟସ୍ପର୍ଶୀ ଭାଷାରେ ପରିବେଷଣ କରିବା ଉଚିତ। ସାହିତ୍ୟକୁ ଚିତ୍ତାକର୍ଷକ କରିଛି ପ୍ରାକୃତିକ ଶୋଭା। ସବୁଜ ସୁନ୍ଦର ପରିବେଶ ବିନା ମଣିଷ ହୃଦୟରୁ ଝରେନି କବିତାର ଧାରା। ତେଣୁ ସେମାନଙ୍କ ପାଇଁ ଏବେ ଏକ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି ପରିବେଶ ସୁରକ୍ଷା। ମାତ୍ର ସାହିତ୍ୟ ନାମରେ ଯେଉଁମାନେ ସାହିତ୍ୟିକ ବାତାବରଣକୁ ବିଗାଡି ଦିଅନ୍ତି, ସେମାନଙ୍କ ଦ୍ୱାରା ପରିବେଶ ସୁରକ୍ଷା କ'ଣ ସମ୍ଭବ ?

**ମୋ: ୬୩୭୧୬୪୨୪୬୪**

# ଦୁର୍ବଳ ପୁଟିନ



ସୌଭାଗ୍ୟ ରଞ୍ଜନ ମହାନ୍ତି

ନିକଟ ଭବିଷ୍ୟତରେ ରୁଷିଆ-ୟୁକ୍ରେନ ଯୁଦ୍ଧର ଅବସାନ ଘଟିବା ଆଦୌ ସମ୍ଭାବନା ନ ଥିବାବେଳେ ରୁଷିଆର ୱାଗନର ଗ୍ରୁପ ନାମକ ଏକ ଘରୋଇ ସେନାବାହିନୀ ହଠାତ୍ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ଦକ୍ଷିଣାଞ୍ଚଳ ସହର ରୋଷ୍ଟଭଅନ-ଡନକୁ ଦଖଲ କରିବା ସହ ମସ୍କୋ ଦଖଲ ପାଇଁ ଅଗ୍ରସର ହେବା କେବଳ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ ନେତୃତ୍ୱ ପ୍ରତି ଶକ୍ତ ଧକ୍କା ହୋଇନାହିଁ, ଗତ ଦୁଇଦଶନ୍ଧି ଧରି ଅକ୍ଷୁଣ୍ଣ ରହିଥିବା ତାଙ୍କର ଶକ୍ତି ଓ କ୍ଷମତାର ସ୍ଥିତିକୁ ଦୁର୍ବଳ କରିଦେଇଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଦୀର୍ଘ ଦୁଇ ଦଶନ୍ଧିର ଶାସନ କାଳ ମଧ୍ୟରେ ରାଷ୍ଟ୍ରପତି ପୁଟିନ ୟୁକ୍ରେନଠାରୁ ବାହ୍ୟ ଆକ୍ରମଣର ସମ୍ମୁଖୀନ ହୋଇଥିବା ବେଳେ ପ୍ରଥମ ଥର ପାଇଁ ଦେଶ ଭିତରେ ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି, ଯାହା କି ତାଙ୍କର ଦୁଇଦଶନ୍ଧିର ଅଖଣ୍ଡ କ୍ଷମତା, ରାଜନୈତିକ ପ୍ରଭାବ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଚାଲେଞ୍ଜ ସୃଷ୍ଟି କରିଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। କହିବା ଉଚିତ ଯେ, ୨୦୧୨ରେ ପୁଟିନ ପ୍ରଥମ ଥର ପାଇଁ ରୁଷିଆ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ଆଉ ପଛକୁ ହଟିନାହାନ୍ତି। ରାଷ୍ଟ୍ରପତି ଭାବେ ଲଗାତର ଅଖଣ୍ଡ କ୍ଷମତା ଉପଭୋଗ କରିଆସୁଛନ୍ତି। ଏବେ ରୁଷିଆର ସଂଶୋଧିତ ସମ୍ବିଧାନ ଅନୁଯାୟୀ ୨୦୩୬ ମସିହା ପର୍ଯ୍ୟନ୍ତ ନିଜର କ୍ଷମତା ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ପୁଟିନ ରୁଷିଆର ଏକାଙ୍ଗବର୍ତ୍ତୀ ଏକଚ୍ଛତ୍ରବାଦୀ ଶାସକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। କିନ୍ତୁ ଏହା ନିଶ୍ଚିତ ଯେ, ପଡ଼ୋଶୀ ୟୁକ୍ରେନ ସହ ଯୁଦ୍ଧ ଏବଂ ଏକଦା ନିଜର ଅନ୍ତରଙ୍ଗ ବନ୍ଧୁ ଭାବେ ପରିଚିତ ତଥା ପୁଟିନଙ୍କ ଛତ୍ରଛାୟା ତଳେ ଛୋଟମୋଟ ଅପରାଧରୁ କୋଟିପତି ବ୍ୟବସାୟୀ ପାଲଟିଥିବା ୱାଗନର ଗ୍ରୁପ ଘରୋଇ ଗୁଣ୍ଡା ତଥା ସେନା ବାହିନୀର ମୁଖ୍ୟ ୟୋଭଗେନି ପ୍ରିଗୋଝିନଙ୍କ ଠାରୁ ଯେପରି ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହେଲେ, ତାହା ତାଙ୍କୁ କିଛି ସମୟ ପାଇଁ ପୁରୁଷ ପୁଙ୍ଗବରୁ ଶୃଗାଳରେ ପରିଣତ କରିଦେବା ସହ ଭାବମୂର୍ତ୍ତିରେ ଯେଉଁ କ୍ଷତି ଘଟାଇଛି, ତାହା ବୋଧହୁଏ ଆଉ ପୂରଣ ହୋଇପାରିବ ନାହିଁ।

ପ୍ରିଗୋଝିନଙ୍କ ସମ୍ପର୍କରେ ଆମେ ଏଠାରେ କିଛି ସୂଚନା ଦେଉଛୁ, ଏଇଥିପାଇଁ ଯେ, ତାଙ୍କ ସମ୍ପର୍କରେ ଜନସାଧାରଣ କିଛି ଜାଣିବା ଦରକାର। ଅତି ଗରିବ ପରିବାରରେ ଜନ୍ମିତ ପ୍ରିଗୋଝିନ ତାଙ୍କ ଯୁବକ ଅବସ୍ଥାରେ ଛୋଟମୋଟ ଚୋରି, ଅପରାଧ କରି ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ଛୋଟ ହୋଟେଲ କରିଥିଲେ। ବର୍ତ୍ତମାନର ରାଷ୍ଟ୍ରପତି ପୁଟିନ ସେଣ୍ଟ ପିଟର୍ସବର୍ଗର ମେୟର ଥିବାବେଳେ ସେହି ହୋଟେଲର ଜଣେ ନିୟମିତ ଗ୍ରାହକ ଥିଲେ। ସେହି ହୋଟେଲରୁ ହିଁ ତାଙ୍କର ବନ୍ଧୁତା ଆରମ୍ଭ ହୋଇଥିଲା। ପୁଟିନ ଦେଶର ସର୍ବୋଚ୍ଚ କର୍ତ୍ତା ହେବା ପରେ ତାଙ୍କର ଛତ୍ରଛାୟାତଳେ ରହି କ୍ୟାଟରିଂ ବ୍ୟବସାୟ କରିଥିଲେ। ଯେଉଁଥିରେ କି ରୁଷିଆର ଜଣେ କୋଟିପତି ବ୍ୟବସାୟୀ ଭାବେ ମାନ୍ୟତାପ୍ରାପ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ପୁଟିନଙ୍କୁ ସହାୟତା ଦେବା ପାଇଁ ୱାଗନର ଗ୍ରୁପ ନାମରେ ଏକ ଘରୋଇ ସଶସ୍ତ୍ର ସେନା(ଗୁଣ୍ଡା) ବାହିନୀ ଗଠନ କରିଥିଲେ। ଏହି ଗୁଣ୍ଡା ବାହିନୀ ସହାୟତାରେ ପୁଟିନ ତାଙ୍କର ବିରୋଧୀଙ୍କୁ ଦମନ କରିଥିବା ଅଭିଯୋଗ ହୁଏ। ୱାଗନର ଗ୍ରୁପର ବିଦ୍ରୋହ ତଥା ମସ୍କୋ ଦଖଲ ଅଭିଯାନ ଏତେ ତୀବ୍ର ଥିଲା ଯେ, ଦୂରଦର୍ଶନରେ ଉଦ୍‌ବୋଧନ ଦେଇ ସର୍ବଶକ୍ତିମାନ ରାଷ୍ଟ୍ରପତି ପୁଟିନ ବିଦ୍ରୋହୀମାନଙ୍କୁ ଅଟକାଇବା ପାଇଁ ସେନାବାହିନୀକୁ ଅନୁରୋଧ କରିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ପ୍ରିଗୋଝିନଙ୍କୁ ଜନସାଧାରଣ ବାଧା ଦେବା ପରିବର୍ତ୍ତେ ବିଭିନ୍ନ ସ୍ଥାନରେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିବା ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ସେନାବାହିନୀ ୱାଗନର ଗ୍ରୁପ ଉପରେ ଗୁଳିଗୋଳା ବର୍ଷଣ କରିବା ପରିବର୍ତ୍ତେ ଯାତ୍ରା ପଥରେ ଥିବା ତୈଳଡିପୋଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରି ଦେଇଥିଲେ, ଯେପରି ବିଦ୍ରୋହୀମାନେ ଅଗ୍ରସର ହୋଇପାରିବେ ନାହିଁ। ଅନ୍ୟପକ୍ଷରେ ମସ୍କୋର ମେୟର ବିବ୍ରତ ହୋଇ ଲୋକଙ୍କୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଲେ। ଏଥିରୁ ୱାଗନର ଗ୍ରୁପ କେତେ ଶକ୍ତିଶାଳୀ ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ।



ରାଷ୍ଟ୍ରପତି ପୁଟିନ ବିଦ୍ରୋହୀଙ୍କୁ ବିଶ୍ୱାସଘାତକ କହିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରମ୍ବାର ଘୋଷଣା କରିଥିବା ସତ୍ତ୍ୱେ ଶେଷରେ ପ୍ରିଗୋଝିନଙ୍କ ସହ ବୁଝାମଣା କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ବିଦ୍ରୋହର କାରଣ ସ୍ପଷ୍ଟ ହୋଇନାହିଁ। କିନ୍ତୁ ପ୍ରିଗୋଝିନଙ୍କ ଲୋକପ୍ରିୟତା ଦେଶରେ ବୃଦ୍ଧି ପାଇଥିବାବେଳେ ପୁଟିନଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା କୁହାଯାଏ। ଅତୀତ ଇତିହାସରୁ ଜଣାଯାଏ ଯେ, ଖଲିସ୍ତାନୀ ନେତା ଭିନ୍ଦ୍ରେନୱାଲାକୁ ଇନ୍ଦିରା ଗାନ୍ଧୀ ସୃଷ୍ଟି କରିଥିବା ବେଳେ ତାଙ୍କରି ଗୋଷ୍ଠୀ ଦ୍ୱାରା ନିହତ ହୋଇଥିଲେ। ସେହିପରି ଅଲକାଏଦା ଆତଙ୍କବାଦୀ ଓସାମାବିନ୍ ଲାଡେନକୁ ଆମେରିକା ସୃଷ୍ଟି କରିଥିବାବେଳେ ଆମେରିକାର ହିଁ ସେ କ୍ଷତ ସୃଷ୍ଟି କରିଛି। ଏବେ ପୁଟିନ ପ୍ରିଗୋଝିନକୁ ସୃଷ୍ଟି କରିଛନ୍ତି। ତାଙ୍କୁ ହିଁ ତା'ର ଆକ୍ରୋଶର ଶିକାର ହେବାକୁ ପଡ଼ିଲା। ଯାହା ଇତିହାସ କହେ।

**ଗଙ୍ଗୋତ୍ରୀ ନଗର,**
**ରୋଡ୍ ନଂ.-୩, ଶିଶୁପାଳଗଡ**
**ମୋ: ୯୪୩୭୯୯୪୩୭୯**

## ଏଇ ଭାରତରେ

୧୨ ବର୍ଷ ବୟସରେ ବୋନ୍ କ୍ୟାନ୍‌ସରରେ ପୀଡ଼ିତ ହୋଇ ବି ହାର୍ ମାନିନାହାନ୍ତି ଉତ୍ତରପ୍ରଦେଶର ସନ୍ଦୀପ କୁମାର। ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଉପଲବ୍ଧି କରି ସେ ସେଠାରେ ଏହାକୁ ପହଞ୍ଚାଇବାରେ ଲାଗିଛନ୍ତି। ଏହି କାର୍ଯ୍ୟ ସେ ନିଆରା ଢଙ୍ଗରେ କରୁଛନ୍ତି। ଗ୍ରାମୀଣ ଲୋକମାନଙ୍କୁ ସହରରେ ରହୁଥିବା ପ୍ରତିଷ୍ଠିତ ଡାକ୍ତରମାନଙ୍କ ସହ ପରାମର୍ଶ କରିବାର ସୁଯୋଗ ସୃଷ୍ଟି କରୁଛନ୍ତି। ସନ୍ଦୀପ ଏଥିପାଇଁ 'ଡିଜି ସ୍ୱାସ୍ଥ୍ୟ' ଅଭିଯାନ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଡାକ୍ତରଙ୍କ ସହ ରୋଗୀମାନେ ପରାମର୍ଶ କରିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ। ଏବେ ସୁଦ୍ଧା ସେ ୨୮,୦୦୦ ରୋଗୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ସାରିଲେଣି। ସନ୍ଥ କବିର ନଗର ଜିଲାର କଥାଇଚା ଗାଁରେ ଜନ୍ମିତ ସନ୍ଦୀପଙ୍କୁ ଚିକିତ୍ସା ପାଇଁ ୪୦ କି.ମି. ଯିବାକୁ ପଡୁଥିଲା ଓ ପରେ ସେ ସୁସ୍ଥ ହୋଇପାରିଥିଲେ। ଏହି ସମୟରେ ଗ୍ରାମୀଣ ରୋଗୀମାନଙ୍କ ଅସହାୟତାକୁ ସେ ନିକଟରୁ ଲକ୍ଷ୍ୟ କରିପାରିଥିଲେ। ୨୦୨୦ କୋଭିଡ୍ ମହାମାରୀ କଟକଣା ବେଳେ ସେ ଗାଁକୁ ଫେରିଆସି ପ୍ରଥମେ ୪ ଲକ୍ଷ ଟଙ୍କା ହାତରୁ ଖର୍ଚ୍ଚ କରି ଏକ ଟେଲିକନ୍‌ସଲଟେଶନ ସେଣ୍ଟର ଖୋଲିଲେ। ଏବେ ଉତ୍ତରପ୍ରଦେଶରେ ୫ଟି ସେଣ୍ଟର ଖୋଲିସାରିଲେଣି ଓ ଏସବୁରେ ସେ ୧୩୭ ସ୍ୱାସ୍ଥ୍ୟକର୍ମୀଙ୍କୁ ସେବାରେ ନିୟୋଜିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜୁଲାଇ ୧୯୯୮**

- ବିଶିଷ୍ଟ ଚିତ୍ର ନିର୍ମାତା ଅମରଜିତଙ୍କ ୬୫ ବର୍ଷ ବୟସରେ ପରଲୋକ।
- ଦେଶର ଏକ ଅଙ୍କ ବିଶିଷ୍ଟ ଲଟେରୀଗୁଡ଼ିକୁ ନିଷିଦ୍ଧ କରିବା ପାଇଁ ଆଗତ ଏକ ବିଲ୍ ଲୋକସଭାରେ ଗୃହୀତ।
- ଉତ୍ତର ଜାଫ୍‌ନା ଅଞ୍ଚଳର ଜଣେ ୧୮ ବର୍ଷୀୟା ତାମିଲ ବାଳିକାକୁ ଧର୍ଷଣ ଓ ହତ୍ୟା କରିବା ସହ ତାଙ୍କ ସମ୍ପର୍କୀୟମାନଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୬ ସାମରିକ କର୍ମଚାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 5 | | 6 | | | 7 |
| | | | 1 | | 4 | | 2 | |
| | | 8 | | 7 | 3 | | | |
| | 2 | 5 | | | | 4 | | |
| | | | | | 1 | | | |
| 7 | | | | | | 3 | | 9 |
| 6 | | | | 2 | | 7 | | |
| 4 | 8 | | | 6 | 7 | | | |
| | | | 8 | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 4 | 5 | 1 | 3 | 9 | 2 |
| 2 | 4 | 3 | 8 | 7 | 9 | 1 | 5 | 6 |
| 1 | 5 | 9 | 2 | 6 | 3 | 4 | 8 | 7 |
| 8 | 9 | 1 | 7 | 2 | 6 | 5 | 4 | 3 |
| 4 | 6 | 5 | 3 | 9 | 8 | 2 | 7 | 1 |
| 7 | 3 | 2 | 5 | 1 | 4 | 9 | 6 | 8 |
| 3 | 2 | 4 | 9 | 8 | 7 | 6 | 1 | 5 |
| 5 | 8 | 6 | 1 | 4 | 2 | 7 | 3 | 9 |
| 9 | 1 | 7 | 6 | 3 | 5 | 8 | 2 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦଣ୍ଡବିଧାନ ହେଉ

ମହାଶୟ,

ବର୍ଷକରେ ଥରେ ପତିତମାନଙ୍କୁ ଦର୍ଶନଦେବା ପାଇଁ ଚତୁର୍ଦ୍ଧାମୂର୍ତ୍ତି ବଡ଼ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବାକୁ ଅଧୀର ହୋଇଉଠିଥାନ୍ତି। ସେଥିପାଇଁ ରଥଯାତ୍ରା ଉତ୍ସବ ମନାଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ସମାପନ ହେବ ସେଥିପାଇଁ ମନ୍ଦିର ପ୍ରଶାସକ ଓ ସେବକମାନଙ୍କ ବୈଠକରେ ସ୍ଥିରୀକୃତ ହୋଇଥାଏ। ପରିତାପର ବିଷୟ ଏଥର ବଡ଼ଦେଉଳର ପତିତପାବନ ବାନା ଉପରେ ଚିଲପକ୍ଷୀ ବସିଥିବା ଦୃଶ୍ୟ ଦେଖିବାକୁ ମିଳିଲା। ଏହା କୌଣସି ଅଘଟଣ ଘଟିବାର ପୂର୍ବାଭାସ। ସତକୁ ସତ ମହାବାହୁ ଆଡ଼ପମଣ୍ଡପକୁ ପହଣ୍ଡି ବିଜେ କଲାବେଳେ ଡାହାଣ ପଟକୁ ଢଳି ପଡ଼ିଲେ। ଏହା ବିଶ୍ୱ ପାଇଁ ଅଶୁଭ ସଙ୍କେତ ନୁହେଁ ତ ଆଉ କ'ଣ ? ଶ୍ରୀଜୀଉଙ୍କର ପହଣ୍ଡି ବିଜେ ସମୟରେ ଏପରି ଅଘଟଣ ଘଟିବାର ଅନେକ କାରଣ ଅଛି। ତାହା ହେଲା ୧- ଦୈବୀକୃତ ଘଟଣା, ୨- ରଥ ଉପରେ ମାତ୍ରାଧିକ ସେବକମାନଙ୍କର ସମାବେଶ, ୩- ପହଣ୍ଡି ଦାୟିତ୍ୱରେ ଥିବା ସେବକମାନଙ୍କର କର୍ତ୍ତବ୍ୟରେ ଅହେତୁକ ଅବହେଳା। ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପହଣ୍ଡିରେ ଏପରି ଅବହେଳାକୁ ବିଶ୍ୱବାସୀ ଭକ୍ତମାନେ ସହ୍ୟ କରିପାରୁ ନାହାନ୍ତି। ତେଣୁ ଉପରୋକ୍ତ ଘଟଣାଟିକୁ ବିଧିବଦ୍ଧ ଭାବେ ଅନୁସନ୍ଧାନ ପୂର୍ବକ ପ୍ରକୃତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ଅନୁରୋଧ, ଯେପରି କି ଭବିଷ୍ୟତରେ ଅନ୍ୟ କେହି ସେବକ ଏପରି ତ୍ରୁଟି କରିବାକୁ ସାହସ ଜୁଟାଇପାରିବେ ନାହିଁ।

**– ମହେଶ୍ୱର ନାୟକ,ଦୋବନ୍ଧା, ଗୋଗୁଆ,କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ-ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି ?
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# କାମ ପାଇଁ ଯନ୍ତ୍ରୀ ଲାଞ୍ଚ ମାଗୁଥିବା ଅଭିଯୋଗ ଆଣିଲା କଂଗ୍ରେସ

**ପରିବା, ପ୍ୟାଣ୍ଟ-ଶାର୍ଟ ଦେଇ କାମ କରିବାକୁ ଅନୁରୋଧ କଲା କଟକ ଜିଲା କଂଗ୍ରେସ**

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)

ଭୁବନେଶ୍ୱରସ୍ଥିତ ଜଳସେଚନ ବିଭାଗ ଅନ୍ତର୍ଗତ ପ୍ରାଚୀ ଡିଭିଜନରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ କଟକ ଜିଲ୍ଲାର କେତେଜଣ ଚାଷୀ ଏବଂ ଅନ୍ୟାନ୍ୟ ବର୍ଗର ଲୋକେ ପ୍ରାଚୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କଟକ ସଦର ବ୍ଲକ ଅନ୍ତର୍ଗତ ଖଣ୍ଡେଇତା ପଞ୍ଚାୟତର କେନାଲ ବନ୍ଧ ରାସ୍ତା ଓ କେନାଲର ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ରାସ୍ତା କାମ ପାଇଁ ଉକ୍ତ ଅଧିକାରୀ ଲାଞ୍ଚ ମାଗୁଥିବା ଅଭିଯୋଗ ଆସିଥିଲା। ରାସ୍ତା କାମ ପାଇଁ ଯେତେ ଅନୁରୋଧକଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଶୁଣିଲେ ନାହିଁ। ବିନା ଲାଞ୍ଚରେ କାମ ହୋଇପାରିବ ନାହିଁ ବୋଲି ଜାଣିବା ପରେ ସ୍ଥାନୀୟ ଅଧିବାସୀ ହତାଶ ହୋଇପଡ଼ିଥିଲେ। ସେମାନେ ଏନେଇ କଟକ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ଅବଗତ କରାଇଥିଲେ। ତେଣୁ ମଙ୍ଗଳବାର ମାନସ ଚୌଧୁରୀ ଏବଂ ଖଣ୍ଡେଇତା ପଞ୍ଚାୟତର ସ୍ଥାନୀୟ ବାସିନ୍ଦା ପ୍ରାଚୀ ଡିଭିଜନ ଯାଇ ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କିଛି ପରିବା, ପ୍ୟାଣ୍ଟଶାର୍ଟ ଦେଇ ଏହି ରାସ୍ତା କରିଦେବାକୁ ଅନୁରୋଧ କରିଥିଲେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଯେହେତୁ ସେମାନେ ଚାଷୀ ଓ ଗରିବ ଶ୍ରେଣୀର ଲୋକ ସେଥିପାଇଁ ସେମାନେ ଟଙ୍କା ଲାଞ୍ଚ ଦେବା ପାଇଁ ଅକ୍ଷମ ବୋଲି କହିଥିଲେ। ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀ ନିଜ ଭୁଲ୍ ସ୍ୱୀକାରକରି ସପ୍ତାହକ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଉପସ୍ଥିତ କଂଗ୍ରେସର ଅନ୍ୟ କେତେଜଣ ନେତା କହିଛନ୍ତି। ଏହି ଅବସରରେ ଅନେକ ଯୁବଚାଷୀ ମୁହଁରେ ମାନସ ଚୌଧୁରୀଙ୍କ ମୁଖା ପିନ୍ଧି ଏବଂ ହାତରେ 'ମୁଁ ମାନସ ଚୌଧୁରୀ' ଶୀର୍ଷକ ପ୍ଲାକାର୍ଡ ଧରି ଅଧିକାରୀଙ୍କ ନିକଟରେ ବିକ୍ଷୋଭ କରୁଥିବା ଦେଖିବାକୁ ମିଳିଥିଲା।



ପ୍ରାଚୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ କଟକ ଜିଲା କଂଗ୍ରେସ ପକ୍ଷରୁ ପରିବା ଓ ପ୍ୟାଣ୍ଟ ଶାର୍ଟ ଦିଆଯାଇ ଅଭିନବ ଉପାୟରେ ବିକ୍ଷୋଭ କରାଯାଉଛି।




ଦରଦାମ ବୃଦ୍ଧି ବିରୋଧରେ ମହିଳା କଂଗ୍ରେସ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

# କର୍ଣ୍ଣାଟକ: ବିରୋଧୀ ଦଳ ନେତା ବିନା ଅଧିବେଶନ ଆରମ୍ଭ

**ଭାଜପାକୁ କଂଗ୍ରେସର ସମାଲୋଚନା**

ନୂଆଦିଲ୍ଲୀ, ୪।୭ : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଗତ ମେ'ରେ ଅନୁଷ୍ଠିତ ହୋଇଥିବାବେଳେ ବିରୋଧୀ ଦଳ ଭାଜପା ଏପର୍ଯ୍ୟନ୍ତ ଗୃହରେ ଦଳର ନେତା ନିର୍ବାଚନ କରିପାରି ନ ଥିବାରୁ କଂଗ୍ରେସ ସମାଲୋଚନା କରିଛି। ସୋମବାରଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି। ୧୯୫୨ ପରେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ବିନା ଅଧିବେଶନ ଆରମ୍ଭ ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଭାଜପା ଜିତିଲେ ପ୍ରବଳ କୋଳାହଳ କରିଥାଏ, କିନ୍ତୁ ହାରିଗଲେ ପାଟି ବନ୍ଦ ହୋଇଯାଏ ବୋଲି ଜୟରାମ ସମାଲୋଚନା କରିଛନ୍ତି।

ସେହିପରି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମଧ୍ୟ ଭାଜପାକୁ ସମାଲୋଚନା କରିଛନ୍ତି। ଭାଜପା ନେତା ନିର୍ବାଚନ କରିପାରୁ ନ ଥିବାରୁ ଏହି ଦଳରେ ଗୋଷ୍ଠୀବିବାଦ ଥିବା ସ୍ପଷ୍ଟ ହୋଇଛି ବୋଲି କହିବା ସହ ଗୈରିକ ଦଳକୁ ସବୁଠୁ ବିଶୃଙ୍ଖଳିତ ରାଜନୈତିକ ଦଳ ବୋଲି ସେ ଆକ୍ଷେପ କରିଛନ୍ତି। କର୍ଣ୍ଣାଟକ ବିଧାନସଭାରେ ବିରୋଧୀ ଦଳ ନେତା ନିର୍ବାଚନ ଲାଗି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ଦଳର ସାଧାରଣ ସମ୍ପାଦକ ବିନୋଦ ତାୱଡେଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ବିରୋଧୀ ଦଳ ନେତା ପାଇଁ ଅନ୍ୟତମ ମୁଖ୍ୟ ଦାବିଦାର କୁହାଯାଉଥିବାବେଳେ ଭାଜପା ରାଜ୍ୟର ଜାତିଗତ ସମୀକରଣକୁ ନେଇ ବିଚାର କରୁଛି।

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଲା ଭାଜପା

ସୋନପୁର,୪।୭(ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଭାଜପା ନେତୃବୃନ୍ଦ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। 'ଭାରତୀୟ ଗଣତନ୍ତ୍ରରେ ଲୋକପ୍ରତିନିଧି ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ। ମାତ୍ର ୫-ଟି ସଚିବ ସମସ୍ତ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛନ୍ତି। ରାଜନୈତିକ ଫାଇଦା ପାଇଁ ଜନସାଧାରଣଙ୍କ ଟଙ୍କାକୁ ଅପବ୍ୟୟ କରାଯାଉଛି। ଅଥଚ ସଚିବଙ୍କ କାର୍ଯ୍ୟକ୍ରମରେ ଜିଲାର ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷାକୁ ସାମିଲ କରାଯାଇନାହିଁ। ଏହା ମତଦାତାଙ୍କ ପ୍ରତି ଅସମ୍ମାନ। ଗତ ୨୩ ବର୍ଷ ବିଜେଡି ଶାସନରେ ଜିଲାର ବିକାଶ ହୋଇପାରିନି। ତେଣୁ ନିର୍ବାଚନ ପୂର୍ବରୁ ବିକାଶ ନାମରେ ଭେଳିକି ଦେଖାଇବା ସଚିବଙ୍କ ଅସଲ ଉଦ୍ଦେଶ୍ୟ ବୋଲି ଦଳ ଅଭିଯୋଗ କରିଛି।' ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ୍, ଇଂ ରଘୁନାଥ ଜଗଦଲା, ବିଜୟ ମହାକୁର, ଶରତ କୁମାର ଶତପଥୀ, ନଳିନୀ ପଣ୍ଡା, ବିଶ୍ୱମ୍ଭର ମିଶ୍ର, ହେମନ୍ତ ବିଶ୍ୱାଳ, ଜଗଜ୍ୟୋତି ତ୍ରିପାଠୀ, ବେଣୁଧର ଦାସ, ସ୍ୱରୂପ ପାତ୍ର, କାଉନସିଲର ସୁକାନ୍ତ କୁମାର ସାହୁ, ଗଙ୍ଗାଧର ତରିଆ ଓ ତ୍ରିଲୋଚନ ତରିଆ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ୫-ଟି ସଚିବଙ୍କ କାର୍‌କେଡ୍‌କୁ ଏଏପି କର୍ମୀଙ୍କ ଅଣ୍ଡାମାଡ଼

ସୋନପୁର,୪।୭ (ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିବା ବେଳେ ତାଙ୍କ କାର୍‌କେଡ୍‌କୁ ଲକ୍ଷ୍ୟ କରି ଅଣ୍ଡାମାଡ଼ ହୋଇଛି। ସଚିବ କୋଟସମଲାଇରୁ ଉଲୁଣ୍ଡା ଯାଉଥିବା ବେଳେ ବାଘପାଲି ଛକ ନିକଟରେ ପୋଲିସର କଡା ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର କର୍ମୀମାନେ କଳା ପତାକା ପ୍ରଦର୍ଶନ ସହ ଅଣ୍ଡାମାଡ଼ କରିଥିଲେ। ସଚିବଙ୍କ ପଛରେ ଯାଉଥିବା ଅଧିକାରୀଙ୍କ ଗାଡ଼ି ଉପରକୁ ମଧ୍ୟ ଅଣ୍ଡାମାଡ ହୋଇଥିଲା। ଜନପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରି ୫-ଟି ସଚିବ ଜିଲା ଗସ୍ତ କରିବା, ସାଧାରଣ ସଭାରେ ଭାଷଣ ଦେବା ପ୍ରତିବାଦରେ ଏଏପିର କର୍ମକର୍ତ୍ତାମାନେ ଅଣ୍ଡାମାଡ଼ କରିଥିବା କହିଛନ୍ତି। ପୋଲିସ ଭିଡିଓ ଫୁଟେଜ୍‌କୁ ଆଧାର କରି ଏଏପି କର୍ମୀଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି।



ଏଏପି ପକ୍ଷରୁ ବାଘପାଲି ଛକ ନିକଟରେ ୫- ଟି ସଚିବଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼ କରାଯାଉଛି।

# ଦଳୀୟ ନୀତି ବିରୁଦ୍ଧ କାର୍ଯ୍ୟ: ନିଶିକାନ୍ତ

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)

ପାଣ୍ଡିଆନଙ୍କ ସୋନପୁର ଜିଲା ଗସ୍ତକୁ ବିରୋଧକରି ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିବା ଦଳୀୟ କର୍ମୀମାନଙ୍କୁ 'ଆମ୍ ଆଦ୍‌ମୀ ପାର୍ଟି' ନିଜଠାରୁ ଦୂରେଇ ରଖିଛି। ପାଣ୍ଡିଆନଙ୍କ ଜିଲା ଗସ୍ତକୁ ବିରୋଧକରି ପ୍ରଥମ ଥର ପାଇଁ ଆଗକୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର କର୍ମୀମାନେ ସୋନପୁରରେ ଅଣ୍ଡାମାଡ଼ କରିଥିବା ଅଭିଯୋଗ ହୋଇଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ଅଣ୍ଡାମାଡ଼ ଘଟଣାକୁ ଏଏପି ଓଡ଼ିଶା ଶାଖା ନିନ୍ଦା କରିବା ସହ ତାଙ୍କ ଦଳ ଅଣ୍ଡାମାଡ଼ କିମ୍ବା ହିଂସାତ୍ମକ ପନ୍ଥାରେ ବିଶ୍ୱାସ କରେ ନାହିଁ ବୋଲି ଦଳର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ପାଣ୍ଡିଆନ ଏବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଜିଲା ଗସ୍ତ କରୁଛନ୍ତି, ସେଥିରେ ରାଜନୈତିକ ଭୂମିକା ରହୁଛି। ନବୀନ ସରକାରକୁ ତାଙ୍କ ଦଳ ବିରୋଧ କରୁଛି। କିନ୍ତୁ ଅଣ୍ଡାମାଡ଼ କରିବା ଦଳୀୟ ନୀତି ବିରୁଦ୍ଧ କାର୍ଯ୍ୟ। କେଉଁ କର୍ମୀମାନେ ଏହି ଅଣ୍ଡାମାଡ଼ କରୁଛନ୍ତି ତା'ର ଖୋଳତାଡ଼ ଓ ସମୀକ୍ଷା କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା କର୍ମୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଶିକାନ୍ତ କହିଛନ୍ତି।

# ଲୋକଙ୍କ ପାଖକୁ ଯାଇ ସମସ୍ୟା ସମାଧାନକୁ ବିରୋଧ କାହିଁକି: ବିଜେଡି

**ଶୀତତାପ ନିୟନ୍ତ୍ରିତ କୋଠରିରେ ବସିଥିବା ଲୋକେ ଏହା ବୁଝିପାରୁନାହାନ୍ତି**

ଭୁବନେଶ୍ୱର,୪।୭(ଅନିଲ ଦାସ)

ଭୁବନେଶ୍ୱରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଲୋକଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିବା ପରିବର୍ତ୍ତେ ଗାଁ ଗହଳିରେ ରହୁଥିବା ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ସମାଧାନ କରିବା ଭଲ ନୁହେଁ କି? କାହିଁକି କିଛି ଲୋକ ଏଭଳି ପଦକ୍ଷେପ ଉପରେ କ୍ରୋଧିତ ଏବଂ ଈର୍ଷାନ୍ୱିତ ହେଉଛନ୍ତି ବୋଲି ବିଜେଡି ପ୍ରଶ୍ନ କରିଛି।

ବିଜେଡି ମୁଖପାତ୍ର ଇପ୍ସିତା ସାହୁ ମଙ୍ଗଳବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ସେମାନଙ୍କ ଦୁଆର ମୁହଁକୁ ନେବାକୁ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପଠାଇଛନ୍ତି। ଏଭଳି ପଦକ୍ଷେପ ଯୋଗୁ ମାଲକାନଗିରି, ମୟୂରଭଞ୍ଜ, ସୁନ୍ଦରଗଡ଼, ନବରଙ୍ଗପୁର ଏବଂ ଅନ୍ୟାନ୍ୟ ଜିଲାର ହଜାର ହଜାର ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ।

ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଶାସନ କରିବାକୁ ଅଭ୍ୟସ୍ତ ଲୋକମାନେ ଏହି ଅଭିନବ ପଦକ୍ଷେପକୁ ବୁଝିପାରିବେ ନାହିଁ। ମାଲକାନଗିରିର ଲୋକମାନେ ଭୁବନେଶ୍ୱର ପର୍ଯ୍ୟନ୍ତ ଆସି ସେମାନଙ୍କ ଅଭିଯୋଗ ଜଣାଇବା ସମ୍ଭବ ନୁହେଁ। ଯେଉଁମାନେ ରାଜନୀତିରେ ନବାଗତ ଏବଂ ଲୋକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ନୁହନ୍ତି ସେମାନେ ଏହା ବୁଝିପାରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ଭେଟିବା, ସେମାନଙ୍କ ସମସ୍ୟାକୁ ଶୁଣିବା ଏବଂ ସମାଧାନ କରିବାକୁ ପୃଥିବୀର କୌଣସି ଶକ୍ତି ଅଟକାଇପାରିବ ନାହିଁ ବୋଲି ଇପ୍ସିତା କହିଛନ୍ତି।

# ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମକୁ ବ୍ୟବହାର କର: କପିଳ ପରମାର

**ଯୁବମୋର୍ଚ୍ଚାର ସାମାଜିକ ଗଣମାଧ୍ୟମ କର୍ମଶାଳା**

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)

କେନ୍ଦ୍ରରେ ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଅନେକ ଜନକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରାଯାଇଛି। ଏ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସବୁଠୁ ବଡ଼ ଆହ୍ୱାନ। ବର୍ତ୍ତମାନ ଏହାକୁ ବାସ୍ତବ ରୂପ ଦେବା ପାଇଁ ସାମାଜିକ ଗଣମାଧ୍ୟମ ହେଉଛି ସବୁଠୁ ବଡ଼ ମାଧ୍ୟମ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଦ୍ୱାରା ବିକାଶ କାର୍ଯ୍ୟ ଆହୁରି ଅଧିକ ହୋଇପାରିବ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଯୁବମୋର୍ଚ୍ଚା ସାମାଜିକ ଗଣମାଧ୍ୟମ କର୍ମଶାଳାରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ ଏହା କହିଛନ୍ତି।। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ୍ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଆଇଟି ସଂଯୋଜକ କପିଳ ପରମାର ଯୋଗଦେଇ ଫେସ୍‌ବୁକ୍, ୟୁଟ୍ୟୁବ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଆଦି ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମକୁ ବ୍ୟବହାରକରି ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି। ଏହି କର୍ମଶାଳାରେ ରାଜ୍ୟର ସମସ୍ତ ଜିଲାରୁ ଆଇଟି ଦାୟିତ୍ୱରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ମୋଦି ସରକାରଙ୍କ ସଫଳତା ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସାମାଜିକ ଗଣମାଧ୍ୟମକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି କହିଛନ୍ତି।

## ସାର୍ବଜନିକ ସୂଚନା

ଏହା ସାଧାରଣ ଜନତାଙ୍କ ସୂଚନା ପାଇଁ ଯେ, ଆଶା ଭରସା ପାର୍ଟି ନାମରେ ଏକ ରାଜନୈତିକ ଦଳକୁ ପଞ୍ଜୀକୃତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ପାର୍ଟିର କାର୍ଯ୍ୟାଳୟ ଭଗବାନପୁର, ପୋଷ୍ଟ: ଗୌଡ଼ରମା, ଥାନା ଓ ବ୍ଲକ: କୁଳିଅଣା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା - 757030। ଜନ ପ୍ରତିନିଧି ଆଇନ ୧୯୫୧ର ଧାରା ୨୯(କ) ଅନୁଯାୟୀ ରାଜନୈତିକ ଦଳ ଭାବେ ପଞ୍ଜୀକରଣ ପାଇଁ ଦଳ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ କରାଯାଇଛି। ଦଳର ପଦାଧିକାରୀଙ୍କ ନାମ/ଠିକଣା ନିମ୍ନରେ ଦିଆଗଲା।

**ରାଷ୍ଟ୍ରୀୟ ସଭାପତି:** ସୁରେନ୍ଦ୍ର ନାଥ ହାଁସଦାଃ, ଗ୍ରାମ: ଭଗବାନପୁର, ପୋଷ୍ଟ: ଗୌଡ଼ରମା, ବ୍ଲକ: କୁଳିଅଣା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା - 757030।
**ରାଷ୍ଟ୍ରୀୟ ଉପାଧ୍ୟକ୍ଷ:** ଜଗେନ୍ଦ୍ର ହେମ୍ବ୍ରମ, ଗ୍ରାମ: ଖଡ଼ିଶୋଳଯମୁନା, ପୋଷ୍ଟ: ଦେଉଳିଆ, ବ୍ଲକ: ବଡ଼ସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା - 757026।
**ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ:** ଜ୍ୟୋତି ପ୍ରକାଶ, ଟାଙ୍କି ସାହି, ପୋଷ୍ଟ: ଭଞ୍ଜପୁର, ବ୍ଲକ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା - 757002।
**ରାଷ୍ଟ୍ରୀୟ କୋଷାଧ୍ୟକ୍ଷ:** ଚନ୍ଦ୍ର ମୋହନ ମୁର୍ମୁ, ଗ୍ରାମ: ଦେଉଳିଆ, ପୋଷ୍ଟ: ଦେଉଳିଆ, ବ୍ଲକ: ବଡ଼ସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା - 757026।

ଆଶା ଭରସା ପାର୍ଟିର ପଞ୍ଜୀକରଣକୁ ନେଇ ଯଦି କାହାର ଆପତ୍ତି ରହିଛି, ସେମାନେ କାରଣ ଦର୍ଶାଇ ସେମାନଙ୍କ ଆପତ୍ତି ପତ୍ର ସଚିବ (ରାଜନୈତିକ ଦଳ), ଭାରତ ନିର୍ବାଚନ ଆୟୋଗ, ନିର୍ବାଚନ ସଦନ, ଅଶୋକ ରୋଡ୍, ନୂଆଦିଲ୍ଲୀ - 110001ଙ୍କ ନିକଟକୁ ଏହି ନୋଟିସ୍ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ପଠାଇପାରିବେ।

## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଟାଟା ଏଲ୍‌ପିଟି 3718
ଗାଡ଼ି ନଂ.- OD09K4763
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1315000.00
2) ମଡେଲ ନଂ. ସିବି_ଆଇଚର୍ ପ୍ରୋ 6037 ଚେସିସ୍
ଗାଡ଼ି ନଂ.- OD06H4877
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1351117.46
3) ମଡେଲ ନଂ. ଟାଟା ଏଲ୍‌ପିକେ 3118 ଏଫ୍‌ବିଭି
ଗାଡ଼ି ନଂ.- OD09K3716
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1542586.60
4) ମଡେଲ ନଂ. ଫୁଲି_ବିଲ୍ଟ_ଟିପ୍ପର୍_ସିଗ୍‌ନା_3523_ଟାଟା
ଗାଡ଼ି ନଂ.- OD14W3099
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1585000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 9234106336

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି
### ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ

Adv.No.3/2023/95/DCPU/KLD/29(2)
Date:04.07.2023

**ବିଜ୍ଞପ୍ତି**

| ଶିଶୁର ନାମ | ପୁଅ/ଝିଅ | ବୟସ | ରହୁଥିବା ସ୍ଥାନ |
|---|---|---|---|
| ପୁଷ୍ପିତା | ଝିଅ | ୪ ଦିନ | ନେହେରୁ ସେବା ସଂଘ, ପରମାନନ୍ଦପୁର, ଭବାନୀପାଟଣା |



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଉପରୋକ୍ତ ଶିଶୁଟି ତା.୩୦.୦୬.୨୦୨୩ ରିଖ ଦିନ ବିଶ୍ୱନାଥପୁର ବ୍ଲକ ଅନ୍ତର୍ଗତ ଜାମଟୁଆଁ ଗ୍ରାମଠାରୁ ବିଶ୍ୱନାଥପୁର ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି ଏବଂ ଶିଶୁ ମଙ୍ଗଳ ସମିତି, କଳାହାଣ୍ଡିଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥା ନେହେରୁ ସେବା ସଂଘ, ପରମାନନ୍ଦପୁର, ଭବାନୀପାଟଣାଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି । ଏଠାରେ ପ୍ରକାଶ ଥାଉକି, ଗତ ତା.୦୪.୦୭.୨୦୨୩ ରିଖ ଦିନ ଶିଶୁ ମଙ୍ଗଳ ସମିତି, କଳାହାଣ୍ଡି ନିର୍ଦ୍ଦେଶନାମା-172/ସି.ଡବ୍ଲୁ.ସି./କେ.ଏଲ.ଡି/୨୩ ମୁତାବକ ଉପରୋକ୍ତ ଶିଶୁଟିକୁ ପରିତ୍ୟକ୍ତ ଶିଶୁ ଭାବରେ ଘୋଷଣା କରିବା ସହିତ ଶିଶୁ ସମ୍ବନ୍ଧରେ ଦୈନିକ ସମ୍ବାଦପତ୍ରରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଅଛି । ଏହି ଶିଶୁଟିର କେହି ପିତାମାତା/ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଯଦି ରହିଥାନ୍ତି ତେବେ ଉପଯୁକ୍ତ ପ୍ରମାଣପତ୍ର ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ । ଉପରୋକ୍ତ ସମୟସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ପିଲାଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୪୧ (୪) ଅନୁଯାୟୀ ଆବଶ୍ୟକ ଅଇଥାନ ବ୍ୟବସ୍ଥା ଗ୍ରହଣ କରାଯିବ ।

ଯୋଗାଯୋଗ:-
୧.ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଳାହାଣ୍ଡି, ଫୋନ-୦୬୬୭୦-୨୩୦୩୮୩
୨.ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଳାହାଣ୍ଡି, ଫୋନ-୦୬୬୭୦-୩୫୯୧୭୧
୩. ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥା, ନେହେରୁ ସେବା ସଂଘ, ପରମାନନ୍ଦପୁର, ଭବାନୀପାଟଣା
ଅଫିସ ଠିକଣା- ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ,ପରଦେଶୀ ପଡ଼ା (ଏସ୍.ପି.ଅଫିସ ପଛପଟ), ପୋ/ଥାନା-ଭବାନୀପାଟଣା ଟାଉନ, ଜିଲ୍ଲା-କଳାହାଣ୍ଡି, ପିନ-୭୬୬୦୦୧

(ଜିଲ୍ଲାପାଳଙ୍କ ଆଦେଶାନୁସାରେ)
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କଳାହାଣ୍ଡି

## कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल मनोहरपुर।

नेशनल कम्पीटिटिभ बिडींग
(ई0-निविदा आमंत्रण सूचना)

ई- निविदा आमंत्रण सूचना संख्या - RCD/MANOHARPUR/02/2023-24 (2nd Call) दिनांक: 04.07.2023

| | | |
|---|---|---|
| 1. | कार्य का नाम :- | Reconstruction of Gua-Salai Road from k.m. 0.00 to k.m. 2.00 (Total Length 2.00 k.m. (MDR-189) |
| 2. | प्राक्कलित राशि (रूपये में) | रू0 11,73,74,023.23 (ग्यारह करोड़ तिहत्तर लाख चौहत्तर हजार तेईस रूपये और तेईस पैसे) |
| 3. | कार्य समाप्ति की अवधि | 04 (चार) माह । |
| 4. | वेबसाईट पर निविदा प्रकाशन की तिथि एवं समय | 17.07.2023, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 23.07.2023 , 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 25.07.2023, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर । |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर । | 8809665333 |
| 9. | ई-निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :- यूकैन निबंधित निविदाकार ही निविदा डाल सकते हैं। निविदा की राशि घट-बढ़ सकती है।
विस्तृत जानकारी हेतु वेबसाईट http://jharkhandtenders.gov.in पर देखें।

कार्यपालक अभियंता,
प0नि0वि0, पथ प्रमण्डल, मनोहरपुर।

PR 301389 (West Singhbhum) 23-24 (D)

## CAREER APPOINTMENT

ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

### WANTED

Job for Servant on Salary basis. Education below 10th. Salary after Interview Physically between 11 AM to 5 PM.
Mob:9438128790

### ଆବଶ୍ୟକ

ଜୟଦୁର୍ଗା କେମିକାଲ ନିମନ୍ତେ ୧୦ ଜଣ worker (ଉଭୟ ମହିଳା ଓ ପୁରୁଷ) ଆବଶ୍ୟକ।
ଯୋଗାଯୋଗ: ପ୍ଲଟ ନଂ.୮୪୩,ପଳାଶୁଣୀ, ଭୁବନେଶ୍ୱର-751010, ମୋବାଇଲ:୯୯୩୮୦୬୯୭୯୬

### ଆବଶ୍ୟକ

ଗୋଟିଏ ପ୍ରତିଷ୍ଠିତ ସିକ୍ୟୁରିଟି ସଂସ୍ଥା ପାଇଁ Supervisor & ସିକ୍ୟୁରିଟି ପିଲା ଆବଶ୍ୟକ।
9438004018, 7847099623
9658958536, 8249484909

### ତୁରନ୍ତ ଆବଶ୍ୟକ

ରେଲ୍‌ୱେ ବ୍ରିଜ୍ କାମ ପାଇଁ ରାଜମିସ୍ତ୍ରୀ, ସେଣ୍ଟ୍ରିଂ ମିସ୍ତ୍ରୀ, ଫିଟର, କାର୍ପେଣ୍ଟର ଏବଂ ହେଲ୍‌ପର । ଭଲ ଦରମା, ଅହମ୍ମଦାବାଦ (ଗୁଜରାଟ)
(ମୋ):- 9512229747
9512289747
7013356115
Email:- cannycms@gmail.com




## इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाईट देखने हेतु स्कैन करें Scan to visit Website

**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଳର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି କ୍ଳର୍କସ୍-XIII ୨୦୨୪-୨୫ର ଖାଲି ପଦବୀ ନିମନ୍ତେ)**

ଅଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଳରିକାଲ୍ କ୍ୟାଡର ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅଗଷ୍ଟ / ସେପ୍ଟେମ୍ବର ୨୦୨୩ ଏବଂ ଅକ୍ଟୋବର, ୨୦୨୩ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୧।୦୭।୨୦୨୩ରୁ ୨୧।୦୭।୨୦୨୩ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୩ରୁ ୨୧।୦୭।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର ଡାଉନ୍‌ଲୋଡ୍* | ଅଗଷ୍ଟ ୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ଅଗଷ୍ଟ ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅଗଷ୍ଟ ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ / ସେପ୍ଟେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା-ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର / ଅକ୍ଟୋବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା-ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର / ଅକ୍ଟୋବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର ୨୦୨୩ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୪ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୩ — ନିର୍ଦ୍ଦେଶକ

## ସଂକ୍ଷେପରେ

### ମଦ ବୋଝେଇ କାର୍ ଜବତ, ଚାଳକ ଗିରଫ

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ): କଟକ ଅବକାରୀ ବିଭାଗ ମଙ୍ଗଳବାର ଭୋର୍ ସମୟରେ ରତାଗଡ ନୁଆସହି ମୁଖ୍ୟରାସ୍ତାରୁ ୬୨୦ଲିଟର ଦେଶୀମଦ ବୋଝେଇ କାର୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବଡ଼ମ୍ବା ଥାନା ଅଞ୍ଚଳର ବିଜୟ୍ କୁମାର ମୁଦୁଲି। ଏହି ଘଟଣାରେ ଆଉ ଜଣେ ଫେରାର ହୋଇଯାଇଛନ୍ତି ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ବିଜୟ୍‌କୁ କୋର୍ଟଚାଲଣ କରିଛି। ପ୍ରକାଶ ଯେ, କଟକ ରାସ୍ତାଦେଇ ବେଆଇନ ମଦ ଚାଲାଣ ହେଉଥିବା ନେଇ ଖବର ପାଇବା ପରେ ଅବକାରୀ ବିଭାଗର ଏକ ଟିମ୍ ରତାଗଡନୂଆସହି ମୁଖ୍ୟରାସ୍ତାରେ ଜଗିରହିଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଓଡି ୧୫ୟୁ ୫୪୦୧ନଂ କାର୍‌ଟିକୁ ରୋକିଥିଲେ। କାର୍‌ଟିକୁ ଯାଞ୍ଚ ସମୟରେ ସେଥିରେ ଦେଶୀ ମଦ ଚାଲାଣ ହେଉଥିବା ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

### ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ଅନ୍ତର୍ଗତ ଶିମିଳିପାଟଣା ଗ୍ରାମରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ବସନ୍ତ କୁମାର ସାହୁ। ସୋମବାର ଅପରାହ୍ନରେ ଶିମିଳିପାଟଣାରେ ଘରଭଡା ନେଇ ରହୁଥିବା ମା ଓ ଦୁଇ ଝିଅ ଗାଁଭିତର ଦେଇ ଯାଉଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ବସନ୍ତ ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଘଟଣା ପରେ ଯୁବତୀଜଣକ ବସନ୍ତଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଘଟଣାର ସମାଧାନ ହୋଇପାରି ନଥିଲା। ଏହାପରେ ଯୁବତୀ ଜଣଙ୍କ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ଘଟଣାପରେ ଗାଁର କେତେଜଣ କଯୁବକ ବସନ୍ତକୁ ଗାଁ ଦାଣ୍ଡରେ ଥିବା ଇଲେକ୍ଟ୍ରିକ୍‌ଖୁଣ୍ଟରେ ବାନ୍ଧି ବାଡେଇଥିବା ନେଇ ବସନ୍ତର ସ୍ତ୍ରୀ ଥାନାରେ ୬ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସେହିପରି ଅସଦାଚରଣ କରିଥିବା ଅଭିଯୋଗରେ ବସନ୍ତଙ୍କୁ ପୋଲିସ ଗିରଫ କରିଥିଲା।

### 'ଆମ ବର୍ଣ୍ଣମାଳା' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୪।୭(ଶର୍ମିଷ୍ଠା ପାଣିଗ୍ରାହୀ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ବରିଷ୍ଠ ଗବେଷକ ଭାବେ କାର୍ଯ୍ୟରତ ଡ. ଦେବାଶିଷ ମହାପାତ୍ରଙ୍କ ଅଷ୍ଟମ ପୁସ୍ତକ 'ଆମ ବର୍ଣ୍ଣମାଳା'କୁ ମଙ୍ଗଳବାର ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଲୋକାର୍ପଣ କରିଛନ୍ତି। ପିଲାମାନଙ୍କ ପାଇଁ ସରଳ ଭାଷାରେ ଭାଷା ବିଜ୍ଞାନ ଦୃଷ୍ଟିରୁ ଲେଖାଯାଇଥିବା ଏହି ପୁସ୍ତକଟି ଆଦୃତ ହେବ ବୋଲି ସେ ଆଶୀର୍ବାଦ ପ୍ରଦାନ ପୂର୍ବକ ମତବ୍ୟକ୍ତ କରିଥିଲେ। ଏହି ଲୋକାର୍ପଣ ଉତ୍ସବରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଉପସ୍ଥିତ ରହି ରାଜ୍ୟପାଳଙ୍କୁ ତାଙ୍କ ଦ୍ୱାରା ଲିଖିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରଚନାବଳୀର ଇଂଲିଶ୍ ଅନୁବାଦ ଉପହାରସ୍ୱରୂପ ପ୍ରଦାନ କରିଥିଲେ। ଉତ୍ସବରେ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।

# ଅପରାଧପ୍ରବଣ ହୋଇପଡୁଛି ଶିକ୍ଷାନୁଷ୍ଠାନ

*ଶିକ୍ଷାନୁଷ୍ଠାନ ଭଲ ମଣିଷ ତିଆରି କରେ। ଭଲ ବାଟରେ ଯିବା ପାଇଁ ବାଟ ଦେଖାଇବା ସହ ଶୃଙ୍ଖଳିତ ତଥା ସୁନାଗରିକ ହୋଇ ମା', ମାଟି, ରାଜ୍ୟ ଓ ଦେଶ ପାଇଁ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥାଏ। ମାତ୍ର ରାଜଧାନୀ ଭୁବନେଶ୍ୱରରେ ଥିବା ଶିକ୍ଷାନୁଷ୍ଠାନଗୁଡିକ ଦିନକୁ ଦିନ ଅପରାଧ ପ୍ରବଣ ହୋଇପଡୁଛି। ମାର୍‌ପିଟ୍, ଗୋଷ୍ଠୀ ସଂଘର୍ଷ, ହଣାକଟା, ଆତ୍ମହତ୍ୟା ଭଳି ଘଟଣା ଘଟି ଚାଲିଛି। ବୁଧବାର ରାଜ୍ୟର ପ୍ରମୁଖ ବିଜେବି କଲେଜ ଓ ମହର୍ଷି କଲେଜରେ ଛାତ୍ର ଗଣ୍ଡଗୋଳ ଘଟିଥିବା ଦେଖିବାକୁ ମିଳିଛି।*

## ନେତାଙ୍କ ଜନ୍ମଦିନ ପାଳନ ପୋଷ୍ଟକୁ ନେଇ ବିଜେବିରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍

ଭୁବନେଶ୍ୱର,୪।୭(ସତ୍ୟଜିତ୍ ରାଉତ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ଜଣେ ରାଜନେତାଙ୍କ ଜନ୍ମଦିନରେ କେକ୍ କାଟିବାକୁ ନେଇ ଆଇଏମ୍‌ବିଏ ଡିପାର୍ଟମେଣ୍ଟର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ମାର୍‌ପିଟ୍ ଓ ଧସ୍ତାଧସ୍ତି ହୋଇଥିବାବେଳେ ଘଟଣା ଥାନାରେ ପହଞ୍ଚିବା ପରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଇ ଆପୋସ ସମାଧାନ ହୋଇଛି।

ସୂଚନା ଅନୁଯାୟୀ, ଆଇଏମ୍‌ବିଏ ଡିପାର୍ଟମେଣ୍ଟରେ ଗୋଟିଏ ଗୋଷ୍ଠୀ ଜୁନ୍ ୨୬ରେ ଜଣେ ନେତାଙ୍କ ଜନ୍ମଦିନ ପାଳି କେକ୍‌କାଟିଥିଲେ। ଏନେଇ ସେମାନେ ତାଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମଧ୍ୟ ଏହି ଉତ୍ସବର ଫଟୋ ଛାଡ଼ିଥିଲେ। ତେବେ ଏହାକୁ ବିଭାଗର ଅନ୍ୟଏକ ଗୋଷ୍ଠୀର ଛାତ୍ରମାନେ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ତେବେ

**ଥାନାରେ ହେଲା ଆପୋସ ସମାଧାନ**

ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଏହି ବିବାଦ ଉଗ୍ରରୂପ ନେଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ସହ ପରସ୍ପର ମଧ୍ୟରେ ମାର୍‌ପିଟ୍ ଲାଗିଥିଲେ। ଏପରିକି ଗୋଟିଏ ଗୋଷ୍ଠୀର ୩ଜଣଙ୍କୁ ଅନ୍ୟ ଗୋଷ୍ଠୀର ପିଲାମାନେ କ୍ଲାସରୁମ୍‌ରେ କିଛି ସମୟ ଅଟକ ମଧ୍ୟ ରଖିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ଏନେଇ ଗୋଟିଏ ଗୋଷ୍ଠୀର ଛାତ୍ର ବିଭାଗ ମୁଖ୍ୟଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଦୁଇ ଗୋଷ୍ଠୀଙ୍କୁ ପୋଲିସ ଥାନାକୁ ଡାକି ପଚରାଉଚରା କରି ବୁଝାଇବା ପରେ ମାମଲା ଶାନ୍ତ ପଡ଼ିଥିଲା। ଏନେଇ ବଡ଼ଗଡ଼ ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି, ଭୁଲବୁଝାମଣାରୁ ଏହି ଗଣ୍ଡଗୋଳ ହୋଇଥିବା ଦୁଇ ଗୋଷ୍ଠୀର ଛାତ୍ରମାନେ ସ୍ୱୀକାର କରିଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ମୁଚାଲିକା ଲେଖାଯାଇଥିବା ସେ କହିଛନ୍ତି।

## ମହର୍ଷି କଲେଜରେ ଜଣେ ଛାତ୍ର ଆହତ, ୪ ଅଟକ

ଭୁବନେଶ୍ୱର,୪।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହର୍ଷି କଲେଜର ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ମାର୍‌ପିଟ୍ ହୋଇଛି। ଏହି ଗଣ୍ଡଗୋଳରେ ଗୋଟିଏ ଗୋଷ୍ଠୀର ଜଣେ ଛାତ୍ର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ସାମାନ୍ୟ ଫାଟିଯାଇ ରକ୍ତସ୍ରାବ ହୋଇଛି। ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ୨ଜଣ ଲେଖାଏ ୪ ଛାତ୍ରଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖିଛି। ଉଭୟ ପକ୍ଷରୁ ଥାନାରେ ଏତଲା ମଧ୍ୟ ହୋଇଛି। ପୋଲିସ କଲେଜ କର୍ତ୍ତୃପକ୍ଷ ଓ ଅଟକ ଛାତ୍ରଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପୂର୍ବବର୍ଷ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତିକ୍ତତା ରହିଥିଲା। ତେବେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଗୋଟିଏ ଗୋଷ୍ଠୀର ଜଣେ ଛାତ୍ର କ୍ଲାସ୍ ରୁମ୍‌କୁ ଯାଉଥିବା ବେଳେ ଅନ୍ୟଏକ ଗୋଷ୍ଠୀର ଜଣେ ଛାତ୍ରଙ୍କ ସହ ଧକ୍କା ହୋଇଥିଲା। ଏହାକୁ ନେଇ ଧକ୍କା ଦେଇଥିବା ଉକ୍ତ ଛାତ୍ରଙ୍କୁ ପ୍ରତିପକ୍ଷ ଗୋଷ୍ଠୀର ୨ଜଣ ଛାତ୍ର ମାଡ଼ ମାରିଥିଲେ। ଆକ୍ରମଣର ଶିକାର ଛାତ୍ର ଜଣକ ନିଜ ସମର୍ଥକ ଛାତ୍ରଙ୍କ ସହ ଅପରାହ୍ନ ପ୍ରାୟ ୨ଟା ୧୫ରେ କଲେଜ୍ ଗେଟ୍ ପାଖରେ ଅପେକ୍ଷା କରିଥିଲେ। ଏହି ସମୟରେ ମାଡ଼ ମାରିଥିବା ଦୁଇଜଣ ଛାତ୍ର ବାହାରକୁ ଯିବା ସମୟରେ ପ୍ରତିପକ୍ଷ ଗୋଷ୍ଠୀ ମାଡ଼ ମାରିଥିଲେ। ଖବର ପାଇ ଉଭୟ ଗୋଷ୍ଠୀର ଛାତ୍ରମାନେ ପହଞ୍ଚିବା ପରେ କ୍ୟାମ୍ପସ ଉତ୍ତେଜନାପ୍ରବଣ ହୋଇପଡିଥିଲା। କଲେଜ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚିବା ପରେ ଦୁଇଗୋଷ୍ଠୀ ଛାତ୍ରମାନେ ଦୌଡ଼ି ପଳାଇଥିଲେ। ତେବେ ପୋଲିସ ୪ ଜଣଙ୍କୁ କାବୁ କରି ଥାନାକୁ ଆଣିଥିଲା। ଅଟକ ଥିବା ୪ ଛାତ୍ର ହେଉଛନ୍ତି ନାବାଳକ। ତେବେ ଏନେଇ ପୃଥକ୍ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୪ରେ ମଧ୍ୟ ମହର୍ଷି କଲେଜରେ ଗଣ୍ଡଗୋଳ ହୋଇଥିଲା। କମେଣ୍ଟମରାକୁ ବିରୋଧ କରିବାରୁ ୬ରୁ ଊର୍ଦ୍ଧ୍ୱ ଅଣଛାତ୍ର କଲେଜରେ ପଶି ଲୁହା ରଡ୍ ଆଦିରେ ଛାତ୍ରଙ୍କୁ ଆକ୍ରମଣ କରିଲେ। ଏଥିରେ ୩ଜଣ ଛାତ୍ର ଆହତ ହୋଇଥିଲେ।

## ଦୁର୍ଘଟଣା ରୋକିବାକୁ ପରିବହନ ବିଭାଗର କୌତୂହଳପୂର୍ଣ୍ଣ ସଚେତନତା ଭିଡିଓ






ଭୁବନେଶ୍ୱର,୪।୭(ଅଭିଜିତ ଦାସ)

ସଚେତନତା ମାଧ୍ୟମରେ ଦୁର୍ଘଟଣା ରୋକିବାକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୨ଟି କୌତୂହଳପ୍ରଦ ଭିଡିଓ ପ୍ରସ୍ତୁତି କରାଯାଇଛି। ପ୍ରଥମ ଭିଡିଓରେ ଚକାଆଖି ସବୁ ଦେଖୁଛି ଭଳି ବ୍ୟଙ୍ଗାତ୍ମକ ଥିମ୍ ଥିବା ଏକ ପୋଷ୍ଟ ବିଭାଗର ସୋସିଆଲ ମିଡିଆରେ ଛଡ଼ାଯାଇଛି। ଭିଡିଓଟିରେ ଏକ ବାଇକ ଆରୋହୀ ବିନା ହେଲ୍‌ମେଟରେ ଯାତ୍ରା କରୁଥିବାବେଳେ ପୋଲିସର ଦୃଷ୍ଟି ଆଢୁଆଳରେ ଖସି ପଳାଉଛନ୍ତି। କିନ୍ତୁ ଲାଗିଥିବା କ୍ୟାମେରାରେ ପୋଲିସ ତାଙ୍କ ଉପରେ ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ନେଇଛି। ସେହିପରି ଗାଡି ଚଳାଇବାବେଳେ ଅନେକ ସମୟରେ ଅସାବଧାନତାରୁ ଦୁର୍ଘଟଣା ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ କ୍ରିକେଟ୍ ଖେଳର ଉଦାହରଣ ଦେଇ ଲୋକଙ୍କୁ ସଚେତନ କରାଇଛି। ଯେପରି କ୍ରିକେଟ୍ ଖେଳରେ ଅସାବଧାନତାରେ ବଲଟି ମୁଣ୍ଡ କିମ୍ବା ଶରୀରରେ ବାଜି ଆଘାତ ଦେଇଥାଏ, ସେହିପରି ଗାଡି ଚଳାଇବାବେଳେ ଅସାବଧାନତାରୁ ଦୁର୍ଘଟଣା ଘଟିଥାଏ। ଅନେକ ଯୁବତୀଯୁବକ ବର୍ତ୍ତମାନ ସମୟରେ ବିନା ହେଲ୍‌ମେଟ୍ ଓ ଦ୍ରୁତ ଗତିରେ ଗାଡି ଚଳାଉଥିବାରୁ ପରିବହନ ବିଭାଗ ପକ୍ଷରୁ ଏପରି କୌତୂହଳ ଭିଡିଓ ବାର୍ତ୍ତା ଜରିଆରେ ସତର୍କତା କରାଉଥିବା କୁହାଯାଇଛି।

## 'ବୃକ୍ଷ ଜନନୀ' କାର୍ଯ୍ୟକ୍ରମ ଆରମ୍ଭ



ପୁରୁଣା ଭୁବନେଶ୍ୱର,୪।୭(ସୁବାସ ଚନ୍ଦ୍ର ପ୍ରଧାନ)

ବନ ମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ମା'ମାନଙ୍କୁ ନେଇ ଶୁଭାରମ୍ଭ ହୋଇଛି 'ବୃକ୍ଷ ଜନନୀ' କାର୍ଯ୍ୟକ୍ରମ। ମହିଳାମାନେ ନିଜର ହାଣ୍ଡିଶାଳରୁ ମଞ୍ଜି ସଂଗ୍ରହ ସହ କ୍ଷୀର ପ୍ୟାକେଟ ଜରିରେ କିପରି ଚାରାଟିଏ ସୃଷ୍ଟି କରିପାରିବେ, ସେହି ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇଠାରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପ୍ରତିଷ୍ଠାତା ସନ୍ତୋଷୀ ଜୈନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ ବୃକ୍ଷରୋପଣ କିମ୍ବା ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ମହିଳାଙ୍କ ଯୋଗଦାନ ବୃଦ୍ଧି ହେବା ଆବଶ୍ୟକ। ଏହି ଅବସରରେ ମା'ମାନେ କ୍ଷୀର ପ୍ୟାକେଟ୍ ଜରି, ମାଟି, ଖତ ଓ ପଣସ ମଞ୍ଜି ଆଦିକୁ ବ୍ୟବହାର କରି ଚାରା ପ୍ରସ୍ତୁତି କରିଥିଲେ। ଉତ୍ତମ ଚାରା ସୃଷ୍ଟି କରିଥିବା ଜନନୀମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ସାମାଜିକ କର୍ମୀ ତ୍ରିଲୋଚନ ବେଉରା ପରିଚାଳନାରେ ସହଯୋଗ କରିଥିଲେ।

## 'ମାହାରୀ ପରମ୍ପରାକୁ ପ୍ରୋତ୍ସାହିତ କରାଯିବ'



ମାହାରୀ ନୃତ୍ୟ ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦି ଓ ଅନ୍ୟମାନେ। (ଫଟୋ: ମୌସମ ନନ୍ଦ)

ଭୁବନେଶ୍ୱର,୪।୭(ଶର୍ମିଷ୍ଠା ପାଣିଗ୍ରାହୀ)

ରୂପଶ୍ରୀ କଳାମନ୍ଦିର ପକ୍ଷରୁ ୧୧ତମ ବାର୍ଷିକ ମାହାରୀ ନୃତ୍ୟ ଉତ୍ସବ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରର ଅନ୍ୟାନ୍ୟ ସେବା ପରି ମାହାରୀ ନୃତ୍ୟ ସେବା ଅନ୍ୟତମ। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଡ. ଗଙ୍ଗୋତ୍ରୀ ଦେବୀ ଯୋଗଦେଇ ମାହାରୀ ନୃତ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ସମ୍ପାଦକ ଗୁରୁ ରୂପଶ୍ରୀ ମହାପାତ୍ର ମାହାରୀ ନୃତ୍ୟର ପ୍ରଚାର ପ୍ରସାର ପାଇଁ ପ୍ରୋତ୍ସାହନ ଆବଶ୍ୟକତା ରହିଛି ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମାହାରୀ ପରମ୍ପରାକୁ ପ୍ରୋତ୍ସାହିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦି, ବିଧାୟକ ଶଶିଭୂଷଣ ବେହେରା, ଅବସରପ୍ରାପ୍ତ ପ୍ରଶାସକ ଦେବବ୍ରତ କଣ୍ଠ ପ୍ରମୁଖ ଯୋଗଦେଇଥିଲେ।

**୬ ଜଣଙ୍କୁ ମାହାରୀ ସମ୍ମାନ**

ଏହି ଅବସରରେ ଓଡ଼ିଶୀ ଗୁରୁ ସଙ୍ଗୀତା ଦାସଙ୍କୁ 'ହରପ୍ରିୟା ଦେବଦାସୀ ସମ୍ମାନ', ଡ. ମିତାଲି ଚିନାରାଙ୍କୁ 'ପରଶମଣି ଦେବଦାସୀ ସମ୍ମାନ', ଡ. ନରେଶ ଚନ୍ଦ୍ର ଦାସଙ୍କୁ 'କୋକିଳପ୍ରଭା ଦେବଦାସୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ କେରଳରୁ ଗୁରୁ ରୂପଶ୍ରୀ ମହାପାତ୍ରଙ୍କଠାରୁ ଶିକ୍ଷାଲାଭ କରିଥିବା ୬ଜଣ ଛାତ୍ରୀଙ୍କୁ 'ମାହାରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସିନେ ସମୀକ୍ଷକ ଦିଲୀପ ହାଲି, ଦେବାଶିଷ ଦାସଗୁପ୍ତା, ଯୁବନେତା ତନ୍ମୟ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ସଫା କରିବା ଆଳରେ ଲୁଟି ନେଲେ ୫ ଭରି ସୁନା ଅଳଙ୍କାର

ବାଲିଅନ୍ତା,୪।୭(ନୀଳମାଧବ ସାହୁ): ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର ଅଞ୍ଚଳରେ ମଙ୍ଗଳବାର ରୁପା, ସୁନା ଗହଣା ସଫା କରିବା ଆଳରେ ୨ ଦୁର୍ବୃତ୍ତ ୫ ଭରି ଓଜନର ସୁନା ଅଳଙ୍କାର ଧରି ଚମ୍ପଟ ମାରିଛନ୍ତି। ଏନେଇ ପରିବାର ପକ୍ଷରୁ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ୨ ଯୁବକ ଏକ କଳା ରଙ୍ଗର ବାଇକ୍‌ରେ ଆସି ପ୍ରତାପରୁଦ୍ରପୁର ବ୍ରାହ୍ମଣ ସାହିରେ ପହଞ୍ଚିଥିଲେ। ଏକ ଘର ଭିତରକୁ ଯାଇ ରୁପା ପାଉଁଜି ସଫା କରିବାକୁ ଆସିଥିବା କହିଥିଲେ। ମହିଳା ଜଣକ ଘରେ ଥିବା ରୁପା ପାଉଁଜି ଆଣି ସଫା ପାଇଁ ଦେଇଥିଲେ। ଏହା ପରେ ମହିଳା ଘରେ ଥିବା ସୁନାର ୩ ମଙ୍ଗଳସୂତ୍ର ଓ ୪ହଳ କାନଫୁଲ ସଫା କରିବାକୁ ଦେଲେ। ପରେ ମହିଳା ଘର ଭିତରକୁ ଯିବା ସମୟରେ ଉକ୍ତ ୨ ଯୁବକ ସମସ୍ତ ସୁନାଗହଣା ଧରି ଚମ୍ପଟ ମାରିଥିଲେ। ଘରେ କେହି ପୁରୁଷ ଲୋକ ନ ଥିବାରୁ ସେମାନେ ଏଭଳି ଘଟଣା ଘଟାଇବାରେ ସକ୍ଷମ ହୋଇଛନ୍ତି। ସେମାନେ ଆସିଥିବା ବାଇକ୍‌ର ନମ୍ବର ପ୍ଲେଟ୍‌ରେ କପଡ଼ା ପକାଇଥିବା ପରିବାରର ସଦସ୍ୟ କହିଛନ୍ତି।

## ବିଏମ୍‌ସି ପ୍ରଶାସନିକ ବିଭାଗରୁ ହଟିଲେ ଗାୟତ୍ରୀ

ଭୁବନେଶ୍ୱର,୪।୭(ବନ୍ଦନା ସେଠୀ)

ଦୁଇଥର ବଦଳି ନିର୍ଦ୍ଦେଶ ପରେ ବି ବିଏମ୍‌ସି ଛାଡୁ ନ ଥିବା ଡେପୁଟି କମିଶନର ଗାୟତ୍ରୀ ସାମନ୍ତରାୟ ଶେଷରେ ହଟିଛନ୍ତି। ବିଏମ୍‌ସି ପକ୍ଷରୁ ତାଙ୍କୁ ପ୍ରଶାସନିକ ବିଭାଗ ଦାୟିତ୍ୱରୁ ନିବୃତ୍ତ କରାଯାଇଛି। ଏ ନେଇ ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗାୟତ୍ରୀ ଏଷ୍ଟାବ୍ଲିଶ୍‌ମେଣ୍ଟ ଉପବିଭାଗ ଦାୟିତ୍ୱରେ ମଧ୍ୟ ନିଯୁକ୍ତ ଥିଲେ। ତେବେ ଏହି ଦାୟିତ୍ୱରୁ ତାଙ୍କୁ ବିଦା କରାଯାଇଛି କି ନାହିଁ ସେନେଇ ସ୍ପଷ୍ଟ ହୋଇପାରି ନାହିଁ। ଅପରପକ୍ଷେ ଜୁନ୍ ୩୦ ରାତି ସୁଦ୍ଧା ସମ୍ପୃକ୍ତ ଡେପୁଟି କମିଶନରଙ୍କ ବଦଳି ବା କାର୍ଯ୍ୟରୁ ନିବୃତ୍ତ ଆଦେଶ କାର୍ଯ୍ୟକାରୀ ହୋଇ ନ ଥିଲା। ମାତ୍ର ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଜୁନ୍ ୩୦ ଉଲ୍ଲେଖ ରହିଛି। ତେଣୁ ପଛୁଆ ଭାବେ ବିଜ୍ଞପ୍ତି ଜାରି କରାଯାଇଥିବା ସନ୍ଦେହ କରାଯାଉଛି।

୨୦୨୧ ଅଗଷ୍ଟ ୧୮ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତାଙ୍କୁ ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟାଙ୍କ ଓଏସ୍‌ଡି ଭାବେ ବଦଳି କରିଥିଲା। ମାତ୍ର ଗାୟତ୍ରୀ ସେଠାକୁ ଯାଇ ନ ଥିଲେ। ଏହାପରେ ପୁଣିଥରେ ସମାନ ଜାଗାକୁ ତାଙ୍କର ବଦଳି କରାଯାଇଥିଲେ ମଧ୍ୟ ସେ ବିଏମ୍‌ସି ଛାଡି ନ ଥିଲେ। ଅପରପକ୍ଷେ ତାଙ୍କୁ କାର୍ଯ୍ୟରୁ ନିବୃତ୍ତ ନ କରି ବିଏମ୍‌ସି କମିଶନର ଏଷ୍ଟାବ୍ଲିଶ୍‌ମେଣ୍ଟର ଉପବିଭାଗ ଦାୟିତ୍ୱ ଦେଇଥିଲେ। ତାଙ୍କ ସମୟରେ ଏଷ୍ଟାବ୍ଲିଶ୍‌ମେଣ୍ଟ ବିଭାଗରେ ବହୁ କେଳେଙ୍କାରୀ ଅଭିଯୋଗ ହୋଇଥିଲା। ଅନେକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ତାଙ୍କ ପ୍ରାପ୍ୟ ମିଳି ନ ଥିବା ଏବଂ ଅନେକ କର୍ମଚାରୀଙ୍କୁ ସମ୍ପୃକ୍ତ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଖବର ମଧ୍ୟ ପଦାକୁ ଆସିଥିଲା। ଏପରିକି ତାଙ୍କ ବଦଳି ଦାବି କରି କର୍ପୋରେଟରମାନେ ବୈଠକରେ ବାରମ୍ବାର ଦାବି ଉଠାଇଥିଲେ।

## ଅଙ୍ଗନୱାଡି ଗୃହ ନିର୍ମାଣକୁ ନେଇ ବିବାଦ

ବାଲିପାଟଣା,୪।୭(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତ ଅଧୀନ ଅଭୟମୁଖୀ ମୌଜାରେ ଏକ ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ୧୮/୪/୨୦୧୭ରେ ୧୮୨୮ଟିଠି ନମ୍ବରରେ ଅଶୋକ ମିଶ୍ରଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। କାମର ବିଲ୍ ପୈଠ ହୋଇନାହିଁ। ସେହି କାମ ପୁଣି ଭେଙ୍କଟରାୟପୁର ମୌଜାରେ ନିର୍ମିତ ହେଉଛି। ଉକ୍ତ ଜାଗା ମିଶନଶକ୍ତି ଗୃହ ନିର୍ମାଣ ପାଇଁ ସଂରକ୍ଷିତ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବାଲିପାଟଣା ବିଡିଓ, ତହସିଲଦାର, ୫-ଟି ସଚିବ ଓ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହାର ଉପଯୁକ୍ତ ବିଚାର ନ ହେଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଆଦିକନ୍ଦ ବେହେରା କହିଛନ୍ତି, ଉକ୍ତ ଅଙ୍ଗନୱାଡି କେନ୍ଦ୍ର ଉପଯୁକ୍ତ ମୌଜାରେ ହେଉଛି। କୌଣସି ଅନିୟମିତତା ହୋଇନାହିଁ।

## ବିଏମ୍‌ସିର ଡେଙ୍ଗୁ ସଚେତନତା ପଦଯାତ୍ରା

ଭୁବନେଶ୍ୱର, ୪।୭ (ବନ୍ଦନା ସେଠୀ)

'ଆମରି ହାତରେ ଆମରି ସ୍ୱାସ୍ଥ୍ୟ; ଡେଙ୍ଗୁ ପ୍ରତିକାର ଆମ ଦାୟିତ୍ୱ' ନାରା ସହିତ ବିଏମ୍‌ସି ପକ୍ଷରୁ ମଞ୍ଚେଶ୍ୱରସ୍ଥିତ ମଣିନାଗେଶ୍ୱର ବସ୍ତିଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମେୟର ସୁଲୋଚନା ଦାସଙ୍କ ଉପସ୍ଥିତିରେ ୧୦ ନମ୍ବର ୱାର୍ଡ କର୍ପୋରେଟର ଶେକ୍ ନୁର୍‌ସାନ ଏବଂ ବସ୍ତି ବାସିନ୍ଦାଙ୍କୁ ନେଇ ଏକ ପଦଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ସହ ଡେଙ୍ଗୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଡେଙ୍ଗୁକୁ ପ୍ରତିହତ କରିବା ପାଇଁ ନାଗରିକମାନେ ଯଥେଷ୍ଟ ସଚେତନ ହେବା ସହ ମିଳିତ ପଦକ୍ଷେପ ଜରୁରୀ ବୋଲି ମେୟର କହିଥିଲେ। ପାଣି ଜମିବା ଭଳି ଟା କପ୍, ଭଙ୍ଗା ଡବା, ବୋତଲ, ବିଭିନ୍ନ ପାତ୍ର, ପଇଡ ଇତ୍ୟାଦି ପଡିରହିଥିଲେ ସେଗୁଡିକୁ ନଷ୍ଟ କରିଦେବା ଆବଶ୍ୟକ। ଏଥିରେ ପାଣି ଜମି ରହିଲେ ମାଶା ଅଣ୍ଡା ଦେଇ ବଂଶ ବୃଦ୍ଧି କରିବ। ତେଣୁ ମଶା ଅଣ୍ଡା ଦେବା ଉତ୍ସଗୁଡିକୁ ତତ୍‌କ୍ଷଣାତ ନଷ୍ଟ କରଦେବା ଉପରେ ମେୟର ଗୁରୁତ୍ୱାରୋପ କରିଥିଲେ। ଏଥିସହ ନିୟମିତ ମଶା ଧୂଆଁ ଦେବା, ପାଣି ଜମି ରହୁଥିବା ଟାୟାର ଭଳି ସାମଗ୍ରୀକୁ ନଷ୍ଟ କରିବା, ଡେଙ୍ଗୁ ଲକ୍ଷଣ ଦେଖାଦେବା ମାତ୍ରେ ସେହି ସ୍ଥାନରେ ସ୍ୱାସ୍ଥ୍ୟକର୍ମୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା, ଜୋନ୍ ଅନୁଯାୟୀ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରି ପଦକ୍ଷେପ ନେବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ନିୟମିତ 'ଡ୍ରାଏ ଡେ' ପାଳନ କରାଯାଉଥିବା ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଥିଲେ। କାର୍ଯ୍ୟକ୍ରମରେ ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀପକ କୁମାର ବିଶୋଇ, ଅତିରିକ୍ତ ଜିଲା ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଆଣ୍ଟି ଲାର୍ଭା ୱାର୍କର, ଅଙ୍ଗନୱାଡି ଏବଂ ଆଶାକର୍ମୀଙ୍କ ସମେତ ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳାମାନେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ସମସ୍ତ ୱାର୍ଡରେ ଗୁରୁବାର ଏବଂ ଶନିବାରକୁ 'ଡ୍ରାଏ ଡେ' ଭାବେ ପାଳନ କରାଯାଉଛି। ଗୋଷ୍ଠୀ ସହଭାଗିତାରେ ୱାର୍ଡ କୋର୍ କମିଟିରେ ଥିବା ସମସ୍ତ ସଦସ୍ୟା/ସଦସ୍ୟ, ଏନ୍‌ଜିଓ ଏବଂ ଗୋଷ୍ଠୀ କାର୍ମୀମାନେ ଯୋଗଦେଇ ଏହାକୁ ଆଗେଇ ନେଉଛନ୍ତି।




ଡେଙ୍ଗୁଠାରୁ ରକ୍ଷା ପାଇବା ପାଇଁ ମଞ୍ଚେଶ୍ୱରସ୍ଥିତ ମଣିନାଗେଶ୍ୱର ବସ୍ତି ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ସଚେତନ କରାଯାଉଛି।

## 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

ଶୈକ୍ଷିକ ବାତାବରଣ ସହ ଜଡ଼ିତ ସବୁ ବର୍ଗର ଲୋକଙ୍କୁ ପୁରସ୍କୃତ ତଥା ସମ୍ମାନିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଆରମ୍ଭ ହୋଇଛି। ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ପୁରାତନ ଛାତ୍ର ସଂସଦ ପୁରସ୍କାର, ଗ୍ରାମ ପଞ୍ଚାୟତ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର, ଡିଆଇଇଟି ପୁରସ୍କାର ଏବଂ ସିଆର୍‌ସିସି, ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର ଆଦି ବର୍ଗରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯିବ। ଏହି ଯୋଜନାର କାର୍ଯ୍ୟକାରିତା ନେଇ ମଙ୍ଗଳବାର ସ୍ଥାନୀୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଜିଲା ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଠାରେ ଏକ ଦୁଇଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ 'ରାଜ୍ୟ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ'ର ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଛନ୍ତି। ଶିକ୍ଷା ପୁରସ୍କାରର




ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଯୋଗଦାନ**

ସବିଶେଷ ବିବରଣୀ ଡିଆଇଇଟି ଅଧ୍ୟକ୍ଷମାନଙ୍କୁ ପ୍ରଦାନ କରାଯାଇଛି। ଏହାସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ସମ୍ବନ୍ଧୀୟ ମୁଖ୍ୟ ପ୍ରଶିକ୍ଷଣ ପୁସ୍ତିକା ଓ ଅନ୍ୟାନ୍ୟ ମୁଦ୍ରଣ ସାମଗ୍ରୀ ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଜିଲାସ୍ତରରେ ଆୟୋଜିତ ହେଉଥିବା କ୍ଲଷ୍ଟର ବୈଠକଗୁଡିକରେ ଉକ୍ତ ଡିଆଇଇଟି ଅଧ୍ୟକ୍ଷମାନେ ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ର ଧାରଣା ପ୍ରଦାନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ ପୁରସ୍କାର ସମ୍ବନ୍ଧରେ କହିଛନ୍ତି, ଏହା ହିଁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରକୃତ ବିସ୍ତାର। 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ର କାର୍ଯ୍ୟକାରିତା, ଏଫ୍‌ଏଲଏନ୍ ମଡେଲଗୁଡିକର ପ୍ରଚଳନ, ସିଆର୍‌ସିସିଙ୍କର ମାସିକ କ୍ଲଷ୍ଟର ବୈଠକ ଓ ଡିଆଇଇଟିର ତତ୍ତ୍ୱାବଧାନ ଭଳି ମୁଖ୍ୟତଃ ୪ଟି ବିଷୟ ଉପରେ ବିଭାଗୀୟ ସଚିବ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ ପାଢ଼ୀ, ମୋ ସ୍କୁଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମୋ ସ୍କୁଲର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି ଓ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଫାହେଲାନି ଡ୍ରେନ୍, ଡେଙ୍ଗୁକୁ ଆମନ୍ତ୍ରଣ

ଖୋର୍ଦ୍ଧା,୪।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘବର୍ଷ ଧରି ସହରରେ ଥିବା ଅଧିକାଂଶ ଡ୍ରେନ୍ ସଫେଇ ନ ହେବାରୁ ପୋତି ହୋଇଗଲାଣି। ଏପରିକି ଅନେକ ସ୍ଥାନରେ ଡ୍ରେନ୍ ଭାଙ୍ଗିରୁଜି ଗଲାଣି। ଫଳରେ ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମିରହୁଛି। ଏଥିରେ କୁଢ଼ କୁଢ଼ ଅଳିଆ ଆବର୍ଜନା, ପଲିଥିନ ଭାସୁଥିବା ନଜିର ରହିଛି। ଅନ୍ୟପକ୍ଷରେ ବର୍ଷାଦିନକୁ ଦୃଷ୍ଟିରେ ରଖି ଡ୍ରେନ୍ ସଫେଇ ଲାଗି ଖୋର୍ଦ୍ଧା ପୌର ପ୍ରଶାସନ(କେଏମ୍‌ସି) ପକ୍ଷରୁ ପୂର୍ବରୁ ଗୁରୁତ୍ୱ ଦିଆଯାଇଥିଲା। କେବଳ ସହରର ମୁଖ୍ୟ ଡ୍ରେନ୍‌କୁ ଛାଡ଼ିଦେଲେ ଗଳିକନ୍ଦିରେ ଥିବା ଡ୍ରେନ୍ ସଫେଇ ହୋଇନାହିଁ। ଫଳରେ ବର୍ଷା ହେଲେ ସହରର ଏକାଧିକ ଗଳିକନ୍ଦିରେ ଡ୍ରେନ୍ ପାଣି ଆଣ୍ଠୁଏ ଉଚ୍ଚରେ ଜମି ରହୁଛି। ଏପରିକି ସହରର ତଳି ଅଞ୍ଚଳରେ ବର୍ଷାଜଳ ଜମାହୋଇ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ସହରର ପରିମଳ ବ୍ୟବସ୍ଥା ଦେଖିଲେ ସତେଯେପରି ତାହା ଡେଙ୍ଗୁକୁ ଆମନ୍ତ୍ରଣ କରୁଛି।

ପ୍ରକାଶ ଯେ, ଖୋର୍ଦ୍ଧା ସହରର ବହୁ ଡ୍ରେନ୍ ପରିତ୍ୟକ୍ତ ଅବସ୍ଥାରେ ରହିଛି। କେଉଁଠି ଡ୍ରେନ୍ ପଥର ଭୁଶୁଡ଼ି ପଡ଼ିଲାଣି ତ' ଆଉ କେଉଁଠି ମାଟି ଅତଡ଼ା ଧସି ପୋତିହୋଇଗଲାଣି। ଦୀର୍ଘଦିନ ଧରି ଡ୍ରେନ୍ ପୋତି ହୋଇପଡ଼ିଥିବା



- ପଦାରେ ପଡ଼ିଲା ବର୍ଷାଦିନ ପୂର୍ବ ପ୍ରସ୍ତୁତି
- କୁଢ଼ କୁଢ଼ ଆବର୍ଜନା, ଗନ୍ଧରେ ଫାଟିପଡୁଛି

ବେଳେ ଅଳିଆ ଆବର୍ଜନା ଜମିରହି ପଚିଶଢ଼ି ଦୁର୍ଗନ୍ଧ ହେଉଛି। ଫଳରେ ଉକ୍ତ ରାସ୍ତା ଦେଇ ଗଲାବେଳେ ନାକରେ କପଡ଼ା ବାନ୍ଧି ଯାତାୟାତ କରୁଛନ୍ତି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହିର ପାଣି ପୁରୁଣା ଦମକଳ ଛକ ଡ୍ରେନ୍‌ରେ ମିଶୁଛି। ସେହିଭଳି ସାମନ୍ତରାପୁର ଛକଠାରୁ ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳିସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭାବନ ପଛପଟ ଆଦି ସାହିର ଡ୍ରେନ୍ ପୁରୁଣା ଦମକଳ ଛକ ନାଳକୁ ସଂଯୋଗ କରୁଛି। ତେବେ ସେଠାରୁ ଗୋଡ଼ିପୋଖରୀ ଛକ ପରେ ଡ୍ରେନ୍ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପଟେ ଏହି ଡ୍ରେନ୍‌ରେ ଘରୋଇ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ୍, ପଲିଥିନ, ପାଣିବୋତଲ ପ୍ରଭୃତି ପଡ଼ି ନାଳରେ ଜମାହୋଇ ରହୁଛି। ଏହାକୁ ସଫା କରାଯାଉନାହିଁ। ଫଳରେ ନାଳପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳୁଛି। ପରିମଳ ନାଁରେ ଅର୍ଥ ହରିଲୁଟ୍ ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଏମାନେ ଯାହା କୁହନ୍ତି...

"ସହରର ଏକାଧିକ ଡ୍ରେନ୍ ମୁକୁଳା ପଡିଛି। ଡ୍ରେନ୍ ଉପରେ ସ୍ଲାବ ପକାଇବା ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ମଶାମରା ଔଷଧ ପକାଯାଉନାହିଁ। ମଶାଧୂଆଁ ଛଡାଯାଉନାହିଁ। ଦୀର୍ଘ ଦିନ ହେବ ଡ୍ରେନ ସଫା କରାଯାଇ ନାହିଁ। ଫଳରେ ଡେଙ୍ଗୁ ବ୍ୟାପିବା ଆଶଙ୍କା ରହିଛି। ପୌର ପ୍ରଶାସନ ସ୍ଥାଣୁ ପାଲଟିଛି।

**ଶିଶିର ପରିଡା, କଂଗ୍ରେସ ନେତା**

"ଖୋର୍ଦ୍ଧା ସହରରେ ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। କେଉଁଠି ମଧ ଡ୍ରେନ ସଫା କରାଯାଉନାହିଁ। କେବଳ ବର୍ଷାଦିନ ଆସିଲେ ଲୋକେ ଦେଖାଣିଆ ଭାବେ ସଫା କରି ଛାଡି ଦିଆଯାଉଛି। ଅନ୍ୟଦିନରେ ସମାନ ସମସ୍ୟା। ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

**ରଣଜିତ୍ ମହାପାତ୍ର, ସାମାଜିକ କର୍ମୀ**

"ଡ୍ରେନ ସଫା ପାଇଁ ଗୁରୁତ୍ୱ ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଡ୍ରେନ ମରାମତି ପ୍ରତି ପଦକ୍ଷେପ ନିଆଯିବ। ଡେଙ୍ଗୁ ସଚେତନ ଉପରେ ମଧ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ସମସ୍ତ ୱାର୍ଡ ଓ ସ୍ୱଚ୍ଛ ସାଥିଙ୍କୁ ସଚେନତତା ଲାଗି ପରାମର୍ଶ ଦିଆଯାଇଛି। ଡେଙ୍ଗୁ ନିୟନ୍ତ୍ରଣ ଲାଗି ପ୍ରତି ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ କରାଯିବ।

**ରିଜୱାନ କିଅକପ୍, ପୌର ନିର୍ବାହୀ ଅଧିକାରୀ**

"କେଉଁଠି ଡ୍ରେନର ସ୍ଥିତି କ'ଣ ରହିଛି, ତାହା ଜଣାଇବାକୁ କାଉନସିଲରମାନଙ୍କୁ କହିଛି। ପ୍ରାଥମିକ ପର୍ଯ୍ୟାୟରେ ୱାଟର ଲଗିଙ୍ଗ ସମସ୍ୟା ରହିଥିବା ଅଞ୍ଚଳ ଡ୍ରେନ ସଫା କରାଯିବ। ପର୍ଯ୍ୟାୟକ୍ରମେ ସମସ୍ତ ଡ୍ରେନର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯିବ।

**କନକଲକ୍ଷ୍ମୀ ମହାନ୍ତି, ପୌରାଧକ୍ଷା**

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ



ଜଟଣୀ,୪।୭(ରବୀନ୍ଦ୍ର ନାଥ ମହାକୁଡ଼): ଜଟଣୀ ଥାନା ପୋଲିସ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋଡ଼ାଧର୍ମସାଗର ତାରିଣୀ ମନ୍ଦିର ଅଞ୍ଚଳର ମୁନା ନାୟକ(୩୨)। ତାଙ୍କ ନିକଟରୁ ୮.୭୦ ଗ୍ରାମ ବ୍ରାଉନ୍‌ସୁଗାର ଓ ୧୧୨୦ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ମାମଲା (ନଂ.୨୪୬/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ବ୍ରାଉନ୍‌ସୁଗାର କାରବାର ହେଉଥିବା ନେଇ ଜଟଣୀ ପୋଲିସକୁ ସୂଚନା ମିଳିଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସ୍ଥାନୀୟ ମା' ଖୁଣ୍ଟିଆଳିଙ୍କ ମନ୍ଦିର ନିକଟରେ ଚଢ଼ାଉ କରି ମୁନାଙ୍କୁ ଧରିବା ସହ ବ୍ରାଉନ୍‌ସୁଗାର ଓ ଟଙ୍କା ଜବତ କରିଥିଲା। ତେବେ ପଚରାଉଚରା ବେଳେ ସେ ବ୍ରାଉନ୍‌ସୁଗାର ବେପାର କରୁଥିବା ସ୍ୱୀକାର କରିଥିଲା ବୋଲି ପୋଲିସ କହିଛି।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବେଗୁନିଆ,୪।୭(ହର ପ୍ରସନ୍ନ ପଣ୍ଡା): ଖୋର୍ଦ୍ଧା ଜିଲା ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ସୋମବାର ବିଳମ୍ବିତ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ହରିପୁର ଗ୍ରାମର କୃପାସିନ୍ଧୁ ପ୍ରଧାନ(୩୨)। ସୂଚନା ମୁତାବକ, କୃପାସିନ୍ଧୁ ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ବିପରୀତ ପଟୁ ଆସୁଥିବା ଏକ ଟ୍ରକ୍ କୃପାସିନ୍ଧୁଙ୍କ ବାଇକ୍‌କୁ ଧକ୍କାଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କୃପାସିନ୍ଧୁଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ବେଗୁନିଆ,୪।୭(ହରପ୍ରସନ୍ନ ପଣ୍ଡା): ଖାର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢ଼ିଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକ୍‌ରେ ମାଙ୍କଡ଼ା ପଥର, ମୋରମ, କଳାମୁଗୁନି ଓ ବଉଳମାଳା ପଥର ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ବେଗୁନିଆ ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଏକ ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ କଦାମଲ୍ଲ ଗ୍ରାମର ଅର୍ଜୁନ ସ୍ୱାଇଁ। ଏନେଇ ଥାନାରେ ଏକ ମାମଲା (ନଂ.୨୧୯/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ମିନି ଟ୍ରକ (ଓଆର ୦୨ଏଏମ୍ ୭୦୫୩)ରେ ମାଙ୍କଡ଼ା ପଥର ଚାଲାଣ ହେଉଥିଲା। କୁଶପଲ୍ଲା ଗ୍ରାମ ନିକଟରୁ ପୋଲିସ ଏହି ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ୍‌କୁ ଜବତ କରିଥିଲା।

### ଭାଜପାର ଗୃହ ସମ୍ପର୍କ ଅଭିଯାନ

ବାଣପୁର,୪।୭(ଶଙ୍କର ବସ୍ତି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଚିଲିକା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଜାରି ରହିଛି ଗୃହ ସମ୍ପର୍କ ଅଭିଯାନ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଗୃହ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ଆୟତପୁର ପଞ୍ଚାୟତର ବେଲେଡିହ, ପାଳଧୁଆପଲି, ହରିଜନ ସାହି, ଗୋପୀନାଥ ପ୍ରସାଦ ଆଦି ଗ୍ରାମଗୁଡିକରେ ଗୃହ ସମ୍ପର୍କ ଅଭିଯାନ କରାଯାଇଥିବା ଜିତେନ୍ଦ୍ର ନାଥ ଭୋଳ ଜଣାଇଛନ୍ତି। ଖୋର୍ଦ୍ଧା ଜିଲା ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଆୟତପୁର ସରପଞ୍ଚ ପ୍ରଭାଶିଷ ପ୍ରଧାନ, ଡ. ସୁରେନ୍ଦ୍ର ନାଥ ଦାସ, ଭାଜପା ନେତା ଜିତେନ୍ଦ୍ର ନାଥ ଭୋଳଙ୍କ ସମେତ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ।

## ଲାବୋରେଟାରି ଟେକ୍ନିସିଆନଙ୍କ ବଦଳି ଦାବି

ବୋଲଗଡ଼,୪।୭ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ଲାବୋରେଟାରି ଟେକ୍ନିସିଆନ(ଏଲ୍‌ଟି)ଙ୍କୁ ବଦଳି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଲାବୋରେଟାରି ଟେକ୍ନିସିଆନ ଜଣଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷା ପାଇଁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିଥା'ନ୍ତି। ଫଳରେ ସେମାନେ ବାହାରେ ପରୀକ୍ଷା କରାଉଛନ୍ତି। ଏପରିକି ଟେକ୍ନିସିଆନ ଜଣଙ୍କ ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବାରୁ ପରୀକ୍ଷାଗାର ମଧ ଠିକ୍ ସମୟରେ ଖୋଲି ନ ଥାଏ। ଶୀଘ୍ର ରିପୋର୍ଟ ବନାଇବା ଆଳରେ ଅର୍ଥ ଦାବି କରିଥା'ନ୍ତି। ଏଥିସହ ପରୀକ୍ଷଣ ପାଇଁ ଆସୁଥିବା କେମିକାଲ ଓ ଅନ୍ୟାନ୍ୟ ସାମଗ୍ରୀ ବାହାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ତେଣୁ ସମ୍ପୃକ୍ତ ଲାବୋରେଟାରି ଟେକ୍ନିସିଆନଙ୍କୁ ବଦଳି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏହାର ନକଲ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ସମ୍ପୃକ୍ତ ଲାବୋରେଟାରି ଟେକ୍ନିସିଆନ ଖଣ୍ଡନ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଦେବଦତ୍ତ ଦାସ କହିଛନ୍ତି, ଅଭିଯୋଗର ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି।



ଜଟଣୀ: ମଙ୍ଗଳବାର ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ କଳାକାରମାନେ।

## ଲୋକକଳାର ପ୍ରସାର ଉପରେ ଗୁରୁତ୍ୱ

ଜଟଣୀ,୪।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀର ସାଂସ୍କୃତିକ ଏବଂ ସାମାଜିକ ଗଣମାଧ୍ୟମ ଅନୁଷ୍ଠାନ ଡିଏମ୍‌ଭିର ପ୍ରତିଷ୍ଠାତା ଦେବାଶିଷ ମହାପାତ୍ରଙ୍କ ନେତୃତ୍ୱରେ ମା' ଡମଣେଇ ମନ୍ଦିର ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରରେ ରଜ ମହାସଂଗ୍ରାମ, ଲଙ୍କାପୋଡ଼ି ପ୍ରତିଯୋଗିତା-୨୦୨୩ର ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫ଟି ଗ୍ରାମ ଅଂଶଗ୍ରହଣ କରି ନିଜ ନିଜର ଲୋକକଳା ପ୍ରଦର୍ଶନ କରିଥିଲେ। ଜନସାଧାରଣଙ୍କ ଦ୍ୱାରା ସର୍ବାଧିକ ଭୋଟ୍ ପାଇ ଜଟଣୀ ବଡ଼ନୂଆଗାଁସ୍ଥିତ ନୀଳକଣ୍ଠେଶ୍ୱର ରାମନାଟକ କମିଟି ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ଗୁଛଳ, କୁଦିଆରୀ ରଙ୍ଗଣୀସାହି, ବରପଦା, ଭୀମପୁର ଗ୍ରାମର ରାମନାଟକ ଦଳ ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର ଅହଲ୍ୟା ବେହେରା ଓ ଜଟଣୀସ୍ଥିତ ବାଛରା ଗ୍ରାମର ବୟୋଜ୍ୟେଷ୍ଠ ହନୁମାନ କଳାକାର କାଶୀନାଥ ନାୟକ ଅଂଶଗ୍ରହଣ କରି ସମସ୍ତଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଆମନ୍ତ୍ରିତ ଅତିଥିମାନେ ଆୟୋଜକଙ୍କ ଏଭଳି ଚେଷ୍ଟା ପ୍ରଶଂସନୀୟ ବୋଲି କହିଥିଲେ।

## ରାମେଶ୍ୱର ହାଇସ୍କୁଲର ବାର୍ଷିକୋତ୍ସବ

ନିରାକାରପୁର,୪।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଥିବା ରାମେଶ୍ୱର ହାଇସ୍କୁଲର ବାର୍ଷିକ ଉତ୍ସବ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିଡ୍ମା ମାନ୍ଧାତା, ମୁଖ୍ୟବକ୍ତା ନିରାକାରପୁର କଲେଜର ଇଂଲିଶ ଅଧାପକ ଡ. ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥି ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ରାମେଶ୍ୱର ସରପଞ୍ଚ ରଞ୍ଜିତା ଜଗଦେବ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଆଗାମୀ ଦିନର ଭବିଷ୍ୟତ। ଏମାନେ ଭଲ ମଣିଷ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ




ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ୫-ଟି ଉପରେ ଆଧାରିତ ଶିଖଣୀୟ ସାଂସ୍କୃତିକ ନାଟକ 'ସାବିଦ୍ୟା-ଯାବିମୁକ୍ତୟେ' ହୃଦୟସ୍ପର୍ଶୀ ହୋଇପାରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସଂଘମିତ୍ରା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ବିଜୟ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଗଛକଟାକୁ ବିରୋଧ



କଟାଯାଉଥିବା ଗଛ।

ବୋଲଗଡ଼,୪।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ଗେଡ଼ିଆପଲ୍ଲୀ ପଞ୍ଚାୟତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ ଅର୍ଥରାଶି ମଞ୍ଜୁର ହୋଇଛି। ତେବେ ଉକ୍ତ ଗୃହ ଏହି ପଞ୍ଚାୟତ ଅଧୀନ ଶାମୁକାପାଟଣା ଗ୍ରାମ ୪୧୫ ନମ୍ବର ପ୍ଲଟରେ ନିର୍ମାଣ ପାଇଁ ସ୍ଥିର ହୋଇଛି। ଏହି ପ୍ଲଟଟି ମୋଟ ୭୫୦ ଡିସିମିଲ ହୋଇଥିବା ବେଳେ ଏହି ଗୃହ ନିର୍ମାଣ ପାଇଁ ୧୦୦ ଡିସିମିଲ ଜାଗାକୁ ବିଭାଗୀୟ ଅଧିକାରୀମାନେ ଚିହ୍ନଟ କରିଛନ୍ତି। ତେବେ ଚିହ୍ନଟ ଜାଗା ଉପରେ ୨ଟି ବର ଏବଂ ଓସ୍ତ ଗଛ ରହିଛି। ଏଠାରେ ସକାଳ ଓ ସନ୍ଧ୍ୟାରେ ଧୂପ ଦିଆଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଏପରିକି ଏହି ଗଛ କଟିଲେ ଅଞ୍ଚଳ ପ୍ରତି ଖରାପ ପ୍ରଭାବ ପଡିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ପ୍ରସନ୍ନ ପଣ୍ଡା, ସନ୍ତୋଷ ପାଣିଗ୍ରାହୀ, ଅଜୟ ସ୍ୱାଇଁ, ବିଚିତ୍ର ସ୍ୱାଇଁ, ରବି ମହାରଣାଙ୍କ ସମେତ ଅନ୍ୟମାନେ ଗଛକଟା ବନ୍ଦ କରି ଉପରୋକ୍ତ ପ୍ଲଟର ଅନ୍ୟ ୬୫୦ ଡିସିମିଲ ଜାଗାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ଜାଗା ଚିହ୍ନଟ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ସ୍ଥାନୀୟ ବିଡିଓଙ୍କୁ ମଧ ଅବଗତ କରାଯାଇଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

ଖୋର୍ଦ୍ଧା,୪।୭(ପ୍ରଭାତ ପାଣିଗ୍ରାହୀ)

ସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ(+୨ ଓ +୩) ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସଂଘ ଖୋର୍ଦ୍ଧା ଆନୁକୂଲ୍ୟରେ ଏକ ବୈଠକ ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେଢ଼ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ। ଅଧ୍ୟାପିକା, ଅଧ୍ୟାପକମାନେ ଦୀର୍ଘ ୧୫ବର୍ଷ ଧରି କାମ କରୁଛନ୍ତି। ପାଠପଢ଼ା, ପରିଚାଳନା ଦିଗରେ ମଧ ସହଯୋଗ କରୁଛନ୍ତି। ନିୟମିତ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି। ଏହାର ପ୍ରତିବାଦରେ ସଂଘ ରାଜରାସ୍ତାକୁ ଓହ୍ଲାଇଥିଲା। ଦାବି ପୂରଣ ନ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ଏବଂ ଛାତ୍ରମାନଙ୍କୁ ମଧ ସାମିଲ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଖୋର୍ଦ୍ଧା ଜିଲା ସଭାପତି ଡ. ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ପାଦକ ଡ. ସୁକାନ୍ତ ବେହେରା, ଯୁଗ୍ମ ସମ୍ପାଦିକା ଲକ୍ଷ୍ମୀପ୍ରିୟା ସ୍ୱାଇଁ, କୋଷାଧକ୍ଷ ସୁଶୀଲ କୁମାର ମହାପାତ୍ର, ଆବାହକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, କବିତା ସ୍ୱାଇଁ, ଡ. ସୁକାନ୍ତି ମହାପାତ୍ର, ଅଜିତ୍ କୁମାର ଦାଶ, ବନ୍ଧନ ସାହୁ, ନିରଞ୍ଜନ ମାଟି ପ୍ରମୁଖଙ୍କ ସହ ସମସ୍ତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

## ସମନ୍ୱୟ ରହିଲେ ଯୋଜନା ସଫଳ ହେବ

### ଜିକେଏସ୍ ଖର୍ଚ୍ଚ ପାଣ୍ଠି ସମ୍ପର୍କିତ ବୈଠକ

ଖୋର୍ଦ୍ଧା,୪।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ଗାଁ କଲ୍ୟାଣ ସମିତି(ଜିକେଏସ୍)ର ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ଖୋଲାପାଣ୍ଠି ଖର୍ଚ୍ଚ ପାଇଁ ପ୍ରସ୍ତାବିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ, ସ୍ୱାସ୍ଥ୍ୟ ଦିବସ (ପ୍ରତ୍ୟେକ ମାସର ଶେଷ ଗୁରୁବାର)ରେ ସମିତିର ବୈଠକ ଆୟୋଜନ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରମୁଖ ଦିବସ ଯଥା ନିରାପଦ ମାତୃତ୍ୱ ଦିବସ(୧୧ ଏପ୍ରିଲ), ବିଶ୍ୱ ସ୍ତନ୍ୟପାନ ଦିବସ(୧ରୁ ୭ ଅଗଷ୍ଟ), ବିଶ୍ୱ ସ୍ୱାସ୍ଥ୍ୟ ଦିବସ(୭ ଏପ୍ରିଲ), ବିଶ୍ୱ ଏଡ୍‌ସ ଦିବସ(୧ ଡିସେମ୍ବର), ଗାଁ କଲ୍ୟାଣ ସମିତି ରେକର୍ଡପତ୍ର, ଗାଁରେ ଅଳିଆ ଆବର୍ଜନା କୁଣ୍ଡ ବସାଇବା, ସେଗୁଡିକ ପରିଚାଳନା, ଗ୍ରାମର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଫଳକ(ସ୍ୱାସ୍ଥ୍ୟ କାନ୍ଥ), ଗାଁର ମୁଖ୍ୟ ସ୍ଥାନମାନଙ୍କରେ ଜରୁରୀ ଫୋନ୍ ନମ୍ବର ଲେଖିବା, ଜରୁରିକାଳୀନ ସେବା(ଗରିବ ଶ୍ରେଣୀଭୁକ୍ତ ଅସୁସ୍ଥ, ଅନାଥ କିମ୍ବା ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କୁ) ପ୍ରଦାନ, ଗୋଷ୍ଠୀସ୍ତରରେ ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟ ଜୀବାଣୁଜନିତ ରୋଗ ନିରାକରଣ ପାଇଁ କାର୍ଯ୍ୟକ୍ରମ ଆୟୋଜନ, ନଳକୂପ ଚାରିପଟ ଚଉତରା ଓ ଆବଶ୍ୟକ ମତେ ପୁନରୁଦ୍ଧାର, ମହାମାରୀ ସମ୍ବନ୍ଧୀୟ ସୂଚନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇବା, ଆଶାକର୍ମୀଙ୍କ ସାଇକେଲ ମରାମତି ପାଇଁ ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ ଖର୍ଚ୍ଚ ଗାଁ କଲ୍ୟାଣ ସମିତି ଦ୍ୱାରା ଅନୁମୋଦିତ ହେବା ସହ ସମିତି ବିବରଣୀ ପୁସ୍ତିକାରେ ଲିପିବଦ୍ଧ ହୋଇଥାଏ। ଏ ସଂକ୍ରାନ୍ତୀୟ ଖର୍ଚ୍ଚ ତାଲିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତିତ୍ୱ କରି କହିଥିଲେ, ଜିକେଏସ୍ ଜରିଆରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, ସ୍ୱାସ୍ଥ୍ୟ ଓ ମହାମାରୀ ସମ୍ବନ୍ଧିତ ସୂଚନା, ବାଳିକା ଓ କିଶୋରୀ ସ୍ୱାସ୍ଥ୍ୟ ଯତ୍ନ, ସଂକ୍ରମଣ ଓ ଅଣସଂକ୍ରମଣ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ କହିଥିଲେ। ପ୍ରତି ମାସରେ ବ୍ଲକସ୍ତରରେ ସମୀକ୍ଷା ବୈଠକ ଆୟୋଜନ କରାଯିବ। ଏଥିରେ ମେଡିକାଲ ଅଫିସର, ଜିପିଓ, ସିଡିପିଓ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଜିକେଏସ୍ ଖୋଲାପାଣ୍ଠି ଖର୍ଚ୍ଚ ସମ୍ପର୍କରେ ଆଲୋଚନା କରାଯିବ। ସହଭାଗିତା, ସମନ୍ୱୟ ରହିଲେ ଯୋଜନା ସଫଳ ହେବ ବୋଲି ଜିଲାପାଳ କହିଥିଲେ।

ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଡିପିଏମ୍ ପ୍ରକାଶ ବାନାର୍ଜୀ, ତ୍ରିଶୂଳ ରାଉଳ, ଆର୍‌ବିଏସ୍‌କେ ମ୍ୟାନେଜର ଅନିତା ରାଉତ, ମୀନାକ୍ଷୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଆଶା କୋ-ଅର୍ଡିନେଟର ରୋଜାଲିନ ମହାପାତ୍ର ଏ ସମ୍ବନ୍ଧିତ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓଙ୍କ ସମେତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

# କେନାଲରେ ପାଣି ନାହିଁ, ଚାଷଜମି ଶୁଖିଲା

ସାକ୍ଷୀଗୋପାଳ,୪।୭
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଜୁନ ଶେଷ ହୋଇ ଜୁଲାଇ ଆରମ୍ଭ ହୋଇଗଲାଣି। କିନ୍ତୁ ଚାଷୀ ତା'ର ଜମିରେ ଏପର୍ଯ୍ୟନ୍ତ ତଳି ପକାଇପାରି ନାହିଁ। ଚଳିତ ବର୍ଷ ବିଳମ୍ବିତ ମୌସୁମୀ ପ୍ରବେଶ ସହ ସ୍ୱଳ୍ପ ବର୍ଷା ଯୋଗୁ ଚାଷୀମାନେ ନିଜ କ୍ଷେତରେ ଚାଷ ଠିକ୍ ଭାବେ କରିପାରିନାହାନ୍ତି। ପାଣି ଅଭାବରୁ ଚାଷ କାର୍ଯ୍ୟ ହୋଇପାରୁ ନ ଥିବାରୁ ସତ୍ୟବାଦୀ ବ୍ଲକରେ ଜମି ସବୁ ଶୁଖିଲା ପଡ଼ିଛି। ପାଣି ପାଇଁ ଚାଷୀମାନେ ଚିନ୍ତାରେ ଅଛନ୍ତି। ସୂଚନା ଅନୁଯାୟୀ, ସତ୍ୟବାଦୀ ବ୍ଲକରେ ଥିବା ଚାଷଜମି ମଧ୍ୟରୁ ପ୍ରାୟତଃ ୯୦ ପ୍ରତିଶତ ଜମିରେ ଏପର୍ଯ୍ୟନ୍ତ ଚାଷୀ ପ୍ରାରମ୍ଭିକ ଚାଷ କାର୍ଯ୍ୟ କରିନାହିଁ। ବ୍ଲକରେ ଥିବା ଚାଷ ଜମି କେବଳ ମୌସୁମୀ ବର୍ଷା ଉପରେ ନିର୍ଭର ନ କରି କେନାଲ ପାଣି, ନିକଟସ୍ଥ ଯୋର, ପୋଖରୀ, ଲିଫ୍ଟ, ପ୍ରବାହିତ ନଦୀର ଜଳ ଦ୍ୱାରା ଖରିଫ ଚାଷ ପାଇଁ ଜମିକୁ ହଳ କରି ସଫାସୁତରା ରଖିବା ସହିତ ତଳି ପ୍ରସ୍ତୁତ କରିଥାଏ। ଏହି ତଳି ମୌସୁମୀ ବର୍ଷା ଆରମ୍ଭ ହେଲେ ତାକୁ ନିଜ କ୍ଷେତରେ ରୋପଣ କରିଥାଏ। ମାତ୍ର ସତ୍ୟବାଦୀ ବ୍ଲକରେ ରହିଥିବା ୫୫ ପ୍ରତିଶତ ଚାଷ ଜମି କେନାଲ ପାଣି ଦ୍ୱାରା ଚାଷ କାର୍ଯ୍ୟ ହେଉଥିବା ସହ ଶତ ପ୍ରତିଶତ ଚାଷୀ ଜଳକର ଦେଉଥିଲେ ମଧ୍ୟ ଅନେକ ସମୟରେ ପାଣିର ଘୋର ଅଭାବ ରହୁଛି। କେଉଁଠି ଜଳ ପ୍ରକଳ୍ପ ଅଚଳ ପଡ଼ିଥିବାବେଳେ ଅନ୍ୟ କେଉଁଠି ପାଣି ଠିକ୍ ଭାବେ ଆସୁ ନାହିଁ। ଏପରିକି ଜଳସେଚନ ବିଭାଗ ଓ କୃଷି ବିଭାଗର ଖାମଖିଆଲି ମନୋଭାବ ଓ ଚାଷୀଙ୍କ ସହ ବିଭାଗୀୟ ଅଧିକାରୀଙ୍କ ସମନ୍ୱୟ ଅଭାବ ରହୁଛି। କୃଷି ଅଧିକାରୀମାନେ କୃଷିକ୍ଷେତ୍ର ପରିଦର୍ଶନ ନ କରି ଚାଷୀଙ୍କ ସମସ୍ୟା ବୁଝୁ ନ ଥିବାରୁ ଚାଷ କାର୍ଯ୍ୟ ଆଗେଇପାରୁ ନାହିଁ। ଏ ନେଇ ଚାଷୀମାନେ ବିଭାଗୀୟ ସ୍ତରରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପାଣି ସମସ୍ୟାର ସମାଧାନ କରୁନାହାନ୍ତି। ଫଳରେ ଚାଷୀମାନେ ତଳି ନ ରୋଇପାରି ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ଜଳସେଚନ ବିଭାଗର ଅଧିକାରୀ ତନୁଜ କୁମାର ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।


ସତ୍ୟବାଦୀ ବ୍ଲକରେ ଶୁଖିଲା ପଡିଛି ଚାଷ ଜମି।

## ଏମାନେ ଯାହା କହନ୍ତି....

"ଚାଷୀଙ୍କ ସମସ୍ୟା ନେଇ ବାରମ୍ବାର ଆନ୍ଦୋଳନ କରୁଛୁ ଓ ପ୍ରତ୍ୟେକ ଆନ୍ଦୋଳନକୁ ଜିଲାପାଳ ଗୁରୁତ୍ୱ ଦେଇ ଜଳସେଚନ ବିଭାଗ ଓ କୃଷି ବିଭାଗର ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥାନ୍ତି। କିନ୍ତୁ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ପ୍ରତିବର୍ଷ ଚାଷ କାର୍ଯ୍ୟ ବିଭିନ୍ନ କାରଣରୁ ବାଧାପ୍ରାପ୍ତ ହେଉଛି। ଏପଟେ କେନାଲ ସଫେଇ, ସୁରକ୍ଷା ଓ ପାଣିପାଞ୍ଚାୟତ ନାଁରେ କୋଟି କୋଟି ଟଙ୍କାର ହେରଫେର ହେଉଥିବା ବେଳେ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉନାହିଁ। ଏଥିପାଇଁ ପୁଣି ଆନ୍ଦୋଳନ କରିବୁ।

**–ଗୋପୀନାଥ ମିଶ୍ର, ନୀଳାଚଳ କୃଷକ ମହାସଂଘ ସଭାପତି ତଥା ଆଇନଜୀବୀ**

"ମୌସୁମୀ ଆସିବାରେ ବିଳମ୍ବ ଏହାର ଏକ କାରଣ। କିନ୍ତୁ ଏଠାରେ ଥିବା ଜଳସେଚନ ଓ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସହଯୋଗ କରୁନାହାନ୍ତି। କେନାଲରେ ପାଣି ନ ଆସିବାରୁ ଚାଷ କାର୍ଯ୍ୟ ନିଶ୍ଚିତ ଭାବେ ପ୍ରଭାବିତ ହେବ। ଏଥିପ୍ରତି ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ।

**–ସୁଶାନ୍ତ ଶତପଥୀ, ସତ୍ୟବାଦୀ ବ୍ଲକ ସଭାପତି**

"ସରକାର ସବୁବେଳେ କହୁଛନ୍ତି ଚାଷୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ସତ୍ୟବାଦୀ ବ୍ଲକରେ ଆମେ ସବୁବେଳେ ଅବହେଳାର ଶିକାର ହେଉଛୁ। ଜଳ ଏବେ ମୁଖ୍ୟ ସମସ୍ୟା ଥିବାରୁ ତଳି ରୋଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛୁ। ବିଭାଗ ପକ୍ଷରୁ ଯଥାଶୀଘ୍ର ଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉ।

**–ଗୁଣନିଧି ପରିଡ଼ା, ଚାଷୀ**

"ଏଇଟା କେବଳ ଏଠିକାର ନୁହେଁ ସାରା ରାଜ୍ୟର ସମସ୍ୟା। ମୌସୁମୀ ବିଳମ୍ବ ଯୋଗୁ ଜଳର ଅଭାବ ରହୁଛି। ଚାଷୀମାନଙ୍କ ସହଯୋଗରେ ଆମେ ସବୁବେଳେ ଅଛୁ। ଆମ ହାତରେ କିଛି ନାହିଁ। ଉପର ସ୍ତରରେ ଜଳ ଛଡ଼ାଗଲେ କେନାଲର ମେନ ବ୍ରାଞ୍ଚକୁ ଜଳ ଆସିବ। ଏଠି ଆସିଲେ ହିଁ ଆମେ ତଳ ସ୍ତରରେ ଜଳ ଛାଡ଼ିପାରିବୁ। ଏପର୍ଯ୍ୟନ୍ତ ପାଣି ଆସିବା ନେଇ କୌଣସି ସୂଚନା ଆସି ନାହିଁ।

**–ସୁରେଶ କୁମାର ସାହୁ, ଜଳସେଚନ ବିଭାଗ ଜେଇ**

## କେନାଲରେ ପାଣି ଛାଡ଼ିବା ପାଇଁ ଦାବି

ବଳଙ୍ଗା,୪।୭(କେଦାରେଶ୍ୱର ନନ୍ଦ)

ଚଳିତ ବର୍ଷ ମୌସୁମୀ ବର୍ଷା ଦେଖା ନ ଥିବା ବେଳେ ବଳଙ୍ଗା ଜଳସମ୍ପଦ ବିଭାଗ ଅଧୀନରେ ଥିବା ଚନ୍ଦନପୁର ଶାଖା କେନାଲ ଓ ନୂଆଗାଁ କେନାଲରେ ଏପର୍ଯ୍ୟନ୍ତ ପାଣି ଆସି ନାହିଁ। ଫଳରେ ପାଣି ଠିକ୍ ଭାବେ ନ ପାଇ ବଳଙ୍ଗା ଅଞ୍ଚଳରେ ଏବେ ଧାନଚାଷୀ ଚିନ୍ତାରେ ଅଛନ୍ତି। ଗୋଟିଏ ପଟେ ଧାନ ଚାଷ ପାଇଁ ତଳି ପ୍ରସ୍ତୁତ ହୋଇପାରୁ ନ ଥିବାବେଳେ ଏଭଳି ସ୍ଥିତି ପାଇଁ ବଳଙ୍ଗା ଜଳସମ୍ପଦ ବିଭାଗକୁ ଦାୟୀ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ। ଦୀର୍ଘଦିନ ଅପେକ୍ଷା କରିବା ପରେ ଏବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ଚାଷୀ। ଧାନ ଚାଷ ପାଇଁ ତୁରନ୍ତ କେନାଲରେ ପାଣି ଛାଡ଼ିବା ପାଇଁ ଅଞ୍ଚଳର ଚାଷୀମାନେ ମଙ୍ଗଳବାର ପୂର୍ବାହ୍ନରେ ଜଳସମ୍ପଦ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ୭ ତାରିଖ ମଧ୍ୟରେ କେନାଲରେ ପାଣି ଛଡା ନ ଯାଏ, ତେବେ ଆସନ୍ତା ୮ ତାରିଖ ଶନିବାର ବଳଙ୍ଗା ଜଳସମ୍ପଦ ଅଫିସ ସମ୍ମୁଖରେ ଆମରଣ ଅନଶନ କରାଯିବା ପାଇଁ ବଳଙ୍ଗା ଅଞ୍ଚଳର ଚାଷୀ କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁକାନ୍ତ ବରାଳ, ସମିତି ସଭ୍ୟ ପ୍ରକାଶ କୁମାର ସାହୁ, ପାଣି ପଞ୍ଚାୟତ ସଭାପତି ବ୍ରଜମୋହନ ଲେଙ୍କା, କୃପାସିନ୍ଧୁ ଦତ୍ତ ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।




୪।୭।୨୦୨୩

| | |
|---|---|
| ୫,୩,୯୯୦ ଟଙ୍କା | |
| ସୁନା | ୮୩୦ ମିଲିଗ୍ରାମ୍ |
| ରୁପା | ୧୦ ଗ୍ରାମ୍ |

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୩ଲକ୍ଷ ନେଇଗଲେ

କୋଣାର୍କ୪।୭(ଜ୍ୟୋତିରାଜ ମହାନ୍ତି)
ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ କୋଣାର୍କ ଥାନା ଅଧୀନ ଜଣେଇ ବଜାରଠାରେ ଲୋକଙ୍କ ସାମ୍ନାରେ ୩ଲକ୍ଷ ଲୁଟି ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ବନାଖଣ୍ଡି ଗ୍ରାମର ଅଜୟ ବରାଳ ବ୍ୟାଙ୍କରୁ ୩ଲକ୍ଷ ଉଠାଇ ବାଇକ୍ ଡିକିରେ ରଖି ଘରକୁ ଯାଉଥିବାବେଳେ ନିକଟସ୍ଥ ଜୁଣେଇ ବଜାରରେ ବାଇକ୍ ରଖି ଥଣ୍ଡା ପିଉଥିଲେ। ଥଣ୍ଡା ପିଇସାରି ବାଇକ ପାଖକୁ ଆସିଲା ବେଳକୁ ଡିକି ଭାଙ୍ଗି ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ଘଟଣାସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ଏହାର ଛାନଭିନ ଆରମ୍ଭ କରିଛି। ଲୁଟ ସମ୍ପର୍କରେ ସିସିଟିଭି ଯାଞ୍ଚ କରାଯିବା ପରେ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଅବ୍ୟାହତ ରହିଛି ବୋଲି କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା କହିଛନ୍ତି। କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳର ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି। ଅଜୟ ନିଜ ସମ୍ପର୍କୀୟଙ୍କ ବିବାହ ଉତ୍ସବ ନିମନ୍ତେ ଏହି ଟଙ୍କା ବ୍ୟାଙ୍କରୁ ଉଠାଇଥିଲେ ବୋଲି ଜଣାପଡ଼ିଛି।

### ଘରୋଇ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୫୪ ହଜାର ଲୁଟ୍

ନିମାପଡ଼ା,୪।୭(ବିଚିତ୍ରାନନ୍ଦ ସାହୁ)-
ବଳଙ୍ଗା ମୁଖ୍ୟ ରାସ୍ତାର ନହନ୍ତରା ଛକ ନିକଟ ଏକ ନିକାଞ୍ଚନ ସ୍ଥାନରେ ମଙ୍ଗଳବାର ନିମାପଡ଼ାସ୍ଥିତ ଘରୋଇ ବ୍ୟାଙ୍କ କର୍ମଚାରୀଙ୍କୁ ୨ ଦୁର୍ବୃତ୍ତ ମାଡ଼ ମାରି ୫୪ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ କର୍ମଚାରୀ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବ୍ୟାଙ୍କ କର୍ମଚାରୀ ତୁଷାରକାନ୍ତ ଭୋଇ ବାଇକ୍ ଯୋଗେ ଗ୍ରୁପ ଟଙ୍କା କଲେକ୍ସନ କରି ନିମାପଡ଼ା ଅଭିମୁଖେ ଅପରାହ୍ନରେ ଫେରୁଥିଲେ। ତାଙ୍କୁ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ପିଛା କରି ନହନ୍ତରା ଛକ ନିକଟରେ ଅଟକାଇ ଥିଲେ। ତାଙ୍କୁ ମାଡ଼ ମାରି, ମାରଣାସ୍ତ୍ର ଦେଖାଇ ହାଣିଦେବାକୁ ଧମକ ଦେଇ ତାଙ୍କଠାରୁ ନଗଦ ୫୪ ହଜାର ୪ ଶହ ଟଙ୍କା, ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ରେଜିଷ୍ଟର ଥିବା ବ୍ୟାଗ୍ ଲୁଟି ନେଇଥିଲେ। ଦୁର୍ବୃତ୍ତଙ୍କ ମାଡ଼ରେ କର୍ମଚାରୀ ବାଇକ୍‌ରୁ ଖସି ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।


ପୁରୀ: ତିନିରଥରେ ଲାଗିଥିବା କପଡ଼ା ଓ ଦଧିନଉତିକୁ ଖୋଲାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ପ୍ରଚାର ନାମରେ ଶ୍ରୀଜଗନ୍ନାଥଙ୍କୁ ଅବମାନନା

ପିପିଲି,୪।୭(ପ୍ରଭାତ ମହାପାତ୍ର)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଓଭରବ୍ରିଜ ବାଇପାସ୍‌ଠାରେ ରଥରେ ବସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅବହେଳିତ ଦୃଶ୍ୟ ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରୁଛି। ଏକ ସଂସ୍ଥା ପକ୍ଷରୁ ଓଡ଼ିଶାବାସୀଙ୍କୁ ରଥଯାତ୍ରା ଉପଲକ୍ଷେ ଶୁଭେଚ୍ଛାର ପ୍ରଚାର ନିମନ୍ତେ ଏକ ଅବିକଳ ନନ୍ଦିଘୋଷ ରଥ ତିଆରି କରାଯାଇ ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ ସ୍ଥାପନା କରାଯାଇଛି, ଯାହା ତାଙ୍କ ପ୍ରତି ଅବମାନନାକୁ ଦର୍ଶାଉଛି। ସ୍ଥାନୀୟ ବାଇପାସରେ ଥିବା ଦୋକାନୀ ଗୟାଧର ବେହେରାଙ୍କ କହିବା ମୁତାବକ, ଗୁଣ୍ଡିଚା ପୂର୍ବ ରାତିରେ ଏହି ରଥ ସୁସଜ୍ଜିତ କରି ବାଇପାସଠାରେ ରଖାଯାଇଛି। ସେହିଦିନଠାରୁ ଜଗନ୍ନାଥ ଖୋଲାମେଲାରେ ଥିବା ହେତୁ ସେ ଦୁଃଖ ପ୍ରକାଶ କରିବା ସହ ନିରୁପାୟ ହୋଇ ସବୁ ଦିନ ଠାକୁରଙ୍କୁ ଫୁଲଧୂପ ଦେଉଥିବା ସେ କହିଛନ୍ତି। ପୁରୀ-ଭୁବନେଶ୍ୱର ରାସ୍ତାରେ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକ ଯାତାୟାତ କରୁଥିବାବେଳେ ସମସ୍ତଙ୍କ ନଜରକୁ ଏହି ରଥଟି ଆସିବା ସହ ପ୍ରଭୁ ଜଗନ୍ନାଥ ଅବହେଳିତ ହେଉଥିବା ବହୁ ବାଟୋଇ କହିଛନ୍ତି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ କୁଠାରା ଘାତ ହୋଇଛି ବୋଲି ସ୍ଥାନୀୟ ପତିତପାବନ ରଥଯାତ୍ରା କମିଟି ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଚାର ନାମରେ ଶ୍ରୀଜଗନ୍ନାଥଙ୍କୁ ବିନା ପୂଜାର୍ଚ୍ଚନାରେ ରାସ୍ତାକଡ଼ରେ ରହିବା ଭକ୍ତଙ୍କ ପାଇଁ ଅପମାନଜନକ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥଙ୍କୁ ବ୍ୟକ୍ତିଗତ ପ୍ରଚାରରେ ଲଗାଇ ଅବହେଳା ପୂର୍ବକ ଖରା, ବର୍ଷା ଅନ୍ଧାରରେ ରଖି ପଶୁପକ୍ଷୀଙ୍କ ଦ୍ୱାରା ଅପବିତ୍ର କରିବା କେତେଦୂର ଠିକ ବୋଲି ସ୍ଥାନୀୟ ଜଗନ୍ନାଥପ୍ରେମୀ ଅଭିଯୋଗ କରିଛନ୍ତି। ଉକ୍ତ ସଂସ୍ଥା ଗୁଣ୍ଡିଚାଠାରୁ ଏବେ ପର୍ଯ୍ୟନ୍ତ ସେହି ରଥରେ ବିଗ୍ରହ ରଥାରୂଢ ରହିଛନ୍ତି। କିନ୍ତୁ ନୀଳାଦ୍ରି ବିଜେ ପରେ ପ୍ରଭୁ ନିଜ ଆସ୍ଥାନକୁ ବାହୁଡି ଯାଇଥିଲେ ମଧ୍ୟ ଏବେ ସୁଦ୍ଧା ରଥ ଉପରେ ପ୍ରଭୁ ବିରାଜମାନକୁ ବିରୋଧ କରାଯାଇ ତୁରନ୍ତ ଉକ୍ତ ସଂସ୍ଥା ବିଗ୍ରହଙ୍କୁ ସସମ୍ମାନେ ସ୍ଥାନାନ୍ତର କରିବାକୁ ଦାବି ହେଉଛି।



## ଠାକୁର ନିଗମାନନ୍ଦ ଦେବଙ୍କ ନୂତନ ଆସନ ମନ୍ଦିର ପ୍ରତିଷ୍ଠା

ନିମାପଡ଼ା, ୪।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଚାରିଛକସ୍ଥିତ ଜୟଗୁରୁ ମନ୍ଦିର ପରିସରରେ ଠାକୁର ଶ୍ରୀଶ୍ରୀ ନିଗମାନନ୍ଦ ଦେବଙ୍କ ନୂତନ ଆସନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଧାର୍ମିକ ସମାରୋହରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱର୍ଣ୍ଣରଶ୍ମୀ ସାହୁ, ପୂର୍ବତନ ଅଧ୍ୟକ୍ଷ ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ପ୍ରଧାପିକା ପୁଷ୍ପମିତ୍ରା ପଟ୍ଟନାୟକ, ପ୍ରଫେସର କଲ୍ୟାଣୀ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଭାତ ମିଶ୍ର, ନିରଞ୍ଜନ କର, ଲକ୍ଷ୍ମୀଧର ନାୟକ, ରାମଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଠାକୁରଙ୍କ ସାନିଧ୍ୟ ଲାଭ କରିବା ସହ ସମାରୋହର ସଫଳ କାମନା କରିଥିଲେ। ଏହି ଅବସରରେ ଠାକୁରଙ୍କ ମନ୍ଦିରରେ ଶହଶହ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

## ବ୍ୟାପୁଛି ଜ୍ୱର, ଆଖିଧରା ରୋଗ

କଣାସ,୪।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଅଧିକାଂଶ ଲୋକ ଝାଡ଼ାବାନ୍ତି, ଚର୍ମରୋଗ, ଜ୍ୱର ଓ ଆଖିଧରା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରତ୍ୟେକ ଦିନ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମନ୍ଦାରବସ୍ତ, ବୀରକେଶପୁର, ସାହୁପଡ଼ା, ଗଡ଼ିଶାଗୋଦା, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଆଖିଧରା ଏକ ଛିଆଁରୋଗ ହୋଇଥିବାରୁ ଗାଁ ଗାଁରେ ଏହି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ରୌଦ୍ରତାପ ସାଙ୍ଗକୁ ନଦୀଜଳ ପ୍ରଦୂଷିତ ଯୋଗୁ ଜ୍ୱର, ଝାଡ଼ାବାନ୍ତି, ଚର୍ମରୋଗ ବ୍ୟାପୁଛି।

## ସମୁଦ୍ରରେ ଭାସିଯିବାବେଳେ ୫ ପର୍ଯ୍ୟଟକ ଉଦ୍ଧାର


ଲାଇଫ୍‌ଗାର୍ଡମାନଙ୍କ ଦ୍ୱାରା ସମୁଦ୍ରରୁ ଉଦ୍ଧାର ପର୍ଯ୍ୟଟକମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ, ୪।୭(ଅଜିତ୍ ମହାନ୍ତି)–

ପୁରୀ ସମୁଦ୍ରରେ ଭାସିଯାଉଥିବାବେଳେ ୫ଜଣ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ଏହି ପର୍ଯ୍ୟଟକମାନେ ବାହାର ରାଜ୍ୟର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, କେତେଜଣ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିଲେ। ମଙ୍ଗଳବାର ସେମାନେ ଗାଧୋଇବା ପାଇଁ ସମୁଦ୍ରକୁ ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ରେ ଦିଗବାରେଣୀ ସମ୍ମୁଖ ସମୁଦ୍ରରେ ସେମାନେ ସ୍ନାନ କରୁଥିଲେ। ଏହି ସମୟରେ ୫ଜଣ ପର୍ଯ୍ୟଟକ ହଠାତ୍ ସମୁଦ୍ର ଭିତରକୁ ଭାସିଯାଇଥିଲେ। ସେମାନଙ୍କ ପାଟି ଶୁଣି ସେଠାରେ ଉପସ୍ଥିତ ଥିବା ଲାଇଫ୍‌ଗାର୍ଡମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ପର୍ଯ୍ୟଟକମାନେ ହେଲେ ଉତ୍ତରପ୍ରଦେଶ ଆଗ୍ରାର ହରି ସିଂହ (୩୫), ହରିୟାଣାର ବିକାଶ ରାୟ (୩୪), ଝାଡ଼ଖଣ୍ଡର ବିଦେଶ ରାମ ରାୟ (୨୨), ଅମନ୍ ରାୟ (୨୨) ଏବଂ ଆସାମର ନିରଜ୍ ବୋରା (୪୦)। ଏମାନେ ଉଦ୍ଧାର ପରେ ସୁସ୍ଥ ଅଛନ୍ତି।

ଏ ନେଇ ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହାସଂଘର ସଭାପତି ବାଡ଼ି ଶିବା ରାଓ କହିଛନ୍ତି, ପ୍ରତିଦିନ ପୁରୀ ସମୁଦ୍ରରେ ବହୁ ପର୍ଯ୍ୟଟକ ସ୍ନାନ କରିଥାନ୍ତି। ତେବେ କରେଣ୍ଟ ଯୋଗୁ ଭାସିଯାଇ ଅନେକ ଆହତ ହୋଇଥାନ୍ତି। ଏପରିକି ମୃତ୍ୟୁମୁଖରେ ମଧ୍ୟ ପଡ଼ିଥାନ୍ତି। ଅଧିକାଂଶ ସମୟରେ ପର୍ଯ୍ୟଟକମାନେ ମଦ୍ୟପାନ କରି ସମୁଦ୍ର ଭିତରକୁ ଯାଉଛନ୍ତି ଏବଂ କରେଣ୍ଟ ଥିବାବେଳେ ଲାଇଫ୍ ଗାର୍ଡମାନଙ୍କ କଥା ମାନୁ ନ ଥିବାରୁ ଏଭଳି ଘଟଣା ଘଟୁଛି। ସେହିପରି ମହାସଂଘର ମୁଖ୍ୟ ଉପଦେଷ୍ଟା ସିଦ୍ଧାର୍ଥ ରାୟ କହିଛନ୍ତି, ଏପର୍ଯ୍ୟନ୍ତ ଲାଇଫ୍ ଗାର୍ଡମାନେ ପାରମ୍ପରିକ ବ୍ୟବସ୍ଥାରେ ଲାଇଫ୍‌ଗାର୍ଡିଂ କରୁଛନ୍ତି। ସେମାନଙ୍କୁ ଆଧୁନିକ ସୁବିଧା ଓ ଟ୍ରେନିଂ ବ୍ୟବସ୍ଥା ଯୋଗାଇ ଦିଆଯିବାର ଆବଶ୍ୟକତା ରହିଛି।

## ପ୍ରଦୀପ ମହାରଥୀଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର

ପିପିଲି,୪।୭(ଦୁର୍ଗାମାଧବ ମିଶ୍ର)

ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ଦିବଂଗତ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ୬୮ତମ ଜନ୍ମ ଜୟନ୍ତୀ ଅବସରରେ ପିପିଲି ବିଜେଡି କାର୍ଯ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସ୍ୱର୍ଗତ ମହାରଥୀଙ୍କ ସ୍ତ୍ରୀ ତଥା ପ୍ରାକ୍ତନ ଅଧାପିକା ଡ. ପ୍ରତିଭା ମହାରଥୀ ଆନୁଷ୍ଠାନିକ ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସାମାଜିକ କର୍ମୀ ଜାଗୃତି ପଣ୍ଡା ମହାରଥୀ, ଡାକ୍ତର ପଲ୍ଲବୀ ମହାରଥୀ, ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତି ସାହୁ, ପିପିଲି ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଡେଲାଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ବାସା ନିସଙ୍କ, ଜିଲାପରିଷଦ ସଦସ୍ୟ ଧରଣୀଧର ସାହୁ, ପୁରୀ ଜିଲା ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଯୁବ ବିଜେଡି ଜିଲା ସଭାପତି ନାରାୟଣ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଦିବଂଗତ ନେତା ସ୍ୱର୍ଗତ ମହାରଥୀ ଓ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ତଥା ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ସହଯୋଗରେ ପୁରୀ ବ୍ଲଡବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀ ବ୍ଲଡବ୍ୟାଙ୍କ ଡାକ୍ତର ଦୀପକ ସାହୁ, ସ୍ୱାସ୍ଥ୍ୟ କର୍ମଚାରୀ ଶ୍ରୀନିବାସ ମହାନ୍ତି, ବିରଞ୍ଚି ବରାଳ, ମନୋରଞ୍ଜନ ଭୋଇ ଓ ପ୍ରୀତିରଞ୍ଜନ ନାୟକ ପ୍ରମୁଖ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୧୨୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।


କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

## ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗ୍‌ର ୩ ଗିରଫ

**ବନ୍ଧୁକ, ଗୁଳି, ଛୁରି, ସୁନାଚେନ୍, ମୋବାଇଲ, ବାଇକ୍ ଜବତ**

- କୋଲକାତା ଚାଲିଯିବାକୁ ରଚିଥିଲେ ଯୋଜନା
- ଅଧିକ ତଥ୍ୟ ପାଇଁ ରିମାଣ୍ଡରେ ଆଣିବ ପୋଲିସ





ଗିରଫ ୩ ଡକାୟତଙ୍କ ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ସୂଚନା ଦେଉଛନ୍ତି। ଜବତ ସାମଗ୍ରୀ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ, ୪।୭(ଅଜିତ୍ ମହାନ୍ତି):

ଚନ୍ଦନପୁର ଥାନା ପୋଲିସ ହାତରେ ଏକ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ ଧରାପଡ଼ିଛି। ଏହିଗ୍ୟାଙ୍ଗର ୩ସଦସ୍ୟଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଣାସ ଥାନା ଅଧୀନ ଜଳିପଡ଼ାର ସୂର୍ଯ୍ୟକାନ୍ତ ସାମନ୍ତରାୟ (୨୭), ବଳିଆପଣ୍ଡା ଥାନା ଅନ୍ତର୍ଗତ ବଳିଆପଣ୍ଡା ଶାନ୍ତି ଗେଷ୍ଟ ହାଉସ୍ ଲେନ୍ ଅଞ୍ଚଳର ସୁବାସ ଦାସ (୨୭) ଏବଂ ଶିବଶକ୍ତି ସାହିର ଚନ୍ଦନ ମିଶ୍ର(୨୩)। ପୋଲିସ ଏମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଜୀବନ୍ତ ଗୁଳି, ଗୋଟିଏ ଛୁରି, ଦୁଇଟି ସୁନାଚେନ୍, ସ୍ମାର୍ଟ ଘଣ୍ଟା, ଦୁଇଟି ମୋବାଇଲ ଫୋନ ସହ ମୋଟର ସାଇକେଲ ଜବତ କରିଛି। ଏନେଇ ଚନ୍ଦନପୁର ଥାନାରେ ଏକ ମାମଲା (ନଂ. ୧୫୨/୨୩) ରୁଜୁ ହୋଇଛି। ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଚନ୍ଦନପୁର ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ଏବଂ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଅତିରିକ୍ତ ଏସ୍‌ପି ମିଶ୍ର କହିଥିଲେ, ଗତ ୩ ତାରିଖରେ ଶିବପ୍ରସାଦ ମହନ୍ତ ତାଙ୍କର ଦୁଇଜଣ ବନ୍ଧୁ ସୁଦାମ ଖିଲାର ଏବଂ ଶ୍ରୀମୁଖ ସାହୁଙ୍କ ସହିତ ଜଗନ୍ନାଥ ରୋଡରେ ପୁରୀରୁ ନିରାକାରପୁର ଆଡ଼କୁ ଯାଉଥିଲେ। ଏହି ସମୟରେ ନରସିଂହପୁର ପେଟ୍ରୋଲ ପମ୍ପଠାରେ ଅଭିଯୁକ୍ତମାନେ ଶିବଙ୍କ ଗାଡ଼ି ଅଟକାଇ ଚାବି ଛଡ଼ାଇ ନେଇଥିଲେ। ଅଭିଯୁକ୍ତମାନେ ଶିବ ପ୍ରସାଦ ଓ ତାଙ୍କ ବନ୍ଧୁମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଡକାୟତି କରିଥିଲେ। ମୋବାଇଲ ଓ ଘଣ୍ଟା ଆଦି ଲୁଟ କରିନେଇଥିଲେ। ପରେ ଏନେଇ ଶିବପ୍ରସାଦ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ କରାଯାଇ ୨ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ପୂର୍ବରୁ ବହୁ ଲୁଟ୍ ଘଟଣାରେ ସାମିଲ ଥିବା ସେମାନଙ୍କୁ ପଚରାଉଚରା ବେଳେ ଜଣାପଡ଼ିଥିଲା। ସେମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନରେ ମାମଲା ରହିଛି। ସେମାନଙ୍କ ଠାରୁ ଦୁଇଟି ଚେନ୍ ଜବତ କରାଯାଇଛି। ଉକ୍ତ ଦୁଇଟି ଚେନ୍ ପାଖ ଜିଲାରୁ ଲୁଟ କରିଥିବା ଅନୁମାନ କରାଯାଉଛି। ଅଭିଯୁକ୍ତମାନେ ଆଉ ୨-୩ଟି ସ୍ଥାନରେ ଲୁଟ କରିବା ପରେ କୋଲକାତା ଚାଲିଯିବାକୁ ଯୋଜନା କରିଥିଲେ। ପୋଲିସ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବ।

## ସଂକ୍ଷେପରେ

### ୮ରେ ଜିଲାସ୍ତରୀୟ ଲୋକ ଅଦାଲତ

**କଟକ,୪।୭ (କାର୍ତ୍ତିକ ସାହୁ):** କଟକ ଜିଲାସ୍ତରୀୟ ଲୋକ ଅଦାଲତ ଆସନ୍ତା ୮ରେ କଟକ ଜିଲା ଆଇନସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା ପରିସରରେ ଅନୁଷ୍ଠିତ ହେବ। ଏଥିରେ ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଚେକ୍ ବାଉନ୍ସ ଭଳି ସମସ୍ତ ବିଚାରାଧୀନ ମୋକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ, ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁଯୋଗ। ଏହି ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ ବୋଲି ପ୍ରାଧିକରଣ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

### ଗୁଟ୍‌ଖା, ତମାଖୁ ଜବତ: ୨ ହଜାର ଜରିମାନା ଆଦାୟ

**କଟକ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ):** କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ, ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମଙ୍ଗଳବାର ଏଲ୍.ଏନ. କଲେଜ ନିକଟ ଏବଂ ଜଗତପୁର ଗୋଲେଇ ଛକରୁ ଖଇରା ପୋଲ ପର୍ଯ୍ୟନ୍ତ ଥିବା ଏକାଧିକ ଦୋକାନରେ ଚଢାଉ କରାଯାଇଛି। ସେଠାରୁ ବିପୁଳ ପରିମାଣର ଗୁଟ୍‌ଖା ଓ ତମାଖୁ ଜବତ କରାଯିବା ସହିତ ଦୋକାନୀଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ରାସ୍ତା ପାର୍ଶ୍ୱରେ ଶୁଖିଲା ଗଛ: ବିପଦ ଆଶଙ୍କା



**କଟକ ସଦର,୪।୭(ସୁଶାନ୍ତ କୁମାର ଜେନା):** କଟକ-ପାରାଦୀପ ୧୨ନଂ. ରାଜ୍ୟ ରାଜପଥର ଗଡମା ଛକରେ ଏକ ଶୁଖିଲା ଚାକୁଣ୍ଡା ଗଛ ରହିଛି। ହେଲେ ଏଥିପ୍ରତି କାହାର ଦୃଷ୍ଟି ପଡ଼ିନାହିଁ। ଏହି ଗଛମୂଳରେ ସାପ୍ତାହିକ ହାଟ ମଧ ହେଉଛି। ଏହାଛଡା ବହୁସଂଖ୍ୟକ ଯାନବାହନ ପାରାଦୀପ ବନ୍ଦର ଓ ଶିଳ୍ପାଞ୍ଚଳକୁ ଯାଉଛି। ପବନରେ ଗଛଟି ଉପୁଡ଼ି ପଡି ଜୀବନହାନି ଘଟିବା ଆଶଙ୍କା ରହିଛି। ଏହାକୁ କାଟିବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଥିଲେ ମଧ ସୁଫଳ ମିଳିପାରିନାହିଁ। ଜଗତ୍‌ସିଂହପୁର ପୂର୍ତ୍ତ ଡିଭିଜନ ଅଧୀନରେ ଏହି ରାସ୍ତା ରହିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଗଡ଼ମା ସେକ୍ସନର କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁଙ୍କୁ ପଚାରିବାରୁ ଗଛ କାଟିବା ପାଇଁ ୨ ମାସ ତଳେ ଜଙ୍ଗଲ ବିଭାଗକୁ ଚିଠି ଲେଖାଯାଇଛି ବୋଲି କହିଥିଲେ।

# ପ୍ରମୁଖ ଶାସନ ସଚିବଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

**କଟକ,୪।୭ (କାର୍ତ୍ତିକ ସାହୁ)**

**ହାଇକୋର୍ଟରେ ଶିଶୁଭବନ ମାମଲା**



କଟକସ୍ଥିତ ଶିଶୁଭବନ ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ବ୍ୟକ୍ତିଗତ ଭାବେ ହାଜର ହେବା ନିମନ୍ତେ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଅଗଷ୍ଟ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଆଡ୍‌ଭୋକେଟ୍ କମିଟି ଶିଶୁଭବନ ସଂକ୍ରାନ୍ତ ରିପୋର୍ଟ ୨୦୨୨ ଜୁଲାଇ ୧୯ରେ ହାଇକୋର୍ଟଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟ ଆଧାରରେ ୨୦୨୩ ଫେବୃୟାରୀ ୨୦ରେ ହାଇକୋର୍ଟ ମାମଲାର ଶୁଣାଣି କରି ଶିଶୁଭବନର ନୂଆ ଅଟ୍ଟାଳିକା ନିର୍ମାଣ ମାମଲାରେ କାର୍ଯ୍ୟର ଅଗ୍ରଗତି ନେଇ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ କାର୍ଯ୍ୟ ଶେଷ ହେବାର ସମୟ ସୀମା ଓ ବର୍ତ୍ତମାନର ସ୍ଥିତି ସଂକ୍ରାନ୍ତରେ ସେଥିରେ ଉଲ୍ଲେଖ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ସମୟ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ରିପୋର୍ଟ ଦାଖଲ କରାଗଲା ନାହିଁ। ଫଳରେ ଶେଷ ସୁଯୋଗ ଭାବେ ଜୁଲାଇ ୪ ସୁଦ୍ଧା ଶିଶୁଭବନ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦାଲତଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଜବାବ ଦାଖଲ କରାଗଲାନାହିଁ। ଫଳରେ ଅଦାଲତ ମଙ୍ଗଳବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୈତ୍ରୀ ସଂସଦ ଓ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାରେ ଶିଶୁଭବନରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ରହିବା, ନିର୍ମାଣାଧୀନ ନୂତନ ଅଟ୍ଟାଳିକା କାର୍ଯ୍ୟ ଅଗ୍ରଗତି ନ ହେବା ଓ ଅଟ୍ଟାଳିକା ନିର୍ମାଣ ପରେ ମଧ ସେଠାରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ନେଇ ଆବେଦନକାରୀ ସତ୍ୟପାଠରେ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ କୁମାର ମହାନ୍ତି ଓ ଅରୁଣ କୁମାର ବୁଦ୍ଧିଆ ମାମଲା ପରିଚାଳନା କରୁଥିଲେ।

# ବିଜୁ ଭବନ ପରିସରରେ ଚାରା ରୋପଣ



ଚାରା ରୋପଣ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର, ଡେପୁଟି ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

**କଟକ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

**ବନ ମହୋତ୍ସବ ରଥ ଉଦ୍‌ଘାଟିତ**

ବନ ମହୋତ୍ସବ ପାଳନ ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଜୁ ଭବନ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସପ୍ତାହ ବ୍ୟାପୀ ସମସ୍ତ ୱାର୍ଡର ଘରେ ଘରେ ଚାରା ବଣ୍ଟନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଜୁଭବନ ପରିସରରୁ ବନ ମହୋତ୍ସବ ରଥ ବାହାରିଥିଲା। ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ସିଏମ୍‌ସିର ସମସ୍ତ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ୧ ଓ ୨ ନମ୍ବର ୱାର୍ଡରେ ଚାରା ବଣ୍ଟନ କରାଯାଇଥିଲା। ସେହିପରି ପୂର୍ବାହ୍ନ ୯ଟାରେ ସିଡିଏସ୍ଥିତ ପାର୍କରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ସିଂ, ବିଚାରପତି ବି. ପି. ଦାସ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ ପରିଜା ଏବଂ ସିଏମ୍‌ସି କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁଭବନ ଅସୁବିଧା ସମ୍ପର୍କରେ ସରକାରଙ୍କୁ ଜଣାଯିବ



ଶିଶୁ ଭବନ ପରିସରରେ ବିଧାୟକ ମହମ୍ମଦ ମୋକିମ୍ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**କଟକ ଅଫିସ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

**ବିଧାୟକଙ୍କ ସମୀକ୍ଷା ବୈଠକ**

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ମଙ୍ଗଳବାର କଟକ ଶିଶୁଭବନ ପରିଦର୍ଶନ କରିଥିଲେ। ଏହି ଅବସରରେ ସେଠାରେ ଶିଶୁଭବନ ଅଧୀକ୍ଷକ ଓ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଠାରେ ଶିଶୁମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା କ୍ଷେତ୍ରରେ ବିଭାଗୀୟ କର୍ମଚାରୀମାନେ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ମେଡିକାଲର ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କୁ କର୍ତ୍ତୃପକ୍ଷ ଅବଗତ କରାଇଥିଲେ। ବିଶେଷକରି ମେଡିକାଲରେ ଏମ୍‌ଆର୍‌ଆଇ ଓ ସିଟି ସ୍କାନ ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କୁ ଏସ୍‌ସିବି ମେଡିକାଲ ଯିବାକୁ ପଡୁଛି। ସେଥିପାଇଁ ଆଗାମୀ ବିଧାନସଭା ଅଧିବେଶନରେ ଏଭଳି ଅନେକ ଅସୁବିଧା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇ ସମାଧାନ କରାଯିବ ବୋଲି ବିଧାୟକ ମୋକିମ କହିଥିଲେ। ଏହି ଅବସରରେ ବିଧାୟକ ଶିଶୁଭବନର ନିର୍ମାଣାଧୀନ ବିଲ୍ଡିଂ ପରିଦର୍ଶନ କରିଥିଲେ। ଆର୍ ଆଣ୍ଡ ବି ଅଧିକାରୀମାନେ ନୂତନ ବିଲ୍ଡିଂର ନିର୍ମାଣ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଉକ୍ତ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାକି ରହିଥିବା କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲର ଅଧୀକ୍ଷକ ଡା. ଜ୍ଞାନେନ୍ଦ୍ର ନାଥ ବେହେରା, ଉପ ଅଧିକ୍ଷକ ଡା. ବନ୍ଲିନା ମହାନ୍ତି, ସୁମିତା ସିଂଙ୍କ ସହ ଆର୍ ଆଣ୍ଡ ବି ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ଆଇନଜୀବୀ ଗୁରୁତର ଘଟଣା: ଚାଳକ କୋର୍ଟ ଚାଲାଣ

**ଫୁଲନଖରା, ୪।୭ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ-ଭୁବନେଶ୍ୱର ଜାତୀୟ ରାଜପଥର ନଖରା ଓଭର ବ୍ରିଜ ଉପରେ ରବିବାର ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ମଠସାହିର ଆଇନଜୀବୀ ମଦନ ମୋହନ ସ୍ୱାଇଁ ଗୁରୁତର ହୋଇଥିଲେ। ଏହି ଘଟଣାରେ ପିକ୍‌ଅପ୍ ଭ୍ୟାନ୍ ଚାଳକ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ କୁଳସାହିର ସଞ୍ଜୟ କୁମାର ଜେନାଙ୍କୁ କଟକ ସଦର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ରବିବାର ମଧ୍ୟାହ୍ନରେ ମଦନ ବାଇକ୍‌ରେ କଟକରୁ ଭୁବନେଶ୍ୱର ଯାଉଥିବାବେଳେ ପଛରୁ ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ପିକ୍‌ଅପ୍ ଭ୍ୟାନ୍ ଚକ ତାଙ୍କ ଗୋଡ ଉପରେ ମାଡି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପିକ୍‌ଅପ୍ ଭ୍ୟାନ୍ ଉକ୍ତ ବାଇକ୍‌କୁ ଘୋଷାରି ନେଇଯିବାରୁ ଫଳରେ ଉଭୟ ଗାଡ଼ି ଜଳିଯାଇଥିଲା। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ମଦନଙ୍କ ସାନଭାଇ ଦୀପ୍ତି ରଞ୍ଜନ ସ୍ୱାଇଁ ଅଭିଯୋଗ କରିବା ପରେ କଟକ ସଦର ଥାନାରେ ଏକ ମାମଲା(ନଂ. ୩୭୮/୨୩) ରୁଜୁ ହୋଇଛି।

# ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ




ଅଧିଷ୍ଠାନ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**କଟକ,୪।୭ (କାର୍ତ୍ତିକ ସାହୁ)**

ରୋଟାରୀ କ୍ଲବ୍ ଅଫ୍ କଟକର ୭୮ତମ ଅଧିଷ୍ଠାନ ଉତ୍ସବ କଟକ କ୍ଲବ୍ ଆନେକ୍ସ-୧୦ରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ସମୀର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଇଣ୍ଟରନ୍ୟାଶନାଲ ନିର୍ଦ୍ଦେଶକ ଅନିରୁଦ୍ଧ ରାୟ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ରୋଟାରୀ ଜିଲା ୩୨୬୨ ପ୍ରାନ୍ତପାଳ ଜୟଶ୍ରୀ ମହାନ୍ତି ଯୋଗଦେଇଥିଲେ। ବିଦାୟୀ ସଭାପତି ବିଜୟ ଦାସ ମହାପାତ୍ର ଓ ସମ୍ପାଦିକା ସୁଜାତା ପ୍ରିୟଦର୍ଶିନୀ ଚଳିତ ବର୍ଷର ସଭାପତି ସମୀର କୁମାର ମିଶ୍ର ଓ ସମ୍ପାଦକ ଅକ୍ଷୟ କୁମାର ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିସହ ଉପ ସଭାପତି ସୁଜାତା ପ୍ରିୟଦର୍ଶିନୀ, ଯୁଗ୍ମ ସମ୍ପାଦକ କେ. ଭାସ୍କର ରାଓ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ସାହୁ, ବୋର୍ଡ ନିର୍ଦ୍ଦେଶକ ଭାବେ ଶୂନ୍ୟେଶ୍ୱର ସ୍ୱାଇଁ, ଚୈତନ୍ୟ ବେହେରା, ଅକ୍ଷୟ କୁମାର ଦେଓ, ସତ୍ୟନାରାୟଣ ମିଶ୍ର, ତସ୍ମିନ୍ ଡୋଡ଼ିଆ, ବିଶ୍ୱରଞ୍ଜନ ସାହୁ, ବିନ୍ଦୁ କୁମାର ଦାସ, ପତ୍ରିକା ସମ୍ପାଦକ ଦେବାଶିଷ ପଣ୍ଡା, କ୍ଲବ୍ ଟ୍ରେନର୍ ସୁଶାନ୍ତ ମହାନ୍ତି ଓ ରୋଟ୍ରାକ୍ଟ କମିଟି ଚେୟାର ଆଇ. ଶୁଭ୍ରମଣ୍ୟମ୍ ପ୍ରମୁଖ ଉପସ୍ଥିତ ହୋଇଥିଲେ। ଏହି ଅବସରରେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ୍ ସମେତ ଅନ୍ୟମାନଙ୍କୁ ୪ଟି ସିଲାଇ ମେସିନ୍, ଦୁଇଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏଥିସହ କ୍ଲବ୍‌ର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅକ୍ଷୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

**କଟକ ସଦର,୪।୭ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ମୁଖ୍ୟ ରାସ୍ତାର ଝିଙ୍କିରିଆ-ବରାଳ ମଧରେ ଜବରଦଖଲ ଉଚ୍ଛେଦ ଜାରି ରହିଛି। ଏଥିରେ ଦୋକାନ ଗୃହ ସହ ସରକାରୀ କୋଠା ମାଟିରେ ମିଶିଯାଇଛି। ବେଣ୍ଟକାର, ବରାଳ ଓ କଳପଡା ବଜାରର ବହୁ ବ୍ୟବସାୟୀ ନିଜର ଜିନିଷ ନେବା ପାଇଁ ୨ ଦିନ ସମୟ ନେଇଛନ୍ତି। ଦୋକାନୀମାନଙ୍କୁ କ୍ଷତିପୂରଣ ଦେବାକୁ କଟକ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଓ ଭାରତୀୟ କିଷାନ ସଂଘର କଟକ ଜିଲା ସଭାପତି ଦେବୀ ପ୍ରସାଦ ପତି କଟକ ସଦର ତହସିଲଦାର ମାନସ ରଞ୍ଜନ ଭୋଇଙ୍କ ନିକଟରେ ଦାବି କରିଛନ୍ତି। ଏହାଛଡା ଭେଣ୍ଡିଂ ଜୋନ୍ କିମ୍ବା ମାର୍କେଟ କମ୍ପ୍ଲେକ୍ସ କରି କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ କରିବାକୁ ଦାବି କରାଯାଇଛି। ଏହି ଉଚ୍ଛେଦବେଳେ



ସରକାରୀ ପାଣ୍ଠିରେ ନିର୍ମିତ କୋଠଘର, ଧାର୍ମିକ ସ୍ଥଳକୁ ମଧ ଭଙ୍ଗାଯାଇଛି। ରାସ୍ତା ନିର୍ମାଣ ପ୍ୟାକେଜ୍‌ରେ କ୍ଷତିଗ୍ରସ୍ତମାନଙ୍କୁ ଆର୍ଥିକ ସହାୟତା ଦେବା ବ୍ୟବସ୍ଥା ନ ଥିବାରୁ ବର୍ତ୍ତମାନ କିଛି କରାଯାଇ ପାରିବନାହିଁ ବୋଲି ତହସିଲଦାର କହିଛନ୍ତି।

# ରାଜସ୍ୱ ପର୍ଷଦ ରିଭିଜନ ଅଦାଲତରେ କାଗଜବିହୀନ କୋର୍ଟ

**କଟକ,୪।୭ (କାର୍ତ୍ତିକ ସାହୁ)**

ରାଜସ୍ୱ ପର୍ଷଦରେ କୋର୍ଟ କେସ୍ ମନିଟରିଂ ବ୍ୟବସ୍ଥାର ୨ୟ ସଂସ୍କରଣ ଆରମ୍ଭ ହୋଇଛି। ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ ପର୍ଷଦର ସଦସ୍ୟ ରାଜ୍ କୁମାର ଶର୍ମା ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜମିଜମା ରେକର୍ଡ ଓ ଅଧିକାରୀ ରେକର୍ଡ ସମ୍ପର୍କିତ ମାମଲା ପାଇଁ ରାଜସ୍ୱ ଅଦାଲତର ଦ୍ୱାରସ୍ଥ ହେଉଥିବା ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ କାଗଜବିହୀନ କୋର୍ଟ ଅତ୍ୟନ୍ତ ସହାୟକ ହେବ। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି) ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏଥିସହ ରିଭିଜନ କୋର୍ଟର ପ୍ରିଜାଇଡିଂ ଅଫିସରମାନେ ସ୍ୱଚ୍ଛତା ବଜାୟ ରଖି ଜନସାଧାରଣଙ୍କ ସେବାକୁ ପ୍ରାଥମିକତା ଦେବା ନିମନ୍ତେ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଜମିଜମା ବନ୍ଦୋବସ୍ତ କମିଶନର ସୁରେଶ କୁମାର ବଶିଷ୍ଠ, ରାଜସ୍ୱ ପର୍ଷଦ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ, ଅତିରିକ୍ତ ସଚିବ ସନ୍ତୋଷୀ ସାହୁ, ବିଭିନ୍ନ ରିଭିଜନ କୋର୍ଟର କମିଶନର, ଅତିରିକ୍ତ କମିଶନର, ବରିଷ୍ଠ ଷ୍ଟାଣ୍ଡିଂ କାଉନ୍‌ସେଲ, ଷ୍ଟାଣ୍ଡିଂ କାଉନସେଲ, ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ, ସଂଶୋଧିତ ୨ୟ ସଂସ୍କରଣରେ ମାମଲାଗୁଡ଼ିକର ସମାଧାନ ହେବା ଯାଏ ପୂରା ପ୍ରକ୍ରିୟାକୁ ଅନ୍‌ଲାଇନ୍ କରାଯାଇଛି। ଏହାଦ୍ୱାରା ଜଣେ ଆବେଦନକାରୀ ଅନ୍‌ଲାଇନ୍‌ରେ କିମ୍ବା ତାଙ୍କ ଆଡ୍‌ଭୋକେଟଙ୍କ ମାଧ୍ୟମରେ ରିଭିଜନ୍ କେସ୍ ଦାଖଲ କରିପାରିବେ। ଏଥିପାଇଁ ଆବଶ୍ୟକ କୋର୍ଟ ଫି ଓ ଅନ୍ୟାନ୍ୟ ଫି ଅନ୍‌ଲାଇନ୍ ମାଧ୍ୟମରେ ପଇଠ କରିବାର ସୁଯୋଗ ଦିଆଯାଇଛି। ଅର୍ଥ ବିଭାଗ ଓ ଟ୍ରେଜେରି ନିର୍ଦ୍ଦେଶାଳୟରେ ସରକାରଙ୍କ ସହଯୋଗରେ ଆଇଏଫ୍ଏମ୍ଏସ୍‌କୁ ସଫ୍ଟୱେର ଦ୍ୱାରା ସଂଯୋଗ କରାଯାଇଥିବାରୁ ଏହି କାର୍ଯ୍ୟ ସହଜ ହୋଇପାରିଛି। ସେହିପରି ଭୂ-ଅଭିଲେଖ ଡାଟାବେସ୍‌ରୁ ହାଲ ରେକର୍ଡ ଅଫ୍ ରାଇଟ୍ସ ଆଣିବା ପାଇଁ ଭୂଲେଖ ସହିତ ମଧ ସମନ୍ୱିତ କରାଯାଇଛି। ଆବେଦନକାରୀ ଥରେ ମାମଲା ରୁଜୁ କରିବା ପରେ ଭବିଷ୍ୟତରେ ଲଗ୍ ଇନ୍ ପାଇଁ ଆଇଡି ଓ ପାସୱାର୍ଡ ପ୍ରଦାନ କରାଯାଉଛି। ଆବଶ୍ୟକସ୍ଥଳେ ମାମଲାର ସ୍ଥିତି ଯାଞ୍ଚ ପାଇଁ ଏହା ଦରକାର ହେବ। ଏଥିରେ କେସ୍ ନମ୍ବର ପ୍ରସ୍ତୁତିଠାରୁ ଆରମ୍ଭ କରି ଶେଷ ଅର୍ଡର ଯାଏ ସବୁକିଛି ସ୍ୱୟଂଚାଳିତ ଓ ଅନ୍‌ଲାଇନ୍ କରାଯାଇଛି। ଜମି ସମ୍ବନ୍ଧୀୟ ମାମଲାର ସମାଧାନ ପାଇଁ ରାଜସ୍ୱ ପର୍ଷଦରେ ଏବେ ୩୯ଟି ରିଭିଜନ କୋର୍ଟ କାର୍ଯ୍ୟ କରୁଛି। ଗତବର୍ଷ ମୋଟ ୯୧,୪୦୯ ମାମଲାର ଶୁଣାଣି ହେବା ସହ ୧୪,୨୮୫ଟିର ଫଏସଲା କରାଯାଇଥିଲା। ଗତ ପାଞ୍ଚ ବର୍ଷ ମଧରେ ଏହା ସର୍ବାଧିକ ହୋଇଥିବା ଜଣାଯାଇଛି।




ଖାନ୍‌ନଗରସ୍ଥିତ ପୁରୁଷୋତ୍ତମଜୀଉ ମନ୍ଦିର ପରିସରରେ ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ ପାଳନ।



ସିଡିଏ ନେତାଜୀ ସେତୁ ପାର୍ଶ୍ୱରେ ଜମି ରହିଥିବା ବାଲି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି।



ବୋଲ୍‌ବମ୍ ଭକ୍ତଙ୍କ ପାଇଁ କଟକ ଚୌଧୁରୀବଜାର ଫୁଲମାର୍କେଟ ଅଞ୍ଚଳରେ ଜଣେ କାରିଗର ବେତରେ ବାହୁଙ୍ଗି ତିଆରି କରୁଛନ୍ତି।

# ସୁସ୍ଥ ଗଣତନ୍ତ୍ର ପାଇଁ ନିରପେକ୍ଷ ଗଣମାଧ୍ୟମ ଜରୁରୀ



ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।


ପ୍ରତିଯୋଗିତାରେ ଭାଗ ନେଇଥିବା ଉପସ୍ଥିତ ଛାତ୍ରୀଛାତ୍ର।


ଦୁର୍ନୀତିମୁକ୍ତ ସମାଜ ପାଇଁ ନିରପେକ୍ଷ ଗଣମାଧ୍ୟମ ଆବଶ୍ୟକ। ଗଣମାଧ୍ୟମ କିଭଳି କାର୍ଯ୍ୟ କରୁଛି ସେ ବିଷୟରେ ସଭିଏଁ ଜାଣିବା ଆବଶ୍ୟକ। ଗଣମାଧ୍ୟମ ଦ୍ୱାରା ହିଁ ଏକ ସୁସ୍ଥ ଗଣତନ୍ତ୍ର ଗଠନ ହୋଇପାରିବ।

- ଅନନ୍ୟା ପଣ୍ଡା


ଗଣତନ୍ତ୍ରରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ଯୁବପିଢ଼ିଙ୍କୁ ସମାଜରେ ପରିଚିତ କରାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ଯୁବପିଢ଼ି ଆଗଭର ହେଲେ ଗଣତନ୍ତ୍ରର ଉନ୍ନତି ହେବ।

- ଜି. ଶଲ୍ୟଜା

## ଧରିତ୍ରୀ ୫୦ବର୍ଷ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର,୪।୭(ସ୍ମୃତି ରଞ୍ଜନ ମହାଲିକ/ ତନୁଶ୍ରୀ ନାହାକ)

ଦେଶ ସ୍ୱାଧୀନ ପୂର୍ବରୁ ଏବଂ ପରେ ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସବୁବେଳେ ରହିଆସିଛି। ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ କର୍ତ୍ତବ୍ୟନିଷ୍ଠା ଓ ଗଣମାଧ୍ୟମ ଶକ୍ତିର ପ୍ରତିଫଳନ ନିତାନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟି ଦେଲେ ଭାରତ ଏକ ସମୃଦ୍ଧଶାଳୀ ରାଷ୍ଟ୍ରରେ ପରିଣତ ହେବ। ବର୍ତ୍ତମାନ ଦେଶରେ ଅଧିକରୁ ଅଧିକ ଯୁବପିଢି ଗଣମାଧ୍ୟମ ମାଧ୍ୟମରେ ଦୁର୍ନୀତିଗ୍ରସ୍ତ ଓ କଳାକାରନାମାଗୁଡ଼ିକୁ ଲୋକଲୋଚନକୁ ଆଣିପାରୁଛନ୍ତି ବୋଲି ମଙ୍ଗଳବାର ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ପ୍ରତିଯୋଗୀ ଛାତ୍ରୀଛାତ୍ରମାନେ ମତପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ପିଜି ଓଡ଼ିଆ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ଶ୍ରୀମନ୍ତ ବେହେରା ପ୍ରଥମ, ପିଜି ବାଣିଜ୍ୟ ବିଭାଗର ଛାତ୍ରୀ ସି.ଏଚ୍. ମାନଭୀ ପାତ୍ର ଓ ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ଶେଷ ବର୍ଷ ଛାତ୍ର ଏ. ଅନ୍‌ମୋଲ ଆଚାରୀ ଯୁଗ୍ମ ଦ୍ୱିତୀୟ, ପିଜି ଇଂଲିଶ ବିଭାଗର ଶେଷବର୍ଷ ଛାତ୍ର ଶ୍ରୀତମ କୁମାର ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ସିଟି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଲମ୍ବୋଦର ପାଣିଗ୍ରାହୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଦ୍ୟୁତ୍‌ପ୍ରଭା ସାହୁ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୂପେ ବିଶ୍ୱ ବିଦ୍ୟାଳୟର ପିଜି କାଉନ୍‌ସିଲ ଅଧ୍ୟକ୍ଷ ଡ. ଇଲାରାଣୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଯୁବପିଢିଙ୍କୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଥିବା ଧରିତ୍ରୀର ପ୍ରୟାସକୁ ମୁଖ୍ୟଅତିଥି ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହ ଯୁବକଙ୍କ ଉଦ୍ୟମ ହିଁ ଏକ ସୁନ୍ଦର ରାଷ୍ଟ୍ର ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିବା ସହ ଧରିତ୍ରୀର ୫୦ବର୍ଷ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଯୁବ ସମାଜରେ ଗଣମାଧ୍ୟମ ଓ ଗଣତନ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବ ସମାଜ ଅଗ୍ରସର ହେଲେ ସମାଜର ଅଗ୍ରଗତି ହେବ ବୋଲି ରଥ କହିଥିଲେ। ବିଚାରକ ଭାବେ ପାଣିଗ୍ରାହୀ କହିଥିଲେ ଯେ, ଭାରତ ଭଳି ଏକ ବିଶାଳ ରାଷ୍ଟ୍ରରେ ଯୁବକମାନେ ଦାୟିତ୍ୱ ସମ୍ପର୍ଣ୍ଣ ଓ ସୁନାମଧନ୍ୟ ମାନବ ସମ୍ବଳ। ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା ଅବର୍ଣ୍ଣନୀୟ। ଗଣତନ୍ତ୍ରରେ ଯୁବକଙ୍କ ମଧ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ଓ ଗଣତନ୍ତ୍ର ମାଧ୍ୟମରେ ଭାରତ ବିଶ୍ୱରେ ଏକ ସୁନାମଧନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ପରିଚୟ ହାସଲ କରିପାରିବ। ଧରିତ୍ରୀ ପକ୍ଷରୁ ଏଭଳି ଅଭିନବ କାର୍ଯ୍ୟକୁ ସେ ସାଧୁବାଦ ଜଣାଇଥିଲେ। ସେହିପରି ଅନ୍ୟତମ ବିଚାରକ ଶ୍ରୀମତୀ ସାହୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗଣମାଧ୍ୟମ ଯୁବକଙ୍କ ଭୂମିକାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହିଥିଲେ। ପରିଶେଷରେ ଧରିତ୍ରୀ ଜିଲା ପ୍ରତିନିଧି ସ୍ମୃତି ରଞ୍ଜନ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ନରସିଂହ ସାହୁ, ଜିଲା ପ୍ରତିନିଧି ସନ୍ତୋଷ କୁମାର ପାଢ଼ୀ, ବ୍ରହ୍ମପୁର ପ୍ରସାରଣ ବିଭାଗର ମଳୟ କୁମାର ସାହୁ, ଖବରଦାତା ସୁବାସ ଚନ୍ଦ୍ର ପାଢ଼ୀ, ତନୁଶ୍ରୀ ନାହାକ, ଗଞ୍ଜାମ ବ୍ଲକର ଖବରଦାତା ବିଦ୍ୟାଧର ସାହୁ ଓ ବ୍ରହ୍ମପୁର ଫଟୋ ଗ୍ରାଫର ସମୀର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।


ଦେଶରେ ଦୁର୍ନୀତିକୁ ଲୋକଙ୍କ ସମ୍ମୁଖକୁ ଆଣିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ଜରିଆରେ ଆମେ ଠିକ ତଥ୍ୟ ପାଇଥାଉ।

- ଜ୍ୟୋତ୍ସ୍ନାରାଣୀ ଜେନା


ଯୁବ ସମାଜ ପାଠପଢ଼ା ସହିତ ରାଜନୀତିରେ ମଧ୍ୟ ସାମିଲ ହେବା ଉଚିତ। ଏହି କ୍ଷେତ୍ରରେ ଗଣମାଧ୍ୟମର ସମ୍ପୂର୍ଣ୍ଣ ସହଯୋଗ ରହିବା ଆବଶ୍ୟକ। ଯାହାଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

- ଶୁଭମ ପ୍ରଧାନ


ଗଣତନ୍ତ୍ର ଓ ଯୁବପିଢ଼ିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଗଣତନ୍ତ୍ରରେ ଯୁବପିଢ଼ିଙ୍କ ଅଦ୍ୟମ ସାହସ ନୂତନ ସମ୍ଭାବନା ସୃଷ୍ଟି କରିବା କ୍ଷମତା ରଖିଛି।

- ନମିତା ସେଠୀ


ଗଣମାଧ୍ୟମ ଓ ଯୁବପିଢିର ସଶକ୍ତୀକରଣ ହିଁ ଗୋଟିଏ ଦେଶର ପ୍ରତୀକ। ଯାହା ମୁଦ୍ରାର ୨ଟି ପାର୍ଶ୍ୱ। ଗୋଟିଏ ପାର୍ଶ୍ୱ ବିନା ଅନ୍ୟ ଗୋଟିଏ ପାର୍ଶ୍ୱ ପରିକଳ୍ପନା ଅସମ୍ଭବ। ଗୋଟିଏ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଗଣମାଧ୍ୟମର ଶକ୍ତିର ପ୍ରତିଫଳନ ନିତାନ୍ତ ଆବଶ୍ୟକ।

- ଶ୍ରୀତମ କୁମାର ଜେନା


ଗଣମାଧ୍ୟମର ଭୂମିକା ବର୍ତ୍ତମାନ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ରହିଛି। ବର୍ତ୍ତମାନର ଡ଼ିଜିଟାଲ ଯୁଗରେ ଗଣମାଧ୍ୟମ ଯୁବପିଢ଼ିକୁ ପ୍ରତ୍ୟେକ କ୍ଷେତ୍ରରେ ସ୍ମାର୍ଟ ଓ ଅପଗ୍ରେଡ଼ ହେବାରେ ସହଯୋଗ କରିଛି।

- ସି.ଏଚ୍. ସାଗର ପାତ୍ର


ଗଣତନ୍ତ୍ରକୁ ସଠିକ ତଥ୍ୟ ଯୋଗାଇବାରେ ଗଣମାଧ୍ୟମ ସହାୟକ ହୋଇଥାଏ। ଗଣମାଧ୍ୟମ ସର୍ବଦା ଏହି ଦାୟିତ୍ୱ ତୁଲାଇ ଆସିଛି। ଯେକୌଣସି ଜଟିଳ ସ୍ଥିତିରେ ଗଣମାଧ୍ୟମ ସମାଜକୁ ଖବର ଯୋଗାଇଥାଏ।

- ସି.ଏଚ୍. ମାନଭୀ ପାତ୍ର


ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ। ଏହାର ଜନସଂଖ୍ୟାର ପ୍ରାୟ ୬୦% ଯୁବପିଢ଼ି। ଯେତେବେଳେ ମଧ୍ୟ ଦେଶରେ କିଛି ସମସ୍ୟା ସୃଷ୍ଟି ହେଲେ ଯୁବପିଢ଼ିଙ୍କ ସହଯୋଗ ନିହାତି ଆବଶ୍ୟକ। ଏ ଦିଗରେ ଗଣମାଧ୍ୟମର ଭୂମିକା ସର୍ବାଗ୍ରେ।

- ଦୀପକ ସାମନ୍ତରାୟ


ଗଣମାଧ୍ୟମ ଓ ଯୁବପିଢ଼ି ପରସ୍ପରର ପରିପୂରକ। ଯୁବବର୍ଗଙ୍କୁ ସମାଜରେ ପ୍ରତିଷ୍ଠିତ କରିବା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ିଙ୍କୁ ସଚେତନ କରାଇବା କ୍ଷେତ୍ରରେ ଗଣମାଧ୍ୟମର ବିଶେଷ ଭୂମିକା ରହିବା ଆବଶ୍ୟକ।

- ସ୍ୱାତୀ ଗୌଡ଼


ଗଣତନ୍ତ୍ର ହେଉଛି ଲୋକମାନଙ୍କ ତନ୍ତ୍ର। ଯାହାକି ଲୋକଙ୍କର, ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା ହୋଇଥାଏ। ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଗଣମାଧ୍ୟମ। ଏହାର ମେରୁଦଣ୍ଡ ହେଉଛନ୍ତି ଯୁବପିଢ଼ି।

- ଏ. ଅନମୋଲ ଆଚାରୀ


ଗଣତନ୍ତ୍ର ସୁଦୃଢ଼ ହେଲେ ଦେଶ ସୁଦୃଢ଼ ହେବ। ସୁଦୃଢ଼ ଦେଶ ଗଠନ ହେଲେ ଯୁବପିଢ଼ି ଆତ୍ମନିର୍ଭରଶୀଳ ହୋଇପାରିବେ। ଗଣମାଧ୍ୟମ ଏଥିରେ ମୁଖ୍ୟ ଭୂମିକା ନିଭାଇବା ଆବଶ୍ୟକ।

- ରୋହିତ ଭୂୟାଁ


ଉନ୍ନତ ସମାଜ ପାଇଁ ଗଣମାଧ୍ୟମର ଭୂମିକା ନିତାନ୍ତ ଆବଶ୍ୟକ। ଗଣମାଧ୍ୟମ ପ୍ରକୃତ ଖବର ପ୍ରକାଶ କରି ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିଥାଏ।

- ଏ. ସୀମାଞ୍ଚଳ


ଯୁବପିଢିମାନେ ହିଁ ଗଣତନ୍ତ୍ର ଓ ଗଣମାଧ୍ୟମକୁ ଆଗକୁ ନେବାରେ ସହଯୋଗ କରିଛନ୍ତି। ସେମାନଙ୍କ ପାଇଁ ହିଁ ଗଣମାଧ୍ୟମ ସୃଷ୍ଟି ହୋଇଛି। ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

- ଶ୍ରୀମନ୍ତ ବେହେରା


ଗଣମାଧ୍ୟମ ହେଉଛି ଗଣତାନ୍ତ୍ରିକ ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭ। କିନ୍ତୁ ଅନେକ ସମୟରେ ଗଣମାଧ୍ୟମକୁ କଣ୍ଠରୋଧ କରାଯାଉଛି। ଏହା ପରିତାପର ବିଷୟ।

- ଅମ୍ବିକା ପ୍ରସାଦ ମହାପାତ୍ର


ଆମ ସମାଜର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଗଣମାଧ୍ୟମ। ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ।

- ଚନ୍ଦନ କୁମାର ଦାଣ୍ଡିଆ


ଆଜିର ଯୁବପିଢ଼ି ପ୍ରତିଯୋଗୀ ମନୋଭାବ ରଖିବା ଆବଶ୍ୟକ। ଯୁବପିଢ଼ିଙ୍କୁ ଗଣତନ୍ତ୍ର ଭୂମିକା ସଚେତନ କରାଇବା ଦିଗରେ ଗଣମାଧ୍ୟମ ରାସ୍ତା ଦେଖାଇଥାଏ।

- ହେରସ୍ମିତା ମିଶ୍ର

GOVT. OF ODISHA
OFFICE OF THE PANCHAYAT SAMITI, TELKOI
At/P.O.:-Telkoi, Dist-Keonjhar, Pin-758019 (ODISHA), E Mail-ori-telkoi@nic.in
TENDER CALL NOTICE NO:- 01/2023-24
No. 1690 /Dt. 03.07.2023

No.i-217:The Block Development Officer, Telkoi invites sealed percentage rate bid tender on behalf of Governor of Odisha from registered and eligible Civil Contractors of the State P.W.D(R&B)/Water Resources/Rural Works/M.I/C.P.W.D for the following works eventually to be drawn up in the P.W.D PI Form in conformity with the detailed Tender Call Notice, The tender papers (including Tender Call Notice, DTCN & BOQ) will be available in the official website www.kendujhar.nic.in from Dt. 06.07.2023 to 20.07..2023 up to 5 PM and can be downloaded from the website.

| Sl No. | Name of the Work | Scheme | Amount put to Tender (in Rs) | Cost of Tender Paper (in Rs.) | E.M.D. | Time for Completion of the Work | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Day Care PHC Building at Jagamohanpur | DMF | 8119739.00 | 10000.00 | 82000.00 | 12 Months | B |
| 2 | Construction of Sub-Centre Building at Oriya . | OMBADC | 3860376.00 | 6000.00 | 39000.00 | 09 Months | C&B |
| 3 | Construction of Sub-Centre Building at Balabhadrapur. | OMBADC | 3860376.00 | 6000.00 | 39000.00 | 09 Months | C&B |
| 4 | Construction of Mission Shakti Cafe at Telkoi | DMF | 2545336.00 | 6000.00 | 25500.00 | 06 Months | C&B |
| 5 | Construction of ACR-1 No.,B. Wall & Toilet of Binjabahal Nodal UP School, G.P.-Binjabahal | OMBADC | 1217829.00 | 6000.00 | 13000.00 | 06 Months | D&C |
| 6 | Construction of ACR-1 no & Toilet of Golabandha UGUP School, G.P.-Chhamunda | OMBADC | 921224.00 | 6000.00 | 10000.00 | 06 Months | D&C |

OIPR-19192/11/0001/2324
Sd./- Block Development Officer, Telkoi

## ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଧ୍ୱଂସ, ବିପୁଳ ସାମଗ୍ରୀ ଜବତ

ମାଲକାନଗିରି,୪।୭(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନଙ୍କ ଦ୍ୱାରା ସୋମବାର ଗୋଟିଏ ମାଓବାଦୀ କ୍ୟାମ୍ପ ଧ୍ୱଂସ କରାଯିବା ସହ ବିପୁଳ ପରିମାଣର ମାସଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଛତିଶଗଡ଼ ଇସୁଲନାର ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ଖବର ପାଇ ଯବାନମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ପରେ ସେଠାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ଯବାନମାନେ ଉକ୍ତ କ୍ୟାମ୍ପ ଧ୍ୱଂସ କରି ସେଠାରୁ ଟିଫିନ୍ ବୋମା, ତାର, ଡିଟୋନେଟର, ଜିଲୋଟିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ଗୁଳି ବିନିମୟ ବେଳେ ୩ରୁ ୪ଜଣ ମାଓବାଦୀ ମୃତାହତ ହୋଇଥିବା ପୋଲିସ କହିଛି । କିନ୍ତୁ ତାହା ଖବର ଲେଖିବା ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ।

## ବିଦ୍ୟାଭାରତୀଙ୍କ ଗିରଫଦାରି ଉପରେ ହାଇକୋର୍ଟଙ୍କ ରୋକ

### ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

କଟକ,୪।୭ (କାର୍ତ୍ତିକ ସାହୁ)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ତାଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡାଙ୍କ ଗିରଫଦାରି ଉପରେ ହାଇକୋର୍ଟ ମଙ୍ଗଳବାର ରୋକ ଲଗାଇଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟ ବିଦ୍ୟାଭାରତୀଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ହେଲେ ବିଦ୍ୟାଭାରତୀ ତଳକୋର୍ଟ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟକୁ ଆସିଥିବାବେଳେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁସାରେ, ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ବିଦ୍ୟାଭାରତୀଙ୍କୁ ଗିରଫ କରିବା ପାଇଁ ପୋଲିସ ଖୋଜୁଥିଲେ ମଧ୍ୟ ପତ୍ତା ପାଉ ନ ଥିଲା। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରୁ ସମନ ପରେ ପୋଲିସ ଟିମ୍ ୨ ଦିନ ପୂର୍ବରୁ ମୟୂରଭଞ୍ଜ ଜିଲା କପ୍ତିପଦାସ୍ଥିତ ବିଦ୍ୟାଭାରତୀଙ୍କ ପୈତୃକ ବାସଭବନରେ ଚଢ଼ାଉ କରିଥିଲା। ସେଠାରେ ତାଙ୍କୁ ପାଇ ନ ଥିବାବେଳେ ତାଙ୍କ ମାଆବାପାଙ୍କୁ ପଚରାଉଚରା କରିଥିଲା। ସେ ଯେଉଁସବୁ ସ୍ଥାନରେ ଥାଇପାରନ୍ତି ବୋଲି ଅନୁମାନ କରି ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏପଟେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ହାଇକୋର୍ଟ ଆସିଥିଲେ। ପୂର୍ବରୁ ବେହେରାଙ୍କୁ ମଧ୍ୟ ଗିରଫଦାରିରୁ ଆଶ୍ୱସ୍ତି ମିଳିଥିଲା। ବିଦ୍ୟାଭାରତୀ ବର୍ତ୍ତମାନ ବୈଶିଙ୍ଗା ଥାନା ଅନ୍ତର୍ଗତ ନଡ଼ପୁର ନୂଆଗାଁର ପ୍ରାଣୀଧନ ନିରୀକ୍ଷକ (ଏଲଆଇ) ଭାବେ କାର୍ଯ୍ୟରତ ଅଛନ୍ତି। ତେଣୁ ବୈଶିଙ୍ଗା ଥାନା ପୋଲିସ ବିଦ୍ୟାଭାରତୀଙ୍କୁ ଖୋଜିବା ପାଇଁ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ହେଲେ ସେ ଜୁନ୍ ୨୮ରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ଛୁଟିରେ ଯାଇଥିବା ତାଙ୍କ ଉପରିସ୍ଥ ଅଧିକାରୀ ପୋଲିସକୁ ସୂଚନା ଦେଇଥିବା ଜଣାଯାଇଛି।

ଏସିଏଫ୍ ସୌମ୍ୟରଞ୍ଜନ ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଥିବାବେଳେ ୨୦୨୧ ଜୁଲାଇ ୧୧ ରାତିରେ ସନ୍ଦେହଜନକ ଭାବେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ୨ ଦିନପରେ ତାଙ୍କର ମୃତ୍ୟୁ ଘଟିଥିଲା।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୭୦ ତା:୨୮।୦୬।୨୦୨୩

ବିଜ୍ଞାପନ

No. CAD-1137: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗଙ୍ଗନଗର, ବନଜା ଆପାର୍ଟମେଣ୍ଟ 2 BR ଫ୍ଲାଟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଘର ନଂ. ସି–୧/୫୫ (C-1/55) ଟିକୁ ଶ୍ରୀମତୀ ଏରିନ୍ ଗୋନସାଲଭିସ୍, ସ୍ୱାମୀ: ରୋବଟ୍ ଗୋନସାଲଭିସ୍, ସା: ୧୪, ଆର୍ଯ୍ୟପଲ୍ଲୀ, ପଟିଆ, ପୋ.: ପଟିଆ, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଏରିନ୍ ଗୋନସାଲଭିସ୍ ଉକ୍ତ ଫ୍ଲାଟ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଆରତୀ ପ୍ରଧାନ, ସ୍ୱାମୀ: ବିଧାନ ଚନ୍ଦ୍ର ପ୍ରଧାନ, ସା.: ନୀଳକଣ୍ଠେଶ୍ୱରପୁର, ବେଗୁନିଆ, ପୋ/ଥା: ବେଗୁନିଆ, ଜିଲ୍ଲା: ନୟାଗଡ଼ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0215/2324

GOVT. OF ODISHA No.A-288:
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RAYAGADA IRRIGATION DIVISION, RAYAGADA
(email id:sergdirr@gmail.com)
e- Procurement Notice No.SE-RID-01/2023-24

| | | | |
|---|---|---|---|
| 1. | Type of Works | : | Flood Protection Works |
| 2. | Total number of Packages | : | 5 ( Five) Nos, |
| 3. | Estimated Cost | : | Rs. 33.40 lakhs to Rs. 41.52 lakhs. |
| 4. | Bid Identification No. | : | RID-1/ 2023-24, RID-2/ 2023-24, RID-3/ 2023-24, RID-4/ 2023-24, RID-5/ 2023-24. |
| 5. | Period of Completion | : | 7 (Seven Calendar) months |
| 6. | Availability & submission of Bids online | : | From 11.00 AM of 06.07.23 to 5.00 PM of 21.07.23. |
| 7. | Date of Opening of Technical Bids | : | 24.07.2023 at 11.30 AM. in the, O/o the Superintending Engineer, Rayagada Irrigation Division. Rayagada |
| 8. | Procurement Officer | : | Superintending Engineer, Rayagada Irrigation Division, Rayagada. |
| 9. | Further details can be seen from Govt. Website: www.tendersorissa.gov.in and any addendum/corrigendum/cancellation will be published in the said website | | |

The Authority reserves the right to reject/cancel any or all the tenders without assigning any reason thereof.

Sd./- Superintending Engineer
Rayagada Irrigation Division, Rayagada
OIPR-32479/11/0002/2324

See Career Appointment on every Wednesday & Saturday

ବିଜ୍ଞପ୍ତି



No. g-48: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁ ପୁତ୍ରଟିକୁ ଗତ ତା।୨୫।୦୨।୨୦୨୩ରିଖରେ ଶଗଡ଼ିଆ ସାହି, ପ୍ରଫେସରପଡ଼ାରେ ରହୁଥିବା ଏକ ଦମ୍ପତିଙ୍କ ଘରୁ କଟକ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇଥିଲା। ଉକ୍ତ ଦମ୍ପତିଙ୍କ କହିବା ଅନୁଯାୟୀ ସେ ଏହି ଶିଶୁଟିକୁ ଗତ ତା୦୪।୦୬।୨୦୨୨ରିଖରେ ନରାଜ–ଧବଳେଶ୍ୱର ରାସ୍ତାକଡ଼ରୁ ପରିତ୍ୟକ୍ତ ଅବସ୍ଥାରେ ପାଇଥିଲେ। ଏହି ଦମ୍ପତି ମଧ୍ୟ ଉକ୍ତ ପରିତ୍ୟକ୍ତ ଶିଶୁଟିର ବାପା, ମାଆ କିମ୍ବା ଅନ୍ୟ କେହି ପରିବାରବର୍ଗଙ୍କୁ ଜାଣିନାହାନ୍ତି ବୋଲି କହିଲେ। ଏ ପର୍ଯ୍ୟନ୍ତ ଶିଶୁଟିର ନିଜ ପରିବାର ବିଷୟରେ କିଛି ଜଣାନାହିଁ। ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୪/୨୦୨୩ ଅନୁଯାୟୀ "ସୌମେନ୍ଦ୍ର" ଏବେ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରହୁଅଛି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ୍, କଟକ, ଫୋନ ନଂ.: ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ବସୁନ୍ଧରା, ବିଡ଼ାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ – ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0006/2324

# ପୁଣି ମହାପ୍ରଭୁଙ୍କ ନାଁରେ ଅନ୍‌ଲାଇନ ଠକେଇ

## ବିଦେଶ ପର୍ଯ୍ୟନ୍ତ ଲମ୍ବିଛି ଚେର

- ପୂଜା, ବ୍ରାହ୍ମଣ ଭୋଜନ ପାଇଁ ନିଆଯାଉଛି ଡଲାର
- 'ଶାଲିଗ୍ରାମ୍ ଶାଳା' ୱେବ୍‌ସାଇଟ ବିରୋଧରେ ଏତଲା
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେବ: ଶ୍ରୀମନ୍ଦିର ପ୍ରଶାସନ

**ପୁରୀ, ୪।୭(ଅଜିତ୍ ମହାନ୍ତି)**

ପୁଣି ମହାପ୍ରଭୁଙ୍କ ନାଁରେ ଅନ୍‌ଲାଇନ ଠକେଇ। କେବଳ ରାଜ୍ୟ କିମ୍ବା ଦେଶ ଭିତରେ ନୁହେଁ, ବିଦେଶ ପର୍ଯ୍ୟନ୍ତ ଲମ୍ବିଛି ଏହି ଠକେଇର ଚେର। ଭକ୍ତଙ୍କଠାରୁ ଡଲାରରେ ନିଆଯାଉଛି ଦକ୍ଷିଣା। ଶ୍ରୀମନ୍ଦିରରେ ସିଦ୍ଧ ପୂଜା, ଶାଳଗ୍ରାମ ପୂଜା ଭଳି କେତେକ ପୂଜା କରାଇଦେବା ପାଇଁ ଭକ୍ତଙ୍କ ଭାବନା ସହ ଖେଳ ଖେଳାଯାଉଛି। 'ଶାଲିଗ୍ରାମ୍ ଶାଳା' ନାମକ ଏକ ୱେବ୍‌ସାଇଟ୍‌ରେ ମହାପ୍ରଭୁଙ୍କ ନାଁରେ ଏଭଳି ଅନ୍‌ଲାଇନ ଠକେଇ ହେଉଥିବା ନେଇ ମଙ୍ଗଳବାର ପୁରୀ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ଛାମୁ ଖୁଣ୍ଟିଆ ଶମ୍ଭୁ ଖୁଣ୍ଟିଆ ସମ୍ପୃକ୍ତ ୱେବ୍‌ସାଇଟ୍ ବିରୋଧରେ ଏହି ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, 'ଶାଲିଗ୍ରାମ୍ ଶାଳା' ନାମକ ୱେବ୍‌ସାଇଟ ବିଜ୍ଞାପନରେ ଉଲ୍ଲେଖ ରହିଛି ଯେ, ବିଭିନ୍ନ ପୂଜା ପାଇଁ ଭିନ୍ନ ଭିନ୍ନ ଅର୍ଥରାଶି ଦେବାକୁ ପଡ଼ିବ। ବିଗ୍ରହଙ୍କ ଶ୍ରୀନାଥଜୀ ଶୃଙ୍ଗାର ପୂଜା କରିବାକୁ ୪୫୦୦ ଟଙ୍କା ବା ୫୯ ଡଲାର ରଖାଯାଇଛି। ୩ ବିଗ୍ରହଙ୍କ ଏହି ପୂଜା କଲେ ୧୧,୫୦୦ ଟଙ୍କା ଦେବାକୁ ହେବ। ଗୋଟିଏ ଦିନ ୩ଜଣ ପୂଜକଙ୍କ ଦ୍ୱାରା ସିଦ୍ଧ ପୂଜା କରିବାକୁ ହେଲେ ୧୨,୧୦୦ ଟଙ୍କା ବା ୧୫୯ ଡଲାର ଦେବାକୁ ପଡ଼ିବ। ୭ ଜଣ ପୂଜକଙ୍କ ଦ୍ୱାରା ୩ ଦିନ ଧରି ଏହି ପୂଜା କଲେ ୪୦ ହଜାର ଟଙ୍କା ବା ୫୨୬ ଡଲାର ଦେବାକୁ ହେବ। ଶ୍ରୀମନ୍ଦିରରେ ବ୍ରାହ୍ମଣ ଭୋଜନ କରାଇବା ନାଁରେ ଟଙ୍କା ଆଦାୟ ସହ ଡିସ୍‌କାଉଣ୍ଟ ଦିଆଯାଉଛି। ୧୧ ଜଣ ବ୍ରାହ୍ମଣ ଭୋଜନ କରାଇବାକୁ ୬୦୦୦ ଟଙ୍କା ଓ ୨୧ ଜଣ ବ୍ରାହ୍ମଣ ଭୋଜନ କରାଇବାକୁ ୧୧,୫୦୦ ଟଙ୍କା ମଗାଯାଉଛି। ଶ୍ରୀମନ୍ଦିରରେ ବ୍ରାହ୍ମଣ ଭୋଜନ କରାଇବାର ଅନେକ ଶୁଭଫଳ ସମ୍ପର୍କରେ ପ୍ରଚାର କରି ଭକ୍ତଙ୍କୁ ପ୍ରଲୋଭିତ କରାଯାଉଛି। ଏପରିକି ଜଗନ୍ନାଥ ଶାଳଗ୍ରାମ ବିକ୍ରି ହେଉଥିବା ନେଇ ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି। ୨ହଜାର ଟଙ୍କାରୁ ଆରମ୍ଭ କରି ୭୫ ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଶାଳଗ୍ରାମ ବିକ୍ରି କରିବାକୁ ସମ୍ପୃକ୍ତ ୱେବ୍‌ସାଇଟରେ ବିଜ୍ଞାପନ ଦିଆଯାଇଛି। ଶ୍ରୀମନ୍ଦିରକୁ ନେଇ ଆନିମେଟେଡ୍ ଫଟୋ ମାଧ୍ୟମରେ ଭକ୍ତଙ୍କୁ ଭ୍ରମିତ କରାଯାଉଛି। କେବଳ ଏତିକି ନୁହେଁ, ଭକ୍ତ ଦେଉଥିବା ଟଙ୍କାରେ ପୂଜା କରାଯାଉଛି ବୋଲି ଭିଡିଓ ପ୍ରମାଣ ଦେଖାଯିବ ବୋଲି ମଧ୍ୟ ସମ୍ପୃକ୍ତ ୱେବ୍‌ସାଇଟରେ ପ୍ରତିଶ୍ରୁତି ମିଳୁଛି।

ଖୁଣ୍ଟିଆ ଅଭିଯୋଗ କରିଛନ୍ତି, ଶାଳଗ୍ରାମ ଆପ୍ ଠକାମି କରୁଛି। ଶ୍ରୀମନ୍ଦିରରେ ଶାଳଗ୍ରାମ ବିକ୍ରୟ କରାଯାଉଥିବା ନେଇ ମିଥ୍ୟା ଓ ବେଆଇନ ଭାବେ ବିଜ୍ଞାପନ ଦେଇଛି। ଶ୍ରୀମନ୍ଦିରରେ ଏଭଳି ପରମ୍ପରା କିମ୍ବା ବିଧି ନାହିଁ। ଶ୍ରୀମନ୍ଦିରର ସ୍ୱତନ୍ତ୍ର ୱେବସାଇଟ୍ ରହିଛି, ଯେଉଁଥିରେ ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ଦେଇପାରିବେ। ଏପରି ବିଜ୍ଞାପନ ଫଳରେ ଭକ୍ତମାନେ ଶୋଷଣ ହେଉଛନ୍ତି। ତେଣୁ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ଖୁଣ୍ଟିଆ କହିଛନ୍ତି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଏପରି ଠକ ସଂସ୍ଥା ୱେବସାଇଟ୍ ଖୋଲି ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି, କିନ୍ତୁ ତାହା ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗୁନାହିଁ। ତେଣୁ ଏହାର ତଦନ୍ତ କରାଯାଉ। ଯଦି ପୁରୀର କୌଣସି ବ୍ୟକ୍ତି କିମ୍ବା ସେବାୟତ ଏପରି ସଂସ୍ଥା ସହିତ ସମ୍ପୃକ୍ତ ଥାଆନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି, ଏଭଳି ଅଭିଯୋଗ ବା ଘଟଣା ସମ୍ପର୍କରେ ସେ ଅବଗତ ନାହାନ୍ତି। ଗଣମାଧ୍ୟମରୁ ଏନେଇ ଜାଣିବାକୁ ପାଇଲେ। ଯଦି ସେମିତି କିଛି ହୋଇଥାଏ, ତେବେ ଆଇଟି ସେଲ୍‌କୁ ସୂଚନା ଦିଆଯିବା ସହ ତଦନ୍ତ କରାଯିବ। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସନ ଅଜୟ କୁମାର ଜେନା କହିଛନ୍ତି, ପୂର୍ବରୁ ଏପରି ମିଥ୍ୟା ଆପ୍‌ରେ ଶ୍ରୀମନ୍ଦିର ସମ୍ପର୍କିତ ବିଜ୍ଞାପନ ବାହାରିଥିବା ଜାଣିବା ପରେ ଥାନାରେ ଏତଲା ଦିଆଯାଇଥିଲା। ବର୍ତ୍ତମାନ 'ଶାଲିଗ୍ରାମ୍ ଶାଳା' ଆପ୍ ବିରୋଧରେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏତଲା ଦିଆଯିବ। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି କରାଯାଇଛି ବୋଲି ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତାପଦ୍ମା ଦାସ କହିଛନ୍ତି।



ଶାଲିଗ୍ରାମ୍ ଶାଳା ୱେବ୍‌ସାଇଟ୍‌ରେ ଦିଆଯାଇଥିବା ବିଜ୍ଞାପନ।


ସିଂହଦ୍ୱାର ଥାନାରେ ଶମ୍ଭୁ ଖୁଣ୍ଟିଆ ଏତଲା ଦେଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିଏମ୍‌ସିର ଡମ୍ପିଂୟାର୍ଡକୁ ଉଠାଇନେବା ଦାବିରେ ସିପିଆଇ ପକ୍ଷରୁ ଶୋଭାଯାତ୍ରା, ଗାଡ଼କଣ କେଲୁଚରଣ ପାର୍କ, ପୂର୍ବାହ୍ନ ୧୦ଟା ୩୦।

କଟକ
- ଏଫ୍ଏଓର ଲିଗ୍-୨୦୨୩ର ଶୁଭ ଉଦ୍‌ଘାଟନ, ବାରବାଟୀ ଷ୍ଟାଡିୟମ୍, ସନ୍ଧ୍ୟା ୬ଟା।

## ୩ ଜିଲାରେ ସିଡିଏମ୍ଓଙ୍କ ବଦଳି

**କଟକ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ):** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୩ ଜିଲାର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବଦଳି କରାଯାଇଛି। କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ସତ୍ୟବ୍ରତ ଛୋଟରାୟଙ୍କୁ ଭୁବନେଶ୍ୱରସ୍ଥିତ ବିଏମ୍‌ସି ହସ୍ପିଟାଲର ସିଏମ୍ଏମ୍ଓ ଭାବରେ ବଦଳି କରାଯାଇଛି। ସେହିପରି ନୟାଗଡ଼ ସିଡିଏମ୍ଓ ଡା. ମକରାନନ୍ଦ ବେଉରାଙ୍କୁ କଟକ ସିଡିଏମ୍ଓ ଏବଂ ଭୁବନେଶ୍ୱର ବିଏମ୍‌ସି ହସ୍ପିଟାଲର ସିଏମ୍ଏମ୍ଓ ଡା. ଜିତେନ୍ଦ୍ର ମୋହନ ବେହେରାଙ୍କୁ ବରଗଡ ସିଡିଏମଓ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ କାର୍ଯ୍ୟରତ ଡା. ରମାକାନ୍ତ ପଣ୍ଡାଙ୍କୁ ନୟାଗଡ଼ ସିଡିଏମ୍ଓ ଭାବରେ ନିଯୁକ୍ତି ମିଳିଛି। ସେହିପରି ବରଗଡ଼ ସିଡିଏମ୍ଓ ଚାରୁବାଳା ରଥଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିବା ନେଇ ମଙ୍ଗଳବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ସରିଲା ଯୁକ୍ତ ୩ ନାମଲେଖା ଆବେଦନ

**ଭୁବନେଶ୍ୱର,୪।୭(ଅନୁରାଧା ମହାରଣା):** ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ କଳା, ବିଜ୍ଞାନ ଓ ବାଣିଜ୍ୟ ଓ ସେଲ୍ଫ ଫାଇନାନ୍‌ସିଂରେ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। କଟ୍‌ଅଫ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଆସନ୍ତା ୧୪ ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ମନ ପସନ୍ଦର କଲେଜରେ ନାମ ଲେଖାଇବାକୁ ଆବେଦନକାରୀ ଅପେକ୍ଷା କରିଛନ୍ତି। ସୂଚନାଥାଉ କି, ୨୦୨୩-୨୪ ଶିକ୍ଷାବର୍ଷରେ ୧୦୪୨ କଲେଜର ୨ ଲକ୍ଷ ୭୦ହଜାର ୩୪୭ ସିଟ୍‌ରେ ନାମଲେଖା ହେବ। କଳା ବିଭାଗର ୧ ଲକ୍ଷ ୫୧ ହଜାର ୯୦୨, ଫିଜିକାଲ ସାଇନ୍ସରେ ୪୬,୧୩୯, ବାୟୋଲୋଜିକାଲ ସାଇନ୍ସରେ ୨୮,୬୯୨, ବାଣିଜ୍ୟର ୩୨,୩୮୦, ସେଲ୍ଫ ଫାଇନାନ୍ସିଂର ୨,୦୮୬ ଓ ସଂସ୍କୃତରେ ୯,୧୪୮ ସିଟ୍ ରହିଛି। ତେବେ ଜୁନ୍ ୧୯ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ରାତି ୧୦ଟା ସୁଦ୍ଧା ୨ ଲକ୍ଷ ୨୨ ହଜାର ୮୬୮ ଜଣ ପଞ୍ଜୀକରଣ ଓ ୨ ଲକ୍ଷ ୨୧ ହଜାର ୭୮୯ଜଣ ଅନଲାଇନରେ ଦେୟ ପୈଠ କରିଛନ୍ତି। ଆବେଦନକାରୀ ଜୁଲାଇ ୭ ମଧ୍ୟରେ ତଥ୍ୟ ପରିବର୍ତ୍ତନ କରିପାରିବେ ବୋଲି ସୂଚନା ଦିଆଯାଇଛି।



୩ଦଫା ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କମ୍ପ୍ୟୁଟର ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

## କମ୍ପ୍ୟୁଟର ଶିକ୍ଷକଙ୍କ ବିକ୍ଷୋଭ

**ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)**

୩ଦଫା ନେଇ ଲୋୟର ପିଏମ୍‌ଜିରେ କମ୍ପ୍ୟୁଟର ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଇସିଟି ଇ-ବିଦ୍ୟାଳୟରୁ ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ସଂଘର ମୁଖ୍ୟ ଦାବି ବୋଲି ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି। ରାଜ୍ୟର ୫-ଟି ଅଧୀନରେ ରୂପାନ୍ତରିତ ହୋଇଥିବା ସମସ୍ତ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପ୍ରଚଳନ ସହ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ବାଧ୍ୟତାମୂଳକ କରାଯିବା ନେଇ ଦାବି ରଖାଯାଇଛି। ତେବେ ଏହି ୩ ଦଫା ଦାବି ପୂରଣ ନ ହେବା ଯାଏ ସଂଘ ଆନ୍ଦୋଳନରୁ ଓହରିବ ନାହିଁ ବୋଲି ସଂଘ ସମ୍ପାଦକ ଦିଲୀପ କୁମାର ନାୟକ ସୂଚନା ଦେଇଛନ୍ତି।

# ଖତ ଖାଉଛି ୨୦ ବ୍ୟାଟେରି ଅଟୋ

- ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅଣାଯାଇଥିଲା
- ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

**କୋଣାର୍କ,୪।୭(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଏନ୍ଏସି କାର୍ଯ୍ୟାଳୟ ପରିସରରେ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ୨୦ଟି ବ୍ୟାଟେରିଚାଳିତ ଅଟୋ ପଡ଼ିରହି ଖତ ଖାଉଛି। ଅଞ୍ଚଳରେ ଥିବା ମହିଳାଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ଏହି ଅଟୋଗୁଡ଼ିକ ଅଣାଯାଇଥିଲା। ତେବେ ସେଗୁଡ଼ିକ ମଧ୍ୟରୁ ଗୋଟିଏ ବି ଏପର୍ଯ୍ୟନ୍ତ ଆବଣ୍ଟନ କରାଯାଇପାରିଲା ନାହିଁ। ଆବଣ୍ଟନ ନ କରିପାରିବା ଏନ୍ଏସି କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ କୋଣାର୍କ ଅଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କକୁ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। ସେମାନଙ୍କୁ ସୂର୍ଯ୍ୟମନ୍ଦିର ପରିସର, ଚନ୍ଦ୍ରଭାଗା ବେଳାଭୂମି ପ୍ରଭୃତି ସ୍ଥାନ ବୁଲାଇବାକୁ ସରକାରଙ୍କ ପକ୍ଷରୁ ଅଟୋ ବ୍ୟବସ୍ଥା କରାଯାଇଥିଲା। କୋଣାର୍କ ଅଧୀନ ୧୩ଟି ୱାର୍ଡର ଅସହାୟ ଓ ଗରିବ ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ୨୦ଟି ବ୍ୟାଟେରି ଚାଳିତ ଅଟୋରିକ୍ସା ଆବଣ୍ଟନ ପାଇଁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ହେଲେ ଏହି ଅଟୋରିକ୍ସାଗୁଡ଼ିକ ପ୍ରାୟ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ଏନ୍ଏସି କାର୍ଯ୍ୟାଳୟ ପରିସରରେ ପଡ଼ିରହିଥିଲେ ମଧ୍ୟ ବଣ୍ଟାଯାଇପାରି ନାହିଁ। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ି ଖତ ଖାଉଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଅଟୋଗୁଡ଼ିକରେ କିଛି ତ୍ରୁଟି ରହିଛି କି ନାହିଁ, କର୍ତ୍ତୃପକ୍ଷ କାହିଁକି ସେଗୁଡ଼ିକୁ ଆବଣ୍ଟନ କରୁନାହାନ୍ତି ସେ ସଂକ୍ରାନ୍ତରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ କୋଣାର୍କ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ ଏବଂ ପୁରୀ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ସମେତ ବିଭିନ୍ନ ଟ୍ରଷ୍ଟ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ କହିଛନ୍ତି, ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଅଧିକାଂଶ ସମୟ ଅଫିସ ଆସୁନାହାନ୍ତି। ଫଳରେ ଉନ୍ନୟନ କାର୍ଯ୍ୟ ଠପ୍ ହେବା ସହିତ ବ୍ୟାଟେରି ଅଟୋ ଆବଣ୍ଟିତ ହୋଇପାରୁନାହିଁ। ଅନ୍ୟପକ୍ଷରେ ଏନ୍ଏସି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ରଙ୍କୁ ଏ ସଂକ୍ରାନ୍ତରେ ପଚରାଯିବା ପାଇଁ ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ।


କୋଣାର୍କ ଏନ୍ଏସି କାର୍ଯ୍ୟାଳୟ ପରିସରରେ ପଡ଼ିରହିଥିବା ବ୍ୟାଟେରି ଅଟୋ।



ଭୀମ୍ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଆକ୍ରମଣକୁ ଦଳିତ ନେତା, ସାମାଜିକ କର୍ମୀମାନେ ଦୃଢ଼ ନିନ୍ଦା କରିଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମଜିରେ ବିକ୍ଷୋଭ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଉଥିବାବେଳେ ପୋଲିସ ଅଟକାଇଥିଲା। ଏଥିରେ ନାଗରିକ ଏକତା ପରିଷଦ, ମୂଳନିବାସୀ ୟୁନାଇଟେଡ ଫୋରମ, ଭାରତୀୟ ବୌଦ୍ଧ ମହାସଭା, ନିଖିଳ ଉତ୍କଳ ରଜକ ମହାସଭା, ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସମିତି, ଡାଙ୍ଗମାଳ ସେବକ ସଂଘ, ଭୀମ ଆର୍ମି, ଲକ୍ଷେଘର ଗଣ୍ଡା ସମାଜର ପ୍ରତିନିଧି ସାମିଲଥିଲେ। (ଫଟୋ-ମନୋରଞ୍ଜନ ମିଶ୍ର)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚିନ୍ମୟ


@ ପ୍ରମୋଦ


@ ନବଜିତ୍


@ ନୀଳଚକ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଓଲଟିଲା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍, ଡ୍ରାଇଭର ମୃତ


ଓଲଟି ପଡ଼ିଥିବା ଟ୍ରକ୍‌କୁ କ୍ରେନ୍ ସାହାର୍ଯ୍ୟରେ ଉଠାଯାଉଛି।

**ଝାଁଲା,୪।୭(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ୧୬ ନମ୍ବର ଜାତୀୟ ରାଜପଥର ଝାଁଲା ଫାଣ୍ଡି ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଡିଭାଇଡରରେ ପିଟିହୋଇ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟମାଣ୍ଡୋ ଟାଙ୍ଗୀସାହି ଅଞ୍ଚଳର ମୁନା ନାୟକ(୩୩)। ସୂଚନା ମୁତାବକ, ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢ଼ିଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକ୍‌ରେ ମାଙ୍କଡ଼ା ପଥର, ମୋରମ, କଳାମୁଗୁନି ଓ ବଉଳମାଳା ପଥର ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ମଙ୍ଗଳବାର ସକାଳ ୭ଟାରେ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ (ଓଆର୍ ୦୯ଇ ୩୬୬୨) ଦ୍ରୁତଗତିରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଝାଁଲା ଫାଣ୍ଡି ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଟ୍ରକଟି ରାସ୍ତା ମଝି ଡିଭାଇଡରରେ ପିଟିହୋଇ ଓଲଟି ପଡ଼ିଥିଲା। ଫଳରେ ଚାଳକ ମୁନା ଟ୍ରକ୍ ତଳେ ଚାପି ହୋଇ ଯାଇଥିଲେ। ଏଥିସହିତ ଟ୍ରକରେ ଥିବା ପଥର ରାସ୍ତାରେ ବିଛାଇ ହୋଇ ପଡ଼ିବାରୁ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ କାର୍ କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକ ଓ ଜେସିବି ସହାୟତାରେ ଟ୍ରକରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ମାଙ୍କଡ଼ା ପଥରକୁ ରାସ୍ତାରୁ ହଟାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଜୁଲାଇ, ୨୦୨୩

## ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣା: ୨ଗିରଫ

ସାଲେପୁର,(ଅରବିନ୍ଦ ଭୂୟାଁ)-ସରକାରୀ କାର୍ଯ୍ୟ କରୁଥିବାବେଳେ ସାଲେପୁର ତହସିଲର ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣକରିବା ଅଭିଯୋଗରେ ସାଲେପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ୧୧ ତାରିଖରେ ସାଲେପୁର ତହସିଲର ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶାରଦା ପ୍ରସନ୍ନ ସାହୁ ପୁରଣ ଗ୍ରାମର ଚକବନ୍ଦୀ କାର୍ଯ୍ୟ କରୁଥିବାବେଳେ ଉକ୍ତ ଗ୍ରାମର ବିଜୟ କୁମାର ନାୟକ ଓ ଅଜୟ କୁମାର ନାୟକ ତାଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ଏନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା ନଂ. ୧୯୩/୨୩ରେ ରୁଜୁ କରିଥିଲା। ଏନେଇ ପ୍ରତିବାଦ ହେବା ପରେ ପୋଲିସ ମୋବାଇଲ ଟ୍ରାକିଂ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି।



## ସଂକ୍ଷେପରେ

### ସାପ କାମୁଡ଼ାରେ ଆଶାକର୍ମୀଙ୍କ ମୃତ୍ୟୁ

ତିଗିରିଆ,୪।୭(ଜାଫର ଖାଁ): ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମର ଆଶାକର୍ମୀ ଶାନ୍ତିଲତା ସ୍ୱାଇଁ(୫୧)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସୋମବାର ରାତିରେ ଶାନ୍ତିଲତା ଶୋଇଥିବା ସମୟରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଏବଂ ପଡ଼ୋଶୀ ଏହା ଜାଣିବା ପରେ ତାଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳାବାଗ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସନ୍ଧ୍ୟାରେ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଆଶାକର୍ମୀଙ୍କ ଅକାଳ ବିୟୋଗରେ ଗ୍ରାମବାସୀ ଏବଂ ତିଗିରିଆ ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ସହକର୍ମୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

### ମଦ ବୋଝେଇ କାର୍ ଜବତ, ଚାଳକ ଗିରଫ

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ): ମଙ୍ଗଳବାର ଭୋର ସମୟରେ କଟକ ଅବକାରୀ ବିଭାଗ ରତାଗଡ ନୁଆସହି ମୁଖ୍ୟରାସ୍ତାରୁ ୬୨୦ଲିଟର ଦେଶୀମଦ ବୋଝେଇ କାର୍ ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବଡ଼ମ୍ବା ଥାନା ଅଞ୍ଚଳର ବିଜୟ କୁମାର ମୁଦୁଲି। ଏହି ଘଟଣାରେ ଆଉ ଜଣେ ଫେରାର ହୋଇଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ବିଜୟଙ୍କୁ କୋର୍ଟଚାଲଣ କରିଛି। ପ୍ରକାଶ ଯେ, କଟକ ରାସ୍ତାଦେଇ ବେଆଇନ ମଦ ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ କଟକ ଅବକାରୀ ବିଭାଗ ଖବରପାଇଥିଲା। ଫଳରେ ଅବକାରୀ ବିଭାଗର ଏକ ଟିମ୍ ମଙ୍ଗଳବାର ଭୋରୁ ରତାଗଡନୂଆସହି ମୁଖ୍ୟରାସ୍ତାରେ ଜଗିରହିଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଓଡି ୧୫ୟୁ ୫୪୦୧ନଂ କାର୍‌ଟିକୁ ରୋକିଥିଲେ। କାର୍‌ଟିକୁ ଯାଞ୍ଚ କରିବା ପରେ ଗାଡିରେ ଥିବା ୬୨୦ଲିଟର ବେଆଇନ ଦେଶୀ ମଦକୁ ଜବତ କରିଥିଲେ। ଅବକାରୀ ବିଭାଗ ଚାଳକଙ୍କୁ ଗିରଫ କରିବା ବେଳେ କାର୍‌ରେ ଥିବା ଚାଳକଙ୍କ ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଥିଲା।

### ନିଆଁରେ ବଖରାଏ ଜଳିଗଲା

ମାହାଙ୍ଗା,୪।୭(ଯଯାତି ସିଂହ)ମାହାଙ୍ଗା ତହସିଲ ଅଧିନ ଚାହାପଡା ପଞ୍ଚାୟତ ଜହଲ ଗ୍ରାମରେ ମହେନ୍ଦ୍ର କୁଅଁରଙ୍କ ଚାଳ ଛପର ଘରେ ଅଗ୍ନିକାଣ୍ଡ ଘଟି ଏକ ବଖରା ସହ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ କୁଆଁପାଳ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ମାଟ୍ରିକ୍ ସାର୍ଟିଫିକେଟ୍‌ରେ ବ୍ୟାପକ ତ୍ରୁଟି

**ଶିକ୍ଷା ବିଭାଗର ଖାମଖିଆଲ ନୀତି**

- ପରୀକ୍ଷା ସାର୍ଟିଫିକେଟରେ ବଦଳିଗଲା ଛାତ୍ରୀଛାତ୍ରଙ୍କ ଫଟୋ
- ପ୍ରବେଶପତ୍ରରେ ବି ଏଭଳି ତ୍ରୁଟି ହୋଇଥିଲା

ନିଶ୍ଚିନ୍ତକୋଇଲି,୪।୭ (ଅଶୋକ କୁମାର ମହାପାତ୍ର)


ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ସାର୍ଟିଫିକେଟ୍‌ରେ ତ୍ରୁଟି ଥିବା ଦେଖାଉଛନ୍ତି।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ସାର୍ଟିଫିକେଟ୍‌ରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ପାସ୍‌କରିଥିବା ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍‌ରେ ଫଟୋ ବଦଳି ଯାଇଛି। ଏହି ବିଦ୍ୟାଳୟରେ ଚଳିତବର୍ଷ ରାଜ୍ୟ ମାଧ୍ୟମିକ ଶିକ୍ଷାବୋର୍ଡ ଅଧୀନରେ ୭୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେତେବେଳେ ୬୯ ଜଣ ଛାତ୍ରୀଛାତ୍ରଙ୍କ ପ୍ରବେଶପତ୍ରରେ ସେମାନଙ୍କ ଫଟୋ ଜାଗାରେ ଅଚିହ୍ନା ଫଟୋ ଲାଗିଥିଲା। ଏନେଇ ପିଲାଙ୍କ ପରୀକ୍ଷାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହାର ସମାଧାନ କରିବା ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ପ୍ରବେଶପତ୍ରରେ ସାମୟିକଭାବେ ନିଜର ପାସପୋର୍ଟ ସାଇଜ ଫଟୋ ଲଗାଇ ଦସ୍ତଖତ କରି ପରୀକ୍ଷା ହଲରେ ବସିଥିଲେ। ୨ ମାସ ପରେ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପାସ ପ୍ରମାଣପତ୍ର ମିଳିଛି। ସେଥିରେ ମଧ୍ୟ ପୁରୁଣା ଭୁଲର ପୁନରାବୃତ୍ତି ହୋଇଥିବା ଦେଖିବାକୁ ମିଳିଛି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏଭଳି ତ୍ରୁଟି ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି ବୋଲି ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି,ଏହି ତ୍ରୁଟିପୂର୍ଣ୍ଣ ମାଟ୍ରିକ ପାସ ପ୍ରମାଣ ପତ୍ର ସଂଶୋଧନ କରାଯାଇ ଛାତ୍ରୀଛାତ୍ରଙ୍କୁ ଠିକ୍ ପ୍ରମାଣପତ୍ର ପ୍ରଦାନ କରାଯିବ।

## ବିଶ୍ୱ କଲ୍ୟାଣ ପାଇଁ ଯଜ୍ଞ, ଯୋଗ ଜରୁରୀ

ବଡ଼ମ୍ବା,୪।୭(ମାୟାଧର ମଲ୍ଲିକ)

ବଡମ୍ବା ରାଜବାଟୀସ୍ଥିତ ରାଜ ଭବନ ପରିସରରେ ମଙ୍ଗଳବାର ପ୍ରାଣ ଯୋଗ ପ୍ରତିଷ୍ଠାନର ଉନବିଂଶ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ପୁରୋଧା ଭାବେ ରାଜା ସାହେବ ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର ଓ ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ତଥା କୁମାର ସାହେବ ତ୍ରିଭୁବନ ଚନ୍ଦ୍ର ଦେବ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଶିକ୍ଷକ ନେତା ଅଶୋକ କୁମାର ଧଳ ପ୍ରତିଷ୍ଠାନର ପ୍ରତି ମାସର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।ବିଶ୍ୱ କଲ୍ୟାଣ ପାଇଁ ଯଜ୍ଞ ଓ ଯୋଗ ଜରୁରୀ ବୋଲି ରାଜା ସାହେବ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ରଚିତ କାବ୍ୟ ଉନ୍ମୋଚିତ ହୋଇଥିଲା। ତ୍ରିନାଥ ରଣା ଧନ୍ୟବାଦ ଦେଇଥିଲେ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଶିମିଳିପାଟଣା ଗ୍ରାମରେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ବସନ୍ତ କୁମାର ସାହୁ। ପ୍ରକାଶ ଯେ, ସୋମବାର ଶିମିଳିପାଟଣାରେ ଘରଭଡା ନେଇ ରହୁଥିବା ମା ଓ ଦୁଇ ଝିଅ ଗାଁଭିତର ଦେଇ ଯାଉଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ବସନ୍ତ ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଘଟଣା ପରେ ଯୁବତୀଜଣଙ୍କ ବସନ୍ତଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଘଟଣାର ସମାଧାନ ହୋଇପାରି ନଥିଲା। ଏହାପରେ ଯୁବତୀ ଜଣଙ୍କ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

# ପାନୀୟ ଜଳ ଯୋଗାଣ, କୃଷି ଉପରେ ଗୁରୁତ୍ୱ


ବଡ଼ମ୍ବା ପଞ୍ଚାୟତ ସମିତିର ତୃତୀୟ ଅଧିବେଶନରେ ମଞ୍ଚାସୀନ ଅତିଥି।

ବଡ଼ମ୍ବା,୪।୭(ମାୟାଧର ମଲ୍ଲିକ)

**ବଡ଼ମ୍ବା ପଞ୍ଚାୟତ ସମିତିର ତୃତୀୟ ଅଧିବେଶନ**

ବଡ଼ମ୍ବା ପଞ୍ଚାୟତ ସମିତିର ତୃତୀୟ ଅଧିବେଶନ ସମିତି କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ଯୋଗଦେଇ ମେଗା ପାନୀୟ ଜଳ ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାର ଅଗ୍ରଗତି ସମ୍ପର୍କରେ କମ୍ପାନୀ ପ୍ରୋଜେକ୍ଟ ମ୍ୟାନେଜର ଶିବସୁନ୍ଦର ଓ ଅଧୀକ୍ଷଣ ଯନ୍ତ୍ରୀ ଚଚିନ ମିଶ୍ର ଗୃହକୁ ଅବଗତ କରାଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା, ସଭ୍ୟ ଅଂଶଗ୍ରହଣ କରି ନିଜ ଅଞ୍ଚଳରେ ପାନୀୟ ଜଳ ଯୋଗାଣରେ ହେଉଥିବା ଅସୁବିଧା

ଦୂର କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡା କୃଷି, ମିଲେଟ ଚାଷ ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷି ଅଧିକାରୀ ଏବିଷୟରେ ଅବଗତ କରାଇଥିଲେ। ବୃଦ୍ଧା, ବୃଦ୍ଧ ଓ ଭିନ୍ନକ୍ଷମଙ୍କ ଭତ୍ତା ଟଙ୍କା ସହଜ ଓ ସୁବିଧାରେ କିପରି ପ୍ରଦାନ କରାଯିବ ସେନେଇ ଆଲୋଚନା ହୋଇଥିଲା। ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ୩ ହଜାର ଟଙ୍କା କରିବା ପାଇଁ ତତ୍କାଳ ପଦକ୍ଷେପ ନେବାକୁ ବିଧାୟକ ମିଶ୍ର ମତ ଦେଇଥିଲେ। ବିଡିଓ ରମେଶ କୁମାର ଜେନାଙ୍କ ସଂଯୋଜନାରେ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ ଓ ଅନ୍ୟାନ୍ୟ ଜିଲା ପରିଷଦ ସଦସ୍ୟମାନେ ଏଥିରେ ସାମିଲ ହୋଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅଧିବେଶନରେ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଆଠଗଡ,୪।୭(ସତ୍ୟ ପ୍ରସାଦ ରଥ)

ଆଠଗଡ ଥାନା ଅନ୍ତର୍ଗତ ରାଧାପତିପୁର ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଗଜାମ୍ବ ଗ୍ରାମର ପ୍ରହଲ୍ଲାଦ ରାଉତଙ୍କ କନ୍ୟା ମୋନାଲିସା। ୮ ବର୍ଷ ତଳେ ହିନ୍ଦୁ ବୈଦିକ ରୀତିରେ ଏହି ଥାନା ଅନ୍ତର୍ଗତ ରାଧାପତିପୁର ଗ୍ରାମର ପବିତ୍ର ଜେନାଙ୍କୁ ବିବାହ କରିଥିଲେ। ମଙ୍ଗଳବାର କୌଣସି କାରଣରୁ ଘରେ ମନୋମାଳିନ୍ୟ ହେବାରୁ ମୋନାଲିସା ଆତ୍ମହତ୍ୟା କରିବାକୁ ପଦକ୍ଷେପ ନେଇଥିବା କୁହାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ସହ ଅପମୃତ୍ୟୁ ମାମଲା (ନଂ.୩୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଆଇ ଆଇ ସି ବାମଦେବ ସ୍ୱାଇଁ ପ୍ରକାଶ କରିଛନ୍ତି।

## ସାହି ମୁରବୀଙ୍କ ନିର୍ଦ୍ଦେଶରେ ମହିଳାଙ୍କୁ ଶୁଦ୍ଧିକ୍ରିୟାରେ ସାମିଲ କରାଗଲାନି

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ରଘୁନାଥପୁର ଗାଁ ବାହାଣିଆ ସାହିରେ ଜଣେ ମହିଳାଙ୍କୁ ସାହି ମୁରବୀଙ୍କ ଇଙ୍ଗିତରେ ଶୁଦ୍ଧକ୍ରିୟାରେ ସାମିଲ ହେବା ପାଇଁ ସୁଯୋଗ ଦିଆ ନ ଯିବା ଓ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ସାହିର ବିଭିନ୍ନ ଲୋକଙ୍କୁ ଡାକି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ବାହାଣିଆସାହିର ରମ୍ଭା ଦଳେଇଙ୍କର କୁଟୁମ୍ବରେ ଜଣଙ୍କର ଦେହାନ୍ତ ହୋଇଯାଇଥିଲା। ତାଙ୍କର ଶୁଦ୍ଧଘର ନିମନ୍ତେ କରାଯାଇଥିବା କର୍ମରେ ସାହି ମରୁବୀଙ୍କ କଡା ନିର୍ଦ୍ଦେଶରେ ରମ୍ଭାକୁ ସାମିଲ କରାଯାଇ ନଥିଲା। ଫଳରେ ସେ ଶୁଦ୍ଧି କାର୍ଯ୍ୟରେ ସାମିଲ ହୋଇପାରି ନଥିଲେ। ଏହାପରେ ମଧ୍ୟ ମୁରବୀ ତାଙ୍କୁ ଗାଳିଗୁଲଜ ମଧ୍ୟ କରୁଥିବା ନେଇ ରମ୍ଭା ଗତ ୨୭ତାରିଖରେ ଥାନାରେ କରିଥିବା ଲିଖିତ ଅଭିଯୋଗ ଦର୍ଶାଇଥିଲେ। କିନ୍ତୁ ପୋଲିସ ଏହି ଘଟଣାକୁ ହାଲକା ଭାବରେ ନେବା ସହ ସାହିରୁ ଆସିଥିବା ମୁରବୀମାନଙ୍କୁ ଘଟଣାର ତୁରନ୍ତ ସମାଧାନ ପାଇଁ କହି ବସିରହିଥିଲେ। ମଙ୍ଗଳବାର ରମ୍ଭା ତାର ଦୁଇ ବିବାହିତ ଝିଅକୁ ଧରି ଥାନାରେ ପହଞ୍ଚି ନ୍ୟାୟ ନ ମିଳିଲେ ବାଧ୍ୟହୋଇ ଧାରଣାରେ ବସିବୁ ବୋଲି ଚେତାବନୀ ଦେଇଥିଲେ। ଏହାପରେ ପୋଲିସ ନଂ.୧୦୯/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସାହି ମୁରବୀ ସହ ଅନ୍ୟାନ୍ୟ ଲୋକମାନଙ୍କୁ ଥାନାକୁ ଡାକି ପ୍ରକୃତ କାରଣ ଜାଣିବା ପାଇଁ ପଚରାଉଚରା ଚଳାଇଛି।

# ଟଙ୍କା ନ ଫେରାଇ ମହିଳାଙ୍କୁ ହତ୍ୟା ଧମକ ଦେଲେ ୨ ଅଧିକାରୀ

ସାଲେପୁର,୪।୭(ଅରବିନ୍ଦ ଭୂୟାଁ)

ଚକ ଚିହ୍ନଟ କରିବାପାଇଁ ଦଳିତ ମହିଳାଙ୍କ ଠାରୁ ଅର୍ଥ ନେଇଥିଲେ। ମାତ୍ର ପଦକ୍ଷେପ ନ ନେବାରୁ ମହିଳାମାନେ ଟଙ୍କା ଫେରସ୍ତ ମାଗିଥିଲେ। ଏନେଇ ସାଲେପୁର ତହସିଲର୨ ଜଣ ଅଧିକାରୀ ସେମାନଙ୍କୁ ଜାରିଆଣ ଆକ୍ଷେପ କରି ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସାଲେପୁର ତହସିଲ ଅନ୍ତର୍ଗତ ପୁରଣ ଗ୍ରାମରେ ତହସିଲ ପ୍ରଶାସନ ପକ୍ଷରୁ ଚକ ଜମି ଚିହ୍ନଟ କରାଯାଉଛି। ଏନେଇ ସମ୍ପୃକ୍ତ ଅଧିକାରୀ ୧୪ ଜଣଙ୍କଠାରୁ ୧୦ ହଜାର ଟଙ୍କା ଲେଖାଏ ହିସାବରେ ମୋଟ୍ ୧ଲକ୍ଷ ୪୦ହଜାର ଟଙ୍କା ଉତ୍କୋଚ ନେଇଥିଲେ। ମାତ୍ର ଜମି ଚିହ୍ନଟ କରିବାରେ ବିଳମ୍ବ କରିବାରୁ ଜୁନ୍ ୧୯ରେ ମହିଳାମାନେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନଥିଲା। ଚଳିତ ୧ତାରିଖରେ ସମ୍ପୃକ୍ତ ଅଧିକାରୀମାନେ ମହିଳାମାନଙ୍କୁ ପୁରଣଓର ବଡ଼ମଠକୁ ଡ଼ାକିଥିଲେ। ଏହି ସମୟରେ ମହିଳାମାନେ ଟଙ୍କା ଫେରାଇବାକୁ କହିବାରୁ ଉକ୍ତ ଅଧିକାରୀମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିଲେ। ମହିଳାଙ୍କ ଚିତ୍କାରଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ଉଭୟ ଅଧିକାରୀଙ୍କୁ ହତ୍ୟା ଧମକ ଦେଇ ବାଇକ୍‌ରେ ସେଠାରୁ ପଳାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ମାମଲା (ନଂ. ୨୧୨/୨୩) ରୁଜୁ ହୋଇଛି।

## ନନ୍ଦନକାନନରେ ଚାରାରୋପଣ

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ)

ସଭ୍ୟତା ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମନୁଷ୍ୟକୁ ପ୍ରତି ମୁହୂର୍ତ୍ତରେ ସାହାର୍ଯ୍ୟ କରିଆସୁଛିବୃକ୍ଷ। ହେଲେ ବନ୍ଧୁବର ସମ୍ପର୍କକୁ ଛିନ୍ନକରି ମନୁଷ୍ୟ ଗଛ କାଟି ଚାଲିଛି।ବୃକ୍ଷର ଉପାଦେୟତା ଓ ଉପଯୋଗିତାକୁ ହୃଦୟଙ୍ଗମ କରିବା ପାଇଁ ବୃକ୍ଷ ରୋପଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ପିସିସିଏଫ ଶୁଶିଲ କୁମାର ପୋପଲି କହିଛନ୍ତି। ଆଜି ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଅନୁଷ୍ଠିତ ବନସପ୍ତାହ ଉତ୍ସବରେ ସେ ମୁଖ୍ୟଅତିଥିଭାବେ ଯୋଗଦେଇ ନନ୍ଦନକାନନକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ କର୍ମଚାରୀ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ଏନ୍କ ତତ୍ତ୍ୱାବଧାନରେ ନନ୍ଦନକାନନ ନିର୍ଦ୍ଦେଶକ ଡ. ମନୋଜ ଭି.ନାୟର,ନନ୍ଦନକାନନର ପୂର୍ବତନ ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା,ସରୋଜ ପଟ୍ଟନାୟକ ସମେତ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନନ୍ଦନକାନନ ପକ୍ଷରୁ ଅର୍ଜ୍ଜୁନ,ଲିମ୍ବ, ପଳାଙ୍ଗ,ବଉଳ, ଅଶୋକ, ପିଜୁଳି,ଜାମୁ,କରଜ ଆଦି ୧୫ପ୍ରଜାତିର ୧୦୦୦ଟି ଗଛ ରୋପଣ ହୋଇଥିଲା।ନନ୍ଦନକାନନ କର୍ମଚାରୀ ଓ ବନରକ୍ଷୀ,ବନପାଳମାନେ ଗଛ ଗୁଡିକର ଉପଯୁକ୍ତ ଯତ୍ନ ନେଲେ ନନ୍ଦନକାନନ ଚିର ସବୁଜରେ ପରିଣତ ହେବ ବୋଲି ଅତିଥିମାନେ କହିଥିଲେ।

# ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ମହାସଂଘ ନିର୍ବାଚନ

ତିଗିରିଆ,୪।୭(ଜାଫର ଖାଁ):


ସଭାପତି ସୋନିକା ପ୍ରଧାନ।

ତିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡ଼ା ପଞ୍ଚାୟତ ମିଶନ ଶକ୍ତି ମହାସଂଘ ନିର୍ବାଚନ ମଙ୍ଗଳବାର ସ୍ଥାନୀୟ ପଞ୍ଚାୟତ ମିଶନ ଶକ୍ତି ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ମହାସଂଘ ସଭାପତି, ସମ୍ପାଦକ ଏବଂ ପଞ୍ଚାୟତ ଭିତରେ ଆସୁଥିବା ୬ ଆଞ୍ଚଳିକ ମଞ୍ଚର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ବିଜୁ ଜନତା ଦଳ ସମର୍ଥିତ ସୋନିକା ପ୍ରଧାନ, ସମ୍ପାଦକ ଶକୁନ୍ତଳା ପ୍ରଧାନ, ଉପସଭାପତି ମିନାକ୍ଷୀ ସେଠୀ, କୋଷାଧକ୍ଷ ମଞ୍ଜୁଲତା ସାହୁ ଓ ଜ୍ୟୋସ୍ନାରାଣୀ ନାଏକ ଯୁଗ୍ମସଂପାଦକ ଭାବେ ବିଜୟ ଲାଭ କରିଛନ୍ତି। ସଭାପତି ନିର୍ବାଚନ ପାଇଁ ୩ ପ୍ରାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିବାଚନକୁ ଶୃଙ୍ଖଳାର ସହ ଶେଷ କରିବାକୁ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶିଙ୍କ ନେତୃତ୍ୱରେ ତିଗିରିଆ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସହିତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ନିର୍ବଚନ ବେଳେ କିଛି ସୟଂସହାୟକ ଗୋଷ୍ଠୀ ସଦସ୍ୟ ହୋହଲ୍ଲା କରିଥିଲେ। କିନ୍ତୁ କୌଣସି ବିଶୃଙ୍ଖଳା ଆଗରୁ ପୋଲିସ ସେହି ମହିଳାଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଫଳରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୋମପଡ଼ା ପଞ୍ଚାୟତରେ ଗତ ମାସ ୧୩ ତାରିଖରେ ହେବାକୁ ଥିବା ମିଶନ ଶକ୍ତି ମହାସଂଘ କମିଟି ଚୟନ ପ୍ରକ୍ରିୟାରେ ଅନିୟମିତତା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତସ୍ତରୀୟ ସଂଘର ଶତାଧିକ ମହିଳା ସଦସ୍ୟା ଜୁନ ୧୨ରେ ବ୍ଲକ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଅନିୟମିତତାକୁ ନେଇ ମହିଳାମାନେ ପ୍ରତିବାଦ କରିବାବେଳେ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ମହିଳା ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଥିଲା। ନିଜେ ଜିଲାପାଳ ଭବାନୀ ଶଙ୍କର ଚୟନି ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅଭିଯୋଗକାରୀ ମହିଳା ଏବଂ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା ହୋଇ ସମସ୍ତ ନୀତିନିୟମକୁ ଅବଲମ୍ବନ କରାଯାଇ ନିବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସେତେବେଳେ ପରିସ୍ଥିତି ଶାନ୍ତ ପଡିଥିଲା।

# ଧବଳେଶ୍ୱର କଂକ୍ରିଟ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

- ୨୩ କୋଟି ବ୍ୟୟରେ ନିର୍ମିତ ହୋଇଛି
- ଏସିଆର ସର୍ବବୃହତ୍ ଝୁଲାପୋଲ ଇତିହାସ ପାଲଟିବ

ଆଠଗଡ଼, ୪।୭(ସତ୍ୟ ପ୍ରସାଦ ରଥ)


ଧବଳେଶ୍ୱର ପୀଠକୁ ଯାତାୟାତ ପାଇଁ ନିର୍ମାଣ ହୋଇଥିବା କଂକ୍ରିଟ୍ ସେତୁ।

ମହାନଦୀ ଗର୍ଭସ୍ଥିତ କଟକ ଜିଲା ଆଠଗଡ଼ ବ୍ଲକର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ପୀଠକୁ ଯାତାୟାତ ପାଇଁ ଚାଲିଥିବା କଂକ୍ରିଟ୍ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏନେଇ ଆଠଗଡ ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ପରମାଣିକ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨୩ କୋଟି ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କରାଯାଇଛି। ଫଳରେ ଦୀର୍ଘଦିନ ଧରି ପୀଠକୁ ଯାତାୟାତ ସମସ୍ୟାର ଅନ୍ତ ଘଟିଛି।

ଏହି ପୀଠ ମଧ୍ୟକୁ ପ୍ରବେଶ ପାଇଁ ଡଙ୍ଗା ଏକମାତ୍ର ସାହାରା ଥିଲା, ଶ୍ରୀଜୀଉଙ୍କର ପ୍ରସିଦ୍ଧ ପଞ୍ଚୁକ ଯାତ୍ରା ଓ ବର୍ଷାଋତୁ ସମୟରେ ଏନେଇ ବାରମ୍ବାର ଅଘଟଣ ଘଟି ବହୁ ଧନଜୀବନ ନଷ୍ଟ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ୨୦୦୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏସିଆର ସର୍ବବୃହତ ଝୁଲାପୋଲ ନିର୍ମାଣ କରାଯାଇଥିଲା। ମାତ୍ର ଯାତ୍ରା ସମୟରେ ମାତ୍ରାଧିକ ଜନସମାଗମ ଓ ଆବଶ୍ୟକ ରକ୍ଷଣାବେକ୍ଷଣା ଅଭାବରୁ ପୋଲଟି ଦୁର୍ବଳ ହୋଇ ଯାଇଥିଲା। ଫଳରେ ରାଜ୍ୟ ସରକାର ଏହାକୁ ବ୍ୟାନ କରିଦେଇଥିଲେ। ଏଥିଯୋଗୁ ଗତବର୍ଷ ଶ୍ରୀ ଜୀଉଙ୍କ ପଞ୍ଚୁକ ଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ପ୍ରଶାସନ ପକ୍ଷରୁ ପୀଠରେ ନିର୍ମିତ ଅସ୍ଥାୟୀ ରାସ୍ତା ଚଳିତ ବର୍ଷା ଋତୁ ପ୍ରାରମ୍ଭରେ ଭାସିଯିବାରୁ ପୀଠକୁ ପୁନଃ ଯୋଗାଯୋଗ ବ୍ୟାହତ ହୋଇଥିଲା। ବୁଧବାରଠାରୁ ଏହି ପୋଲ ଦେଇ ଜନ ସାଧାରଣଙ୍କୁ ପାଦରେ ଚାଲିଯିବାକୁ ଅନୁମତି ମିଳିବ। ସେତୁ ଉଦ୍‌ଘାଟନ ପରେ ଯାନବାହନ ଚଳାଚଳ ହେବ। ଏହି ସେତୁ ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ବହୁଦିନ ର ଦାବି ପୂରଣ ହେବ। ଏଥିପାଇଁ ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟୀ ସାହୁ ରାଜ୍ୟ ସରକାର ଏବଂ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅପରପକ୍ଷେ ବିଭାଗୀୟ ଅବହେଳା ପାଇଁ ଏସିଆର ସର୍ବବୃହତ୍ ଝୁଲା ପୋଲ ଏବେ ଇତିହାସ ପାଲଟିଯାଇଛି। ଦୀର୍ଘବର୍ଷ ଧରି ପୀଠକୁ ଯାତ୍ରୀ ପାର କରି ଗୁଜୁରାଣ ମେଣ୍ଟାଉଥିବା ଡଙ୍ଗା ଚାଳକମାନେ ବୃତ୍ତି ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସେମାନଙ୍କ ପେଟ ପୋଷଣ ପାଇଁ ଧୀବର ସମାଜ ପକ୍ଷରୁ ଜିଲାପାଳ, ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରାଯିବ ବୋଲି ସଂପାଦକ ରଞ୍ଜନ ଖଟୁଆ କହିଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ଅନ୍ତର୍ଗତ ଶିମିଳିପାଟଣା ଗ୍ରାମରେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ବସନ୍ତ କୁମାର ସାହୁ। ପ୍ରକାଶ ଯେ, ସୋମବାର ଅପରାହ୍ଣରେ ଶିମିଳିପାଟଣାରେ ଘରଭଡା ନେଇ ରହୁଥିବା ମା ଓ ଦୁଇ ଝିଅ ଗାଁଭିତର ଦେଇ ଯାଉଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ବସନ୍ତ ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଘଟଣା ପରେ ଯୁବତୀଜଣଙ୍କ ବସନ୍ତଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଘଟଣାର ସମାଧାନ ହୋଇପାରି ନଥିଲା। ଏହାପରେ ଯୁବତୀ ଜଣଙ୍କ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ଘଟଣାପରେ ଗାଁର କେତେଜଣ କଯୁବକ ବସନ୍ତକୁ ଗାଁ ଦାଣ୍ଡରେ ଥିବା ଇଲେକ୍ଟ୍ରିଖୁଣ୍ଟରେ ବାନ୍ଧି ବାଡେଇଥିବା ନେଇ ବସନ୍ତର ସ୍ତ୍ରୀ ଥାନାରେ ୬ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସେହିପରି ଅସଦାଚରଣ କରିଥିବା ଅଭିଯୋଗରେ ବସନ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ମଦ ବୋଝେଇ କାର୍ ଜବତ, ଚାଳକ ଗିରଫ

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ): କଟକ ଅବକାରୀ ବିଭାଗ ରତାଗଡ ନୂଆସାହି ମୁଖ୍ୟରାସ୍ତାରୁ ୬୨୦ଲିଟର ଦେଶୀମଦ ବୋଝେଇ କାର୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବଡ଼ମ୍ବା ଥାନା ଅଞ୍ଚଳର ବିଜୟ ମୁଦୁଲି। ପ୍ରକାଶ ଯେ, କଟକ ରାସ୍ତାଦେଇ ବେଆଇନ ମଦ ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ କଟକ ଅବକାରୀ ବିଭାଗ ଖବରପାଇଥିଲା। ଫଳରେ ଅବକାରୀ ବିଭାଗର ଏକ ଟିମ୍ ମଙ୍ଗଳବାର ଭୋରୁ ରତାଗଡନୂଆସାହି ମୁଖ୍ୟରାସ୍ତାରେ ଜଗିରହିଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଓଡି ୧୫ୟୁ ୫୪୦୧ନଂ କାର୍‌ଟିକୁ ରୋକିଥିଲେ। କାର୍‌ଟିକୁ ଯାଞ୍ଚ କରିବା ପରେ ଗାଡିରେ ଥିବା ୬୨୦ଲିଟର ବେଆଇନ ଦେଶୀ ମଦକୁ ଜବତ କରିଥିଲେ। ଅବକାରୀ ବିଭାଗ ଚାଳକଙ୍କୁ ଗିରଫ କରିବା ବେଳେ କୌଶଳକ୍ରମେ କାର୍‌ରେ ଥିବା ଚାଳକଙ୍କ ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଥିଲା।

### ବାଇକ୍ ଡିକି ଭାଙ୍ଗି ୩ଲକ୍ଷ ନେଇଗଲେ

କୋଣାର୍କ,୪।୭(ଜ୍ୟୋତିରାଜ ମହାନ୍ତି) ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ କୋଣାର୍କ ଥାନା ଅଧୀନ ଜଣେଇ ବଜାରଠାରେ ଲୋକଙ୍କ ସାମ୍ନାରେ ୩ଲକ୍ଷ ଲୁଟି ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ବନାଖଣ୍ଡି ଗ୍ରାମର ଅଜୟ ବରାଳ ବ୍ୟାଙ୍କରୁ ୩ଲକ୍ଷ ଉଠାଇ ବାଇକ୍ ଡିକିରେ ରଖି ଘରକୁ ଯାଉଥିବାବେଳେ ନିକଟସ୍ଥ ଜୁଣେଇ ବଜାରରେ ବାଇକ୍ ରଖି ଥଣ୍ଡା ପିଉଥିଲେ। ଥଣ୍ଡା ପିଇସାରି ବାଇକ ପାଖକୁ ଆସିଲା ବେଳକୁ ଡିକି ଭାଙ୍ଗି ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ଘଟଣାସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ଏହାର ଛାନଭିନ ଆରମ୍ଭ କରିଛି। ଲୁଟ ସମ୍ପର୍କରେ ସିସିଟିଭି ଯାଞ୍ଚ କରାଯିବା ପରେ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଅବ୍ୟାହତ ରହିଛି ବୋଲି କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା କହିଛନ୍ତି।

# ପିଡିଏସ୍ ଚାଉଳ ହଡ଼ପ ଅଭିଯୋଗ

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପ୍ରଦାନ

ବାଣପୁର(ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା,୪।୭(ଦିଲୀପ ସ୍ୱାଇଁ)

ବାଣପୁର ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତରେ ଏକ ମାସର ପିଡିଏସ୍ ଚାଉଳ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର କଂଗ୍ରେସ ନେତା ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କେତେଜଣ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ସ୍ଥାନୀୟ ସରପଞ୍ଚଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ଅବସରରେ ହିତାଧିକାରୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଥିସହ ଅଭିଯୋଗପତ୍ରର ନକଲ ମୁଖ୍ୟ ଶାସନ ସଚିବ, ଖାଦ୍ୟ ଯୋଗାଣ ବିଭାଗ ନିର୍ଦ୍ଦେଶକ ଓ ପଞ୍ଚାୟତିରାଜ ବିଭାଗ ଶାସନ ସଚିବଙ୍କ ନିକଟକୁ ପ୍ରେରଣ



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ଦେବାକୁ ଆସିଥିବା ହିତାଧିକାରୀମାନେ।

କରାଯାଇଛି।

ଅଭିଯୋଗ ମୁତାବକ, ୨୦୨୩ ଏପ୍ରିଲ, ମେ ଓ ଜୁନ ମାସର ରାଶନକାର୍ଡ ହିତାଧିକାରୀମାନେ ଚାଉଳ ପାଇବାକୁ ଥିବା ବେଳେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଇ ମାସର ଚାଉଳ ଦେଇ ଆଉ ଏକମାସର ଚଞ୍ଚକତା କରି ଚାଉଳ ବଜାରରେ ବିକ୍ରି କରିଦେଇଛନ୍ତି। ଏପରିକି ଫିଙ୍ଗରପ୍ରିଣ୍ଟ ମେଶିନରେ ୩ ମାସର ପାଇଥିବା ଉଲ୍ଲେଖ କରିଛନ୍ତି। ତେବେ ଏକମାସର ଚାଉଳ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିଲେ ଯିଏ ଏ ସମ୍ପର୍କରେ ପ୍ରଶ୍ନ କରିବ ତାର ରାଶନ କାର୍ଡ କାଟିଦିଆଯିବ ବୋଲି ତାଙ୍କ ସ୍ୱାମୀ ଧମକ ଦେଉଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ କୁହନ୍ତି, ଚାଉଳ ଦେବା ଏବଂ ଉଠାଣ କରିବା ସରପଞ୍ଚଙ୍କ କାମ ନୁହେଁ। ଏହା ନିର୍ବାହୀ ଅଧିକାରୀ ଏବଂ ଯୋଗାଣ ସହାୟକଙ୍କ ଦାୟିତ୍ୱ। କେତେଜଣ ବିରୋଧୀ ମୋ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ତେବେ ଏହି ଘଟଣାକୁ ନେଇ ମୋ ପାଖରେ କୌଣସି ହିତାଧିକାରୀ ଅଭିଯୋଗ କରିନାହାନ୍ତି। ଯିଏ ଦୋଷୀ ସିଏ ଦଣ୍ଡ ପାଇବ ବୋଲି ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷରେ ନିର୍ବାହୀ ଅଧିକାରୀ କହିଛନ୍ତି, ଗତ ମାସରେ ଚାଉଳ ଉଠାଇବା ବିଳମ୍ବ ହେତୁ ଚାରିଦିନରେ ପଞ୍ଚାୟତ ସାରା ହିତାଧିକାରୀଙ୍କୁ ଦେବା ସମ୍ଭବ ହୋଇପାରିଲା ନାହିଁ। ତେଣୁ କେତେଜଣ ହିତାଧିକାରୀ ରାଶନ ସାମଗ୍ରୀ ପାଇନାହାନ୍ତି। ସରକାରଙ୍କ ନିୟମ ମୁତାବକ ୨୫ତାରିଖ ମଧ୍ୟରେ ରାଶନ ଦିଆ ନ ଗଲେ ଉଠାଣ ମେଶିନରେ ହିତାଧିକାରୀଙ୍କର ଟିପଚିହ୍ନ ଦ୍ୱାରା ଉଠାଣ କରାଯାଇପାରେ ନାହିଁ। ତେଣୁ ଚଳିତ ମାସରେ ଦୁଇ ମାସର ଚାଉଳ ଏକାଠି ଦିଆଯିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗର ତଦନ୍ତ କରାଯିବା ସହ ହିତାଧିକାରୀଙ୍କ ଏକ ମାସର ଚାଉଳ ତୁରନ୍ତ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ରାଜପଥରେ ଲୁଟ୍ ଘଟଣା: ୪ ଗିରଫ

## ସୁନାଚେନ, ମୁଦି, ମୋବାଇଲ ଓ ବାଇକ୍ ଜବତ

ଟାଙ୍ଗୀ,୪।୭(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଏନେଇ ଅଭିଯୋଗ ପରେ ପୋଲିସର ତତ୍ପରତା ପ୍ରକାଶ ପାଇଥିଲା। କିଛିଦିନ ପୂର୍ବେ ଟାଙ୍ଗୀ ବାଇପାସ୍‌ରେ ସୁନାଚେନ ଝାମ୍ପିନେବା ବେଳେ ୨ ଜଣ ମହିଳା ଗାଡ଼ିରୁ ପଡ଼ି ଗୁରୁତର ଆହତ ହୋଇଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଥାନା ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଥିଲା। ଏହି ଘଟଣାରେ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନିରାକାରପୁର ଥାନା ଅଧୀନ ରାମେଶ୍ୱର ମଙ୍ଗଳାସାହିର କାଳିଆ ଓରଫ ଲଳିତ କୁମାର ପଣ୍ଡିତ(୩୦), ଖଜୁରିପଡାର ଡାକା ଓରଫ ଅନିଲ କୁମାର ସୁନ୍ଦରାୟ(୨୭) ଓ ରଣପୁର ଥାନା ଗୋପାଳପୁର ବଘେଇ ସାହିର ସାଗର ମହାପାତ୍ର(୨୩)। ଏଥିସହ ଚୋରା ସୁନାଗହଣା କିଣିଥିବା ଅଭିଯୋଗରେ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଗଡିଶାଗୋଦା ଥାନା ରାୟଗୁରୁପୁରର ବିଭୂତି ଭୂଷଣ ସାହୁ ଓରଫ ବିଲୁ। ଗିରଫ ଲୁଟେରାଙ୍କଠାରୁ ୨ଟି ସୁନାଚେନ, ସୁନା ହାର, ୩ଟି ସୁନା ମୁଦି, ୪ଟି ମୋବାଇଲ ଫୋନ୍, ୨ହଳ ସୁନା ଚୁଡି, ୩ ଟି ଭ୍ୟାନିଟ୍ ଜବତ ହୋଇଛି। ଏଥିସହ ୨ଟି ବାଇକ୍ ଜବତ କରାଯାଇଛି ବୋଲି ମଙ୍ଗଳବାର ଟାଙ୍ଗୀ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଛନ୍ତି। ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଟାଙ୍ଗୀ ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ଉପସ୍ଥିତ ଥିଲେ।

# ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

ଶୈକ୍ଷିକ ବାତାବରଣ ସହ ଜଡ଼ିତ ସବୁ ବର୍ଗର ଲୋକଙ୍କୁ ପୁରସ୍କୃତ ତଥା ସମ୍ମାନିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ ଆରମ୍ଭ ହୋଇଛି। ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ପୁରାତନ ଛାତ୍ର ସଂସଦ ପୁରସ୍କାର, ଗ୍ରାମ ପଞ୍ଚାୟତ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର, ଡିଆଇଇଟି ପୁରସ୍କାର ଏବଂ ସିଆର୍‌ସିସି, ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର ଆଦି ବର୍ଗରେ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ ପ୍ରଦାନ କରାଯିବ। ଏହି ଯୋଜନାର କାର୍ଯ୍ୟକାରିତା ନେଇ ମଙ୍ଗଳବାର ସ୍ଥାନୀୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଜିଲା ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଠାରେ ଏକ ଦୁଇଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ‘ରାଜ୍ୟ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ’ର ଅଧକ୍ଷ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଛନ୍ତି। ଶିକ୍ଷା ପୁରସ୍କାରର ସବିଶେଷ ବିବରଣୀ ଡିଆଇଇଟି ଅଧକ୍ଷମାନଙ୍କୁ ପ୍ରଦାନ କରାଯାଇଛି। ଏହାସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ସମ୍ବନ୍ଧୀୟ ମୁଖ୍ୟ ପ୍ରଶିକ୍ଷଣ ପୁସ୍ତିକା ଓ ଅନ୍ୟାନ୍ୟ ମୁଦ୍ରଣ ସାମଗ୍ରୀ ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଜିଲାସ୍ତରରେ ଆୟୋଜିତ ହେଉଥିବା କ୍ଲଷ୍ଟର ବୈଠକଗୁଡ଼ିକରେ ଉକ୍ତ ଡିଆଇଇଟି ଅଧକ୍ଷମାନେ ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କୁ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ର ଧାରଣା ପ୍ରଦାନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ ପୁରସ୍କାର ସମ୍ବନ୍ଧରେ କହିଛନ୍ତି, ଏହା ହିଁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରକୃତ ବିସ୍ତାର। ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ର କାର୍ଯ୍ୟକାରିତା, ଏଫ୍‌ଏଲ୍‌ଏନ୍ ମଡେଲଗୁଡ଼ିକର ପ୍ରଚଳନ, ସିଆର୍‌ସିସିଙ୍କର ମାସିକ କ୍ଲଷ୍ଟର ବୈଠକ ଓ ଡିଆଇଇଟିର ତତ୍ତ୍ୱାବଧାନ ଭଳି ମୁଖ୍ୟତଃ ୪ଟି ବିଷୟ ଉପରେ ବିଭାଗୀୟ ସଚିବ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ ପାଢ଼ୀ, ମୋ ସ୍କୁଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମୋ ସ୍କୁଲର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି ଓ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ମାହାରୀ ନୃତ୍ୟ ଉତ୍ସବ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

# ୧୪୨ ପ୍ରୋଜେକ୍ଟକୁ ମିଳିଛି ଅନୁମୋଦନ

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ବୈଠକ

ଖୋର୍ଦ୍ଧା,୪।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ଅନ୍ତର୍ଗତ ଜିଲାସ୍ତରୀୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଓ ଚାଷୀଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କ ଆର୍ଥିକ ବିକାଶ ହେଲେ ଦେଶର ସମୃଦ୍ଧି ଘଟିବ। ଏମକେୟୁୱାଇ ଯୋଜନାର ସଫଳ ରୂପାୟନ ନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲାର ୧୦ଟି ବ୍ଲକର ଏହି ଯୋଜନାରେ ୧୪୨ ପ୍ରୋଜେକ୍ଟକୁ ଅନୁମୋଦନ ମିଳିଛି। ସେଥିରୁ ବିଶେଷତଃ ମତ୍ସ୍ୟ ଓ ପଶୁ ପାଳନ, ଉଦ୍ୟାନ ଓ କୃଷି ଉଦ୍ୟୋଗ ରହିଛି। ହିତାଧିକାରୀ କିପରି ଏହାର ସିଧାସଳଖ ସୁଫଳ ପାଇବେ, ବ୍ୟାଙ୍କରୁ ସୁବିଧାରେ ଋଣ ପାଇପାରିବେ, ସେ ଦିଗରେ ଜିଲାପାଳ ବିଭାଗୀୟ ଅଧିକାରୀ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ହିତାଧିକାରୀ, ପ୍ରଶାସନିକ ଅଧିକାରୀ ଏବଂ ବ୍ୟାଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ସମନ୍ୱୟ ରହିଲେ ଯୋଜନା ସଫଳ ହେବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଲିଡ ବ୍ୟାଙ୍କ ମ୍ୟାନେଜର ଅମର ଅଗ୍ରୱାଲ, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ଚନ୍ଦ୍ର ପରିଡା, ସହକାରୀ କୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ମିଶ୍ର, ସିଡିଭିଓ, ଜିଲା ମତ୍ସ୍ୟ ଓ ପଶୁପାଳନ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

# ‘ମାହାରୀ ପରମ୍ପରାକୁ ପ୍ରୋତ୍ସାହିତ କରାଯିବ’

ଭୁବନେଶ୍ୱର,୪।୭(ଶର୍ମିଷ୍ଠା ପାଣିଗ୍ରାହୀ)

ରୂପଶ୍ରୀ କଳାମନ୍ଦିର ପକ୍ଷରୁ ୧୧ତମ ବାର୍ଷିକ ମାହାରୀ ନୃତ୍ୟ ଉତ୍ସବ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରର ଅନ୍ୟାନ୍ୟ ସେବା ପରି ମାହାରୀ ନୃତ୍ୟ ସେବା ଅନ୍ୟତମ। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଡ. ଗଙ୍ଗୋତ୍ରୀ ଦେବୀ ଯୋଗଦେଇ ମାହାରୀ ନୃତ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ସମ୍ପାଦକ ଗୁରୁ ରୂପଶ୍ରୀ ମହାପାତ୍ର ମାହାରୀ ନୃତ୍ୟର ପ୍ରଚାର ପ୍ରସାର ପାଇଁ ପ୍ରୋତ୍ସାହନ ଆବଶ୍ୟକତା ରହିଛି ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ମାହାରୀ ପରମ୍ପରାକୁ ପ୍ରୋତ୍ସାହିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦି, ବିଧାୟକ ଶଶିଭୂଷଣ ବେହେରା, ଅବସରପ୍ରାପ୍ତ ପ୍ରଶାସକ ଦେବବ୍ରତ କଣ୍ଠ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶୀ ଗୁରୁ ସଙ୍ଗୀତା ଦାସଙ୍କୁ ‘ହରପ୍ରିୟା ଦେବଦାସୀ ସମ୍ମାନ’, ମିତାଲି ଚିନ୍ନାରାଙ୍କୁ ‘ପରଶମଣି ଦେବଦାସୀ ସମ୍ମାନ’, ନରେଶ ଚନ୍ଦ୍ର ଦାସଙ୍କୁ ‘କୋକିଳପ୍ରଭା ଦେବଦାସୀ ସମ୍ମାନ’ ପ୍ରଦାନ କରାଯାଇଥିଲା। କେରଳରୁ ଗୁରୁ ରୂପଶ୍ରୀ ମହାପାତ୍ରଙ୍କଠାରୁ ଶିକ୍ଷାଲାଭ କରିଥିବା ୬ଜଣ ଛାତ୍ରୀଙ୍କୁ ‘ମାହାରୀ ସମ୍ମାନ’ ପ୍ରଦାନ କରାଯାଇଥିଲା।

# ସମୁଦ୍ରରେ ଭାସିଯିବାବେଳେ ୫ ପର୍ଯ୍ୟଟକ ଉଦ୍ଧାର



ପୁରୀ, ୪।୭(ଅଜିତ୍ ମହାନ୍ତି)

ପୁରୀ ସମୁଦ୍ରରେ ଭାସିଯାଉଥିବାବେଳେ ୫ଜଣ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ଏହି ପର୍ଯ୍ୟଟକମାନେ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କେତେଜଣ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିଲେ। ମଙ୍ଗଳବାର ସେମାନେ ଗାଧୋଇବା ପାଇଁ ସମୁଦ୍ରକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟା ୧୫ରେ ଦିଗବାରେଣୀ ସମ୍ମୁଖ ସମୁଦ୍ରରେ ସେମାନେ ସ୍ନାନ କରୁଥିଲେ। ଏହି ସମୟରେ ୫ଜଣ ପର୍ଯ୍ୟଟକ ହଠାତ୍ ସମୁଦ୍ର ଭିତରକୁ ଭାସିଯାଇଥିଲେ। ସେମାନଙ୍କ ପାଟି ଶୁଣି ସେଠାରେ ଥିବା ଲାଇଫ୍‌ଗାର୍ଡମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ପର୍ଯ୍ୟଟକ ହେଲେ ଉତ୍ତରପ୍ରଦେଶ ଆଗ୍ରାର ହରି ସିଂହ, ହରିୟାଣାର ବିକାଶ ରାୟ, ଝାଡ଼ଖଣ୍ଡର ବିଦେଶ ରାମ ରାୟ, ଅମନ୍ ରାୟ ଓ ଆସାମର ନିରଜ୍ ବୋରା। ଏମାନେ ସୁସ୍ଥ ଅଛନ୍ତି।

# ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗ୍‌ର ୩ ଗିରଫ

ପୁରୀ, ୪।୭(ଅଜିତ୍ ମହାନ୍ତି):

ଚନ୍ଦନପୁର ଥାନା ପୋଲିସ ହାତରେ ଏକ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ ଧରାପଡ଼ିଛି। ଏହି ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଣାସ ଥାନା ଅଧୀନ ଜଳିପଡ଼ାର ସୂର୍ଯ୍ୟକାନ୍ତ ସାମନ୍ତରାୟ, ବଳିଆପଣ୍ଡା ଥାନା ଅନ୍ତର୍ଗତ ବଳିଆପଣ୍ଡା ଶାନ୍ତି ଗେଷ୍ଟ ହାଉସ୍ ଲେନ୍ ଅଞ୍ଚଳର ସୁବାସ ଦାସ ଏବଂ ଶିବଶକ୍ତି ସାହିର ଚନ୍ଦନ ମିଶ୍ର। ଏମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଛୁରି, ଦୁଇଟି ସୁନାଚେନ୍, ସ୍ମାର୍ଟ ଘଣ୍ଟା, ଦୁଇଟି ମୋବାଇଲ ଫୋନ ସହ ମୋଟର ସାଇକେଲ ଜବତ କରିଛି। ଏନେଇ ଚନ୍ଦନପୁର ଥାନାରେ ଏକ ମାମଲା (ନଂ. ୧୫୨/୨୩) ରୁଜୁ



ହୋଇଛି। ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଚନ୍ଦନପୁର ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ଏବଂ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ମିଶ୍ର କହିଥିଲେ, ଗତ ୩ ତାରିଖରେ ଶିବପ୍ରସାଦ ମହନ୍ତ ତାଙ୍କର ଦୁଇଜଣ ବନ୍ଧୁ ସୁଦାମ ଖିଲାର ଏବଂ ଶ୍ରୀମୁଖ ସାହୁଙ୍କ ସହିତ ଜଗନ୍ନାଥ ରୋଡରେ ପୁରୀରୁ ନିରାକାରପୁର ଆଡ଼କୁ ଯାଉଥିଲେ। ଏହି ସମୟରେ ନରସିଂହପୁର ପେଟ୍ରୋଲ ପମ୍ପଠାରେ ଅଭିଯୁକ୍ତମାନେ ଶିବଙ୍କ ଗାଡ଼ି ଅଟକାଇ ଚାବି ଛଡ଼ାଇ ନେଇଥିଲେ।

# ରାଜସ୍ୱ ପର୍ଷଦ ରିଭିଜନ ଅଦାଲତରେ କାଗଜବିହୀନ କୋର୍ଟ

କଟକ,୪।୭ (କାର୍ତ୍ତିକ ସାହୁ)

ରାଜସ୍ୱ ପର୍ଷଦରେ କୋର୍ଟ କେସ୍ ମନିଟରିଂ ବ୍ୟବସ୍ଥାର ୨ୟ ସଂସ୍କରଣ ଆରମ୍ଭ ହୋଇଛି। ରାଜସ୍ୱ ପର୍ଷଦ କାର୍ଯ୍ୟାଳୟରେ ପର୍ଷଦର ସଦସ୍ୟ ରାଜ୍ କୁମାର ଶର୍ମା ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜମିଜମା ରେକର୍ଡ ଓ ଅଧିକାରୀ ରେକର୍ଡ ସମ୍ପର୍କିତ ମାମଲା ପାଇଁ ରାଜସ୍ୱ ଅଦାଲତର ଦ୍ୱାରସ୍ଥ ହେଉଥିବା ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ କାଗଜବିହୀନ କୋର୍ଟ ଅତ୍ୟନ୍ତ ସହାୟକ ହେବ। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି) ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏଥିସହ ରିଭିଜନ କୋର୍ଟର ପ୍ରିଜାଇଡିଂ ଅଫିସରମାନେ ସ୍ୱଚ୍ଛତା ବଜାୟ ରଖି ଜନସାଧାରଣଙ୍କ ସେବାକୁ ପ୍ରାଥମିକତା ଦେବା ନିମନ୍ତେ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଜମିଜମା ବନ୍ଦୋବସ୍ତ କମିଶନର ସୁରେଶ କୁମାର ବଶିଷ୍ଠ, ରାଜସ୍ୱ ପର୍ଷଦ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ, ଅତିରିକ୍ତ ସଚିବ ସନ୍ତୋଷୀ ସାହୁ, ବିଭିନ୍ନ ରିଭିଜନ କୋର୍ଟର କମିଶନର, ଅତିରିକ୍ତ କମିଶନର, ବରିଷ୍ଠ ଷ୍ଟାଣ୍ଡିଂ କାଉନ୍‌ସେଲ, ଷ୍ଟାଣ୍ଡିଂ କାଉନସେଲ, ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ, ସଂଶୋଧିତ ୨ୟ ସଂସ୍କରଣରେ ମାମଲାଗୁଡ଼ିକର ସମାଧାନ ହେବା ଯାଏ ପୂରା ପ୍ରକ୍ରିୟାକୁ ଅନ୍‌ଲାଇନ୍ କରାଯାଇଛି। ଏହାଦ୍ୱାରା ଜଣେ ଆବେଦନକାରୀ ଅନ୍‌ଲାଇନ୍‌ରେ କିମ୍ବା ତାଙ୍କ ଆଡ୍‌ଭୋକେଟଙ୍କ ମାଧ୍ୟମରେ ରିଭିଜନ୍ କେସ୍ ଦାଖଲ କରିପାରିବେ। ଏଥିପାଇଁ ଆବଶ୍ୟକ କୋର୍ଟ ଫି ଓ ଅନ୍ୟାନ୍ୟ ଫି ଅନ୍‌ଲାଇନ୍ ମାଧ୍ୟମରେ ପଇଠ କରିବାର ସୁଯୋଗ ଦିଆଯାଇଛି। ଅର୍ଥ ବିଭାଗ ଓ ଟ୍ରେଜେରି ନିର୍ଦ୍ଦେଶାଳୟରେ ସରକାରଙ୍କ ସହଯୋଗରେ ଆଇଏଫ୍‌ଏମ୍‌ଏସ୍‌କୁ ସଫ୍ଟୱେର ଦ୍ୱାରା ସଂଯୋଗ କରାଯାଇଥିବାରୁ ଏହି କାର୍ଯ୍ୟ ସହଜ ହୋଇପାରିଛି। ସେହିପରି ଭୂ-ଅଭିଲେଖ ଡାଟାବେସ୍‌ରୁ ହାଲ ରେକର୍ଡ ଅଫ୍ ରାଇଟ୍ସ ଆଣିବା ପାଇଁ ଭୂଲେଖ ସହିତ ମଧ୍ୟ ସମନ୍ୱିତ କରାଯାଇଛି। ଆବେଦନକାରୀ ଥରେ ମାମଲା ରୁଜୁ କରିବା ପରେ ଭବିଷ୍ୟତରେ ଲଗ୍ ଇନ୍ ପାଇଁ ଆଇଡି ଓ ପାସୱାର୍ଡ ପ୍ରଦାନ କରାଯାଉଛି। ଆବଶ୍ୟକସ୍ଥଳେ ମାମଲାର ସ୍ଥିତି ଯାଞ୍ଚ ପାଇଁ ଏହା ଦରକାର ହେବ। ଏଥିରେ କେସ୍ ନମ୍ବର ପ୍ରସ୍ତୁତିଠାରୁ ଆରମ୍ଭ କରି ଶେଷ ଅର୍ଡର ଯାଏ ସବୁକିଛି ସ୍ୱୟଂଚାଳିତ ଓ ଅନ୍‌ଲାଇନ୍ କରାଯାଇଛି। ଜମି ସମ୍ବନ୍ଧୀୟ ମାମଲାର ସମାଧାନ ପାଇଁ ରାଜସ୍ୱ ପର୍ଷଦରେ ଏବେ ୩୯ଟି ରିଭିଜନ କୋର୍ଟ କାର୍ଯ୍ୟ କରୁଛି। ଗତବର୍ଷ ମୋଟ ୯୧,୪୦୯ ମାମଲାର ଶୁଣାଣି ହେବା ସହ ୧୪,୨୮୫ଟିର ଫଏସଲା କରାଯାଇଥିଲା। ଗତ ପାଞ୍ଚ ବର୍ଷ ମଧ୍ୟରେ ଏହା ସର୍ବାଧିକ ହୋଇଥିବା ଜଣାଯାଇଛି।

## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ

ବଲଙ୍ଗା,୪।୭(କେଦାରେଶ୍ୱର ନନ୍ଦ)- ବଲଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ସାଇବର ଅପରାଧରେ ନଂ.୧୧୩/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ ଏହି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ଫଟୋକୁ ଅଶ୍ଳୀଳ ଭାବେ ଏଡିଟିଂ କରି କେହି ଜଣେ ଦୁର୍ବୃତ୍ତ ସୋସିଆଲ ମିଡିଆରେ ଭାଇରାଲ କରିଦେଇଛି। ଫଳରେ ଯୁବତୀ ଜଣକ ଲୋକଲଜ୍ଜା ଭୟରେ ଘରୁ ବାହାରକୁ ବାହାରି ପାରି ନ ଥିବା ବେଳେ ନିକଟରେ ହେବାକୁ ଥିବା ତାଙ୍କର ବାହାଘର ଭାଙ୍ଗିଯାଇଛି। ତେଣୁ ଭାଇରାଲ କରିଥିବା ଉକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

### ୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୪।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଗୋପ ଥାନା ଅଧୀନ ଏରବଙ୍ଗ ଗ୍ରାମର ଗୋବିନ୍ଦଚନ୍ଦ୍ର ମହାପାତ୍ର(୩୨)। ଏନେଇ ନିମାପଡ଼ା ଅବକାରୀ ଥାନାରେ ୫୨/୨୩-୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ତାଙ୍କଠାରୁ ୮୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧିକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶରେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ପବିନ୍ ବିରାଜ କିରୋ, ସ୍ୱାଗତିକା ଘଡ଼େଇ, ଆଶିଷ ପ୍ରଧାନ ପ୍ରମୁଖ ସଦଳବଳ ଚଢ଼ାଉ କରିଥିଲେ। ଥାନା ଅନ୍ତର୍ଗତ ଧୃରପୁର, ଦିଘାଳୋ, ଦୋଳବେଦୀ ଛକ, ଗୋଲେଇ ଛକ, ସର୍ବାପଡ଼ା ଛକ ଆଦି ଅଞ୍ଚଳରେ ଚଢ଼ାଉ ହୋଇଥିଲା।

### ଦମ୍ପତିଙ୍କ ପରିବାରକୁ ରେଡକ୍ରସ୍ ପକ୍ଷରୁ ୨୦ହଜାର ସହାୟତା

#### ଋଣ ଶୁଝି ନ ପାରି ଆତ୍ମହତ୍ୟା କରିଥିଲେ ଦମ୍ପତି

କଣାସ,୪।୭(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ଥାନା ଅଧୀନ ଅଁଳାଯୋଡ଼ି ଗ୍ରାମର ଜଣେ ଦମ୍ପତି ବାନାମ୍ବର ଓ ବନିତା ବେହେରା ୩ ଦିନ ତଳେ ୩ଟି ପ୍ରାଇଭେଟ୍ ବ୍ୟାଙ୍କରୁ ଋଣ ଆଣି ଶୁଝି ନ ପାରିବା ଓ ବ୍ୟାଙ୍କ କର୍ମଚାରୀଙ୍କ ତାଗିଦାକୁ ସହି ନ ପାରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରି ରିପୋର୍ଟ ଜିଲାପାଳଙ୍କୁ ଦେଇଥିଲେ। ଦମ୍ପତିଙ୍କ ପୁଅମାନେ ଶୁଦ୍ଧିକ୍ରିୟା ପାଇଁ ତହସିଲଦାରଙ୍କୁ ସହାୟତା ମାଗିଥିଲେ। ତହସିଲଦାର ପାଣିଗ୍ରାହୀ ମଙ୍ଗଳବାର ପୁନଶ୍ଚ ଗ୍ରାମକୁ ଯାଇ ରେଡକ୍ରସ୍ ପକ୍ଷରୁ ୨୦ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି।

# ଜଳ ସମ୍ପଦ ବିଭାଗରେ କର୍ମଚାରୀ ଅଭାବ

- ୮୨ କିଲୋମିଟର ନଦୀ ସୁରକ୍ଷା ଦାୟିତ୍ୱରେ ୨ ଯନ୍ତ୍ରୀ
- ବନ୍ୟା ନିୟନ୍ତ୍ରଣ ନେଇ ନଦୀକୂଳିଆ ଗ୍ରାମବାସୀ ଚିନ୍ତାରେ

ଗୋପ,୪।୭(ଭାରତୀ ଭୂଷଣ ଉପାଧ୍ୟାୟ)

ବନ୍ୟା ନିୟନ୍ତ୍ରଣ କିପରି ହେବ, ଦୁର୍ବଳ ନଦୀବନ୍ଧ ଉପରେ ଗୁରୁତ୍ୱ ଦିଅ ବୋଲି ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଏକ ଜରୁରିକାଳୀନ ବୈଠକ କରିବା ସହିତ ଅନ୍ୟାନ୍ୟ ଅଭିଯୋଗକୁ ଗୁରୁତ୍ୱ ଦେଉଥିବା ବେଳେ ପୁରୀ ଜିଲା ଗୋପ ଜଳ ସମ୍ପଦ ବିଭାଗରେ କର୍ମଚାରୀଙ୍କ ସହିତ ଯନ୍ତ୍ରୀ ନ ଥିବା ନେଇ ଅଭିଯୋଗ ହୋଇଛି। ଚଳିତ ବର୍ଷ ବନ୍ୟା ହେବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଏବେ ନଦୀକୂଳିଆ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଗୋପ ଜଳସମ୍ପଦ ବିଭାଗ ଅଧୀନରେ ୩ଟି ନଦୀର ୮୨ କିଲୋମିଟର ନଦୀବନ୍ଧ ରହିଥିବା ସମୟରେ କିପରି ବନ୍ୟା ସମୟରେ ନଦୀ ବନ୍ଧର ସୁରକ୍ଷା କରାଯିବ ସେନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଗୋପ ଜଳ ସମ୍ପଦ ବିଭାଗ ଅଧୀନରେ କୁଶଭଦ୍ରା ନଦୀବନ୍ଧ ୬୨ କିଲୋମିଟର, ଧନୁଆ ନଦୀବନ୍ଧ ୧୨ କିଲୋମିଟର ଓ ସିଆରକଟ ନଦୀବନ୍ଧ ୧୦ କିଲୋମିଟର ନଦୀ ବନ୍ଧ ରହିଛି। ଏହି ସବୁ ନଦୀ ବନ୍ଧର ସୁରକ୍ଷା ଲାଗି ଗୋପ ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ସହିତ ୪ଟି ସେକ୍ସନ ମଧ୍ୟ ରହିଛି। ନଦୀ ବନ୍ଧର ସୁରକ୍ଷା ସହିତ ପ୍ରାୟ ୨ଶହ କିଲୋମିଟର କେନାଲ ବନ୍ଧ ବି ରହିଛି। ଏହି ସବୁ ନଦୀ ବନ୍ଧର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ଲାଗି ଗୋପ ଜଳସମ୍ପଦ ଉପଖଣ୍ଡ ଅଧୀନରେ ନାଗପୁର, ଗଣେଶ୍ୱରପୁର, ମଦରଙ୍ଗ ଓ ଗୋପ ସେକ୍ସନ ରହିଛି। କିନ୍ତୁ ଏବେ ଏହି ୪ଟି ସେକ୍ସନରେ ମାତ୍ର ୨ଜଣ ଯନ୍ତ୍ରୀ ରହିଥିବା ବେଳେ ବନ୍ଧ ବାଡ଼ର ରକ୍ଷଣାବେକ୍ଷଣ ନିମନ୍ତେ କୌଣସି କର୍ମଚାରୀ ନାହାନ୍ତି। ୨୦୧୧ ବନ୍ୟାରେ କୁଶଭଦ୍ରା ବାମ ପଟ ନଦୀବନ୍ଧର କୁଶୁପୁରରେ ଏକ ଘାଇ ସୃଷ୍ଟି ହୋଇଥିବା ବେଳେ ୨୦୨୨ ରେ ମଧ୍ୟ କୁଶଭଦ୍ରାର ଖଣ୍ଡିଆବନ୍ଧ ଗାଁ ନିକଟରେ ଗୋଟିଏ ଘାଇ ହୋଇଥିଲା। ଫଳରେ ଅନେକ ଧନ ଜୀବନ ନଷ୍ଟ ହେବା ସହ ଶହ ଶହ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ପ୍ରତ୍ୟେକ ବର୍ଷ ବନ୍ୟାରେ ଧନୁଆ, ସିଆରକଟ ନଦୀ ବନ୍ଧରେ ଘାଇ ସୃଷ୍ଟି ହୋଇଥାଏ। ଚଳିତ ବର୍ଷ ବନ୍ୟା ଲାଗି ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଗୋପ ଜଳ ସମ୍ପଦ ବିଭାଗ ଅଧୀନରେ ରହିଥିବା ୪ଟି ସେକ୍ସନ ଓ ଜଳ ସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ସାଙ୍ଗକୁ ଯନ୍ତ୍ରୀ ନ ଥିବାରୁ ନିଶ୍ଚିତ ସମସ୍ୟା ଦେଖାଦେବ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀ ବନ୍ଧ ସୁଦୃଢ଼ୀକରଣ ନିମନ୍ତେ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ତାହା ଠିକ୍ ଭାବରେ ହୋଇ ନ ଥିବା ଭଳି ଅଭିଯୋଗ ରହିଛି। ତୁରନ୍ତ ସରକାରୀ ସ୍ତରରେ ଗୋପ ଜଳ ସମ୍ପଦ ଉପଖଣ୍ଡ ବିଭାଗ ସହିତ ୪ଟି ସେକ୍ସନ ଉପରେ ଗୁରୁତ୍ୱ ଦିଆଯାଇ ଆବଶ୍ୟକ ଅନୁସାରେ କର୍ମଚାରୀ ଓ ଯନ୍ତ୍ରୀ ନିଯୁକ୍ତ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି କହିଛନ୍ତି, ସମସ୍ତ ନଦୀ ବନ୍ଧ ଉପରେ ଗୁରୁତ୍ୱ ଦିଆଯାଉଛି। କର୍ମଚାରୀ, ଯନ୍ତ୍ରୀ ଆବଶ୍ୟକ ଥିବା ନେଇ ବିଭାଗୀୟ ସ୍ତରରେ ଜଣାଇବି।

## ରାସ୍ତା ସମ୍ପ୍ରସାରଣ ପାଇଁ ଦୋକାନ ଉଚ୍ଛେଦ



ପୁରୀ, ୪।୭(ଅଜିତ୍ ମହାନ୍ତି): ସମୁଦ୍ରକୂଳ ଥାନା ନିକଟ ରାସ୍ତା ପାର୍ଶ୍ୱରେ ଦୋକାନଗୁଡ଼ିକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ପୁରୀ ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ ପ୍ରତ୍ୟେକ ଦିନ ଏଠାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ସେମାନଙ୍କ ଯାତାୟାତ ସୁବିଧା ତଥା ରାସ୍ତା ସମ୍ପ୍ରସାରଣ ନିମନ୍ତେ ପ୍ରଶାସନ ପକ୍ଷରୁ ଦୋକାନଗୁଡ଼ିକୁ ହଟାଯାଉଛି। ଏହି ରାସ୍ତା ଦେଇ ପର୍ଯ୍ୟଟକମାନେ ବେଳାଭୂମିକୁ ଯାଇଥାନ୍ତି। ଉଚ୍ଛେଦ ପୂର୍ବରୁ ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ନୋଟିସ ପାଇବା ପରେ ଦୋକାନୀମାନେ ଦୋକାନ ଖାଲି କରିଥିଲେ। ଏହାପରେ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି।



ଗଜପତି ମହାରାଜା ଦିବ୍ୟସିଂହ ଦେବ ଲୋକଙ୍କୁ ଚାରା ବଣ୍ଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ।

## ଧର୍ମାନୁଷ୍ଠାନରେ ଚାରାରୋପଣର ଶୁଭାରମ୍ଭ

ପୁରୀ, ୪।୭(ଅଜିତ୍ ମହାନ୍ତି)

ଧର୍ମାନୁଷ୍ଠାନଗୁଡ଼ିକ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସୋମବାର ଗୁରୁପୂର୍ଣ୍ଣିମା ଅବସରରେ ବାଲିଗୁଆଳିସ୍ଥିତ ଦିବ୍ୟଜୀବନ ସଂଘ ପରିସରରେ ଗଜପତି ମହାରାଜା ପ୍ରକୃତିବନ୍ଧୁ ବଦ୍ରି ମିଶ୍ର, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଏବଂ ଶିକ୍ଷାବିତ୍ ପଣ୍ଡିତ ପ୍ରଭାତ ରଞ୍ଜନ ମହାପାତ୍ରଙ୍କୁ ଚାରା ପ୍ରଦାନ କରିଥିଲେ। ପରେ ଦିବ୍ୟଜୀବନ ସଂଘ ଆଶ୍ରମର ଅଧ୍ୟକ୍ଷ ଜିତମହାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ସାମାଜିକ କର୍ମୀ ବେଣୁଧର ରାଉତରାୟ, ବଦ୍ରି ମିଶ୍ର, ଜଗବନ୍ଧୁ ମିଶ୍ର, ପ୍ରଭାତ ରଞ୍ଜନ ମହାପାତ୍ରଙ୍କ ସମେତ ଆଶ୍ରମ ଅନ୍ତେବାସୀମାନେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ରେଞ୍ଜର ବେଣୁଧର ବେହେରା ଓ ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ବିଭିନ୍ନ ଧର୍ମାନୁଷ୍ଠାନ ଓ ବିଭିନ୍ନ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବ୍ୟାପକ ଚାରାରୋପଣ କରାଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

## ମଠରେ ଅଗ୍ନିନିର୍ବାପକ ବ୍ୟବସ୍ଥା ପାଇଁ ଦାବି

ପୁରୀ ୪।୭(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପାଖରେ ଥିବା ରାଘବଦାସ ମଠ ପରିସରରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଅଗ୍ନିଶମ ବିଭାଗର ଗୋଟିଏ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଠାରୁ ଅଳ୍ପ ଦୂରରେ ଥିବା ରାଘବଦାସ ମଠ ଶ୍ରୀମନ୍ଦିର ସଂସ୍କୃତି ପରମ୍ପରା ସହ ଜଡିତ। ମଠର ବିଭିନ୍ନ ସେବା ମହାପ୍ରଭୁଙ୍କ ନିକଟରେ ରହିଛି। ସୋମବାର ବିଳମ୍ବିତ ରାତିରେ ମଠ ପରିସରରେ ନିଆଁ ଲାଗିଥିଲା। ମଠ ନିକଟରେ ରାତିରେ ଆଶ୍ରୟ ନେଇଥିବା ଲୋକେ ମଠରେ ନିଆଁ ଲାଗିଥିବା ଦେଖିବା ପରେ ସେଠାରୁ ଦୌଡି ପଳାଇବା ସହ ସ୍ଥାନୀୟ ଲୋକଙ୍କୁ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଶ୍ରୀକ୍ଷେତ୍ରରେ ଅନେକ ମଠ ମନ୍ଦିର ରହିଛି । ସେଗୁଡିକରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନାହିଁ । ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ରାଘବଦାସ ମଠରେ ଲାଗିଥିବା ନିଆଁକୁ ଲିଭାଯାଉଛି ।

## ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ, ୪।୭(ଅଜିତ ମହାନ୍ତି)

ପୁରୀ ଜିଲାର ସମସ୍ତ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ତାରିଖ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପିକା ଅଧ୍ୟାପକ ଏବଂ ଅଣଶିକ୍ଷକ କର୍ମଚାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ଚିତ୍ରସେନ୍ ପଣ୍ଡା, ଉପସଭାପତି ସୁପ୍ରଭା ଷଡ଼ଙ୍ଗୀ, ସମ୍ପାଦକ ମହେଶ୍ୱର ମିଶ୍ର, ଆବାହକ ତପନ କୁମାର ତରାଇ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ସରକାରୀ ସ୍ତରରେ ସେମାନଙ୍କ ଫାଇଲ ସ୍ଥିତି ଅବସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେବା ସହ ଉପସ୍ଥିତ ସଦସ୍ୟା, ସଦସ୍ୟଙ୍କ ମତାମତ ଗ୍ରହଣ କରାଯାଇଥିଲା। ସରକାର ଯଦି ବୈମାତୃକ ମନୋଭାବ ପୋଷଣ କରନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ସଂଘର ଆବାହକ ତପନ କୁମାର ତରାଇ ଧନ୍ୟବାଦ ଦେଇଥିଲେ।

## ଚଳଚ୍ଚିତ୍ରରେ ଜାତିଆଣ ଆକ୍ଷେପ ବିରୋଧରେ ଏତଲା

ବଲଙ୍ଗା,(କେଦାରେଶ୍ୱର ନନ୍ଦ)/ ସାକ୍ଷୀଗୋପାଳ, ୪।୭(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଓଡ଼ିଆ ଚଳଚ୍ଚିତ୍ରରେ ଦଳିତ ଜାତି ପ୍ରତି ବ୍ୟବହାର ହୋଇଥିବା ଅପମାନସୂଚକ ଶବ୍ଦ ବ୍ୟବହାର କରାଯାଇଥିବା ନେଇ ମଙ୍ଗଳବାର ଅପରାହ୍ନରେ ଏସ୍‌ସି, ଏସ୍‌ଟି, ଓବିସି ଓ ମାଇନୋରିଟି ଜଏଣ୍ଟ ଆକ୍ସନ କମିଟି ପୁରୀ ଜିଲା ସଭାପତିଙ୍କ ପକ୍ଷରୁ ବଲଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ଜିଲା ସଭାପତି କାଳୁଚରଣ କାଣ୍ଡିଙ୍କ ଅଭିଯୋଗ ଆଧାରରେ ଗତ ମାସ ୨୫ ତାରିଖରେ ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋର ସିଏ' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ତେବେ ଏହି ଚଳଚ୍ଚିତ୍ରରେ ଅନୁସୂଚିତ ଜାତି ପ୍ରତି ବାରମ୍ବାର ଅପମାନସୂଚକ ଶବ୍ଦ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି। ଯାହାକି ଏହି ଚଳଚ୍ଚିତ୍ରରେ ପ୍ରୟୋଗ କରାଯାଇଥିବା ଲେଖା ଓ ଭାଷା ଜନସାଧାରଣଙ୍କ ଉପରେ ସକାରାତ୍ମକ ଓ ନକରାତ୍ମକ ଭାବନା ସୃଷ୍ଟି କରୁଛି। ଯାହା ଅନୁସୂଚିତ ଜାତିଙ୍କ ଭାବନାକୁ ଗଭୀର ଆଘାତ ଦେଉଛି। ତେଣୁ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ପ୍ରଯୋଜକ ଦିଲିପ ଭଟ୍ଟାଚାର୍ଯ୍ୟ, ନାୟିକା ଏଲିନା ସାମନ୍ତରାୟ, ଅଭିନେତା ଅମ୍ଲାନ ଦାସ ଓ ଲେଖକ ଏହି ଚଳଚ୍ଚିତ୍ରରେ ବାରମ୍ବାର ଅନୁସୂଚିତ ଜାତି ପ୍ରତି ଅପମାନ ଛୋଟ ଜାତି ବୋଲି ଧାରଣା ଦେଇଛନ୍ତି। ତୁରନ୍ତ ଏହି ଚଳଚ୍ଚିତ୍ରକୁ ବ୍ୟାନ କରିବା ସହ ଅଭିନୟ କରିଥିବା ଅଭିନେତା, ନିର୍ମାତା ଓ ନିର୍ଦ୍ଦେଶକମାନଙ୍କ ବିରୋଧରେ ଆଟ୍ରୋସିଟି ଆକ୍ଟରେ ମାମଲା ରୁଜୁ କରାଯିବାକୁ ଜିଲା ସଭାପତି କାଳୁଚରଣ କାଣ୍ଡି, ରାଜକିଶୋର ଭୋଇ, ସମୀର ଭୋଇ, ସର୍ବେଶ୍ୱର ଭୋଇ ପ୍ରମୁଖ ଦାବି କରିଛନ୍ତି। ସେହିଭଳି ସତ୍ୟବାଦୀ ଅଞ୍ଚଳରେ ଏହି ଚଳଚ୍ଚିତ୍ର ବିରୋଧରେ ନାରାବାଜି ଦିଆଯାଇଛି। ଏସ୍‌ସି, ଏସ୍‌ଟି, ଓବିସି ଓ ମାଇନରିଟି, ବର୍ଗର ଯୁଗ୍ମ କମିଟି, ପୁରୀ ଜିଲାର ଆବାହକ କାଳୁଚରଣ କାଣ୍ଡିଙ୍କ ନେତୃତ୍ୱରେ ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ବାହାରି ହାତରେ ବ୍ୟାନର ଧରି ଚଳଚ୍ଚିତ୍ର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ କମିଟି ପକ୍ଷରୁ ଉକ୍ତ ଚଳଚ୍ଚିତ୍ର ବିରୋଧରେ ସତ୍ୟବାଦୀ ଥାନାରେ ଏତଲା ଦେଇଥିଲେ। ଶୋଭାଯାତ୍ରାରେ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## ୩୮ ବର୍ଷ ପରେ ଏକାଠି ହେଲେ ୧୯୮୫ ବ୍ୟାଚ୍ ଛାତ୍ରୀଛାତ୍ର



ପିପିଲି,୪।୭(ଦୁର୍ଗାମାଧବ ମିଶ୍ର)

ବନ୍ତ ହାଇସ୍କୁଲର ୧୯୮୫ ମସିହା ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବାବା ବାସୁଦେବଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବବିତା ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ସମସ୍ତେ ବାବାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଦୀର୍ଘ ୩୮ବର୍ଷ ପରେ ଅତୀତର ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ। ଛାତ୍ର ଜୀବନ ଓ କର୍ମମୟ ଜୀବନ ଶୈଳୀ ଉପରେ ବନ୍ଧୁମାନେ ଆଲୋଚନା କରିଥିଲେ। ଅଶୋକ ବରାଳଙ୍କ ସମେତ ଅନେକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜସ୍ୱ ବିଭାଗ ଅଧିକାରୀ ଅଶୋକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରକରିଥିଲେ।

## ବେଦବ୍ୟାସଙ୍କ ଜନ୍ମୋତ୍ସବରେ ଗୁରୁପୂଜନ




କାର୍ଯ୍ୟକ୍ରମରେ ଗୁରୁପୂଜନ କରାଯାଉଛି ।

ସାକ୍ଷୀଗୋପାଳ,୪।୭(ଭରତ ରାଉତ)

ବେଦବ୍ୟାସଙ୍କ ଜନ୍ମତିଥି ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ପୂଜ୍ୟପୂଜା ସଂସଦ ଓ ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ, ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ପକ୍ଷରୁ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମ ବାଇଁଶିବାଡ଼ିସ୍ଥିତ ଆର୍ତ୍ତତ୍ରାଣ ଗାଦୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୃଦଙ୍ଗ ଗୁରୁ, ପାଲାଗୁରୁ, ସଂକୀର୍ତ୍ତନ ଗୁରୁ, ରାମଲୀଳା ଗୁରୁ, ପରିନାଟ ଗୁରୁ ଓ ନୃତ୍ୟ ନାଟିକା ଗୁରୁ ଶ୍ରୀ କୁଳମଣି ବିଶ୍ୱାଳ ପ୍ରମୁଖଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖ ଛାତ୍ର ଭାସ୍କର ସ୍ୱାଇଁ ସର୍ବପ୍ରଥମେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ସେହିପରି କ୍ରମାନ୍ୱୟରେ ଅଭିମନ୍ୟୁ ନାୟକ, ସୁଦର୍ଶନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୈଳାସ ଚନ୍ଦ୍ର ବିଶ୍ୱାଳ, ଜୟକୃଷ୍ଣ ମୁଦୁଲି, ରମେଶ ଚନ୍ଦ୍ର ଦାସ, ବିଜୟ ନାୟକ, ରମେଶ ମହାରଣା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ପରେ ନାମ କୀର୍ତ୍ତନ କରି ବାଇଁଶିବାଡ଼ି, ଜେନାସାହି, ଦିହୁଡ଼ି ସାହି ଗ୍ରାମ୍ୟ ପରିକ୍ରମା କରିଥିଲେ। ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁ ଶ୍ରୀ ବିଶ୍ୱାଳ ମଙ୍ଗଳାଚରଣ ଗାୟନ କରି ଶିଷ୍ୟଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ ସଂସାରର ମଙ୍ଗଳକାମନା ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ।

## ଜନତାଙ୍କ ସହ ସୁସମ୍ପର୍କ, ସମସ୍ୟାର ସମାଧାନ ନେଇ ଆଲୋଚନା




କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

ଆମ ପୋଲିସ କାର୍ଯ୍ୟକ୍ରମ

କୋଣାର୍କ,୪।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ପରିସରରେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ଉପଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ମିଶ୍ର, କୋଣାର୍କ ଏନ୍ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଜିଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଲୋକଙ୍କ ସହ ସୁସମ୍ପର୍କ ଓ ପୋଲିସ କିପରି ଲୋକଙ୍କ ପାଖରେ ପହଞ୍ଚି ଉଚିତ ନ୍ୟାୟ ପ୍ରଦାନ ସହ ସମସ୍ୟାର ସମାଧାନ କରିପାରିବ ତାହା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ମିଶ୍ର, ସଙ୍ଗଠକ ଉମେଶ ସ୍ୱାଇଁ, ଶିକ୍ଷାବିତ ରବୀନ୍ଦ୍ରନାଥ ବାହିନୀପତି, ପଦ୍ମଚରଣ ବେଉରା, ସଞ୍ଜୟ ପତି, କୋଣାର୍କ ଏନ୍ଏସି ଉପାଧ୍ୟକ୍ଷ ସୁରେଶ ରାଉତରାୟ, ରାଜୁ ମହାପାତ୍ର, ହସ୍ତଶିଳ୍ପ ବ୍ୟବସାୟ ସଭାପତି ସୁବାସ ନାୟକ, କଂଗ୍ରେସର ଭାସ୍କର ସେଠ, ନିହାର ବେଉରା, ସାମ୍ବାଦିକା ଗିତାରାଣୀ ସେଠ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ, ସାମ୍ବାଦିକ ପ୍ରତାପ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ବେଆଇନ ନିଶା କାରବାର ବନ୍ଦ କରିବା, ଖୋଲା ସ୍ଥାନରେ ନିଶା ସେବନ ଉପରେ କଟକଣା, ପଲିଥିନ ବ୍ୟବହାର କଟକଣା, ଗରିବ ଲୋକ କିପରି ନ୍ୟାୟ ପାଇବ, ରାତ୍ରିକାଳୀନ ପେଟ୍ରୋଲିଂ କଡ଼ାକଡ଼ି, ଥାନାରେ ଦଣ୍ଡିଆ ଗିରି ବନ୍ଦ, ସହରରେ ପାର୍କିଂ ବ୍ୟବସ୍ଥା କଡ଼ାକଡ଼ି, ଡିଜେ ସାଉଣ୍ଡ କଟକଣା, ରାସ୍ତା ଉପରେ ବେଆଇନ ଉଠା ଦୋକାନୀ ସମସ୍ୟା, ନିମ୍ନମାନର ଖାଦ୍ୟ ଯାଞ୍ଚ ଓ ହୋଟେଲଗୁଡ଼ିକରେ ଚଢ଼ାଉ, ଥାନାରେ ଆବଶ୍ୟକ କର୍ମଚାରୀ ମୁତୟନ, ଦ୍ରୁତ ଓ ନିଶା ସେବନ କରି ଗାଡ଼ି ଚାଳନା ଉପରେ କଟକଣା, ରାତିରେ ଥାନାରେ କର୍ମଚାରୀ ଅଭାବ, ମନ୍ଦିର ସମ୍ମୁଖରେ ବେଆଇନ ବ୍ୟବସାୟୀଙ୍କୁ ସ୍ଥାନାନ୍ତର ଆଦିର ସମସ୍ୟା କିପରି ସମାଧାନ ହୋଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା।

## '୬ ଐଶ୍ୱର୍ଯ୍ୟଯୁକ୍ତ ପରମଶକ୍ତିର ନାମ ଭଗବାନ୍'

### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

ପୁରୀ, ୪।୭(ଅଜିତ୍ ମହାନ୍ତି):

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଜୁଲାଇ ମାସ ବୈଠକ ଜଗନ୍ନାଥ ବଲ୍ଲଭ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ବିଷୟ ରହିଥିଲା 'କୃଷ୍ଣସ୍ତୁ ଭଗବାନ ସ୍ୱୟମ୍'। ଡ. ଶ୍ରୀନିବାସ ଆଚାର୍ଯ୍ୟ, ପ୍ରାଧ୍ୟାପିକା ବାସନ୍ତୀ ଦେବୀ ଏବଂ ଡ. ପ୍ରମୋଦ କୁମାର ଦଳେଇ ଉକ୍ତ ବିଷୟ ଆଧାରିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଧର୍ମ, ଯଶ, ବୈରାଗ୍ୟ ଏବଂ ବିଭୂତି ଏପରି ଛଅଟି ଐଶ୍ୱର୍ଯ୍ୟଯୁକ୍ତ ପରମଶକ୍ତିର ନାମ ଭଗବାନ। ସେହି ପରମଶକ୍ତି ଯେ ଚରାଚର ଜଗତର ଉଦ୍ଭବ, ପାଳନ ଏବଂ ନାଶର ହେତୁ ତାଙ୍କୁ ଜ୍ଞାନୀ ବ୍ରହ୍ମ, ଯୋଗୀ ପରମାତ୍ମା ଏବଂ ଭକ୍ତର ଭଗବାନ କହନ୍ତି। ସମସ୍ତଙ୍କ ଅନ୍ତରାତ୍ମା ହେବା ହେତୁ ପରମାତ୍ମା ଏବଂ ସମସ୍ତଙ୍କ ଭଜନୀୟ ଗୁଣଯୁକ୍ତ ହୋଇଥିବାରୁ ଭଗବାନ ନାମରେ ନିରୂପିତ ହୁଅନ୍ତି। ଶ୍ରୀମଦ୍ ଭଗବତରେ ଉଲ୍ଲେଖ ଅଛି, ଭଗବାନଙ୍କ ଅଗଣିତ ଅବତାର। ଦେବତା, ଋଷି ଆଦି ଭଗବାନଙ୍କ ଅଂଶ ଓ କଳାବତାର ଅଟନ୍ତି। କିନ୍ତୁ ଶ୍ରୀକୃଷ୍ଣ ସମସ୍ତ କଳା ଯୁକ୍ତ ସାକ୍ଷାତ ଭଗବାନ। ପୁନଃ ଶ୍ରୀକୃଷ୍ଣ ଚନ୍ଦ୍ରବଂଶରେ ଅବତରିତ ହେବା ଦୃଷ୍ଟିରୁ ଶୋଳଷ କଳା ପୂର୍ଣ୍ଣ। ତାଙ୍କର ଏକ କଳା ପରିପୂର୍ଣ୍ଣ ବିଭୂତି, ଅନ୍ୟ ଏକ କଳା ଧର୍ମ, ଯାହାର ରକ୍ଷା ନିମିତ୍ତ ସେ ସତତ ସନ୍ନିଦ୍ଧ, ତେଜର ଉତ୍ସବ ହିସାବରେ ସେ ସବୁରେ ପ୍ରକାଶନ। ସେ ଯୋଗେଶ୍ୱର, ସର୍ବଜ୍ଞ, ସର୍ବତନ୍ତ୍ର, ସ୍ୱତନ୍ତ୍ର, ତାଙ୍କ କୃପାରେ ସମସ୍ତ କାର୍ଯ୍ୟ ସିଦ୍ଧ ହୁଏ। ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଓ କଳିଯୁଗର ସନ୍ଧିକ୍ଷଣରେ ଆବିର୍ଭୂତ ହୋଇ ନିଜ ଅଦମ୍ୟ ଶୌର୍ଯ୍ୟ ଅନନ୍ତ ଜ୍ଞାନ ରାଶି, ପରମୋଚ୍ଚ ଚରିତ୍ରବଳରେ ସନାତନ ଧର୍ମକୁ ପ୍ରତିଷ୍ଠିତ କଲେ। ତାଙ୍କ ମୁଖନିଃସୃତ ଗୀତା ସମସ୍ତ ଉପନିଷଦର ସାରତତ୍ତ୍ୱକୁ ଗ୍ରହଣ କରିଛି। ଶ୍ରୀକୃଷ୍ଣଙ୍କ ଦିବ୍ୟ ଆପ୍ରାକୃତି ଲୀଳାଗୁଡ଼ିକରେ ଜ୍ଞାନ, ଶ୍ରୀଯଶ ଆଦି ଷଟ୍ ଐଶ୍ୱର୍ଯ୍ୟ ଉପରେ ସ୍ୱାମୀତ୍ୱ ସିଦ୍ଧ ହୁଏ। ବୈଷ୍ଣବତନ୍ତ୍ରରେ ଉଲ୍ଲେଖ ଅଛି, ଭଗବାନ ଶ୍ରୀକୃଷ୍ଣ ଗୋକୁଳ ମଥୁରା ଏବଂ ଦ୍ୱାରକାରେ ଯେଉଁ ଲୀଳା କରନ୍ତି, ନୀଳାଚଳରେ ଦାରୁବ୍ରହ୍ମ ସ୍ୱରୂପରେ ମଧ୍ୟ ସେହି ସେହି ଲୀଳା କରନ୍ତି। ଶ୍ରୀଚୈତନ୍ୟଙ୍କ ଦୃଷ୍ଟିରେ ଐଶ୍ୱର୍ଯ୍ୟପୀଠ ନୀଳାଚଳ (ଦ୍ୱାରିକା) ଏବଂ ମାଧୁର୍ଯ୍ୟ ପୀଠ ସୁନ୍ଦରାଚଳ (ବୃନ୍ଦାବନ)। ଶ୍ରୀଜଗନ୍ନାଥ ରଥଯାତ୍ରା ସମୟରେ ଦ୍ୱାରକା ଛାଡ଼ି ବୃନ୍ଦାବନ ଆସନ୍ତି। ଅତିବଡ଼ିଙ୍କ ଅନୁସାରେ ବ୍ରହ୍ମାଣ୍ଡକର୍ତ୍ତା ଶ୍ରୀକୃଷ୍ଣ ନୀଳାଚଳରେ ଦାରୁମୟ ଶରୀର ହୋଇ ବିହାର କରୁଛନ୍ତି। ଶ୍ରୀଜଗନ୍ନାଥ ସାକ୍ଷାତ ବ୍ରଜେନ୍ଦ୍ର ନନ୍ଦନ ଶ୍ରୀକୃଷ୍ଣ। ନୀଳାଦ୍ରିମହୋଦୟ ଗ୍ରନ୍ଥରେ ଉଲ୍ଲେଖ ଅଛି, ଯଦି ନୃସିଂହ ରୂପରେ ଶ୍ରୀଜଗନ୍ନାଥଙ୍କ ଉପାସନା କରାଯାଇ ନ ପାରେ ତେବେ ଶ୍ରୀକୃଷ୍ଣ ଭାବେ ପ୍ରେମଭକ୍ତି ଜରିଆରେ ତାଙ୍କ ଉପାସନା କରଣୀୟ। ଆଲୋଚନା ଚକ୍ରରେ ପ୍ରଫେସର ଅଦ୍ୱୈତ ଚରଣ ଧଳ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଅନାମଚନ୍ଦ୍ର ସାହୁ, ବିଶ୍ୱନାଥ ସାମନ୍ତରା, ଡ. ନୃସିଂହ ଚରଣ ସାହୁ, ରବୀନ୍ଦ୍ର ନାଥ ମହାନ୍ତି, ରଞ୍ଜିତା ମହାପାତ୍ର, ସୁନୀଲ କୁମାର ମିଶ୍ର, ଚକ୍ରପାଣି ସାହୁ, ଜୟନ୍ତୀ ସାହୁ, ସୁନୀଲ କୁମାର ମିଶ୍ର ଏବଂ ଜ୍ୟୋତିରାଣୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ବକ୍ତାମାନେ ।

## ଜୁନ୍‌ରେ ୨୦.୯୬ ଲକ୍ଷ ଜରିମାନା ଆଦାୟ

ଭୁବନେଶ୍ୱର(ସତ୍ୟଜିତ୍ ରାଉତ): କମିଶନରେଟ ପୋଲିସ ଦ୍ୱାରା ଭୁବନେଶ୍ୱରରେ ଜାରି ରହିଥିବା 'ସେଫ୍ ସିଟି ଡ୍ରାଇଭ' ଅଭିଯାନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବେଆଇନ ନିଶା କାରବାର, ସର୍ବସାଧାରଣରେ ମଦ୍ୟପାନ, ଅସାମାଜିକ କାର୍ଯ୍ୟ କରି 'ଓଡ଼ିଶା ଅର୍ବାନ ପୋଲିସ୍ ଆକ୍ଟ' ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରୁଛି ପୋଲିସ। ତେବେ ଜୁନ୍ ମାସରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ବିଭିନ୍ନ ଥାନା ଅଞ୍ଚଳରେ ୪ ହଜାର ୧୯୧ ଜଣ ବ୍ୟକ୍ତି ଏହି ନିୟମ ଉଲ୍ଲଂଘନ କରି ୨୦ ଲକ୍ଷ ୯୬ହଜାର ଟଙ୍କା ଜରିମାନା ଗଣିଛନ୍ତି। ଜରିମାନା ଗଣିଥିବା ବ୍ୟକ୍ତିଙ୍କ ମଧ୍ୟରୁ



## ସଂକ୍ଷେପରେ

### ମାଟ୍ରିକ ସାର୍ଟିଫିକେଟରେ ତ୍ରୁଟି

ନିଶ୍ଚିନ୍ତକୋଇଲି,୪।୭(ଅଶୋକ କୁମାର ମହାପାତ୍ର): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ସାର୍ଟିଫିକେଟରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟରେ ଫଟୋ ବଦଳି ଯାଇଛି। ଏହି ବିଦ୍ୟାଳୟରେ ଚଳିତ ବର୍ଷ ୭୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେତେବେଳେ ୬୯ ଜଣ ଛାତ୍ରୀଛାତ୍ରଙ୍କ ପ୍ରବେଶପତ୍ରରେ ସେମାନଙ୍କ ଫଟୋ ଜାଗାରେ ଅଚିହ୍ନା ଫଟୋ ଲାଗିଥିଲା। ଏନେଇ ପିଲାଙ୍କ ପରୀକ୍ଷାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହାର ସମାଧାନ କରିବା ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ପ୍ରବେଶପତ୍ରରେ ସାମୟିକଭାବେ ନିଜର ପାସପୋର୍ଟ ସାଇଜ ଫଟୋ ଲଗାଇ ଦସ୍ତଖତ କରି ପରୀକ୍ଷା ହଲରେ ବସିଥିଲେ। ୨ ମାସ ପରେ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପାସ ପ୍ରମାଣପତ୍ର ମିଳିଛି। ସେଥିରେ ମଧ୍ୟ ପୁରୁଣା ଭୁଲର ପୁନରାବୃତ୍ତି ହୋଇଥିବା ଦେଖିବାକୁ ମିଳିଛି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି,୧୫ ଦିନ ଭିତରେ ଏହି ତ୍ରୁଟିପୂର୍ଣ୍ଣ ମାଟ୍ରିକ ପାସ ପ୍ରମାଣ ପତ୍ର ସଂଶୋଧନ କରାଯାଇ ଛାତ୍ରୀଛାତ୍ରଙ୍କୁ ଠିକ୍ ପ୍ରମାଣପତ୍ର ଦିଆଯିବ ।

### ମହିଳାଙ୍କଠୁ ଝାମ୍ପି ନେଲେ ସୁନାଚେନ୍

ଭୁବନେଶ୍ୱର,୪।୭(ସତ୍ୟଜିତ୍ ରାଉତ): ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ୍ ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ୨ ଲୁଟେରା ମଙ୍ଗଳବାର ସନ୍ଧ୍ୟାରେ ସୁନା ଚେନ୍ ଝାମ୍ପି ନେଇଯାଇଛନ୍ତି। ଏହି ଲୁଟ୍‌ର ଶିକାର ହୋଇଛନ୍ତି ପାଲ୍ ହାଇଟ୍ସ ପଛପଟ ବେହେରା ବସ୍ତିରେ ରହୁଥିବା ଲକ୍ଷ୍ମୀପ୍ରିୟା ବେହେରା। ଏ ନେଇ ଲକ୍ଷ୍ମୀପ୍ରିୟା ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରେ ଲକ୍ଷ୍ମୀପ୍ରିୟା ଚାଲିଚାଲି ଯାଉଥିବା ବେଳେ ବାଇକ୍‌ରେ ଦୁଇ ଲୁଟେରା ତାଙ୍କୁ ପିଛା କରିଥିଲେ। ସୁଯୋଗ ଦେଖି ବାଇକ୍‌ରେ ପଛରେ ବସିଥିବା ଲୁଟେରା ଜଣଙ୍କ ଲକ୍ଷ୍ମୀପ୍ରିୟାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଯାଇଥିଲେ। ଲକ୍ଷ୍ମୀପ୍ରିୟା ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ଡାକିବାବେଳେ ଲୁଟେରାଦ୍ୱୟ ଫେରାର ହୋଇଯାଇଥିଲେ।

### ସ୍ୱାମୀ ବିବେକାନନ୍ଦଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୪।୭(ଶର୍ମିଷ୍ଠା ପାଣିଗ୍ରାହୀ): ଯୁବ ଶକ୍ତିର ପ୍ରେରଣାର ଉତ୍ସ ସ୍ୱାମୀ ବିବେକାନନ୍ଦଙ୍କ ୧୨୧ତମ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହାଙ୍କ ସଂଯୋଜନାରେ କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନନ୍ଦଙ୍କ ସ୍ୱାଗତ ଭାଷଣ ପରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଇଲା ସ୍ୱାଇଁ, ବିଜୟ ସାହୁ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସଭ୍ୟବୃନ୍ଦ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଗିରିଜା ଶଙ୍କର ମହାପାତ୍ର, ହରପ୍ରିୟା ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

# ୧୦ରେ କ୍ୟାପିଟାଲ ହସ୍ପିଟାଲ ଆସିବେ ଏନ୍‌କ୍ୟୁଏସ୍ ଟିମ୍

ଭୁବନେଶ୍ୱର,୪।୭(ଅଭିଜିତ ଦାସ)

### ଆଜିଠାରୁ ଜରୁରିକାଳୀନ ଓଟି କାର୍ଯ୍ୟ କରିବ



ରାଜ୍ୟର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ରୋଗୀସେବା ପ୍ରଦାନ କରିବାକୁ ପ୍ରୟାସ ଜାରି ରହିଛି। ଇତିମଧ୍ୟରେ ଏଠାରେ ମେଡିକାଲ କଲେଜ ଖୋଲିଛି। ଏଥିସହ ବୁଧବାରଠାରୁ ୨୪ ଘଣ୍ଟିଆ ଅପରେଶନ ଥିଏଟର (ଓଟି) ଖୋଲିବାକୁ ଯାଉଛି। ଏପରିସ୍ଥିତିରେ ଆସନ୍ତା ୧୦ ତାରିଖରେ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ(ଏନ୍‌କ୍ୟୁଏସ୍) ଟିମ୍ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନରେ ଆସିବେ ବୋଲି ସୂଚନା ଦିଆଯାଇଛି। ଜରୁରିକାଳୀନ ଓଟି ପାଇଁ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ରହିବେ। ଏଥିରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ରହିବେ। ଆହାତ ରୋଗୀଙ୍କ ଲାଗି ଗୋଟିଏ ଡ୍ରେସିଂ ରୁମ୍‌ର ମଧ୍ୟ ବ୍ୟବସ୍ଥା ହୋଇଛି। ସେହିପରି ପ୍ରତିଦିନ ଅନେକ ରୋଗୀ ଅଲଟ୍ରାସାଉଣ୍ଡ୍ ଲାଗି କ୍ୟାପିଟାଲ ହସ୍ପିଟାଲ ଆସୁଥିବାବେଳେ ଏଥିପାଇଁ ବହୁଦିନ ଅପେକ୍ଷା କରିବାକୁ ପଡୁଥିଲା। ଏବେ ହସ୍ପିଟାଲ ପରିସରରେ ଆଉଏକ ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ କରାଯାଇଥିବାବେଳେ ଏଥିରେ ଦୈନିକ ୮୦ରୁ ୯୦ ଜଣଙ୍କ ଅଲଟ୍ରାସାଉଣ୍ଡ୍ ପରୀକ୍ଷା କରାଯାଉଥିବା ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବରୁ ଏନ୍‌କ୍ୟୁଏସ୍ ଟିମ୍ ପରିଦର୍ଶନରେ ଆସି କ୍ୟାପିଟାଲ ହସ୍ପିଟାଲରେ ଉନ୍ନତ ସ୍ୱାସ୍ଥ୍ୟ ସେବା ସ୍ଥିତି ପରଖିବେ। ଏନେଇ ପୂର୍ବରୁ ଟିମ୍ ଆସି ବିଭିନ୍ନ ମାନଦଣ୍ଡକୁ ଅନୁଧ୍ୟାନ କରିଥିଲେ ମଧ୍ୟ ସାର୍ଟିଫିକେଟ ମିଳି ନ ଥିଲା। ତେବେ ଚଳିତବର୍ଷ କିପରି ଏହି ମାନ୍ୟତା ପାଇବ ସେନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପଡି ରହିଥିବା କାର୍ଯ୍ୟଗୁଡିକ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ରୋଗୀଙ୍କ ଚିକିତ୍ସା ଓ ହସ୍ପିଟାଲର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି।




ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦିଏ'

ଭୁବନେଶ୍ୱର,୪।୭(ଶର୍ମିଷ୍ଠା ପାଣିଗ୍ରାହୀ)

### ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ବାର୍ଷିକୋତ୍ସବ

ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୩ତମ ବାର୍ଷିକ ଉତ୍ସବ ଏବଂ ପୂଜ୍ୟପୂଜା ସମ୍ମାନ ଓ କବିତା ପାଠୋତ୍ସବ ମଙ୍ଗଳବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଛନ୍ତି, ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାରେ କବିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଲେଖକ ଓ କବିମାନଙ୍କୁ ବିଭିନ୍ନ ଉପାୟରେ ଉତ୍ସାହିତ କଲେ ସେମାନେ ଭବିଷ୍ୟତ ବଂଶଧରଙ୍କୁ ଏକ ସୁସ୍ଥ ସମାଜ ଗଢ଼ିବାରେ ଉତ୍ସାହିତ କରିବେ। ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ସାଜିଥାଏ ବୋଲି ସେ କହିଛନ୍ତି। ମୁଖ୍ୟ ବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ପ୍ରସନ୍ନ ପାଟଶାଣୀ କହିଥିଲେ, ଅର୍ଥ ବ୍ୟୟରେ ଶିକ୍ଷାଦାନ, ଚାକିରି ଓ ବିଭିନ୍ନ ପଦପଦବୀ ଆଦି ହାସଲ କରାଯାଇପାରେ। କିନ୍ତୁ ଅର୍ଥ ବଳରେ କବିଟିଏ ହେବା ଅସମ୍ଭବ। ସମ୍ମାନିତ ଅତିଥି ବିଧାନସଭା ସଚିବ ଦାଶରଥୀ ଶତପଥୀ କହିଛନ୍ତି, ସାହିତ୍ୟ ସମାଜକୁ ଛାଡ଼ି ତିଷ୍ଠି ରହିପାରିବ ନାହିଁ। ସେହିପରି ବ୍ୟକ୍ତି ମଧ୍ୟ ସମାଜକୁ ଛାଡ଼ି ରହିପାରିବ ନାହିଁ। ସମାଜର ଭାବାବେଗକୁ କଲମମୁନରେ ପ୍ରକାଶ କରିବାର କ୍ଷମତା କବିର ଥାଏ। ଅନ୍ୟତମ ସମ୍ମାନିତ ଅତିଥି ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ସାହିତ୍ୟ ସୃଷ୍ଟିକୁ ଏକ କଠୋର ସାଧନା ଭାବେ ବର୍ଣ୍ଣନା କରିଥିଲେ। ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକ ଉତ୍ସବର ଅଧ୍ୟକ୍ଷତା କରି କବିମାନେ କାଳଜୟୀ ସାହିତ୍ୟ ସୃଷ୍ଟି କଲେ ସମାଜର ପରିବର୍ତ୍ତନ ଆସିଥାଏ ବୋଲି କହିଥିଲେ। ସମ୍ପାଦକ କସ୍ତୁରୀ ଚରଣ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବି ଡ. ନୃସିଂହାନନ୍ଦ ମହାପାତ୍ରଙ୍କ ତତ୍ତ୍ୱବୋଧ ଓ ଆତ୍ମବୋଧ ଶୀର୍ଷକ ଆଧ୍ୟାତ୍ମିକ ପୁସ୍ତକ ଏବଂ ଇଂ ଅଜୟ କୁମାର ପଣ୍ଡାଙ୍କ ଆକାଶର ରଙ୍ଗ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ଗୋଲକ ବିହାରୀ ନାୟକ ଓ କବୟିତ୍ରୀ ସୌଦାମିନୀ ବେହେରା ସଂଯୋଜନା କରିଥିଲେ।

# ଆଇସିଏଆଇ ପକ୍ଷରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଡେ ପାଳିତ

ଭୁବନେଶ୍ୱର,୪।୭: (ଅଭୟ ଦାଶ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏଆଇ) ର ଭୁବନେଶ୍ୱର ଶାଖା (ଚାପ୍ଟର) ପକ୍ଷରୁ ୭୫ ତମ 'ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଡେ' ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ଆଡିସନାଲ ପୋଲିସ ଡିଜି ସିଏ.ରାଧାକିଶନ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ, ସେମିନାର ଚେୟାରମ୍ୟାନ୍ ତଥା ମୁଖ୍ୟବକ୍ତା ଅତିଥି ଆଇସିଏଆଇ ଭୁବନେଶ୍ୱରର ପୂର୍ବତନ ଅଧ୍ୟକ୍ଷ ସିଏ ଅରୁଣ କୁମାର ସାବତଙ୍କ ସମେତ ଶାଖା ଅଧ୍ୟକ୍ଷ ସିଏ ପ୍ରଦୀପ କୁମାର ସାହୁ ଓ ସଚିବ ସିଏ ମହେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏପରିକି ଏହି ଦିନକୁ ସ୍ମରଣ କରିବା ପାଇଁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ସହ ଜନସାଧାରଣଙ୍କ ମଧ୍ୟରେ ନିବେଶକ ଅଭିଯୋଗର ସମାଧାନ ମେକାନିଜିମ୍ ଏବଂ ଆର୍ଥିକ ଓ ଟିକସ ସାକ୍ଷରତା ଡ୍ରାଇଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅପରପକ୍ଷରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଡେ ଉପଲକ୍ଷେ ନୟାପଲ୍ଲୀସ୍ଥିତ ନୂଆସାହି ଆଇସିଏଆଇ ଭବନରୁ ଷ୍ଟୁଆର୍ଟ ସ୍କୁଲ ପର୍ଯ୍ୟନ୍ତ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ସେହିଭଳି ବୃକ୍ଷରୋପଣ ଏବଂ ସ୍ୱଚ୍ଛତା ଡ୍ରାଇଭ ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଯଥା ଚକ୍ଷୁ, ଡେଣ୍ଟାଲ ପରୀକ୍ଷା ଓ ଡାଇବେଟିସ୍ ସ୍କ୍ରିନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ସେହିପରି ରୋଟାରି କ୍ଲବ ଏବଂ ଏମ୍ଏ ଓଡ଼ିଶା ସହିତ ମିଳିତ ଭାବେ ଏକ ମେଗା ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମଗୁଡିକୁ ଶାଖାର ଛାତ୍ର ସଙ୍ଗଠନର ଅଧ୍ୟକ୍ଷ ତଥା ଶାଖା ଉପାଧ୍ୟକ୍ଷ ସିଏ ଗଗନ ବିହାରୀ ଦାସ, ସିଏ ଶାଶ୍ୱତ ତ୍ରିପାଠୀ, କୋଷାଧ୍ୟକ୍ଷ ସିଏ ରଞ୍ଜନ କୁମାର ପୃଷ୍ଟି, ପରିଚାଳନା କମିଟି ସଦସ୍ୟ ସିଏ ଗୌତମ ଲେଙ୍କା ଏବଂ ସିଏ ଜାହ୍ନବୀ ଦେଓ ପରିଚାଳନା କରିଥିଲେ।




ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖା ପକ୍ଷରୁ 'ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଡେ' ପାଳନ ଅବସରରେ ଉପସ୍ଥିତ ଅତିଥି।

## ଧବଳେଶ୍ୱର କଂକ୍ରିଟ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

ଆଠଗଡ,୪।୭ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ବ୍ଲକର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ପୀଠକୁ ଯାତାୟାତ ପାଇଁ ଚାଲିଥିବା କଂକ୍ରିଟ୍ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏନେଇ ଆଠଗଡ ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ପରମାଣିକ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨୩ କୋଟି ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କରାଯାଇଛି। ଫଳରେ ଦୀର୍ଘଦିନ ଧରି ପୀଠକୁ ଯାତାୟାତ ସମସ୍ୟାର ଅନ୍ତ ଘଟିଛି।

## ସାହି ମୁରବୀଙ୍କ ନିର୍ଦ୍ଦେଶରେ ମହିଳାଙ୍କୁ ଶୁଦ୍ଧିକ୍ରିୟାରେ ସାମିଲ କରାଗଲାନି

ବାରଙ୍ଗ,୪।୭(ଲିଙ୍ଗରାଜ ରାଉତ)

ରଘୁନାଥପୁର ଗାଁ ବାହାଣିଆ ସାହିରେ ଜଣେ ମହିଳାଙ୍କୁ ସାହି ମୁରବୀଙ୍କ ଇଙ୍ଗିତରେ ଶୁଦ୍ଧିକ୍ରିୟାରେ ସାମିଲ ହେବା ପାଇଁ ସୁଯୋଗ ଦିଆ ନ ଯିବା ଓ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ସାହିର ବିଭିନ୍ନ ଲୋକଙ୍କୁ ଡାକି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ବାହାଣିଆସାହିର ରମ୍ଭା ଦଳେଇଙ୍କର କୁଟୁମ୍ବରେ ଜଣଙ୍କର ଦେହାନ୍ତ ହୋଇଯାଇଥିଲା। ତାଙ୍କର ଶୁଦ୍ଧଘର ନିମନ୍ତେ କରାଯାଇଥିବା କର୍ମରେ ସାହି ମରୁବୀଙ୍କ କଡା ନିର୍ଦ୍ଦେଶରେ ରମ୍ଭାକୁ ସାମିଲ କରାଯାଇ ନଥିଲା। ଫଳରେ ସେ ଶୁଦ୍ଧି କାର୍ଯ୍ୟରେ ସାମିଲ ହୋଇପାରି ନଥିଲେ। ଏହାପରେ ମଧ୍ୟ ମୁରବୀ ତାଙ୍କୁ ଗାଳିଗୁଲଜ ମଧ୍ୟ କରୁଥିବା ନେଇ ରମ୍ଭା ଗତ ୨୭ତାରିଖରେ ଥାନାରେ କରିଥିବା ଲିଖିତ ଅଭିଯୋଗ ଦର୍ଶାଇଥିଲେ। କିନ୍ତୁ ପୋଲିସ ଏହି ଘଟଣାକୁ ହାଲକା ଭାବରେ ନେବା ସହ ସାହିରୁ ଆସିଥିବା ମୁରବୀମାନଙ୍କୁ ଘଟଣାର ତୁରନ୍ତ ସମାଧାନ ପାଇଁ କହି ବସିରହିଥିଲେ। ମଙ୍ଗଳବାର ରମ୍ଭା ତାର ଦୁଇ ବିବାହିତ ଝିଅକୁ ଧରି ଥାନାରେ ପହଞ୍ଚି ନ୍ୟାୟ ନ ମିଳିଲେ ବାଧ୍ୟହୋଇ ଧାରଣାରେ ବସିବୁ ବୋଲି ଚେତାବନୀ ଦେଇଥିଲେ। ଏହାପରେ ପୋଲିସ ନଂ.୧୦୯/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# କିଟ୍ ୧୨ତମ ଶ୍ରେଷ୍ଠ ଭାରତୀୟ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

### ଟାଇମ୍ସ ହାୟର ଏଜୁକେଶନ ୟଙ୍ଗ୍ ୟୁନିଭରସିଟି ର୍‌ୟାଙ୍କିଙ୍ଗ୍



ଟାଇମ୍ସ ହାୟର ଏଜୁକେଶନ ପକ୍ଷରୁ ୟଙ୍ଗ ୟୁନିଭରସିଟି ର୍‌ୟାଙ୍କିଙ୍ଗ ୨୦୨୩ ପ୍ରକାଶ ପାଇଛି। ଏଥିରେ ସମଗ୍ର ବିଶ୍ୱର ଶ୍ରେଷ୍ଠ ୧୫୧ରୁ ୨୦୦ ବିଶ୍ୱବିଦ୍ୟାଳୟ ଥିବାବେଳେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୧୨ତମ ସ୍ଥାନ ହାସଲ କରିଛି କିଟ୍ ବିଶ୍ୱବିଦ୍ୟାଳୟ। ୨୫ବର୍ଷର ଶିକ୍ଷାନୁଷ୍ଠାନ ଓ ୧୯ବର୍ଷର ବିଶ୍ୱବିଦ୍ୟାଳୟ ଅଟେ କିଟ୍। ତେବେ ଶିକ୍ଷାଦାନ ମାନ, ଗବେଷଣା କ୍ଷେତ୍ରରେ ସଫଳତା, ସାଇଟେସନ ଇମ୍ପାକ୍ଟ, ଅନ୍ତର୍ଜାତୀୟ ଆଉଟ୍‌ଲୁକ୍, ଇଣ୍ଡଷ୍ଟ୍ରି ଇନ୍‌କମ ଆଦି ମାନଦଣ୍ଡ ଆଧାରରେ ଟାଇମ୍ସ ହାୟର ଏଜୁକେଶନ ପକ୍ଷରୁ ୟଙ୍ଗ୍ ୟୁନିଭରସିଟି ର୍‌ୟାଙ୍କିଙ୍ଗ କରାଯାଇଥାଏ। ଏହି ସଫଳତା ପାଇଁ କିଟ୍‌ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସମେତ କିଟ୍ ଓ କିସର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଟାଇମ୍ସ ହାୟର ଏଜୁକେଶନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ଆଇଆଇଟି ଗୁଆହାଟୀରେ ଡାଟା ସାଇନ୍ସ ଓ ଏଆଇରେ ଅନ୍‌ଲାଇନ୍ ସ୍ନାତକ ଡିଗ୍ରୀ ଆରମ୍ଭ

ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଗୁଆହାଟୀ ପକ୍ଷରୁ ଅନ୍‌ଲାଇନ୍ ଲର୍ଣ୍ଣିଂ ପ୍ଲାଟ୍‌ଫର୍ମ୍ କୋର୍ସରେ ଆଉ ଏକ ବିଷୟ ଯୋଡି ହୋଇଛି। ଡାଟା ସାଇନ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଅନ୍‌ଲାଇନ୍ ବ୍ୟାଚେଲର ଅଫ୍ ସାଇନ୍ସ (ଅନର୍ସ) ଡିଗ୍ରୀ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିପାଇଁ ଜୁଲାଇ ୧୯ରୁ ଆବେଦନ ଓ ଅକ୍ଟୋବରରେ ପାଠପଢ଼ା ଆରମ୍ଭ ହେବ। ଗଣିତ ବା ମ୍ୟାଥ୍‌ମେଟିକ୍ସ ଏକ ବାଧ୍ୟତାମୂଳକ ବିଷୟ ଥାଇ ଦ୍ୱାଦଶ କିମ୍ବା ଏହା ସହ ସମାନ ଶ୍ରେଣୀ ପାସ୍ କରିଥିବା ଯେକୌଣସି ବ୍ୟକ୍ତି ଆବେଦନ କରିପାରିବେ। ଜେଇଇ ଆଡ୍‌ଭାନ୍ସଡ୍‌ରେ ଯୋଗ୍ୟ ବିବେଚିତ ହୋଇଥିବା ଓ ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ର ସିଧାସଳଖ ନାମଲେଖାଇ ପାରିବେ। ଜେଇଇ ଆଡ୍‌ଭାନ୍ସଡ୍ ପାଇଁ ପଞ୍ଜୀକରଣ କରି ନ ଥିବା ଛାତ୍ରୀଛାତ୍ର ଏକ ଅନ୍‌ଲାଇନ୍ କୋର୍ସ ସମ୍ପୂର୍ଣ୍ଣ କରି ନିଜ ପ୍ରଦର୍ଶନ ଆଧାରରେ ପ୍ରବେଶ ପାଇପାରିବେ। ଜୁଲାଇ ୪ରେ ଆଇଆଇଟି ଗୁଆହାଟୀ କନ୍‌ଭୋକେଶନ ଉତ୍ସବରେ ଏହି ଅନ୍‌ଲାଇନ୍ ଡିଗ୍ରୀ ପ୍ରୋଗ୍ରାମର ଶୁଭାରମ୍ଭ କରି ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନକର କହିଛନ୍ତି, 'ଆଇଆଇଟି ଗୁଆହାଟୀରେ ଏହି ଡିଗ୍ରୀ ଦେଶର ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି। ଏହି ପ୍ରୋଗ୍ରାମରେ ଶିଳ୍ପ ପରିଚୟପତ୍ର ପ୍ରଦାନ କରାଯାଉଛି ଏବଂ ପ୍ରାଥମିକ ଶିକ୍ଷା ଭାବେ ସ୍ୱୀକୃତି ପ୍ରଦାନ କରାଯାଉଛି, ଯାହା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି-ସମ୍ବନ୍ଧିତ ଜ୍ଞାନ ବୃଦ୍ଧି କରିବା ପାଇଁ ସକ୍ଷମ କରୁଛି। ଏଥିରେ ଆଇଆଇଟି ଗୁଆହାଟୀର ଅଫିସିଏଟିଂ ଡାଇରେକ୍ଟର ପ୍ରଫେସର ପରମେଶ୍ୱର କେ. ଆୟର୍, କୋର୍ସଏରାର ଚିଫ୍ କଣ୍ଟେଣ୍ଟ ଅଫିସର ମାର୍ନି ବେକର୍ ଷ୍ଟେନ୍ ପ୍ରମୁଖ ଯୋଗଦେଇଥିଲେ।

# ମୁଣ୍ଡବିନ୍ଧା ଗବେଷଣାରେ ଓଡ଼ିଆ ଡାକ୍ତରଙ୍କୁ ଅନ୍ତଃରାଷ୍ଟ୍ରୀୟ ସମ୍ମାନ

ଭୁବନେଶ୍ୱର,୪।୭ (ଅଭିଜିତ ଦାସ)

ଏବେ ମୁଣ୍ଡବିନ୍ଧା ଓ ଅର୍ଦ୍ଧକପାଳୀ (ମାଇଗ୍ରେନ୍) ସମସ୍ୟା ପ୍ରାୟ ସମସ୍ତଙ୍କଠାରେ ଦେଖିବାକୁ ମିଳୁଛି। ତେବେ ଏ କ୍ଷେତ୍ରରେ ଗବେଷଣା କରି ଜଣେ ଓଡ଼ିଆ ଡାକ୍ତର ଅନ୍ତରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। ସେ ହେଲେ ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡ. ସୂର୍ଯ୍ୟ ପ୍ରକାଶ ଚୌଧୁରୀ। ବିଶ୍ୱ ମୁଣ୍ଡବିନ୍ଧା ଓ ଅର୍ଦ୍ଧକପାଳୀ (ମାଇଗ୍ରେନ୍) ଗବେଷଣା ସମାଜ ପକ୍ଷରୁ ବେଙ୍ଗାଲୁରୁଠାରେ ଅନ୍ତରାଷ୍ଟ୍ରୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଦେଶ ବିଦେଶରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ସ୍ନାୟୁରୋଗ ଡାକ୍ତର ଯୋଗଦେଇଥିବା ବେଳେ ପ୍ରଫେସର ସୂର୍ଯ୍ୟପ୍ରକାଶଙ୍କ ସମେତ ୧୦ଜଣଙ୍କୁ ଫେଲୋସିପ ସମ୍ମାନ ଦିଆଯାଇଛି। ସେ ବିଗତ ୩ବର୍ଷ ଧରି ବିଭିନ୍ନ ପ୍ରକାର ମୁଣ୍ଡବିନ୍ଧା ଓ ଅର୍ଦ୍ଧକପାଳୀ (ମାଇଗ୍ରେନ) ରୋଗରେ ନୂଆ ଗବେଷଣା କରିବା ସହିତ ନୂଆ ଚିକିତ୍ସା ପଦ୍ଧତି ଓ ପରୀକ୍ଷାନିରୀକ୍ଷା ସୃଷ୍ଟି କରିଛନ୍ତି। ଏ କ୍ଷେତ୍ରରେ ବିଶ୍ୱରେ ପ୍ରଫେଓର ସୂର୍ଯ୍ୟପ୍ରକାଶ ଦ୍ୱିତୀୟ ସ୍ଥାନରେ ଥିବା କୁହାଯାଇଛି। ବାହାର ଦେଶ ଭଳି ଆମ ଓଡିଶାରେ କେମିତି ଉନ୍ନତ ପ୍ରଯୁକ୍ତି ବିଦ୍ୟାରେ ବିଭିନ୍ନ ପ୍ରକାର ସ୍ନାୟୁରୋଗର ଚିକିତ୍ସା କରାଯିବ ତାହା ସୂର୍ଯ୍ୟପ୍ରକାଶଙ୍କ ମୂଳଲକ୍ଷ୍ୟ ବୋଲି ସେ କହିଛନ୍ତି।




ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡ. ସୂର୍ଯ୍ୟ ପ୍ରକାଶ ଚୌଧୁରୀଙ୍କୁ ସମ୍ମାନିତ କରାଯାଉଛି।

# ମା' ରମାଦେବୀ ଚେୟାର ଉଦ୍‌ଘାଟିତ

ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

ମହିଳାଙ୍କ ଚିରନ୍ତନ ବିକାଶ, ସଶକ୍ତୀକରଣ ସହ ସମାଜ ବିଜ୍ଞାନ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ମା' ରମାଦେବୀ ଚେୟାର ସ୍ଥାପନ କରାଯାଇଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ରମାଦେବୀ ଚେୟାର ଅନ୍ ଓମେନ୍ସ ଷ୍ଟଡିଜ୍'ର ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ମା' ରମାଦେବୀଙ୍କ ତ୍ୟାଗ, ଆଦର୍ଶ, ସମର୍ପଣର ପ୍ରତୀକ ଏହି ମହାନ୍ ଶିକ୍ଷାନୁଷ୍ଠାନ ଅନେକ ନାରୀରତ୍ନ ସୃଷ୍ଟି କରିପାରିଛି। ଏବେ ଏହି ବିକାଶ ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଛି। ମା'ରମାଦେବୀ ଚେୟାର ସମାଜରେ ନାରୀଭିତ୍ତିକ ସମସ୍ୟାଗୁଡ଼ିକର ବିଶ୍ଳେଷଣାତ୍ମକ ଓ ତୁଳନାତ୍ମକ ଗବେଷଣା କରିସମାଧାନର ପ୍ରସ୍ତାବ ରଖିବେ। ଲିଙ୍ଗଗତ ସମାନତା, ସାମାଜିକ ନ୍ୟାୟ ଓ ମହିଳା ସଶକ୍ତୀକରଣ ଉପରେ ଏହି ଚେୟାର ପ୍ରାଧାନ୍ୟ ଦେବ ବୋଲି ମନ୍ତ୍ରୀ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ସଭାପତିତ୍ୱ କରି କହିଥିଲେ, ମିଳିତ ଜାତିସଂଘ ଦ୍ୱାରା ଘୋଷିତ ୨୦୩୦ ପୋଷଣୀୟ ବିକାଶ ଲକ୍ଷ୍ୟ ମଧ୍ୟରୁ ୧୦ଟି ଲକ୍ଷ୍ୟ ହାସଲ କ୍ଷେତ୍ରରେ ମହିଳାମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ନିଖିଳ ଭାରତ ମହିଳା ସମ୍ମିଳନୀର ସେକ୍ରେଟାରି ଜେନେରାଲ ଡ. ମଞ୍ଜୁ କାକ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓମେନ୍ସ ଷ୍ଟଡିଜ୍ ନିର୍ଦ୍ଦେଶିକା ପ୍ରଫେସର ଆଶା ହଂସ କହିଲେ, ମହିଳା ସଶକ୍ତୀକରଣ, ଦେଶର ଉନ୍ନତି ସହିତ ଓଡିଶାର ଅର୍ଥନୈତିକ ବିକାଶ ମା' ରମାଦେବୀ ଚେୟାର ପ୍ରତିଷ୍ଠାର ମୂଳ ଲକ୍ଷ୍ୟ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲର ଚେୟାରପର୍ସନ ପ୍ରଫେସର ଚଣ୍ଡୀ ଚରଣ ରଥ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସହଯୋଗ ବଳରେ ମା' ରମାଦେବୀ ଚେୟାର ପ୍ରତିଷ୍ଠା ସମ୍ଭବପର ହୋଇପାରିଛି ବୋଲି କହିଥିଲେ। ରମାଦେବୀ ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଦେଇଥିଲେ। ଦୃଷ୍ଟିବାଧିତ କ୍ରିକେଟ କ୍ଷେତ୍ରରେ ସଫଳତା ପାଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ବାସନ୍ତୀ ହାଁସଦା, ଫୁଲ ସୋରେନ୍, ଝିଲି ବରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରମୁଖ ଶାସନ ସଚିବଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

କଟକ,୪।୭ (କାର୍ତ୍ତିକ ସାହୁ)

### ହାଇକୋର୍ଟରେ ଶିଶୁଭବନ ମାମଲା



କଟକସ୍ଥିତ ଶିଶୁଭବନ ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ବ୍ୟକ୍ତିଗତ ଭାବେ ହାଜର ହେବା ନିମନ୍ତେ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଅଗଷ୍ଟ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଆଡ୍‌ଭୋକେଟ୍ କମିଟି ଶିଶୁଭବନ ସଂକ୍ରାନ୍ତ ରିପୋର୍ଟ ୨୦୨୨ ଜୁଲାଇ ୧୯ରେ ହାଇକୋର୍ଟଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟ ଆଧାରରେ ୨୦୨୩ ଫେବୃୟାରୀ ୨୦ରେ ହାଇକୋର୍ଟ ମାମଲାର ଶୁଣାଣି କରି ଶିଶୁଭବନର ନୂଆ ଅଟ୍ଟାଳିକା ନିର୍ମାଣ ମାମଲାରେ କାର୍ଯ୍ୟର ଅଗ୍ରଗତି ନେଇ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ କାର୍ଯ୍ୟ ଶେଷ ହେବାର ସମୟ ସୀମା ଓ ବର୍ତ୍ତମାନର ସ୍ଥିତି ସଂକ୍ରାନ୍ତରେ ସେଥିରେ ଉଲ୍ଲେଖ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ସମୟ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ରିପୋର୍ଟ ଦାଖଲ କରାଗଲା ନାହିଁ। ଫଳରେ ଶେଷ ସୁଯୋଗ ଭାବେ ଜୁଲାଇ ୪ ସୁଦ୍ଧା ଶିଶୁଭବନ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦାଲତଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଜବାବ ଦାଖଲ କରାଗଲାନାହିଁ। ଫଳରେ ଅଦାଲତ ମଙ୍ଗଳବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୈତ୍ରୀ ସଂସଦ ଓ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାରେ ଶିଶୁଭବନରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ରହିବା, ନିର୍ମାଣାଧୀନ ନୂତନ ଅଟ୍ଟାଳିକା କାର୍ଯ୍ୟ ଅଗ୍ରଗତି ନ ହେବା ଓ ଅଟ୍ଟାଳିକା ନିର୍ମାଣ ପରେ ମଧ୍ୟ ସେଠାରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ନେଇ ଆବେଦନକାରୀ ସତ୍ୟପାଠରେ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ କୁମାର ମହାନ୍ତି ଓ ଅରୁଣ କୁମାର ବୁଢ଼ିଆ ମାମଲା ପରିଚାଳନା କରୁଥିଲେ।

**ଆଫଗାନିସ୍ତାନକୁ ୧୦,୦୦୦ ଟନ୍ ଗହମ ଦେଇଛି ଭାରତ**

ତାଲିବାନ ଶାସକ କାବୁଲ ଦଖଲ କରିବା ପରେ ଆଫଗାନିସ୍ତାନରେ ଖାଦ୍ୟାଭାବ ମୁଣ୍ଡ ଟେକିଥିବାବେଳେ ଅଦ୍ୟାବଧି ୧୦,୦୦୦ ଟନ୍ ଗହମ ଭାରତ ଆଫଗାନିସ୍ତାନକୁ ପଠାଇଥିବା ୟୁନାଇଟେଡ୍ ନେଶନ୍ସ ୱାର୍ଲ୍ଡ ଫର ଫୁଡ୍ ପ୍ରୋଗ୍ରାମ ସୂଚନା ଦେଇଛି। ଗତମାସରେ ଭାରତ ଇରାନ୍ ଚବାହର ବନ୍ଦରରୁ ୨୦,୦୦୦ ମେଟ୍ରିକ୍ ଟନ୍ ଗହମ ଆଫଗାନିସ୍ତାନ ପଠାଇଛି।



## ସଂକ୍ଷେପରେ

### ଢାବା ଉପରେ ଚଢ଼ିଗଲା ଟ୍ରକ୍: ୧୨ ମୃତ

**ମୁମ୍ବାଇ,୪।୭:** ମହାରାଷ୍ଟ୍ର ଧୁଲେ ଜିଲା ପଲାସନର ଗ୍ରାମ ନିକଟ ଦେଇ ଯାଇଥିବା ମୁମ୍ବାଇ-ଆଗ୍ରା ହାଇୱେରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାବେଳେ ଟ୍ରକ ଦୁର୍ଘଟଣା ଘଟି ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରକ୍‌ଟିର ବ୍ରେକ୍ ଫେଲ ହେବା ପରେ ନିୟନ୍ତ୍ରଣ ହରାଇ ୨ଟି ବାଇକ୍ ଏବଂ ଏକ କାର୍ ଉପରେ ଚଢ଼ିଯାଇ, ରାସ୍ତାକଡ଼ରେ ଥିବା ଏକ ଢାବା ଉପରକୁ ମାଡ଼ିଯାଇଥିବା ପୋଲିସ କହିଛି। ଦୁର୍ଘଟଣା ସମୟରେ ଢାବା ନିକଟରେ ଥିବା ଏକ ବସ୍ ଷ୍ଟପ୍‌ରେ କେତେଜଣ ଲୋକ ବସ୍‌କୁ ଅପେକ୍ଷା କରି ଛିଡ଼ାରହିଥିଲେ।

### ୨ କାର୍‌କୁ ଧକ୍କାଦେଲା ବିଶାଳ ପଥର: ୨ ମୃତ



**କୋହିମା, ୪।୭:** ନାଗାଲାଣ୍ଡରେ ମଙ୍ଗଳବାର ଭୂସ୍ଖଳନ ବେଳେ ପାହାଡ଼ରୁ ବିଶାଳକାୟ ପଥର ଖସି ଦୁଇଟି କାର୍‌କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଦୁଇଟି ଯାକ କାର୍ ଚୂରମାର ହୋଇଯିବା ସହ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ୫ଟା ବେଳେ ଦିମାପୁର ଓ କୋହିମା ମଧବର୍ତ୍ତୀ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। କପଲା ପହର ନାମକ ଏହି ସ୍ଥାନ ଭୂସ୍ଖଳନ ଓ ପଥର ଖସିବା ନେଇ ଜଣାଶୁଣା।

### ଅଭିଯୋଗକାରୀଙ୍କୁ ନାର୍କୋ ପରୀକ୍ଷା ପାଇଁ ବାଧ କରାଯାଇପାରିବ ନାହିଁ: ହାଇକୋର୍ଟ

**ନୂଆଦିଲ୍ଲୀ, ୪।୭(ପି.ଟି.):** ତଦନ୍ତକାରୀ ସଂସ୍ଥା ସତ ବାହାର କରିବାକୁ ଯାଇ ଅଭିଯୋଗକାରୀଙ୍କ ଅଭିଯୋଗ ଠିକ୍ କି ନୁହେଁ, ତାହା ଜାଣିବା ପାଇଁ ତାଙ୍କର ନାର୍କୋ ଆନାଲିସିସ୍, ପଲିଗ୍ରାଫ ଏବଂ ବ୍ରେନ୍ ମ୍ୟାପିଙ୍ଗ୍ ପରୀକ୍ଷା ନିମନ୍ତେ ବାଧ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଏଭଳି ଏକ ମାମଲାରେ ଅଭିଯୋଗକାରୀମାନଙ୍କର ନାର୍କୋ ଓ ପଲିଗ୍ରାଫ୍ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ଅଦାଲତ ଖାରଜ କରିଦେଇଛନ୍ତି। ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ପିଟିଶନ୍‌ର ଶୁଣାଣି କରି କହିଥିଲେ, କୌଣସି ବ୍ୟକ୍ତି ବିରୋଧରେ ମିଛ ଅଭିଯୋଗ ହୋଇଥିଲେ, ସେଥିରୁ ସୁରକ୍ଷା ଦେବା ଲାଗି ଆଇନରେ ବ୍ୟବସ୍ଥା ରହିଛି। ତଦନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ତଦନ୍ତକାରୀ ସଂସ୍ଥା ପରିସରଭୁକ୍ତ ଏବଂ ଅଦାଲତଗୁଡ଼ିକ ଏଥିରେ ହସ୍ତକ୍ଷେପ କରନ୍ତି ନାହିଁ। ସମ୍ବିଧାନରେ ଅଭିଯୁକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ମିଛ ମାମଲା ପାଇଁ ମଧ ଆଇନରେ ଅନ୍ୟ ଉପଚାର ରହିଛି। ଏହାକୁ ଦୃଷ୍ଟିରେ ରଖି ଅଭିଯୋଗକାରୀଙ୍କୁ ବ୍ରେନ୍ ମ୍ୟାପିଙ୍ଗ, ପଲିଗ୍ରାଫି, ନାର୍କୋ ଆନାଲିସିସ୍ ଏବଂ ଲାଏ ଡିଟେକ୍ସନ ପରୀକ୍ଷା ପାଇଁ ବାଧ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

### ଏନ୍‌ସିଏସ୍‌ଟି ଅଧକ୍ଷ ପଦ ଛାଡ଼ିବାକୁ ହର୍ଷ ଚୌହାନଙ୍କୁ ବାଧ କରାଯାଇଛି: କଂଗ୍ରେସ

**ନୂଆଦିଲ୍ଲୀ, ୪।୭(ପି.ଟି.):** ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି)ର ଅଧକ୍ଷ ଭାବେ ହର୍ଷ ଚୌହାନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆଉ ୮ ମାସ ଥିବାବେଳେ ସେ ଉକ୍ତ ପଦରୁ ଇସ୍ତଫା ଦେଇଛନ୍ତି। ଜଙ୍ଗଲ ଓ ଆଦିବାସୀ ଅଧିକାର ପ୍ରସଙ୍ଗରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସହ ଚୌହାନଙ୍କ ମୁହାଁମୁହିଁ କାରଣରୁ ତାଙ୍କୁ ମୂଲ୍ୟ ଦେବାକୁ ପଡ଼ିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ତାଙ୍କୁ ଇସ୍ତଫା ଦେବାକୁ ବାଧ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଜୁନ୍ ୨୬ରେ ଚୌହାନ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ନୂଆ ଜଙ୍ଗଲ ସଂରକ୍ଷଣ ନିୟମାବଳୀ,୨୦୨୨ ଆଦିବାସୀଙ୍କ ଅଧିକାରର ପ୍ରତିବନ୍ଧକ ବୋଲି ସେ ଅଭିଯୋଗ କରିବାରୁ ଇସ୍ତଫା ଦେବାକୁ ପଡ଼ିଲା ବୋଲି କଂଗ୍ରେସ କହିଛି। ଗତବର୍ଷ ସେପ୍ଟେମ୍ବରରେ ଚୌହାନ ପରିବେଶ ମନ୍ତ୍ରଣାଳୟକୁ ପତ୍ର ଲେଖି ଉକ୍ତ ନିୟମାବଳୀ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ।

## ହ୍ୱାଇଟ୍ ହାଉସ୍‌ରେ ହ୍ୱାଇଟ୍ ପାଉଡର



**ୱାଶିଂଟନ,୪।୭**

ଆମେରିକାର ସିକ୍ରେଟ୍ ସର୍ଭିସ୍‌କୁ ହ୍ୱାଇଟ୍ ହାଉସ୍‌ରୁ ରବିବାର ସନ୍ଧ୍ୟାରେ ଧଳା ରଙ୍ଗର ପାଉଡର ମିଳିବା ପରେ ସ୍ଥାନକୁ ସମ୍ପୂର୍ଣ୍ଣ ଖାଲି କରିଦିଆଯାଇଛି। ଆଇନ ପ୍ରବର୍ତ୍ତନ ସଂସ୍ଥା ପକ୍ଷରୁ ତଦନ୍ତ ଜାରି ଥିବା କୁହାଯାଇଛି। ପ୍ରାଥମିକ ତଦନ୍ତ ଅନୁସାରେ ହ୍ୱାଇଟ୍ ହାଉସ୍‌ରୁ ମିଳିଥିବା ସନ୍ଦେହଜନକ ପାଉଡର କୋକେନ୍ ବୋଲି ଜଣାପଡ଼ିଛି। ତେବେ ଏହି ହ୍ୱାଇଟ୍ ପାଉଡର ହ୍ୱାଇଟ୍ ହାଉସ୍ ଭିତରକୁ କିପରି ଆସିଲା ତାହା ବୁଝିବାକୁ ଚେଷ୍ଟା ଚାଲିଥିବା ସିକ୍ରେଟ୍ ସର୍ଭିସ୍ ମୁଖପାତ୍ର ଆଣ୍ଟୋନି ଗୁଗଲିଏଲମି ସୂଚନା ଦେଇଛନ୍ତି। ହ୍ୱାଇଟ୍ ପାଉଡର ନେଇ କୌଣସି ବିପଦ ନ ଥିବା ଅଗ୍ନିଶମ ବିଭାଗ କହିଛି। ତେବେ ପାଉଡର ମିଳିବା ସମୟରେ ହ୍ୱାଇଟ ହାଉସ୍‌ରେ ରାଷ୍ଟ୍ରପତି ଜୋ ବାଇଡେନ୍ ଉପସ୍ଥିତ ନ ଥିଲେ। ହ୍ୱାଇଟ୍ ହାଉସ୍‌ର କେଉଁ ସ୍ଥାନରୁ ଏବଂ କେତେ ପରିମାଣର ହ୍ୱାଇଟ୍ ପାଉଡର ମିଳିଛି, ସେ ସମ୍ପର୍କରେ ସୂଚନା ଦେବା ଲାଗି ସିକ୍ରେଟ୍ ସର୍ଭିସ ପକ୍ଷରୁ ମନା କରାଯାଇଛି।



ଫ୍ରାନ୍ସର ପ୍ୟାରିସ୍‌ରେ ଫ୍ୟାଶନ ହାଉସ୍ ଡିଓର୍ ପକ୍ଷରୁ ଆୟୋଜିତ ୨୦୨୩-୨୪ ୱିଣ୍ଟର କଲେକ୍ସନ ଫ୍ୟାଶନ ଶୋ'ରେ ଭାଗନେଇଥିବା ମଡେଲମାନେ।

# ଆତଙ୍କବାଦକୁ ନେଇ ଦୋମୁହାଁ ନୀତି ନ ରହୁ

## ଏସ୍‌ସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୪।୭(ପି.ଟି.)**

ସୀମାପାର ଆତଙ୍କବାଦକୁ ରାଷ୍ଟ୍ରନୀତିର ଏକ ଅଂଶ ଭାବେ ସମର୍ଥନ କରୁଥିବା ଦେଶଗୁଡ଼ିକୁ ସମାଲୋଚନା କରିବାରେ ଏସ୍‌ସିଓ ରାଷ୍ଟ୍ର କୁଣ୍ଠାବୋଧ ନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଇଙ୍ଗିତ କରି କହିଛନ୍ତି। ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରତିହତ କରିବାରେ ଦୁଇପ୍ରକାର ମାପଦଣ୍ଡ ରହିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ଭର୍ଚୁଆଲ ସମିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଯୋଗ ଦେଇଥିଲେ। ସମିଟ୍‌ରେ ଅଧକ୍ଷତା କରି ପ୍ରଧାନମନ୍ତ୍ରୀ କହିଥିଲେ, ଆତଙ୍କବାଦ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଏସ୍‌ସିଓର ଗୁରୁତ୍ୱ ବଢ଼ୁଛି। ପରସ୍ପରର ଆବଶ୍ୟକତା ଓ ସମ୍ବେଦନଶୀଳତାକୁ ବୁଝିବା ଏବଂ ଉତ୍ତମ ସହଯୋଗ ଓ ସମନ୍ୱୟ ଦ୍ୱାରା ସେଗୁଡ଼ିକର ସମାଧାନ କରିବା ଆମ୍ଭମାନଙ୍କର ମିଳିତ ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତ ଓ ଚାଇନା ମଧ୍ୟରେ ଦୀର୍ଘଦିନ ଧରି ସୀମାବିବାଦ ଲାଗି ରହିଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ସଡ଼କ ଯୋଗାଯୋଗ ବଢ଼ାଇବା ଆବଶ୍ୟକ, କିନ୍ତୁ ଏଭଳି ଉଦ୍ୟମ କଲାବେଳେ ଏସ୍‌ସିଓ ଚାର୍ଟରର ମୌଳିକ ନୀତି ବିଶେଷ କରି ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ସମ୍ମାନ ଦେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନୀ ଭାଷଣରେ କହିଥିଲେ।

ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଆର୍ଥିକ ସୁଧାରକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିବାକୁ ଗୁରୁତ୍ୱ ଦେବା ସହ ଆଞ୍ଚଳିକ ଶାନ୍ତି ବଜାୟ ରଖିବା ଓ ସାଧାରଣ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବାକୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏହି ଅବସରରେ ଆହ୍ୱାନ ଦେଇଛନ୍ତି। ପ୍ରଭାବ ବିସ୍ତାର ଓ କ୍ଷମତା ରାଜନୀତିକୁ ବିରୋଧ କରିବା ସହ ବୈଶ୍ୱିକ ଶାସନ ବ୍ୟବସ୍ଥାକୁ ନିଷ୍ପକ୍ଷ ଓ ଅଧିକ ନ୍ୟାୟସଙ୍ଗତ କରିବା ଲାଗି ଜିନ୍‌ପିଙ୍ଗ ଆମେରିକାକୁ ଆକ୍ଷେପ କରି କହିଥିଲେ। ଭର୍ଚୁଆଲ ସମ୍ମିଳନୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆତଙ୍କବାଦ ବିରୋଧରେ ପୂରା ଦମ୍‌ରେ ଲଢ଼େଇ କରିବାକୁ ହେବ ବୋଲି କହିଥିଲେ।

ଭାରତ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଶେଷରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୋଧରେ ଲଢ଼େଇ ପାଇଁ ଘୋଷଣାନାମା ଜାରି ହୋଇଛି। ଏଥିପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ କ'ଣ ପଦକ୍ଷେପ ନେବେ ତାହାର ତାଲିକା ପ୍ରସ୍ତୁତ ହୋଇଛି। ଆତଙ୍କବାଦର ପ୍ରସାର ପାଇଁ ଅନୁକୂଳ ସ୍ଥିତିକୁ ପ୍ରତିହତ କରିବା ପାଇଁ ସକ୍ରିୟ ପଦକ୍ଷେପ ନିଆଯିବ। ଆତଙ୍କବାଦ ଫାଇନାନ୍ସି ଚ୍ୟାନେଲଗୁଡ଼ିକୁ ଭାଙ୍ଗିଦିଆଯିବା ସହ ଆତଙ୍କବାଦୀ ନିଯୁକ୍ତି ଓ ସେମାନଙ୍କର ସୀମାପାର ଗତିବିଧିକୁ ବନ୍ଦ କରାଯିବ ବୋଲି ଘୋଷଣା ନାମାରେ କୁହାଯାଇଛି। ଏସ୍‌ସିଓ ସଦସ୍ୟମାନେ ସ୍ଲିପର ସେଲ୍ ଏବଂ ଆତଙ୍କବାଦୀଙ୍କ ନିରାପଦ ଭୂସ୍ୱର୍ଗକୁ ଧ୍ୱଂସ କରିବା ସହ ଯୁବପିଢ଼ିଙ୍କୁ କଟ୍ଟରପନ୍ଥୀ କରାଇବା ଓ ସେମାନଙ୍କ ମଧ୍ୟରେ ଆତଙ୍କବାଦୀ ବିଚାରଧାରାର ପ୍ରଚାରକୁ ରୋକିବା ଦିଗରେ ପଦକ୍ଷେପ ନେବେ।

### ଆଞ୍ଚଳିକ ଶାନ୍ତି, ସାଧାରଣ ସୁରକ୍ଷାକୁ ଜିନ୍‌ପିଙ୍ଗଙ୍କ ଗୁରୁତ୍ୱ



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

## ଆଫଗାନିସ୍ତାନରେ ମହିଳାଙ୍କ ପାର୍ଲର ବନ୍ଦ କଲା ତାଲିବାନ୍

**କାବୁଲ,୪।୭**

ଆଫଗାନିସ୍ତାନରେ ଥିବା ସମସ୍ତ ମହିଳା ପାର୍ଲର ବନ୍ଦ କରାଯିବା ନେଇ ତାଲିବାନୀ ଶାସକଙ୍କ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ଗତ ୨୪ ତାରିଖରେ ତାଲିବାନ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଥିବା ଉପ-ମନ୍ତ୍ରଣାଳୟର ମୁଖପାତ୍ର ମହମ୍ମଦ ସିଦିକ ଅକିଫ ମହାଜାର କହିଛନ୍ତି। ରାଜଧାନୀ କାବୁଲ ସମେତ ଅନ୍ୟ ଯେଉଁ ଅଞ୍ଚଳରେ ମହିଳା ପାର୍ଲର ରହିଛି, ତାକୁ ବନ୍ଦ କରିବା ପାଇଁ ଉକ୍ତ ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ପାର୍ଲର ବନ୍ଦ କରାଯିବାର କାରଣ ସମ୍ପର୍କରେ ନୋଟିସ୍‌ରେ କୌଣସି ସୂଚନା ଦିଆଯାଇ ନାହିଁ। ଏହା ପୂର୍ବରୁ ତାଲିବାନ ଶାସକ ଆଫଗାନ ମହିଳାଙ୍କ ଉପରେ ବହୁ କଟକଣା ଲଗାଇଛନ୍ତି।



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ରାଜ୍ୟର ବିକାଶ ଲାଗି ମୋଦିଙ୍କ ମାର୍ଗଦର୍ଶନ ପାଇଁ ସେ କୃତଜ୍ଞତା ଜଣାଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଉତ୍ତରାଖଣ୍ଡ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ, ପୁଞ୍ଜିନିବେଶ ପ୍ରୋତ୍ସାହନ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ନିରନ୍ତର ଭାବେ ବିକାଶ କରୁଛି। ଜାତୀୟ ତଥା ଅନ୍ତର୍ଜାତୀୟ ନିବେଶକମାନଙ୍କୁ ରାଜ୍ୟକୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ୨୦୨୩ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଡେରାଡୁନ୍‌ରେ 'ବୈଶ୍ୱିକ ନିବେଶକ ସମ୍ମିଳନୀର ୨୦୨୩' ଆୟୋଜନ କରାଯିବ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧାମି ନିମନ୍ତ୍ରଣ କରିଛନ୍ତି।

## ୨୦୦୦ ଟଙ୍କିଆ ପ୍ରତ୍ୟାହାର ବିରୋଧରେ ପିଆଇଏଲ୍ ଖାରଜ

**ନୂଆଦିଲ୍ଲୀ, ୪।୭(ପି.ଟି.)**

୨୦୦୦ ଟଙ୍କିଆ ବ୍ୟାଙ୍କନୋଟ୍‌କୁ ପ୍ରତ୍ୟାହାର କରିନେବା ଲାଗି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ନୋଟ୍ ପ୍ରତ୍ୟାହାର ବିଜ୍ଞପ୍ତି କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ପରିଚାଳନା ବ୍ୟବସ୍ଥାର ଅଂଶବିଶେଷ ବୋଲି ହାଇକୋର୍ଟ କହିଛନ୍ତି। ୨୦୦୦ ଟଙ୍କିଆ ନୋଟ୍ ବୈଧ ରହିଥିଲେ ମଧ ଏହା କାରବାରରେ ନ ଥିବା ସୁନିଶ୍ଚିତ କରିବା ଲାଗି ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଉକ୍ତ ନୋଟ୍ ଗ୍ରାହକମାନଙ୍କୁ ନ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ୨୦୨୩ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ ବଦଳାଇବାକୁ ଅନୁମତି ଦିଆଯାଇଛି। ଏହାର ଅର୍ଥ ନୁହେଁ ଯେ ଉକ୍ତ ତାରିଖ ପରଠାରୁ ଉକ୍ତ ନୋଟ୍ ବିମୁଦ୍ରୀକରଣ ହୋଇଯିବ। ନୋଟ୍ ପ୍ରତ୍ୟାହାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କ ପାଖରେ। ଆର୍‌ବିଆଇ ପାଖରେ ଉକ୍ତ କ୍ଷମତା ନ ଥିବା ଦର୍ଶାଇ ରଜନୀଶ ଭାସ୍କର ଗୁପ୍ତା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।

## ବଦଳିଲେ ୪ ରାଜ୍ୟ ଭାଜପା ସଭାପତି

**ନୂଆଦିଲ୍ଲୀ,୪।୭**

କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ୪ ରାଜ୍ୟ (ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଓ ପଞ୍ଜାବ)ରେ ବଡ଼ ଧରଣର ସାଙ୍ଗଠନିକ ପରିବର୍ତ୍ତନ ଆଣିଛି। କେନ୍ଦ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କୁ ତେଲଙ୍ଗାନାରେ ଦଳର ସଭାପତି ନିଯୁକ୍ତ କରାଯାଇଛି। ସେ ବନ୍ଦୀ ସଞ୍ଜୟଙ୍କ ସ୍ଥାନ ନେବେ। ସେହିପରି ଏଟେଲା ରାଜେନ୍ଦରଙ୍କୁ ନିର୍ବାଚନ ପ୍ରଚାର କମିଟି ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ପଞ୍ଜାବରେ ଅଶ୍ୱିନୀ ଶର୍ମାଙ୍କ ସ୍ଥାନରେ କଂଗ୍ରେସରୁ ଆସି ଭାଜପାରେ ମିଶିଥିବା ସୁନୀଲ ଝାକରଙ୍କୁ ନୂଆ ସଭାପତି କରାଯାଇଛି। ଉପା ସରକାର ଅମଳରେ ମନ୍ତ୍ରୀ ଥିବା ଡି.ପୁରନ୍ଦେଶ୍ୱରୀଙ୍କୁ ଆନ୍ଧ୍ର ପ୍ରଦେଶ ଭାଜପା ସଭାପତି ଦାୟିତ୍ୱ ଦିଆଯାଇଛି। ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ଝିଅ ପୁରନ୍ଦେଶ୍ୱରୀ ସୋମୁ ବୀରାଜୁଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି ଏବଂ ଭାଜପା ମଧ୍ୟରେ ୨୦୨୪ ନିର୍ବାଚନ ପାଇଁ ପୁନଃ ମେଣ୍ଟ ଆଲୋଚନା ଚାଲିଥିବାବେଳେ ତାଙ୍କ ସମ୍ପର୍କୀୟା ପୁରନ୍ଦେଶ୍ୱରୀଙ୍କ ନିଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ କିରନ କୁମାର ରେଡ୍ଡୀଙ୍କୁ ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ସାମିଲ କରାଯାଇଛି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାରାଣ୍ଡିଙ୍କୁ ରାଜ୍ୟ ସଭାପତି କରାଯାଇଛି।



ଜି. କିଷନ ରେଡ୍ଡୀ   ଡି.ପୁରନ୍ଦେଶ୍ୱରୀ   ସୁନୀଲ ଝାକର   ବାବୁଲାଲ ମାରାଣ୍ଡି

## ଅନିଲ ଅମ୍ବାନୀଙ୍କ ସ୍ତ୍ରୀଙ୍କୁ ଇଡି ଜେରା

**ମୁମ୍ବାଇ, ୪।୭(ପି.ଟି.)**

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ମାମଲାରେ ରିଲାଏନ୍ସ ଏଡିଏ ଗ୍ରୁପ୍ ଅଧକ୍ଷ ଅନିଲ ଅମ୍ବାନୀଙ୍କ ସ୍ତ୍ରୀ ଟିନା ଅମ୍ବାନୀ ମଙ୍ଗଳବାର ତଦନ୍ତରେ ସାମିଲ ହୋଇଛନ୍ତି। ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ ମାମଲାରେ ଅନିଲ ସୋମବାର ଇଡିରେ ହାଜର ହୋଇ ତାଙ୍କ ବୟାନ ରେକର୍ଡ କରାଇଥିଲେ। ବିଦେଶରେ ଥିବା ଅଘୋଷିତ ସମ୍ପତ୍ତି ଏବଂ ଏଥିସହ ସମ୍ପୃକ୍ତ ପାଣ୍ଠି ସ୍ଥାନାନ୍ତର ଅଭିଯୋଗରେ ତଦନ୍ତ ଚାଲିଛି। ଅଭିଯୋଗ ଅନୁଯାୟୀ ଅନିଲଙ୍କର ଜର୍ସି, ବ୍ରିଟିଶ ଭର୍ଜିନ ଆଇଲାଣ୍ଡ ଏବଂ ସାଇପ୍ରସ୍‌ରେ କେତେକ କମ୍ପାନୀ ସହ ସମ୍ପୃକ୍ତି ରହିଛି। ୟେସ୍ ବ୍ୟାଙ୍କ ପ୍ରମୋଟର ରାଣା କପୁରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲାରେ ୨୦୨୦ରେ ଅନିଲଙ୍କୁ ଜେରା କରାଯାଇଥିଲା।



ଟିନା ଅମ୍ବାନୀ

# ଗର୍ଭବତୀ ନାବାଳିକା ପୀଡ଼ିତାଙ୍କୁ ମିଳିବ ଆଶ୍ରୟ

### ନୂଆ ଯୋଜନା ଆରମ୍ଭ କଲା କେନ୍ଦ୍ର

**ନୂଆଦିଲ୍ଲୀ, ୪।୭**

ବଳାତ୍କାର ପୀଡ଼ିତା ଗର୍ଭବତୀଙ୍କୁ ଆଶ୍ରୟ ଓ ସହାୟତା ପାଇଁ କେନ୍ଦ୍ର ସରକାର ନୂଆ ଯୋଜନା ଆରମ୍ଭ କରିଛନ୍ତି। ବଳାତ୍କାର, ଗଣବଳାତ୍କାର କିମ୍ବା ଅନ୍ୟ କୌଣସି କାରଣରୁ ଗର୍ଭବତୀ ହେବା କାରଣରୁ ପରିବାରରୁ ପରିତ୍ୟକ୍ତ ହୋଇଥିବା ନାବାଳିକା, ଯେଉଁମାନଙ୍କର ରୋଜଗାରର ଅନ୍ୟ ଉପାୟ ନାହିଁ, ସେମାନଙ୍କୁ ଆଶ୍ରୟ, ଖାଦ୍ୟ, ଦୈନନ୍ଦିନ ଆବଶ୍ୟକତା, କୋର୍ଟରେ ହାଜର ହେବା ଲାଗି ସୁରକ୍ଷିତ ପରିବହନ ଏବଂ ଆଇନଗତ ସହାୟତା ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ସୋମବାର ଉକ୍ତ ଯୋଜନାର ଶୁଭାରମ୍ଭ କରିଛନ୍ତି। ୭୪.୧୦ କୋଟି ଟଙ୍କାର ଏହି ଯୋଜନାକୁ ମନ୍ତ୍ରଣାଳୟ ଅନୁମୋଦନ କରିଛି, ଯାହା ସପ୍ତାହେ ମଧ୍ୟରେ ସାରା ଦେଶରେ ଲାଗୁ ହେବାକୁ ଯାଉଛି।

ନାବାଳିକା ବଳାତ୍କାର ପୀଡ଼ିତା କିମ୍ବା ଅତ୍ୟଧିକ ଆକ୍ରମଣର ଶିକାର ହେଉଥିବା ନାବାଳିକା ଏବଂ କେତେକ କ୍ଷେତ୍ରରେ ପୀଡ଼ିତା ଗର୍ଭବତୀ ହୋଇଥିଲେ, ସେମାନଙ୍କ ପ୍ରତି ହୋଇଥିବା ଗଭୀର ଶାରୀରିକ ଓ ଭାବାତ୍ମକ ଆଘାତକୁ ବିଚାରକୁ ନେଇ ନିର୍ଭୟା ପାଣ୍ଠିରେ ସେମାନଙ୍କୁ ଆର୍ଥିକ ସହାୟତା ସମେତ ଡାକ୍ତରୀ ଭିତ୍ତିଭୂମି ସହାୟତା ଯୋଗାଇଦେବା ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ୨୦୨୧ ରିପୋର୍ଟ ଅନୁଯାୟୀ ପୋକ୍ସୋ ଆଇନରେ ୫୧,୮୬୩ ମାମଲା ରୁଜୁ ହୋଇଛି। ସେଥିରୁ ୬୪ ପ୍ରତିଶତ ଅର୍ଥାତ ୩୩,୩୪୮ ମାମଲା ଉକ୍ତ ଆଇନର ଧାରା ୩ ଓ ୫ରେ ଆସୁଛି, ଅର୍ଥାତ୍ ସେମାନେ ବଳାତ୍କାର ଏବଂ ଅତ୍ୟଧିକ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଉକ୍ତ ପୀଡ଼ିତାମାନଙ୍କ ପାଇଁ ବର୍ତ୍ତମାନର ଶିଶୁଯତ୍ନ ଅନୁଷ୍ଠାନ(ସିସିଆଇ)ଗୁଡ଼ିକରେ ଏକକ ଆଶ୍ରୟ ଗୃହ ବା ୱାର୍ଡ ନିର୍ମାଣରେ ଉକ୍ତ ପାଣ୍ଠି ସହାୟକ ହେବ। ଏଥିପାଇଁ ସିସିଆଇ ଦାୟିତ୍ୱରେ ଥିବା ବ୍ୟକ୍ତି ନାବାଳିକା ବଳାତ୍କାର ପୀଡ଼ିତାଙ୍କ ପାଇଁ ଅଲଗା ସୁରକ୍ଷିତ ସ୍ଥାନ ଯୋଗାଇଦେବେ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହି ଯୋଜନା ଦ୍ୱାରା ଗୋଟିଏ ଛାତ ତଳେ ନାବାଳିକା ପୀଡ଼ିତାମାନଙ୍କୁ ଏକସଙ୍ଗେ ସମର୍ଥନ ଓ ସହାୟତା ମିଳିପାରିବ।

**ଇରାନରେ ୩ ବଳାତ୍କାରୀଙ୍କୁ ଫାଶୀ**

ଇରାନ୍‌ରେ ମହିଳାଙ୍କୁ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୩ ଜଣଙ୍କୁ ଫାଶୀଦଣ୍ଡ ମିଳିଛି। ଅଭିଯୁକ୍ତମାନେ ଏକ କସ୍‌ମେଟିକ୍ ସର୍ଜରି କ୍ଲିନିକ୍ ଖୋଲି ସେଠାରେ ମହିଳାଙ୍କୁ ବଳାତ୍କାର କରୁଥିବା ଅଭିଯୋଗ ହୋଇଥିଲା। ୩ଜଣଯାକ ୧୨ଟି ମାମଲାରେ ଦୋଷୀ ପ୍ରମାଣିତ ହୋଇଥିଲେ।

# ସ୍ୱାଧୀନତା ଦିବସରେ ଗୁଳି: ୧୦ ମୃତ

**ୱାଶିଂଟନ,୪।୭**

ଆମେରିକା ସ୍ୱାଧୀନତା ଦିବସ ପାଳନ ଅବସରରେ ଫିଲାଡେଲଫିଆ, ବଲ୍ଟିମୋର ଏବଂ ଫୋର୍ଟ ଓ୍ୱର୍ଥରେ ଗୁଳିକାଣ୍ଡ ଘଟି ୧୦ ଜଣ ପ୍ରାଣ ହରାଇଛନ୍ତି। ଟେକ୍ସାସ୍‌ର ଫୋର୍ଟ ଓ୍ୱର୍ଥରେ ଘଟିଥିବା ଗୁଳିକାଣ୍ଡରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଆହତ ହୋଇଛନ୍ତି। ସୋମବାର ରାତିରେ ଫିଲାଡେଲଫିଆ ରାସ୍ତାରେ ବୁଲେଟ ପ୍ରୁଫ୍ ପିନ୍ଧା ଜଣେ ଦୁର୍ବୃତ୍ତ ସାଧାରଣ ଲୋକଙ୍କ ଉପରକୁ ଆଖିବୁଜା ଗୁଳି ଫୁଟାଇଥିଲେ। ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେହିପରି ମାରିଲାଣ୍ଡର ବଲ୍ଟିମୋରରେ ବ୍ଲକ୍ ପାର୍ଟି ସମୟରେ ଗୁଳିକାଣ୍ଡ ଘଟି ୨ ଜଣ ପ୍ରାଣ ହରାଇଛନ୍ତି। ଘଟଣାରେ ଆହତ ହୋଇଥିବା ୨୮ଜଣଙ୍କ ମଧ୍ୟରୁ ଅଧିକାଂଶ ଛୋଟ ପିଲା ଥିବା ଜଣାପଡ଼ିଛି। ଫିଲାଡେଲଫିଆରେ ଗୁଳିକାଣ୍ଡ ଘଟାଇଥିବା ଦୁର୍ବୃତ୍ତ ପରବର୍ତ୍ତୀ ସମୟରେ ଆତ୍ମସମର୍ପଣ କରିଥିବା ପୋଲିସ କମିଶନର ହାନିଏଲ ଆଉଟ୍‌ଲ କହିଛନ୍ତି। ମୃତକ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ କୌଣସି ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିନାହିଁ। ଶୁଟରଙ୍କ ନିକଟରୁ ଏଆର୍-ଟାଇପ୍ ରାଇଫଲ୍, ଏକାଧିକ ମାଗାଜିନ୍, ହ୍ୟାଣ୍ଡଗନ୍ ଏବଂ ଏକ ପୋଲିସ ସ୍କାନର ଜବତ ହୋଇଛି। ଫୋର୍ଟ ଓ୍ୱର୍ଥ ଏବଂ ବଲ୍ଟିମୋରରେ ହୋଇଥିବା ଗୁଳିକାଣ୍ଡରେ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନାହିଁ।

ନିୟମିତ ଭାବେ ଗୁଳିକାଣ୍ଡ ଘଟଣା ଆମେରିକା ପାଇଁ ବଡ଼ ସମସ୍ୟା ପାଲଟିଛି। ପାଖାପାଖି ୧୦ ବର୍ଷ ଧରି ସରକାର ବନ୍ଧୁକ ହିଂସାକୁ ରୋକିବା ଦିଗରେ କାର୍ଯ୍ୟ କରୁଥିଲେ ହେଁ ତାହା ବିଫଳ ହୋଇଥିବା ଏପରି ଘଟଣାରୁ ସ୍ପଷ୍ଟ ହେଉଛି। ଶେଷଥର ପାଇଁ ନୂଆବର୍ଷ ପାଳନ ବେଳେ ସିକାଗୋ ନିକଟରେ ଥିବା ହାଇଲାଣ୍ଡ ପାର୍କରେ ଗୁଳିକାଣ୍ଡ ଘଟିଥିଲା, ଯେଉଁଥିରେ ୭ ଜଣ ପ୍ରାଣ ହରାଇଥିବାବେଳେ ୪୮ ଜଣ ଆହତ ହୋଇଥିଲେ। ପ୍ରକାଶିତ ଏକ ରିପୋର୍ଟ ଆଧାରରେ ଗତବର୍ଷ ଆମେରିକାରେ ୩୪୦ରୁ ଊର୍ଦ୍ଧ୍ୱ ଗୁଳିକାଣ୍ଡ ଘଟଣା ସାମ୍ନାକୁ ଆସିଛି।

# ସାନ୍‌ଫ୍ରାନ୍ସିସ୍କୋରେ ଭାରତୀୟ କନ୍‌ସୁଲେଟ୍ ଉପରେ ଆକ୍ରମଣ

**ନ୍ୟୁୟର୍କ, ୪।୭**

ସାନ୍‌ଫ୍ରାନ୍ସିସ୍କୋରେ ଥିବା ଭାରତର ବାଣିଜ୍ୟିକ ଦୂତାବାସରେ ଖଲିସ୍ତାନୀ ସମର୍ଥକମାନେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଭାରତୀୟ କନ୍‌ସୁଲେଟରେ ନିଆଁ ଲଗାଯାଇଥିବା ଆମେରିକାର ଏକ ଟିଭି ପକ୍ଷରୁ ଟୁଇଟ୍ କରାଯାଇଥିଲା। ଏଭଳି ହିଂସାକାଣ୍ଡକୁ ଆମେରିକା ଦୃଢ଼ ନିନ୍ଦା କରିଛି। ଖଲିସ୍ତାନୀ ସମର୍ଥକମାନେ ହିଂସାକାଣ୍ଡ ସମୟର ଭିଡିଓ ଟୁଇଟ୍ କରିଛନ୍ତି। ସେଥିରେ 'ହିଂସା ହିଂସାକୁ ଜନ୍ମଦିଏ' ବୋଲି ଲେଖାଯିବା ସହ କାନାଡ଼ାର ଖଲିସ୍ତାନ ଟାଇଗର ଫୋର୍ସ (କେଟିଏଫ୍) ମୁଖ୍ୟ ହରଦୀପ୍ ସିଂ ନିଜ୍ଜାରଙ୍କ ମୃତ୍ୟୁ ସମ୍ପର୍କିତ ଖବରର ଲେଖା ପ୍ରଦର୍ଶିତ ହୋଇଛି। ଭାରତର ମୋଷ୍ଟ ଓ୍ୱାଣ୍ଟେଡ୍ ତାଲିକାରେ ଥିବା ନିଜ୍ଜାରଙ୍କୁ ଗତ ମାସରେ କାନାଡ଼ାର ଏକ ଗୁରୁଦ୍ୱାରା ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ବିଦେଶୀ କୂଟନୀତିଜ୍ଞ କିମ୍ବା ସେମାନଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣ ଆପରାଧିକ କାର୍ଯ୍ୟ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ମାଥ୍ୟୁ ମିଲର ଟୁଇଟ୍ କରିଛନ୍ତି।

# ଶ୍ରମିକଙ୍କ ଉପରେ ପରିସ୍ରା କଲେ ଯୁବକ

**ଗିରଫ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ**



**ଭୋପାଳ,୪।୭:** ମଧ୍ୟପ୍ରଦେଶ ସିଦ୍ଧି ଜିଲାରେ ଜଣେ ଆଦିବାସୀ ଶ୍ରମିକଙ୍କ ଉପରେ ଜଣେ ଯୁବକ ପରିସ୍ରା କରୁଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବା ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଉକ୍ତ ଯୁବକଙ୍କୁ ଗିରଫ ନିର୍ଦ୍ଦେଶ ଦେଇଛନ୍ତି। ୬ ଦିନର ପୁରୁଣା ଏହି ଭିଡିଓରେ ଶ୍ରମିକ ପାଲେ କୋଲ ତଳେ ବସିଥିବାବେଳେ ପ୍ରଭେଶ ଶୁକ୍ଲା ସିଗାରେଟ୍ ଟାଣି ତାଙ୍କ ଉପରେ ପରିସ୍ରା କରୁଥିବା ଦେଖିବାକୁ ମିଳିଛି। ପ୍ରଭେଶଙ୍କ ନାଁରେ ଜାତୀୟ ସୁରକ୍ଷା ଆକ୍ଟ ଅନ୍ତର୍ଗତ ମାମଲା ରୁଜୁ ହୋଇଛି। ପ୍ରଭେଶଙ୍କୁ ଗିରଫ କରିବା ନେଇ ମୁଖ୍ୟମନ୍ତ୍ରୀ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଘଟଣା ସାମ୍ନାକୁ ଆସିବା ପରେ ପ୍ରଭେଶ ଭାଜପା କର୍ମୀ ହୋଇଥିବା ବିରୋଧୀ ଦାବି କରୁଥିବାବେଳେ ଏହାକୁ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି।

# ପବ୍‌ଜି ଖେଳରୁ ପ୍ରେମ: ନୋଏଡା ପଳାଇଆସି ପାକ୍ ମହିଳା ଗିରଫ



ସୀମା ଗୁଲାମ

**ନୋଏଡା,୪।୭:** ପବ୍‌ଜୀ ଖେଳରୁ ପ୍ରେମ। ପାକିସ୍ତାନର ଜଣେ ୪ ପିଲାଙ୍କ ମାଆ ଗ୍ରେଟର ନୋଏଡାର ଜଣେ ଯୁବକଙ୍କ ପ୍ରେମରେ ପଡ଼ି ଭାରତ ପଳାଇଆସିଲେ। ବେଆଇନ ଭାବେ ଭାରତରେ ପ୍ରବେଶ କରିବା ଅଭିଯୋଗରେ ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କୁ ଆଶ୍ରୟ ଦେଇଥିବା ସଚିନ ଓ ତାଙ୍କ ବାପାଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ ସୀମା ଗୁଲାମ ନାମ୍ନୀ ମହିଳା ଅନ୍‌ଲାଇନ୍ ଗେମ୍ ପବ୍‌ଜି ଜରିଆରେ ନୋଏଡାର ସଚିନଙ୍କ ସହ ପରିଚିତ ହୋଇଥିଲେ। ପବ୍‌ଜି ଖେଳରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ଗତ ଜୁନ୍‌ରେ ନେପାଳ ଦେଇ ସୀମା ତାଙ୍କ ୪ ପିଲାଙ୍କ ସହ ଉତ୍ତର ପ୍ରଦେଶରେ ପହଞ୍ଚିଥିଲେ। ସେଠାରୁ ବସ୍ ଯୋଗେ ଗ୍ରେଟର ନୋଏଡା ଆସି ସଚିନଙ୍କ ସହ ରାବୁପୁରାରେ ଘର ଭଡ଼ା ନେଇ ଏକାଠି ରହୁଥିଲେ। ପୋଲିସ ଘଟଣା ସମ୍ପର୍କରେ ଅବଗତ ହୋଇଥିବା ଜାଣିପାରି ସଚିନ ସୀମା ଏବଂ ୪ ପିଲାଙ୍କୁ ନେଇ ଫେରାର୍ ହୋଇଯାଇଥିବାବେଳେ ପୋଲିସ ସେମାନଙ୍କୁ ସୋମବାର ଗିରଫ କରିଥିଲା। ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ପିଲାମାନଙ୍କ ବୟସ ୭ ବର୍ଷରୁ କମ୍ ହୋଇଥିବାରୁ ସେମାନେ ମଧ୍ୟ ମାଆ ସହ ଜେଲରେ ରହିବେ।


**RAVENSHAW UNIVERSITY**
**CUTTACK-753003, ODISHA**

**U.G. ADMISSION ANNOUNCEMENT 2023-24**

**No. CAD-1138:-** In continuation of the advertisement dated 18.06.2023 regarding admission into U.G., Self-Financing Courses of Ravenshaw in Information Science and Telecommunication (IST), Information Technology Management (ITM), Business Administration (BBA), Integrated B.A. B.Ed. and B.Sc. B.Ed. programmes (Education, English, Odia, History, Political Science, Geography, Economics, Physics, Chemistry, Botany, Zoology and Mathematics) of Ravenshaw University for the session 2023-24, the last date for online submission of Application Forms is extended till **15.07.2023**.

Candidates are advised to visit the University website '**www.ravenshawuniversity.ac.in**' and log on to **ADMISSION-23** for complete application procedures, eligibility and selection criteria.

Candidates seeking admission into U.G. Regular Courses have to register through SAMS.

The Professional Courses will be run at the Mahanadi Campus of the University.

**Chairperson, P.G. Council**
**Ravenshaw University**

**No. 866 dt.04.07.2023**
OIPR-11008/11/0007/2324

GOVERNMENT OF ODISHA
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT**
**VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017**
E-mail: vimsarsuptd@gmail.com
**No. 15127/VIMSAR** **Dated, Burla, the 03rd July, 2023**

**TENDER CALL NOTICE**

No. E-219: Sealed tenders are hereby invited by the undersigned from the reputed Manufacturer/Authorized Dealers & Registered firms under GST Act. for supply of Minor Orthopaedic Instruments required for Ortho & Trauma OT of this hospital, so as to reach this Office of the Superintendent, VSS Institute of Medical Sciences & Research, Burla on or before **Dt.27.07.2023 upto 4.00 P.M.** through Regd. Post/ Speed Post/Couriers only and that will be opened in the next working day at 12.30 P.M.

The detail list of the instruments along with terms and conditions of this Tender Call Notice can be downloaded from Dist. Website: **www.Sambalpur.nic.in**.

The undersigned/committee reserves the full right to accept in full or reject any or all the tenders without assigning any reason thereof.

**Sd./- Superintendent**
OIPR-10187/11/0012/2324 **VSS Inst. of Med. Sc. & Research, Burla**

**Bhubaneswar Smart City Limited**
5th Floor, BMC- ICOMC Tower, Bhoi Nagar, Unit - IX, Bhubaneswar- 751022
E-mail Id: bbsr.bscl@gmail.com,
CIN: U74990OR2016PLC020016
Telephone-0674- 2548428 FAX: 0674-2540811

**INVITATION FOR BIDS (IFB)**

No.C-726 **'e' Procurement Notice**

**Bid Identification No. 1398/BSCL/Engg/2023, Date: 04.07.2023**

The Tender Bid Documents consisting of cost of tender papers, time of completion, set of terms and conditions of contract and other necessary documents can be seen in the 'e' procurement portal http://tendersodisha.gov.in.

| | | |
|---|---|---|
| 1. | Name of the work | **Construction of Two-Tier parking and area Development at Lake Zone - III, Drain no. 10 in Satyanagar, Bhubaneswar.** |
| 2. | Total No of Works | 1 (One) |
| 3. | Period of Completion | 08 (Eight) calendar months |
| 4. | Date of availability of Bid documents in web portal | 11.07.2023 (11.00 hrs) to 17.00 hrs of 31.07.2023 |
| 5. | Last date/time for receipt of Bid in web portal | 31.07.2023 up to 17.00 hrs |
| 6. | Date and place of submission of Documents, EMD, Paper cost in hard copy | 01.08.2023 at 11.00 hrs<br>O/o Chief Executive Officer, BSCL 5th Floor, BMC- ICOMC Tower, Bhoi Nagar, Unit - IX, Bhubaneswar- 751022 |
| 7. | Date of Pre-Bid meeting | 19.07.2023 at 11.00 hrs |
| 8. | Date of opening of Technical Bid | 01.08.2023 at 11.00 hrs |
| 9. | Name and address of the Officer inviting Bid | Chief Executive Officer, BSCL |
| 10. | For further querries, please email at: | bbsr.bscl@gmail.com |

Further details can be seen from the 'e' procurement portal http://tendersodisha.gov.in. Any addendum/corrigendum/cancellation of tender can be seen in the website mentioned above.

**Sd./- Chief Executive Officer**
OIPR-13070/11/0010/2324 **Bhubaneswar Smart City Limited**

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**CENTRAL (R&B) CIRCLE, BHUBANESWAR**
Mail Id: seccbbsr@gmail.com

**E-Procurement Tender Call Notice No. 04 of 2023-24**
**No. 2043 (Estg.)** **Bhubaneswar the 1st July 2023**

No. B-421: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number Composite Building work to be received in online bidding, double cover system for construction work as detailed in: **https://tendersorissa.gov.in**. The details of bid documents will be available in the above website from 5.00 P.M. of 06.07.2023 to 5.00 P.M. of 20.07.2023. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 21.07.2023 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal: **www.tendersorissa.gov.in**.

Addendum/Corrigendum, if required, will be available only in the Website.

**Sd./- Er. P.K. Mohanty**
**Chief Construction Engineer**
OIPR-34156/11/0004/2324 **Central (R&B) Circle, Bhubaneswar**

**ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**
**ବସ୍ ମାଲିକଙ୍କ ଗୋଚରାର୍ଥେ ସଂଶୋଧିତ ବିଜ୍ଞାପନ**
**ଶୁଦ୍ଧିପତ୍ର**

No.JJ-13:ଏତଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା.୦୪.୦୭.୨୦୨୩ ରିଖରେ ଦୈନିକ ଖବରକାଗଜ "ପ୍ରମେୟ" ଏବଂ "ଧରିତ୍ରୀ"ରେ ବିଭିନ୍ନ ମାର୍ଗମାନଙ୍କର ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ପ୍ରକାଶିତ ବିଜ୍ଞାପନ ନିମ୍ନମତେ ସଂଶୋଧନ କରାଗଲା ।
୧.ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ- ୦୫.୦୭.୨୦୨୩
୨. ଦରଖାସ୍ତ ଶୁଣାଣି

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୧୦୦ | ୧୩.୦୭.୨୦୨୩ | ୧୧.୩୦ ଘଟିକା |
| ୧୦୧ ରୁ ୨୦୦ | ୧୪.୦୭.୨୦୨୩ | ୧୧.୩୦ ଘଟିକା |
| ୨୦୧ ରୁ till end | ୧୫.୦୭.୨୦୨୩ | ୧୧.୩୦ ଘଟିକା |

ସ୍ୱା./-ସଚିବ
OIPR-38003/11/0015/2324 ରାଜ୍ୟ ପରିବହନ ପ୍ରାଧିକାରୀ,ଓଡ଼ିଶା, କଟକ

**ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା**
**OFFICE OF THE DIVISIONAL FOREST OFFICER CUM WILDLIFE WARDEN, ROURKELA FOREST DIVISION, ROURKELA, SUNDARGARH, ODISHA**
Phone No.0661-2664637, Fax No.0661-2664639
e-mail: dfo.rourkela@odisha.gov.in.
**No.317/1F**
**Rourkela Dated The 4th July 2023**

**Corrigendum**

**No.MM-85:**In reference to the Notice No.298 of 2023-24, dt.17.06.2023 for Walk-in-Interview for engagement of Attendants post of Mobile Veterinary Unit of Rourkela Forest Division scheduled to be held on 07.07.2023 is postponed to 14.07.2023 and time & venue remain same.

The provisionally selected candidates for interview will be intimated through return mail from the mail id dfo.rourkela@odisha.gov.in. by 10.07.2023.

**Sd./-Divisional Forest Officer**
OIPR-08044/11/0004/2324 **Rourkela Forest Division**

**OFFICE OF THE COLLECTOR, BALASORE**
**NOTICE**
**Engagement of Retired Government Servant from among the Ministerial Officers against the Vacant Post of Junior Revenue Assistants on Contractual Basis in the Office of the Collector, Balasore**

**No. II-M-15/2022/6495/Estt.** **Dated: 27.06.2023**

No. F-89: F: Applications are invited from the willing retired Ministerial Officers (only Superannuated Officers) in the enclosed format for re-engagement of 19 (Nineteen) numbers of O.S.D. in the Office of the Collector, Balasore against the vacant post of Junior Revenue Assistants on contractual basis for a period of one year or till the vacancies are filled up by regular process whichever is earlier. The retired Ministerial Officers not above the age of 64 years may submit the application in the prescribed form to the Collector, Balasore by Registered Post/ Speed Post so as to reach on or before 21.07.2023.

Guidelines regarding criteria and terms and conditions laiddown vide G.A. Department Resolution No. 23750/Gen. Dated 27.08.2014 and the application forms may be downloaded from this office website **http//baleswar.nic.in**.

**Sd./- Collector, Balasore**
**OIPR-24242/11/0004/2324**

**ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ**
ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧
ଇ-ମେଲ୍:dhenkanalm.hud@gmail.com
ପତ୍ରସଂଖ୍ୟା: 2497 ତା. 3.7.23ରିଖ

**ନିଲାମ ନିମନ୍ତେ ବିଜ୍ଞାପନ**

No.C-717:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡିକ ଆଗାମୀ ଆର୍ଥିକ ବର୍ଷ (୨୦୨୩-୨୪ ଓ ୨୦୨୪-୨୫) ଦୁଇ ବର୍ଷ ନିମନ୍ତେ, ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି/ସଂସ୍ଥାଠାରୁ ମୁଦବିଆ ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର ଦାଖଲ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ତା.୧୦.୦୭.୨୦୨୩ ରିଖଠାରୁ ୨୫.୦୭.୨୦୨୩ ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟରୁ ଟ.୧୦୦୦.୦୦ ଙ୍କାର ଟେଣ୍ଡର ପେପର କ୍ରୟ କରି ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ (ଛୁଟିଦିନ ବ୍ୟତୀତ) । ଉପରୋକ୍ତ ଟେଣ୍ଡର ଆସନ୍ତା ତା.୨୬.୦୭.୨୦୨୩ ରିଖ ଦିବା ଅପରାହ୍ଣ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ଏହି ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡରଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନ ଥିବେ, ତେବେ ମଧ୍ୟ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି ।

| କ୍ର.ନଂ. | ଉତ୍ସଗୁଡ଼ିକର ନାମ | ୱାର୍ଡ ନଂ. | ସମୟ ଅବଧି | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡରଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|---|
| ୧. | ଗୋପାଳସାଗର ପୋଖରୀ | ୧୭ | ୨ ବର୍ଷ | ୪୬,୨୬୭.୦୦ | |
| ୨. | ମହ୍ଲାର ସାହି ପୋଖରୀ | ୧୧ | ୨ ବର୍ଷ | ୨୨,୬୬୧.୦୦ | |
| ୩. | କୋରିଆଁ ପୋଖରୀ (ଜେନାଦେଇ) | ୨୩ | ୨ ବର୍ଷ | ୭୦,୦୩୩.୦୦ | |
| ୪. | ବୈଷ୍ଣବ ପୋଖରୀ | ୨୨ | ୨ ବର୍ଷ | ୩୭,୭୮୩.୦୦ | |
| ୫. | ପଚ୍ଛିବନ୍ଧ ପୋଖରୀ | ୧୦ | ୨ ବର୍ଷ | ୨୬,୬୦୩.୦୦ | |
| ୬. | ବଧି ପୋଖରୀ | ୧୦ | ୨ ବର୍ଷ | ୩୬,୮୩୪.୦୦ | |
| ୭. | କୋରିଆଁ ପୋଖରୀ (ଶିବ ମନ୍ଦିର) | ୨୩ | ୨ ବର୍ଷ | ୧୪,୩୨୬.୦୦ | |
| ୮. | କୁଞ୍ଜକାନ୍ତ ପୋଖରୀ | ୦୩ | ୨ ବର୍ଷ | ୪,୫୮,୩୩୯.୦୦ | |
| ୯. | ସରଜଙ୍ଗ ସାହି ପୋଖରୀ | ୧୦ | ୨ ବର୍ଷ | ୯୦,୩୭୧.୦୦ | |
| ୧୦. | ବନମାଳୀପ୍ରସାଦ ପୋଖରୀ | ୦୯ | ୨ ବର୍ଷ | ୧,୧୬,୬୯୭.୦୦ | |

**ସର୍ତ୍ତାବଳୀ**

୧. ଉପରୋକ୍ତ ଉତ୍ସଗୁଡିକର ଆଗାମୀ ୨ (ଦୁଇ) ବର୍ଷ ନିମନ୍ତେ ପଟ୍ଟାଧାରୀ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କରି ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଟେଣ୍ଡର କାଗଜାତ ସହ ଦାଖଲ କରିବା ହେବେ । ନଚେତ୍ ତାଙ୍କର ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ । ୨. ପୌରପାଳିକାରେ ପୂର୍ବରୁ ପଟ୍ଟା ନେଇଥିବା ବ୍ୟକ୍ତି ସଂସ୍ଥା ଯଦି, ପୌରପାଳିକାର ପୂର୍ବୋକ୍ତ ନିଲାମ ରାଶି ପଇଠ କରିବାରେ ଅବହେଳା କରିଥିବେ ତେବେ ସେପରି ବ୍ୟକ୍ତି ସଂସ୍ଥା ଉକ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ । ଯଦି ଏହାକୁ ଉଲ୍ଲଂଘନ କରାଯାଏ ତେବେ ପ୍ରଦତ୍ତ ଟେଣ୍ଡରକୁ ତତ୍‌କ୍ଷଣାତ୍ ରଦ୍ଦ କରାଯିବ । ୩. ଆଗ୍ରହୀ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ ଥିବା କାଗଜାତ ଓ ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ କେବଳ ରେଜିଷ୍ଟ୍ରି ଡାକ କିମ୍ବା ସ୍ପିଡ୍‌ପୋଷ୍ଟ ଡାକ ଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପହଞ୍ଚାଇବା ହେବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଟେଣ୍ଡର ଗ୍ରହଣଯୋଗ୍ୟ ହେବନାହିଁ କିମ୍ବା ଡାକଯୋଗେ ବିଳମ୍ବିତ ପ୍ରକ୍ରିୟା ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ୪. ଟେଣ୍ଡର ଲଫାପା ଉପରେ ଟେଣ୍ଡରଦାତାମାନେ ଯେଉଁ ଉତ୍ସ ନିମନ୍ତେ ଟେଣ୍ଡର ପକାଉଥିବେ ତାହା ସ୍ପଷ୍ଟଭାବେ ଉଲ୍ଲିଖିତ କରିବା ହେବେ । ପ୍ରତ୍ୟେକ ଉତ୍ସ ନିମନ୍ତେ ପୃଥକ୍ କାଗଜାତ ଓ ଲଫାପା ବ୍ୟବହାର କରିବା ହେବେ । ୫. ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥାକୁ ଆଗାମୀ ୨ (ଦୁଇ) ଆର୍ଥିକ ବର୍ଷ ନିମନ୍ତେ ପଟ୍ଟା ଦେବାକୁ ବିଚାର କରାଯିବ । ଯଦି, ପ୍ରଥମ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥା ତାଙ୍କର ନିଲାମ ରାଶି ନୋଟିସ୍ କରାଯାଇଥିବା ତାରିଖ ଠାରୁ ସାତ ଦିନ ମଧ୍ୟରେ ପୈଠ କରିବାରେ ବିଳମ୍ବ କିମ୍ବା ଅବହେଳା କରିବେ ତେବେ, ଦ୍ୱିତୀୟ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥାଙ୍କୁ ପ୍ରଥମ ନିଲାମଧାରୀଙ୍କ ମୂଲ୍ୟରେ ନେବା ପାଇଁ ସୁଯୋଗ ଦିଆଯିବ । ୬. ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟା ପାଇବାପରେ ଭାରତ ସରକାର ଓ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ନିୟମାବଳୀକୁ ସମୁଚିତଭାବେ ପାଳନ କରିବା ହେବେ । ନଚେତ୍ ଏଥିନିମନ୍ତେ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ୭. କୌଣସି କାରଣ ନ ଦର୍ଶାଯାଇ ଯେ କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡରକୁ ରଦ୍ଦ କରାଯିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ । ୮. କୌଣସି ପରିସ୍ଥିତିରେ ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ମୂଲ୍ୟାଙ୍କନଠାରୁ କମ୍ ମୂଲ୍ୟାଙ୍କନ କରି ପକାଯାଇଥିବା ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ । ୯. ପଟ୍ଟାଧାରୀ ପଟ୍ଟା ସମୟସୀମା ପର୍ଯ୍ୟନ୍ତ ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ବାଧ୍ୟ ରହିବେ । ୧୦. ପଟ୍ଟାଧାରୀ ନେଇଥିବା ପୋଖରୀକୁ ପଟ୍ଟା ସମୟସୀମା ପର୍ଯ୍ୟନ୍ତ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବେ । ଏହାଛଡ଼ା କୌଣସି ପ୍ରକାର ରାସାୟନିକ ଓ ଅସ୍ୱାସ୍ଥ୍ୟକର ଦ୍ରବ୍ୟ ପୋଖରୀରେ ବ୍ୟବହାର କରି ପୋଖରୀକୁ ଦୂଷିତ କରିପାରିବେ ନାହିଁ । ଯଦି ଏପରି କୌଣସି ତଥ୍ୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର ହୁଏ ତେବେ ତାଙ୍କର ସମସ୍ତ ନିଲାମ ରାଶିକୁ ବାଜ୍ୟାପ୍ତି କରାଯିବା ସହିତ ସମ୍ପୃକ୍ତ ଚୁକ୍ତିନାମାକୁ ରଦ୍ଦ କରାଯିବ । ଏହାର କ୍ଷୟକ୍ଷତି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**ସ୍ୱା./-ନିର୍ବାହୀ ଅଧିକାରୀ**
**OIPR-13146/11/0016/2324** **ଢେଙ୍କାନାଳ ପୌରପାଳିକା**

**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ, ସମ୍ବଲପୁର ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩**
ଇ-ମେଲ୍-dfo.hirakudwl@odisha.gov.in
**Notice Inviting Tender No. 2280/1F-02 (Actt.)/2023-24, Date:03.07.2023**
**E-PROCUREMENT NOTICE**

**No.MM-82:**The Divisional Forest Officer, Hirakud Wildlife Division, on behalf of Governor of Odisha invites percentage rate bids in Two Cover System in ONLINE MODE for Supply & Installation of 10+2 (Twelve) Seater FRP Luxury Boat or Luxury Yatch for used at Hirakud Reservoir under Hirakud Wildlife Division, Odisha.

| Sl. No. | Name of Work | Bid Identification No. | Estimate Cost (in Rs.) | Period of completion | Availability of Bid document for online bidding | |
|---|---|---|---|---|---|---|
| | | | | | From | To |
| 1 | Supply & Installation of 10+2 (Twelve) Seater FRP Luxury Boat or Luxury Yatch | 2281 | 50,00,000/- | 03 (Three) Calendar Months | 10.07.2023 10.00 AM | 31.07.2023 5.30 PM |

1. The bidder shall have to participate in ON LINE bidding only.
2. Further details can be seen from the e-Procurement portal www.tendersodisha.govt.in
3. Tender shall be opened online on dt.01.08.2023 at 11.30 AM.
4. All corrigendum/ addendum/ cancellation of tender shall be published in the website only.

**Sd./- Divisional Forest Officer, Hirakud Wildlife Division, Sambalpur**
**OIPR-08078/11/0002/2324**

**OFFICE OF THE MUNICIPAL COUNCIL, SONEPUR**
**E-mail: sonepurm.hud@nic.in**
**Website Address: www.subarnapur.nic.in**
**Letter No.: 2558** **Date: 03.07.23**

**REQUEST FOR PROPOSAL (RFP)**

No. C-720:- Sonepur Municipality proposes to undertake "**Preparation of Storm Water Drainage Master Plan and DPR for Sonepur Municipality area**".

Proposals are invited to conduct the assignment and submit the deliverables from Public Sector Undertakings/ Autonomous Bodies/ consulting registered architectural firms that have requisite experience in preparation of drainage/ pipeline/ sewerage network plan and infrastructure.

The details may be accessed and the RFP/Application forms can be downloaded from the District website www.subarnapur.nic.in.

The completed application as per the instructions in the EOI document should reach the following address by Speed Post/ Registered Post & by hand latest by **5 PM on dated 19.07.2023.**

The Authority reserves the sole right to accept or reject any or all proposals without assigning any reason whatsoever.

**Sd./- Executive Officer**
OIPR-13098/11/0005/2324 **Sonepur Municipality**

**OFFICE OF THE DIVISIONAL FOREST OFFICER, PURI WILDLIFE DIVISION**
**CHAKRATIRTHA ROAD, PURI - 752002 E-Mail: -dfo.puriwl@odisha.gov.in,Telephone -06752-228281**
**Tender Notification No.01 Dated. 04.07.2023**

**SHORT TENDER CALL NOTICE FOR HIRING OF VEHICLE**

**No.MM-86:**Sealed tenders are invited from interested Vehicle Owners/Travel Agencies/Tour Operators for providing diesel run Bolero Neo/Scorpio vehicle 7 nos. of AC (7 nos.-7 seater) for use in Govt. duty on hiring basis at different Government Offices of Puri Wildlife Division as detailed below on terms & conditions mentioned in the standard bidding documents so as to reach in the Office of the Divisional Forest Officer, Puri Wildlife Division on or before 15.7.2023 up to 3.00 PM through Registered/Speed Post or by courier service & can also be dropped in the Tender Box placed in the Office of the Divisional Forest Officer, Puri Wildlife Division. Tender paper cost for Rs.1000/-(Rupees One Thousand) only in shape of non-refundable Demand Draft from any Nationalized Bank drawn in favour of the Divisional Forest Officer, Puri Wildlife Division in the sealed bid document should be submitted. The Technical & financial bid will be opened on dt.15.07.2023 at 4 PM in presence of the bidders or their authorized representative in the office of the undersigned. The standard bidding documents & terms & conditions can be obtained also can be obtained from the Accountant, Office of the Divisional Forest Officer, Puri Wildlife Division from 06.07.2023 to 15.07.2023 (1.00 PM) in the office day & office hours only. Tender inviting authority reserves the right of accepting or rejecting one or more tenders offer(s) or cancelling the tender assigning any reason thereof.

| Sl. No. | Name of the Office | No. of Vehicle Required |
|---|---|---|
| 1 | Balukhanda Wildlife Range, Balukhanda | Seven -Seater-2 Nos. |
| 2 | Konark Wildlife Range, Konark | Seven -Seater-2 Nos. |
| 3 | Astaranga Wildlife Range, Astaranga | Seven Seater-2 Nos. |
| 4 | Gop Wildlife Range, Gop | Seven-Seater-1 No. |

1.The Technical Bids will be opened in presence of the tenderer or the authorized representatives on dt.15.07.2023 at 4 PM in the Office of the Divisional Forest Officer, Puri Wildlife Division. The Financial Bids will be opened only of successful bidders on the same day at 4.30 P.M.

**LIST OF DOCUMENTS TO BE SUBMITTED ALONGWITH THE QUATATION**

| Sl. No. | Name of the Vehicle Owner/Agency with address | Regd. No. of the Vehicle | Date of Registration | Type of vehicle AC/Non-AC | Year of Manufacture | Model of the vehicle | Fitness Certificate valid upto | Permit validity | Insurance validity | Pollution Certificate validity | Minimum average in Km per ltrs | Name of the Driver | Driving License with date of validity |
|---|---|---|---|---|---|---|---|---|---|---|---|---|---|

1.Filled up proforma with Copy of all above documents to be submitted along with the tender paper.
2.Copy of GSTN
3.Copy of PAN Registration
4.In case of Agency valid Registration Certificate/License to be submitted.

**Sd./-Divisional Forest Officer, Puri Wildlife Division, Puri**
**OIPR-08140/11/0003/2324**

See Career Appointment on every Wednesday & Saturday

**ମରଣାନ୍ତକ ଆକ୍ରମଣ: ଟଙ୍କା, ସୁନା ଅଳଙ୍କାର ଲୁଟ୍**

ବାସୁଦେବପୁର, ୪।୭(ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ନଂ. ୱାର୍ଡ ଗୋପାଳପୁର ଗ୍ରାମ ସଂଲଗ୍ନ ରାସ୍ତାପାଖ ଏକ ଭଡ଼ାଘରୁ ବୃନ୍ଦାବତୀ ସାହୁ ନାମ୍ନୀ ବୃଦ୍ଧାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମଙ୍ଗଳବାର ପୂର୍ବାହ୍ନରେ ଉଦ୍ଧାର କରାଯାଇଛି। ତାଙ୍କ ଶରୀର ଓ ମୁଣ୍ଡର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିବା ବେଳେ ତାଙ୍କୁ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ଘରୁ ନଗଦ ୮୦ ହଜାର ଟଙ୍କା ସହ ୧୫ ଭରି ସୁନା ଅଳଙ୍କାର ଲୁଟି ନେଇଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ..............................


ସାଇପ୍ରଭା
ପରିବାରବର୍ଗ


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



**Birthday Wish**




**ARSHIT (GUNU)**
**"Congratulations to you on your first two-digit birthday!"**
May God bless you today and forever. Jay Jagannath
Family, Friends
IRC Village, Bhubaneswar
ଧ-୦୭୩୧


# ୧୧ ବର୍ଷ ପରେ ଚାଲିଲା ସ୍କାଷ୍ଟିଂ ପ୍ରୋଜେକ୍ଟ

**ବଣ୍ଟଅଁରପାଳ,୪।୭(ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲାର ନବରତ୍ନପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍କୋ ପ୍ଲାଣ୍ଟର କାଷ୍ଟହାଉସ ବି ପରିସରରେ ଥିବା ଡାଇରେକ୍ଟ ସ୍କାଷ୍ଟିଂ ପ୍ରୋଜେକ୍ଟ ଦୀର୍ଘ ୧୧ ବର୍ଷ ପରେ ସୋମବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ୨୦୧୩ ମସିହାରେ ତତ୍କାଳୀନ ସିଏମ୍‌ଡି ଅଂଶୁମାନ ଦାସ ଏହି ୧୦୦ କୋଟି ଟଙ୍କା ପ୍ରୋଜେକ୍ଟର ଉଦ୍‌ଘାଟନ କରିଥିଲେ। ହେଲେ ଉଦ୍‌ଘାଟନ ବେଳେ କୌଣସି କାରଣରୁ ଏଥିରେ ବିସ୍ଫୋରଣ ହେବାରୁ ସିଏମ୍‌ଡି ଦାସଙ୍କ ସମେତ ୨ ଶ୍ରମିକ ଆହତ ହୋଇଥିଲେ। ସେବେଠାରୁ ଏହା ବନ୍ଦ ରହିଥିଲା। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ତେବେ ଦୀର୍ଘଦିନ ପରେ ଏହି ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ହୋଇଥିବାରୁ କର୍ମଚାରୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏ ସମ୍ପର୍କରେ କାଷ୍ଟହାଉସ ବି ଡିଜିଏମ୍ କେ. ଝା କହିଛନ୍ତି, ଦୀର୍ଘଦିନ ପରେ ସ୍କାଷ୍ଟିଂ ପ୍ରୋଜେକ୍ଟ ଚାଲିଲା। ଏହାକୁ ସ୍ଥାୟୀ ଭାବେ ଚଳାଇବା ପାଇଁ ଉଦ୍ୟମ ଜାରି ରହିଛି।

# ରାତିରେ ଦାନ୍ତ ନ ଘସିଲେ ହୋଇପାରେ ହୃଦ୍‌ରୋଗ

**ୱାଶିଂଟନ,୪।୭:** ସ୍ୱାସ୍ଥ୍ୟ ହିଁ ସମ୍ପଦ। ଅସ୍ୱାସ୍ଥ୍ୟକର ପରିବେଶ, ବାୟୁ ପ୍ରଦୂଷଣ, ମାଦକ ଦ୍ରବ୍ୟ ସେବନ, ଶରୀରର ଯତ୍ନ ନ ନେଲେ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ବର୍ତ୍ତମାନ ସମୟରେ ମଧୁମେହ ଏବଂ ହୃଦ୍‌ଜନିତ ରୋଗ ସହିତ ଅନେକ ଲୋକ ସଂଘର୍ଷ କରୁଛନ୍ତି। ଆମେରିକାର ନେଚର ଜର୍ନାଲସ୍ ସାଇଣ୍ଟିଫିକ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ ରାତିବେଳା ଦାନ୍ତ ନ ଘସିଲେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଜାପାନର ଓସାକା ୟୁନିଭର୍ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୨୦ ବର୍ଷ ଏବଂ ଏହାଠାରୁ ଊର୍ଦ୍ଧ୍ୱ ବୟସ ବର୍ଗର ୧,୬୭୫ ଜଣଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଛି। ଷ୍ଟଡି ପାଇଁ ଉକ୍ତ ରୋଗୀଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ୍ ଏମ୍‌ଏନ୍‌ର ୪୦୯ ରୋଗୀ ସକାଳେ ଓ ରାତିରେ ଦାନ୍ତ ଘସୁଥିଲେ। ସେହିପରି ଗ୍ରୁପ୍ ନାଇଟ୍‌ର ୭୫୧ ଜଣ କେବଳ ରାତିରେ ଦାନ୍ତ ଘସୁଥିବାବେଳେ ଗ୍ରୁପ୍ ଏମ୍‌ର ୧୬୪ ରୋଗୀ କେବଳ ସକାଳବେଳା ଶୋଇକି ଉଠିବା ପରେ ଦାନ୍ତ ଘସୁଥିଲେ ଏବଂ ଗ୍ରୁପ୍ ନନ୍‌ର ୨୫୯ ଜଣ ରୋଗୀଙ୍କୁ ଆଦୌ ଦାନ୍ତ ଘସିବାକୁ ଦିଆଯାଉ ନ ଥିଲା। ଦାନ୍ତ ନ ଘସିବା ଯୋଗୁ ବ୍ୟାକ୍ଟେରିଆ ରକ୍ତରେ ମିଶି ଶରୀରସାରା ବ୍ୟାପିଯାନ୍ତି, ଯାହାଫଳରେ ଶରୀରରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହୁଏ। ଦିନକୁ ୨ ଓଳି କିମ୍ବା କେବଳ ରାତିରେ ଦାନ୍ତ ଘସିଲେ ଏ ପ୍ରକାର ସମସ୍ୟାକୁ ଦୂର କରିହେବ ତା' ନୁହେଁ। ଖାଇବା ପରେ ଖାଦ୍ୟର କିଛି ଟୁକୁଡ଼ା ଦାନ୍ତ ସନ୍ଧିରେ ଜମା ହେବାରୁ ଦାନ୍ତରେ ଏକ ଆସ୍ତରଣ ପଡ଼ିଯାଏ। ଏଥିରୁ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି।

# ସିୟୁ ଭାରତର ନଂ.୧ ଘରୋଇ ବିଶ୍ୱବିଦ୍ୟାଳୟ

**ନୂଆଦିଲ୍ଲୀ,୪।୭**

**କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍-୨୦୨୪**




ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଚଣ୍ଡିଗଡ଼ ୟୁନିଭର୍ସିଟି (ସିୟୁ)କୁ ନିକଟରେ ଆଉ ଏକ ଜାତୀୟ ମାନ୍ୟତା ଓ ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, କ୍ୟୁଆକ୍ୟୁରେଲି ସିମଣ୍ଡସ (କ୍ୟୁଏସ୍) ୱାର୍ଲଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍ (ଡବ୍ଲ୍ୟୁୟୁଆର)-୨୦୨୪ ପକ୍ଷରୁ ନିକଟରେ ଘରୋଇ ବିଶ୍ୱବିଦ୍ୟାଳୟଗୁଡିକର ମାନ୍ୟତା (ର୍ୟାଙ୍କିଙ୍ଗ୍) ସୂଚୀ ପ୍ରକାଶ କରାଯାଇଥିଲା। ଉକ୍ତ ସୂଚୀ ଅନୁସାରେ ସିୟୁ ସାମଗ୍ରିକ ଭାବେ ୭୭୧ ରୁ ୭୮୦ ନମ୍ବର ମଧ୍ୟରେ ସ୍ଥାନ ପାଇ ଭାରତର ୧ ନମ୍ବର ଘରୋଇ ବିଶ୍ୱବିଦ୍ୟାଳୟ ଭାବେ ସ୍ୱୀକୃତି ଲାଭ କରିଛି। ବିଶେଷକରି କ୍ୟୁଏସ୍ ଡବ୍ଲ୍ୟୁୟୁଆର୍-୨୦୨୪ରେ ମୋଟ ୨୯୬୩ ଟି ଶିକ୍ଷାନୁଷ୍ଠାନର ମାନ ଓ ଭିତ୍ତିଭୂମି ଆଧାରରେ ଉକ୍ତ ସୂଚୀ ପ୍ରକାଶ କରାଯାଇଛି।

# ୨ ମାସରେ ସମସ୍ତ ପଦବୀ ପୂରଣ କର: ହାଇକୋର୍ଟ

**କଟକ,୪।୭ (କାର୍ତ୍ତିକ ସାହୁ)**

**ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ସଦସ୍ୟ ପଦବୀ ଖାଲି ମାମଲା**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମସ୍ତ ସଦସ୍ୟ ପଦବୀ ଆଗାମୀ ୨ ମାସ ମଧ୍ୟରେ ପୂରଣ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଗତ ମାର୍ଚ୍ଚ ୨୧ ତାରିଖ ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଟି ପଦବୀ ପୂରଣ କରାଯାଇଥିବା ଓ ଖୁବ୍‌ଶୀଘ୍ର ଅବଶିଷ୍ଟ ୩ଟି ପଦବୀ ପୂରଣ କରାଯିବା ନେଇ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମଙ୍ଗଳବାର ମାମଲାର ଶୁଣାଣିବେଳେ ରାଜ୍ୟ ସରକାର ପଦବୀ ପୂରଣ ପାଇଁ ୨ ମାସ ସମୟ ଦେବାକୁ ପ୍ରାର୍ଥନା କରିଥିଲେ। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନ ଗ୍ରହଣ କରି ଆଗାମୀ ୨ ମାସ ମଧ୍ୟରେ ଅବଶିଷ୍ଟ ୩ ପଦବୀ ପୂରଣ କରି ଏକ ପୂର୍ଣ୍ଣାଙ୍ଗ ଆୟୋଗ ଗଠନ ପାଇଁ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ଏହି ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଥିଲା, ଶିଶୁ ଅଧିକାର ସୁରକ୍ଷା ପାଇଁ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ୬ଟି ଯାକ ସଦସ୍ୟ ପଦବୀ ଖାଲି ପଡ଼ିଛି। ଏଥିରେ ଜଣେ ଅଧ୍ୟକ୍ଷ ଓ ୬ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଥିବାବେଳେ ତାହା ପୂରଣ କରାଯାଉନାହିଁ। ସଦସ୍ୟ ପଦବୀ ଖାଲି ହେବାର ୬ ମାସ ମଧ୍ୟରେ ତାହା ପୂରଣ ହେବାର ନିୟମ ଥିଲେ ବି ଏଠାରେ ହୋଇନାହିଁ। ପୁଣି ଆୟୋଗର କୌଣସି ବୈଠକରେ ନିଷ୍ପତ୍ତି ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ମିଶାଇ ୪ ଜଣଙ୍କ କୋରମ ବାଧ୍ୟତାମୂଳକ ରହିଛି। ସଦସ୍ୟଙ୍କ ଅଭାବରୁ କୌଣସି ବୈଠକର ନିଷ୍ପତ୍ତି ନିଆଯାଇପାରୁନାହିଁ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ମୂଲ୍ୟବାନ ସେବା ଯୋଗାଉଥିବା ଏକ ସଂସ୍ଥା। ଏଥିରେ କୌଣସି କୋର୍ଟ ଫି ଲାଗେନାହିଁ। ଓକିଲଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ମଧ୍ୟ ନାହିଁ। କେବଳ ସେତିକି ନୁହେଁ, ନ୍ୟାୟିକ ବ୍ୟବସ୍ଥାରେ ଅଦାଲତର ମାମଲା ଚାପକୁ ହ୍ରାସ କରିବାରେ ଆୟୋଗର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ସଚିବଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା।


CLASSIFIED DISPLAY ALL EDITION-B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625



**ଲୋନ୍! ଲୋନ୍! ଲୋନ୍!**
**Global Finance**
**(Govt. Regd)**
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
**2% ସୁଧ 40% ଛାଡ଼**
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
**9473748805**


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ନିରୁଦ୍ଦିଷ୍ଟ**



ଲିଙ୍ଗରାଜ ସାହୁ, ଗ୍ରାମ: ମୁତାରିଫା, ପୋଷ୍ଟ: ପଦ୍ମପୁର, ଥାନା: ଜଗତପୁର, ଜିଲ୍ଲା: କଟକ। ଲିଙ୍ଗରାଜ ମୁତାରିଫାସ୍ଥିତ ତାଙ୍କ ଘର ନିକଟରୁ ନିଖୋଜ ହୋଇଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ସନ୍ଧାନ ପାଆନ୍ତି 8260185945 ନମ୍ବରରେ ଜଣାଇବାକୁ ଅନୁରୋଧ। ଧ-୦୭୩୬


# ୨୦୨୪ ମାଟ୍ରିକ ପରୀକ୍ଷାର୍ଥୀଙ୍କ ତଥ୍ୟ ସଂଶୋଧନ ହୋଇପାରିବ

## ୬ରୁ ପ୍ରକ୍ରିୟା ଆରମ୍ଭ

**କଟକ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

୨୦୨୪ରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କର ପଞ୍ଜୀକରଣ ତଥ୍ୟ ବା ଏନ୍‌ରୋଲ୍‌ମେଣ୍ଟ ଡାଟାରେ କୌଣସି ଭୁଲ ଥିଲେ ଏହାକୁ ସଂଶୋଧନ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସ୍କୁଲଗୁଡିକୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତା ୬ରୁ ୧୭ ତାରିଖ ପର୍ଯ୍ୟନ୍ତ ବୋର୍ଡ ୱେବ୍‌ସାଇଟ୍‌ରେ ଛାତ୍ରୀଛାତ୍ରଙ୍କର ଏନ୍‌ରୋଲ୍‌ମେଣ୍ଟ ଡାଟାକୁ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଯିବ। ଛାତ୍ରୀଛାତ୍ରଙ୍କ ନାମ, ଫଟୋ ଏବଂ ଏନ୍‌ରୋଲ୍‌ମେଣ୍ଟ ନମ୍ବର ବ୍ୟତୀତ ଅନ୍ୟ ସମସ୍ତ ତଥ୍ୟ ସଂଶୋଧନ ହୋଇପାରିବ। ଯଦି ତୃତୀୟ ଭାଷା ବିଷୟରେ ଭୁଲ ଥାଏ, ତାହାକୁ ପରିବର୍ତ୍ତନ କରାଯାଇପାରିବ। ଯଦି କୌଣସି ଛାତ୍ରୀଛାତ୍ର ସ୍କୁଲ ପରିବର୍ତ୍ତନ କରିଥିବେ ଏବଂ ସେମାନଙ୍କର ନାମ, ଫଟୋ ଏବଂ ଏନ୍‌ରୋଲ୍‌ମେଣ୍ଟ ନମ୍ବରକୁ ପରିବର୍ତ୍ତନ କରିବାକୁ ପଡେ, ତେବେ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ସ୍କୁଲର କାଗଜପତ୍ରକୁ ସ୍ଥାନୀୟ ବୋର୍ଡର ଜୋନ୍ କାର୍ଯ୍ୟାଳୟରେ ଅଫ୍‌ଲାଇନ୍‌ରେ ଦାଖଲ କରିବେ। ୧୭ ତାରିଖ ପରେ କୌଣସି ସଂଶୋଧନ ପ୍ରକ୍ରିୟା ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଅଚିହ୍ନା ମୃତଦେହକୁ ସ୍ୱର୍ଗଦ୍ୱାରରେ ଦାହ କରାଯାଉ

**ଭୁବନେଶ୍ୱର, ୪।୭ (ବନ୍ଦନା ସେଠୀ)**

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୯୪କୁ ବୃଦ୍ଧି ପାଇଛି। ହେଲେ ଚିହ୍ନଟ ହୋଇପାରୁ ନ ଥିବା ୫୨ ମୃତଦେହକୁ ନେଇ ଚିନ୍ତା ବଢ଼ିଛି। ଏ ପରିସ୍ଥିତିରେ ଚିହ୍ନଟ ହୋଇପାରୁ ନ ଥିବା ମୃତଦେହକୁ ଭୁବନେଶ୍ୱର ବଦଳରେ ପୁରୀକୁ ନିଆଯାଇ ସ୍ୱର୍ଗଦ୍ୱାରରେ ଦାହ କରିବାକୁ ସାମାଜିକ କର୍ମୀ ପ୍ରତାପ ସାହୁ ଦାବି କରିଛନ୍ତି। ଏହାଦ୍ୱାରା ମୃତକଙ୍କ ଆତ୍ମା ଶାନ୍ତି ପାଇପାରିବ। ଯଦି ରାଜ୍ୟ ବା କେନ୍ଦ୍ର ସରକାର ମୃତଦେହଗୁଡ଼ିକୁ ଦାହ ନ କରନ୍ତି, ତେବେ ସାମାଜିକ କର୍ମୀଙ୍କ ମାଧ୍ୟମରେ ସ୍ୱର୍ଗଦ୍ୱାରରେ ଦାହ କରିବା ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ପ୍ରତାପ ସରକାରଙ୍କୁ ଅନୁରୋଧ କରିଛନ୍ତି। ଦୁର୍ଘଟଣା ସମୟରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬୨ ମୃତଦେହକୁ ଚିହ୍ନଟ ଲାଗି ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। ସେଠାରେ ୮୧ଟି ମୃତଦେହ ଚିହ୍ନଟ ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ବାକି ୮୧ଟି ମୃତଦେହକୁ ସଂରକ୍ଷିତ କରି ରଖାଯିବା ସହ ଚିହ୍ନଟ ଲାଗି ଡିଏନ୍ଏ ପରୀକ୍ଷା କରାଯାଇଥିଲା। ଡିଏନ୍ଏ ରିପୋର୍ଟ ଆସିବା ପରେ ୨୯ ମୃତଦେହକୁ ଚିହ୍ନଟ କରାଯାଇ ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି। ଅବଶିଷ୍ଟ ୫୨ ମୃତଦେହର ଚିହ୍ନଟ ପାଇଁ ଡିଏନ୍ଏ ରିପୋର୍ଟକୁ ଅପେକ୍ଷା କରାଯାଉଛି। ବିଶେଷକରି ଏଥିରୁ ଅଧିକାଂଶ ମୃତଦେହ ବିକୃତ ହୋଇଯାଇଥିବାବେଳେ ଦାବିଦାର ମଧ୍ୟ କେହି ନାହାନ୍ତି। ଏ ପରିସ୍ଥିତିରେ ତାହାକୁ ଅଧିକ ଦିନ ସଂରକ୍ଷିତ କରି ରଖିବା ସମ୍ଭବ ନୁହେଁ। ତେଣୁ ଚିହ୍ନଟ ହୋଇ ନ ପାରିଲେ ସେସବୁ ମୃତଦେହଗୁଡ଼ିକୁ ଦାହ କରିଦିଆଯିବ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ଏଥିପାଇଁ ଭୁବନେଶ୍ୱରର ସତ୍ୟନଗର ଓ ଭରତପୁର ଶ୍ମଶାନରେ ବ୍ୟବସ୍ଥା କରାଯାଇଛି।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-40yrs ଝିଅ ଆବଶ୍ୟକ। Candidate: 8984180242. D-0713

ପାତ୍ରୀ ଆବଶ୍ୟକ। ପୁଅ ଚାକିରି କରୁଛି। ଯୋଗ୍ୟତା M.Phil, ବୟସ: 27, Caste: ବଣିଆ, Height: 5'11". Contact: 9348544047. D-0712

46Yrs boy divorced melbourne. warehouse associate 70000 Dollar. Need simple, homely not highly qualified girl, Father Wg Cdr. 9686420870. D-0694


AUTOMOBILE

**SALE**

Maruti 800 sale Top Discover Livo 21 model purchase-7377612831. D-60976


REAL ESTATE

**SALE**

Centrally located HIG Duplex Dharmavihar, Bhubaneswar for sale. Contact: 9437482701. D-73775

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex sale at Bhubaneswar @ 57 Lakhs only. Contact: 9777433701. D-74881

Litigation free plot for sale near KIIT University or near Ashok Leyland, Chandaka Road side. Anyone to purchase please Contact: 8249742867 or 9853821712. D-0732

Plot sale ପୁରୁଣା କଟକ-ସମ୍ବଲପୁର ରାସ୍ତା NH-655 ଠାରୁ ୫୦୦ମିଟର ଦୂରରେ ହିନ୍ଦୋଳ ଟାଉନ୍‌କୁ ଯାଇଥିବା ପିଚୁ ରାସ୍ତାକୁ ଲାଗି ହିନ୍ଦୋଳ ତହସିଲ ଅନ୍ତର୍ଗତ ଭକ୍ତପୁର ମୌଜାସ୍ଥିତ ଜଳସେଚନ ଓ Electricity ସୁବିଧା ଥାଇ ତାରବାଡ଼ଘେରା ୨ ଏକର ୩ ଡେସିମିଲ ଜାଗା ବିକ୍ରି ହେବ। ଯୋଗାଯୋଗ-9937098987, 6370709044. D-75076

Kalinga stadium ସାମ୍ନା BDA Nico park ରାସ୍ତାର ସୁନାଦେଇ ମନ୍ଦିର ନିକଟରେ 5500 sqft. ର ଦୁଇ ମହଲା ଘର (125 Decimil) ବିକ୍ରି ହବ । ଯୋଗାଯୋଗ: 9937138533, 7978005735. D-0737


Healthcare

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly open Salon/Spa with expert therapist (Health Benefits). 9090400507. D-75126

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Herbal full body massage by smart/expert therapist. Contact: 9040171280. D-74699

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

I, Sabitarani Das alias Sobharani Das (58), W/o- Minaketan Das, Vill/ P.O.- Kaupur, P.S.- Bhadrak (Rural), Dist.- Bhadrak. I have an LIC Policy bearing No. 597929065, where in my name is Sabitarani Das. By this affidavit I declare that Sabitarani Das and Sobharani Das is same and one person. D-0740

I Padmabati Das alias Laxmipriya Das (41), W/o- Gopal Chandra- Das, Vill- Bishnupur, Ps- Simulia, Dist.- Balasore. I have a LIC Policy bearing No. 586567400, where in my name is Padmabati Das. I declare that Padmabati Das and Laxmipriya Das is same and one person. D-0735

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରଜନୀକାନ୍ତ ସାହୁ**
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୨.୦୪.୧୯୬୩
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ। ଧ-୦୭୩୩

**ନବମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରମାକାନ୍ତ ସାହୁ**
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୧.୧୦.୧୯୫୧
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ। ଧ-୦୭୪୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଚ୍ଚ ତ୍ରୈଲୋକ୍ୟ ବାରିକ୍**
ଆବିର୍ଭାବ-୨୦.୭.୧୯୪୮
ତିରୋଧାନ- ୨୫.୦୬.୨୦୨୩
କଟକ, ଶଙ୍କରପୁର,ତଳସାହି
ଆପଣଙ୍କ ସ୍ମୃତି ସବୁଠାରେ ବିଦ୍ୟମାନ। ଆପଣଙ୍କ ଜୀବନ ଦର୍ଶନର ସ୍ୱତନ୍ତ୍ରତା ଚିର ଅମ୍ଳାନ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର-ପ୍ରମୋଦ,ପ୍ରଫୁଲ୍ଲ ଝିଅ-ରାଧାମୋହନ, ରଂଜିତ ଓ ପରିବାରବର୍ଗ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଚ୍ଚସଦାନନ୍ଦ ସାହୁ**
(ପ୍ରୋ- M/s Siva Sankar Chuda and Rice Mill), Kanisi
କଦଳୀବାଡ଼ ଷ୍ଟ୍ରିଟ୍, ଗୋଷାଣି ନୂଆଁଗା, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ତା୧୭।୦୪।୧୯୪୪
ତିରୋଧାନ: ତା୨୫।୦୬।୨୦୨୩
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଚିରଦିନ ପାଇଁ ମନେ ରହିବ। ମହାପ୍ରଭୁ ତୁମ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ, ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ। ଧ-୦୭୨୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବିଦ୍ୟାଧର ନାୟକ**
ଅକରପଡ଼ା, ଦଶରଥପୁର, ଯାଜପୁର
ଜନ୍ମ: ୦୧।୦୩।୧୯୩୯
ମୃତ୍ୟୁ: ୨୫।୦୬।୨୦୨୩
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ମାଧବ ଚନ୍ଦ୍ର ନାୟକ (ଭାଇ), ରବୀନ୍ଦ୍ର କୁମାର ନାୟକ, ପ୍ରଫୁଲ୍ଲ କୁମାର ନାୟକ ଓ ଦୁର୍ଗା ପ୍ରସାଦ ନାୟକ (ପୁଅ), ଗୀତାରାଣୀ ନାୟକ, ସସ୍ମିତା ନାୟକ, ଶୁଚରିତା ନାୟକ, ସାଗରିକା ନାୟକ। ଧ-୦୭୪୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୪।୭ (ଅଭୟ ଦାଶ)



କ୍ରମାଗତ ୪ର୍ଥ ଦିନ ଲାଗି ଭାରତୀୟ ଶେୟାର ବଜାରରେ ଉତ୍ସାହ ଜାରି ରହିଛି। ଏପରିକି ଘରୋଇ ପୁଞ୍ଜିବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୨୭୪ ପଏଣ୍ଟ ବଢ଼ିଥିବାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି-୫୦ରେ ମଧ୍ୟ ୬୬ ପଏଣ୍ଟ ବୃଦ୍ଧି ଘଟିଥିବା ଷ୍ଟକ୍ ବଜାର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏନ୍‌ବିଏଫ୍‌ସି ସେକ୍ଟରରେ କମ୍ପାନୀଗୁଡ଼ିକର ଷ୍ଟକ୍‌ରେ ବୃଦ୍ଧି ଦେଖିବାକୁ ମିଳିଥିଲାବେଳେ ଏଫ୍‌ଏମ୍‌ସିଜି ଏବଂ ଅଟୋ ସେକ୍ଟରର ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ଅପରପକ୍ଷରେ ଭାରତୀୟ ଶେୟାର ବଜାରର କାରବାର ବିଏସ୍‌ଇ ସେନ୍‌ସେକ୍ସ ରେ ୨୭୪ ପଏଣ୍ଟ ବଢ଼ି ୬୫,୪୭୯.୦୫ ଅଙ୍କରେ ବନ୍ଦ ହୋଇଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟିର ୬୬.୪୫ ପଏଣ୍ଟ ବୃଦ୍ଧି ହୋଇ ୧୯,୩୮୯.୦୦ ଅଙ୍କରେ କାରବାର ବନ୍ଦ କରିଥିଲା।

ଉଲ୍ଲେଖଯୋଗ୍ୟ, ଶେୟାର ବଜାରର ଉଭୟ ସ୍ମଲ୍ କ୍ୟାପ୍ ଓ ମିଡ୍ କ୍ୟାପ୍‌ଗୁଡ଼ିକରେ ୧୩ ପ୍ରମୁଖ ସେକ୍ଟୋରାଲ ସୂଚକାଙ୍କ ମଧ୍ୟରୁ ୮ଟିରେ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ବିଏସ୍‌ଇର ୩୦ଶେୟାର ବିଶିଷ୍ଟ ସେନ୍‌ସେକ୍ସର କମ୍ପାନୀଗୁଡ଼ିକ ମଧ୍ୟରେ ବଜାଜ ଫାଇନାନ୍ସର ଶେୟାର ସବୁଠୁ ଅଧିକ ୭.୭% ବୃଦ୍ଧି ପାଇଥିବା ବେଳେ ଭାରତୀ ଏୟାରଟେଲ, ଆକ୍ସିସ ବ୍ୟାଙ୍କ, ରିଲାଏନ୍ସ, ଟାଟା ଷ୍ଟିଲ୍ ଏବଂ ହିରୋ ମୋଟୋକର୍ପ ଭଳି ଅନେକ ନିବେଶକ କମ୍ପାନୀର ଶେୟାର ହ୍ରାସ ଘଟିଛି। ଏପରିକି ବଜାଜ ଫିନ୍‌ସର୍ଭ, ଟେକ୍ ମହିନ୍ଦ୍ରା, ସନ୍‌ଫାର୍ମା, ଏନ୍‌ଟିପିସି, ଟାଇଟାନ, ୱିପ୍ରୋ, ଟିସିଏସ୍, କୋଟାକ୍ ବ୍ୟାଙ୍କ, ଇନ୍‌ଫୋସିସ୍ ଆଇଟିସି, ଏଚ୍‌ସିଏଲ୍‌ଟେକ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାର ଲାଭରେ ରହିଥିଲା।

## ବନ୍ଧନ ଏଫ୍‌ସି ଫଣ୍ଡ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୪।୭

ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ବନ୍ଧନ ଫାଇନାନ୍ସିଆଲ ସର୍ଭିସେସ୍ (ଏଫ୍‌ସି) ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂଆ ଫଣ୍ଡ୍ ଅଫର୍ ୨୦୨୩ ଜୁଲାଇ ୨୪ରେ ବନ୍ଦ ହେବ। ବନ୍ଧନ ଫାଇନାନ୍ସିଆଲ ସର୍ଭିସେସ୍ ଫଣ୍ଡ୍‌ରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ୍ ବିତରଣକାରୀ ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ କିମ୍ବା ସିଧାସଳଖ www.bandhanmutual.comରେ ମଧ୍ୟ ନିବେଶ କରାଯାଇପାରିବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଏହି ନୂଆ ଫଣ୍ଡ୍ କ୍ୟାପିଟାଲ ମାର୍କେଟ୍, ଏନ୍‌ବିଏଫ୍‌ସି, ଇନ୍‌ସ୍ୟୁରାନ୍ସ ଓ ଫିନ୍‌ଟେକ୍‌ରେ ନିବେଶ ସହିତ ଅଧିକ ବହୁମୁଖୀ ହୋଇ ପାରମ୍ପରିକ ବ୍ୟାଙ୍କିଙ୍ଗ୍ କ୍ଷେତ୍ରଠାରୁ ଆଗକୁ ଯିବ ଏବଂ ନିବେଶକଙ୍କୁ ଭାରତର ଦୀର୍ଘାବଧି ଅଭିବୃଦ୍ଧି କାହାଣୀରୁ ଲାଭାନ୍ୱିତ ହେବା ପାଇଁ ସୁଯୋଗ ଦେବ।

## ବଲାଙ୍ଗୀର ଅରୁନ୍ଧତୀ ଜୁଏଲର୍ସର ୨୩ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୪।୭




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ବଲାଙ୍ଗୀର ଫ୍ଲାଗ୍‌ଶିପ୍ ଶୋ'ରୁମ୍‌ର ୨୩ତମ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଅରୁନ୍ଧତୀର ୨୩ ତମ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ଆକର୍ଷଣୀୟ ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ୬୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ଗଢ଼ି ଉଠିଥିବା ବଲାଙ୍ଗୀର ଅରୁନ୍ଧତୀ ଶୋ'ରୁମ୍‌ରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ସହ ଫ୍ଲାଟ୍ ୨୩% ସୁନାଗହଣା ଓ ରୁପା ଗଢ଼ା ମଜୁରି ଉପରେ ଏବଂ ଫ୍ଲାଟ୍ ୨୩% ହୀରା ମୂଲ୍ୟ ଉପରେ ରିହାତି ରଖାଯାଇଛି।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୀର୍ଘ ୨୩ ବର୍ଷର ଏହି ସଫଳ ଯାତ୍ରା ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବଲାଙ୍ଗୀରର ପବିତ୍ର ମାଟିରୁ ଅରୁନ୍ଧତୀର ଆରମ୍ଭ ହୋଇ ବର୍ତ୍ତମାନ ଓଡ଼ିଶାର ଏକ ଅଗ୍ରଣୀ ଜୁଏଲେରି ବ୍ରାଣ୍ଡ ଭାବେ ପରିଣତ ହୋଇଛି। ବିଶେଷକରି ଓଡ଼ିଶାର ୭ଟି ପ୍ରମୁଖ ସହରରେ ଅରୁନ୍ଧତୀର ଉପସ୍ଥିତି ରହିଛି। ସେହିଭଳି ସର୍ବୋତ୍ତମ ଡିଜାଇନ ଓ ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା ଓ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ରପା ଗହଣା ଏବଂ କଳାକୃତିର ସମ୍ଭାର ସହ ଏକ ନିଆରା ଗ୍ରାହକ ସେବା '୫ ଷ୍ଟାର ପ୍ରମିଜ'ର ସୁବିଧା ଗ୍ରାହକମାନଙ୍କ ପାଇଁ ରଖାଯାଇଛି।

## ମ୍ୟାଙ୍ଗୋ ମାର୍କେଟରେ ମଣ୍ଡି ବ୍ରାଣ୍ଡିଂ କାର୍ଯ୍ୟକ୍ରମ



ଭୁବନେଶ୍ୱର,୪।୭

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ମଣ୍ଡି ବ୍ରାଣ୍ଡିଂ କାର୍ଯ୍ୟକ୍ରମ ମ୍ୟାଙ୍ଗୋ ମାର୍କେଟରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ କ୍ୟୁଆର୍ କୋଡ୍ ପ୍ରଦାନ ସହ ନୂତନ ଗ୍ରାହକମାନଙ୍କୁ ବ୍ୟାଙ୍କର ଉତ୍ପାଦଗୁଡିକ ବିଷୟରେ ଅବଗତ କରାଯାଇଥିଲା। ସେହିଭଳି ଏହାର ବହୁଳ ପ୍ରଚାର ପ୍ରସାର ନିମନ୍ତେ ବ୍ୟାଙ୍କର ବିଭିନ୍ନ ଉତ୍ପାଦଗୁଡିକର ବ୍ୟାନର ଏବଂ ଫ୍ଲେକ୍ସ ପ୍ରସ୍ତୁତ କରାଯିବା ସହିତ ମ୍ୟାଙ୍ଗୋ ମାର୍କେଟକୁ ବ୍ରାଣ୍ଡିଂ କରାଯାଇଥିଲା। ବିଶେଷକରି ମାର୍କେଟର ୮୨ଟି ଶପ୍‌ରେ ବ୍ୟାଙ୍କର ଲୋଗୋ ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍ୟବ୍ରତ ସାମଲ, ଉପକ୍ଷେତ୍ରୀୟ ମୁଖ୍ୟ ଆର୍ .ଏନ୍.ସ୍ୱାଇଁ, ବିଆର୍‌ଏମ୍ ସଞ୍ଜୟ ରାୟ ଓ ଅନ୍ୟାମାନେ ଉପସ୍ଥିତ ଥିଲେ।

## କିଆ ଇଣ୍ଡିଆର ଦି ନ୍ୟୁ ସେଲ୍‌ଟସ୍ ଉନ୍ମୋଚିତ

ନୂଆଦିଲ୍ଲୀ,୪।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ମିଡ୍ ସାଇଜ ଏସ୍‌ୟୁଭି 'ଦି ନ୍ୟୁ କିଆ ସେଲ୍‌ଟସ୍'ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଦି ନ୍ୟୁ କିଆ ସେଲ୍‌ଟସ୍‌ରେ ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ବର୍ତ୍ତମାନର ଫିଚର ଏବଂ ସୁବିଧା ମଧ୍ୟ ଉପଲବ୍ଧ। ସେହିଭଳି ଉକ୍ତ ମଡେଲ ନୂଆ ରୂପରେ ବଜାର ପ୍ରବେଶ ହୋଇଥିବାବେଳେ ଏକ ଆକର୍ଷଣୀୟ ଡିଜାଇନ ଏବଂ ଉନ୍ନତ ବୈଶିଷ୍ଟ୍ୟରେ କିଆ ସେଲ୍‌ଟସ୍ ସୁସଜ୍ଜିତ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁନ୍ ୩୦ରେ ଦି ନ୍ୟୁ କିଆ ସେଲ୍‌ଟସ୍‌ର ଟିଜର ଜାରି କରାଯାଇଥିଲା। ଉକ୍ତ ମେଡଲର ଟିଜର ଗ୍ରାହକଙ୍କ ମନରେ ଏକ ପ୍ରକାର ଉତ୍କଣ୍ଠା ସୃଷ୍ଟି କରିବା ସହ ସର୍ବଭାରତୀୟ ଉନ୍ମୋଚନକୁ ଅପେକ୍ଷା କରିଥିବା ଗ୍ରାହକମାନେ ବିଭିନ୍ନ ମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ,୨୦୨୩ ଜୁଲାଇ ୧୪ରୁ ଦି ନ୍ୟୁ କିଆ ସେଲ୍‌ଟସ୍‌ର ବୁକିଂ ଆରମ୍ଭ ହେଉଥିବାବେଳେ ଏହାର ଗ୍ରାହକମାନେ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଜରିଆରେ ମଧ୍ୟ ଉକ୍ତ ମଡେଲ ଉଭୟ କିଆର ଅଫିସିଆଲ ୱେବ୍‌ସାଇଟ ଏବଂ ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟଗୁଡ଼ିକରେ ବୁକିଂ ଉପଲବ୍ଧ ହେବ ବୋଲି କିଆ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ୨୦୧୯ ଅଗଷ୍ଟରେ ସେଲ୍‌ଟସ୍‌ର ଶୁଭାରମ୍ଭ ସହ ଭାରତୀୟ ବଜାରରେ କିଆ ପ୍ରବେଶ କରିଥିଲା ଏବଂ ଏହା ଭାରତର ନୂତନ ପିଢ଼ିର ଗ୍ରାହକମାନଙ୍କୁ ଆକର୍ଷିତ କରିବାରେ ସଫଳ ହୋଇପାରିଛି।




କିଆ ଇଣ୍ଡିଆର ବରିଷ୍ଠ ଅଧିକାରୀମାନେ ଦି ନ୍ୟୁ କିଆ ସେଲ୍‌ଟସ୍‌ର ଉନ୍ମୋଚନ କରୁଛନ୍ତି।

## ଟିପିସିଓଡିଏଲ୍‌ର ନୂତନ ସିସିସି ଉଦ୍‌ଘାଟିତ

ଭୁବନେଶ୍ୱର,୪।୭

ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଲାଗି ରହିଥିବା ପ୍ରତିବଦ୍ଧତା ଅନୁସାରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ୧୯ତମ ଗ୍ରାହକ ସେବା କେନ୍ଦ୍ର(ସିସିସି) ନିମାପଡ଼ାଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଟିପିସିଓଡିଏଲ୍‌ର ନିମାପଡ଼ା ଡିଭିଜନର ସମସ୍ତ ଗ୍ରାହକଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ଲାଗି କମ୍ପାନୀର ରହିଥିବା ପ୍ରତିବଦ୍ଧତା ସ୍ୱରୂପ ସିସିସିର ଶୁଭାରମ୍ଭ କରାଯାଇଛି। ସେହିଭଳି ତାଲିମପ୍ରାପ୍ତ କର୍ମଚାରୀମାନଙ୍କ ଏକ ଟିମ୍ ଦ୍ୱାରା ଉକ୍ତ ସିସିସି ପରିଚାଳିତ ହେବ। ଏପରିକି ଉକ୍ତ ଗ୍ରାହକ ସେବା କେନ୍ଦ୍ରରେ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ, ମାସିକ ବିଲ୍ ପ୍ରଦାନ, ଗ୍ରାହକଙ୍କ ପ୍ରଶ୍ନ ଓ ସମସ୍ୟାଗୁଡ଼ିକର ସମାଧାନ ସମେତ ଅନ୍ୟାନ୍ୟ ଗ୍ରାହକ ସମ୍ପର୍କିତ ସେବାଗୁଡ଼ିକ ମଧ୍ୟ ପ୍ରଦାନ କରାଯିବ।

ଅପରପକ୍ଷରେ ନିମାପଡ଼ାସ୍ଥିତ ଗ୍ରାହକ ସେବା କେନ୍ଦ୍ର ମୁଖ୍ୟତଃ ଏହି ଅଳରେ ବାସ କରୁଥିବା ଗ୍ରାମୀଣ ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବ। ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଗି ଏହି ଗ୍ରାହକ ସେବା କେନ୍ଦ୍ରରେ ଉନ୍ନତ ମାନର ସୁବିଧାସୁଯୋଗ ଯଥା କେନ୍ଦ୍ରକୁ ଆସୁଥିବା ଗ୍ରାହକଙ୍କ ସୁଚାରୁ ରୂପେ ପରିଚାଳନା ପାଇଁ ଧାଡ଼ି ପରିଚାଳନା ବ୍ୟବସ୍ଥା, ଏକ ସେଲ୍‌ଫ ହେଲ୍‌ପ କିଓସ୍କ ଏବଂ ସେବା ଉପରେ ଗ୍ରାହକମାନଙ୍କ ମତାମତ ସଂଗ୍ରହ କରିବା ଲାଗି ଏକ ଫିଡ୍‌ବ୍ୟାକ୍ ଟ୍ୟାବ୍ ଓ ପରାମର୍ଶ ବାକ୍ସ ରହିଛି। ଅନ୍‌ଲାଇନ ପେମେଣ୍ଟ ବିକଳ୍ପ, ସୁରକ୍ଷା ଓ ଅନ୍ୟାନ୍ୟ ସ୍କିମ୍ ବିଷୟରେ ଗ୍ରାହକମାନଙ୍କୁ ଅବଗତ କରିବା ଲାଗି ଉକ୍ତ କେନ୍ଦ୍ରରେ ଏକ ଟିଭି ସ୍କ୍ରିନ୍‌ର ବ୍ୟବସ୍ଥା ମଧ୍ୟ ରହିଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଗ୍ରାହକମାନଙ୍କୁ ଉତ୍ତମ ଅନୁଭୂତି ପ୍ରଦାନ କରିବା ଲାଗି ଆମେ ନିମାପଡ଼ାଠାରେ ଏକ ନୂତନ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ କରିଛୁ ବୋଲି ସିଂହ ମତପ୍ରକାଶ କରିଛନ୍ତି।

ଫୁର୍‌ସତ୍

## ଟେକ୍ସାସ୍‌ରେ ଏକାଠି ଗୀତା ଆବୃତ୍ତି କଲେ ୧୦ହଜାର ଲୋକ

ୱାଶିଂଟନ୍




ଗୁରୁପୂର୍ଣ୍ଣିମା ଅବସରରେ ସୋମବାର ଆମେରିକାର ଟେକ୍ସାସ୍‌ର ଇଷ୍ଟ ସେଣ୍ଟରରେ ୧୦ହଜାର ଲୋକ ଏକାଠି ହୋଇ ଭଗବଦ୍ ଗୀତା ପାଠ କରିଛନ୍ତି। ଏହାର ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯୋଗ ସଙ୍ଗୀତ ଫାଉଣ୍ଡେଶନ ଆମେରିକା ଏବଂ ଏସ୍‌ଜିଏସ୍ ଗୀତା ଫାଉଣ୍ଡେଶନ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଠାରେ ୪ ବର୍ଷୀୟଙ୍କଠାରୁ ଆରମ୍ଭ କରି ୮୪ ବର୍ଷୀୟ ବୟସ୍କ ଲୋକଙ୍କ ସମାଗମ ହୋଇଥିଲା। ପ୍ରସିଦ୍ଧ ଆଧ୍ୟାତ୍ମିକ ସାଧୁ ପୂଜ୍ୟ ଗଣପତି ସଚ୍ଚିଦାନନ୍ଦ ଜୀଙ୍କ ଉପସ୍ଥିତିରେ ଏହା ପାଠ କରାଯାଇଥିଲା। ଯାହା ମହୀଶୁରର ଅଭୋଦୋତ ଦତ୍ତ ପୀଠମ୍ ଆଶ୍ରମରୁ ସଂଗୃହୀତ କରାଯାଇଥିଲା। ଅଭୋଦୋତ ଦତ୍ତ ପୀଠମ୍ ହେଉଛି ଅନ୍ତର୍ଜାତୀୟ ଆଧ୍ୟାତ୍ମିକ ସଂସ୍କୃତି। ଏହି ସୋସିଆଲ ୱେଲଫେୟାର ସଂସ୍ଥା ଶ୍ରୀଗଣପତି ସଚ୍ଚିଦାନନ୍ଦ ଜୀଙ୍କ ଦ୍ୱାରା ୧୯୬୬ରେ ସ୍ଥାପିତ ହୋଇଥିଲା। ଶ୍ରୀ ସ୍ୱାମିଜୀ ଧ୍ୟାନ ସଙ୍ଗୀତ ପାଇଁ ପ୍ରସିଦ୍ଧ। ଏଥିସହ ସେ ଜଣେ ଈଶ୍ୱରୀୟ ମାର୍ଗଦର୍ଶକ ଭାବେ ମଧ୍ୟ ପରିଚିତ। ପୀଠ ମଣିଷ ଜୀବନକୁ ସମୃଦ୍ଧ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ, କାର୍ଯ୍ୟକଳାପ ଏବଂ ପ୍ରକଳ୍ପ ଚଳାଇବାକୁ ପ୍ରେରଣା ଦେଇଛି। ଗୁରୁପୂର୍ଣ୍ଣିମା ଗୁରୁମାନଙ୍କ ପାଇଁ ଉତ୍ସର୍ଗୀକୃତ ଏକ ପାରମ୍ପରିକ ହିନ୍ଦୁ ଉତ୍ସବ। ଏହି ଉତ୍ସବକୁ ଭାରତ, ନେପାଳ ଏବଂ ଭୁଟାନରେ ହିନ୍ଦୁ, ଜୈନ ଏବଂ ବୌଦ୍ଧମାନେ ପାଳନ କରନ୍ତି। ଏହି ଦିବସରେ ଗୁରୁଙ୍କୁ ଭଗବାନଙ୍କ ମାନ୍ୟତା ମିଳିଥାଏ ; ଯେଉଁଥିପାଇଁ ଗୁରୁମାନେ ଏହି ଦିନ ଭବବାନଙ୍କ ପରି ସମ୍ମାନିତ ହୋଇଥାନ୍ତି। ସ୍ୱାମିଜୀ ଏହି କାର୍ଯ୍ୟକ୍ରମକୁ କିଛି ବର୍ଷ ହେବ ଆୟୋଜନ କରି ଆସୁଛନ୍ତି। ସୂଚନା ଯେ, ପ୍ରୟାଗରାଜରେ ମଙ୍ଗଳବାର ଏହି ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି।

## ପ୍ରଥମ ଥର ପାଇଁ ଭୋଗ୍‌ରେ ରେଖା

**ମୁମ୍ବାଇ:** ଆମେରିକାର ମାସିକ ଫ୍ୟାଶନ ଏବଂ ଜୀବନଶୈଳୀ ପତ୍ରିକା ଭୋଗ୍‌ରେ ଆଗରୁ ଅନେକ ଅଭିନେତ୍ରୀ, ଅଭିନେତାଙ୍କୁ ଦେଖିବାକୁ ମିଳିଛି। ତେବେ ନିକଟରେ ଭେଟେରାନ ଅଭିନେତ୍ରୀ ରେଖା ପ୍ରଥମଥର ପାଇଁ ଭୋଗ୍‌ର କଭରପେଜ୍‌ରେ ସ୍ଥାନ ପାଇଛନ୍ତି। ସେଥିରେ ତାଙ୍କୁ ରାଣୀ ବେଶରେ ଦେଖିବାକୁ ମିଳିଛି। ସେ ଭୋଗ୍ ମାଗାଜିନ୍‌କୁ ସାକ୍ଷାତ୍‌କାରରେ କହିଛନ୍ତି, ୨୦୧୪ ପରଠାରୁ ସେ କୌଣସି ଫିଲ୍ମ ପାଇଁ ସ୍ୱାକ୍ଷର କରିନାହାନ୍ତି। ସେ ନିଜ ପସନ୍ଦ ଅନୁଯାୟୀ ପ୍ରୋଜେକ୍ଟ ଚୟନ କରିବାକୁ ସ୍ୱୀକାର କରିଛନ୍ତି। ସେ ୧୯୫୮ରୁ ତାଙ୍କ ଚଳଚ୍ଚିତ୍ର କ୍ୟାରିୟର ଆରମ୍ଭ କରିଥିବାବେଳେ ୧୯୬୯ରେ 'ଅପରେଶନ ଜ୍ୟାକ୍‌ପଟ ନାଲି ସିଆଇଡି ୯୯୯'ରେ ସେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଏହାପରେ ସେ ଅନେକ ଫିଲ୍ମରେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ତାଙ୍କୁ ୨୦୧୪ରେ ଶେଷ ଥର ପାଇଁ ସୁପର ନାନୀରେ ଦେଖିବାକୁ ମିଳିଥିଲା। ସେବେଠାରୁ ସେ ସ୍ୱତନ୍ତ୍ର ଚଳଚ୍ଚିତ୍ର ଏବଂ ଟିଭି ଶୋ'ରେ ଅଭିନୟ କରିଥିଲେ। ସେ ଯାହା ଭଲପାଆନ୍ତି, ତାହା ସେ ଉପଭୋଗ କରିବାକୁ ଇଚ୍ଛା ରଖନ୍ତି। ଯେତେବେଳେ ଠିକ୍ ସମୟ ଆସିବ, ସେତେବେଳେ ଚଳଚ୍ଚିତ୍ରରେ ତାଙ୍କୁ ପାଇବ ବୋଲି ସେ କହିଛନ୍ତି।



## ଅକ୍ଷମତା ସତ୍ତ୍ୱେ ଅନ୍‌ଲାଇନ ଗେମ୍‌ରୁ ଲକ୍ଷାଧିକ ରୋଜଗାର

ଲଣ୍ଡନ



ବର୍ତ୍ତମାନ ହେଉଛି ଡିଜିଟାଲ ଯୁଗ। ଅନେକ ଲୋକ ସୋସିଆଲ ମିଡିଆ ଜରିଆରେ ଟଙ୍କା ରୋଜଗାର କଲେଣି। ନିକଟରେ ଜଣେ ୧୭ ବର୍ଷୀୟ ଯୁବକ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି। ସେ ଅନ୍‌ଲାଇନ ଭିଡିଓ ଗେମ୍ ଖେଳି ଲକ୍ଷପତି ହୋଇଥିବା ଜଣାପଡ଼ିଛି। ରୋଜଗାର କରିଥିବା ଟଙ୍କାକୁ ସେ ତାଙ୍କ ପାଠପଢ଼ା ଏବଂ ଅନ୍ୟ ସଉକ ପୂରଣ କରିବାରେ ଲଗାନ୍ତି। ବର୍ତ୍ତମାନ ତାଙ୍କ ମା'-ବାପା ତାଙ୍କୁ ଅନ୍‌ଲାଇନ ଗେମ୍ ଖେଳିବାକୁ ପ୍ରୋତ୍ସାହିତ କରୁଥିବା ସେ କହିଛନ୍ତି। ଯୁବକ ଜଣକ ଗେମ୍ ମାଧ୍ୟମରେ ନିଜ କ୍ୟାରିୟର କରିବାକୁ ଚାହାନ୍ତି। ଏପରି ଘଟଣାରେ ବ୍ରିଟେନର ବାସିନ୍ଦା ମାସୋନ ବ୍ରିଷ୍ଟୋ କହିଛନ୍ତି, ସେ ଦେୟମୁକ୍ତ ଅନ୍‌ଲାଇନ ଗେମ୍ ଖେଳି ୧୭ ହଜାର ପାଉଣ୍ଡ ଅର୍ଥାତ୍ ୧୮ ଲକ୍ଷ ଟଙ୍କା ଜିତିଛନ୍ତି। ଏହି ଖେଳ ମାଧ୍ୟମରେ ଭର୍ଚୁଆଲ ରୁମ୍ କରିହେବ ଏବଂ ଦୁନିଆର ସମସ୍ତ ସାଥୀ ଗେମର୍ସଙ୍କ ସହିତ ଯୋଡ଼ି ହୋଇପାରିବ। ଏଥିସହ ମାସୋନ ଭର୍ଚୁଆଲ ଦୁନିଆ ପାଇଁ କଣ୍ଟେଣ୍ଟ କ୍ରିଏଟ କରନ୍ତି। ଗେମ୍‌ରୁ ମିଳିଥିବା ଟଙ୍କାରେ ତାଙ୍କ ପାଠପଢ଼ା ସହ ସାଙ୍ଗଙ୍କ ସହ ବୁଲିବା, ସ୍କୁଲ ଦରମା, ଡ୍ରେସ୍, ଜୋତା ଆଦି କିଣିଥାନ୍ତି। ମାସୋନ ୨୦୧୮ରୁ ଗେମ୍ ଖେଳିବା ଆରମ୍ଭ କରିଥିଲେ। ଏଥିପାଇଁ ତାଙ୍କ ମା'-ବାପା ତାଙ୍କୁ ପ୍ରଥମରୁ ସପୋର୍ଟ କରିଆସିଛନ୍ତି। ମାସୋନ ତାଙ୍କ ମା'-ବାପା ୪ ଭଉଣୀ- ଭାଇଙ୍କ ସହ ଏକାଠି ରୁହନ୍ତି। ତାଙ୍କୁ ଡାଏସଲେସିଆ(ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଜିନିଷ ଚିହ୍ନିବା, ଶୁଣିବା, ପଢ଼ିବାରେ ଅକ୍ଷମ ହୋଇଥାନ୍ତି।)ରେ ପୀଡ଼ିତ ଥିଲେ ମଧ୍ୟ ସେ ସେଥିରେ ଭଲ ଖେଳ ଖେଳନ୍ତି। ମାସୋନ ଏପରି ରୋଗରେ ପୀଡ଼ିତ ହୋଇ ମଧ୍ୟ ଏଠାରେ ଦର୍ଶାଇଛନ୍ତି କି ଅସୁବିଧା ପରେ ବି ଚେଷ୍ଟା ଦ୍ୱାରା ସବୁକିଛି ହାସଲ କରିହେବ। ଯେତେବେଳେ ତାଙ୍କୁ ଗେମ୍‌ରୁ ପ୍ରଥମେ ଟଙ୍କା ମିଳିଲା ସେତେବେଳେ ସେ ଚିନ୍ତିତ ଥିଲେ, କାରଣ ସେହି କମ୍ପାନୀ ତାଙ୍କୁ ଟଙ୍କା ପଠେଇବ କି ନାହିଁ ଜାଣି ନ ଥିଲେ।

## ଚର୍ଚ୍ଚାରେ କୁମ୍ବଲୀ, କଙ୍ଗୋର ବନ୍ଧୁତା



**ୱାଶିଂଟନ:** ଜଙ୍ଗଲୀ ପ୍ରାଣୀ ବହୁତ ବିପଦପୂର୍ଣ୍ଣ ହୋଇଥାନ୍ତି। ସେମାନେ ଅନ୍ୟ ପ୍ରାଣୀଙ୍କୁ ତାଙ୍କ ଶିକାର ବନେଇଥାନ୍ତି। ହେଲେ ନିକଟରେ ଜଙ୍ଗଲୀ ଚିତା ଏବଂ ଏକ କୁକୁର ମଧ୍ୟରେ ବନ୍ଧୁତା ଦେଖିବାକୁ ମିଳିଛି। ଚିତା କୁମ୍ବଲୀ ଏବଂ କୁକୁର କଙ୍ଗୋଙ୍କ ବନ୍ଧୁତା ଚର୍ଚ୍ଚାକୁ ଆସିଛି। ରିପୋର୍ଟ ମୁତାବକ, ଆମେରିକାର ବର୍ଜିନିଆରେ ଥିବା ମେଟ୍ରୋ ରିଚମଣ୍ଡ ଚିଡ଼ିଆଖାନାରେ ଥିବା ଏହି ଦୁହିଁଙ୍କ ବନ୍ଧୁତାକୁ ଦେଖିବାକୁ ଅନେକ ଲୋକ ଆସୁଛନ୍ତି। ତେବେ କୁମ୍ବଲୀ ଏବଂ କଙ୍ଗୋ ମଧ୍ୟରେ ବନ୍ଧୁତା କରିବାର ଏକ ଯୋଜନା ରହିଛି। ପ୍ରକୃତରେ ଚିତା ମୁଖ୍ୟତଃ ଲାଜକୁଳା ସଦୃଶ ହୋଇଥାନ୍ତି। ଏମାନେ ଏତେ ଶୀଘ୍ର କାହା ସମ୍ମୁଖରେ ଆସି ନ ଥାନ୍ତି। ଏମାନଙ୍କ ସଂଖ୍ୟା କ୍ଷିପ୍ର ଭାବେ କମୁଛି। ଉତ୍ତର ଆଫ୍ରିକା ଏବଂ ଏସିଆରେ ଏମାନଙ୍କୁ ଲୁପ୍ତପ୍ରାୟ ପ୍ରଜାତିରେ ରଖାଯାଇଛି। ଆନୁମାନିକ ବିଶ୍ୱରେ ସମୁଦାୟ ଚିତାଙ୍କ ସଂଖ୍ୟା ୭ ହଜାର ରହିଛି। ତେବେ ଏକ୍ସପେରିମେଣ୍ଟ ପାଇଁ ଏ ଦୁହିଁଙ୍କୁ ଏକାଠି ରଖାଯାଇଥିବା ଜଣାପଡ଼ିଛି। ଉଭୟଙ୍କୁ ଛୋଟବେଳୁ ଏକାଠି ରଖାଯାଇଛି। ଚିତା ଏହି କୁକୁର ସହ ଏକାଠି ରହିପାରୁଛି କି ନାହିଁ ତାହା ପରୀକ୍ଷା କରାଯାଉଛି। ତେବେ ଏ ପର୍ଯ୍ୟନ୍ତ ସବୁକିଛି ଠିକ୍ ଚାଲିଛି। ହେଲେ ଆଗକୁ କ'ଣ ହେବ ତାକୁ ଏକ୍ସପର୍ଟମାନେ ଅପେକ୍ଷା କରିଛନ୍ତି।

# ସାଫ୍ ଫୁଟ୍‌ବଲ: ଭାରତ ଚାମ୍ପିୟନ

ବେଙ୍ଗାଲୁରୁ, ୪।୭

ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ୧୪ତମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତ ପେନାଲ୍ଟି ଶୁଟ୍ ଆଉଟ ୫-୪ ଗୋଲରେ କୁଏତ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ୯୦ ମିନିଟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। କୁଏତ୍ ପକ୍ଷରୁ ଶବିବ ଅଲ୍ ଖାଲ୍‌ଦି ୧୪ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୩୮ତମ ମିନିଟରେ ଭାରତର ଲାଲିଆଞ୍ଜୁଆଲା ଚାଙ୍ଗଟେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଏହାପରେ ଅତିରିକ୍ତ ୩୦ ମିନିଟ ଖେଳରେ ମଧ୍ୟ ଆଉ ଗୋଲ ହୋଇପାରି ନ ଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ୫ଟି ଲେଖାଏ ଶଟ୍‌ରୁ ଉଭୟ ଦଳ ୪ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଫଳରେ ସଡନ୍ ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଭାରତର ମହେଶ ସିଂ ଗୋଲ ଦେଇଥିବାବେଳେ କୁଏତ୍ ଅଧିନାୟକ ହାଜିଆ ମିସ୍ କରି ଯାଇଥିଲେ। ଏହାପରେ ଭାରତୀୟ ଦଳର ସେଲିବ୍ରେଶନ ଆରମ୍ଭ ହୋଇଥିଲା। ଏହାକୁ ମିଶାଇ ଭାରତ ୯ମ ଥରପାଇଁ ସାଫ୍ କପ୍ ବିଜେତା ହୋଇଛି। ପୂର୍ବରୁ ୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫ ଓ ୨୦୨୧ରେ ଭାରତ ଚାମ୍ପିୟନ ହୋଇଥିଲା। ଏଥିସହ ଗତ ସଂସ୍କରଣର ଚାମ୍ପିୟନ ଭାରତ ଏଥର ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛି।

### ଛେତ୍ରୀଙ୍କୁ ଗୋଲ୍ଡେନ ବୁଟ୍, ଗୋଲ୍ଡେନ ବଲ୍

ମଙ୍ଗଳବାର ଶେଷ ହୋଇଥିବା ସାଫ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ ଟପ୍ ସ୍କୋରଭାବେ ଗୋଲ୍ଡେନ ବୁଟ୍ ପାଇଛନ୍ତି। ସେ ୫ଟି ଗୋଲ ଦେଇଛନ୍ତି। କେବଳ ସେତିକି ନୁହେଁ ଶ୍ରେଷ୍ଠ ଖେଳାଳିଭାବେ ସେ ଗୋଲ୍ଡେନ ବଲ୍ ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ପ୍ରତିଯୋଗିତାର ୧୫ ମ୍ୟାଚରେ ମୋଟ ୩୮ଟି ଗୋଲ ସ୍କୋର ହୋଇଛି। ମ୍ୟାଚପିଛା ଗୋଲ ଆଭରେଜ ହେଉଛି ୨.୫୩। ୭ ଜଣ ଖେଳାଳି ୨ଟି ଲେଖାଏ ଗୋଲ ଦେଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଂଲାଦେଶର ଅନିସୁର ରହମାନ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ନେପାଳକୁ ଫେୟାର ପ୍ଲେ ଟ୍ରଫି ପ୍ରଦାନ କରାଯାଇଛି।

### ପୁରସ୍କାର

ଚାମ୍ପିୟନ: ଭାରତ (୫୦୦୦୦ ଆମେରିକୀୟ ଡଲାର/ ପାଖାପାଖି ୪୧ ଲକ୍ଷ ଟଙ୍କା)
ରନରଅପ୍: କୁଏତ୍ (୨୫୦୦୦ ଆମେରିକୀୟ ଡଲାର/ ପାଖାପାଖି ୨୦.୫ ଲକ୍ଷ ଟଙ୍କା)
ଗୋଲ୍ଡେନ ବୁଟ୍: ସୁନୀଲ ଛେତ୍ରୀ (ଭାରତ)
ଗୋଲ୍ଡେନ ବଲ: ସୁନୀଲ ଛେତ୍ରୀ (ଭାରତ)
ଶ୍ରେଷ୍ଠ ଗୋଲକିପର: ଅନିସୁର ରହମାନ (ବାଂଲାଦେଶ)
ଫେୟାର ପ୍ଲେ ଟ୍ରଫି: ନେପାଳ



ଟ୍ରଫି ସହ ଅତିଥିଙ୍କ ଗହଣରେ ସାଫ୍ ଫୁଟ୍‌ବଲ ଚାମ୍ପିୟନ ଭାରତୀୟ ଦଳ।

# ଚାଙ୍ଗ୍‌ଟେ, ମନୀଷା ପ୍ଲେୟର ଅଫ୍ ଦି ଇୟର

ବେଙ୍ଗାଲୁରୁ, ୪।୭ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ମଙ୍ଗଳବାର ଭାରତ ଓ ମୁମ୍ବାଇ ସିଟି ଏଫ୍‌ସି ୱିଙ୍ଗର ଲାଲିଆନଜୁଆଲା ଚାଙ୍ଗ୍‌ଟେଙ୍କୁ ପ୍ଲେୟର ଅଫ୍ ଦି ଇୟର ଘୋଷଣା କରାଯାଇଛି। ମହିଳା ବିଭାଗରେ ମନୀଷା କଲ୍ୟାଣ ଏହି ପୁରସ୍କାର ଜିତିଛନ୍ତି। ଚାଙ୍ଗ୍‌ଟେଙ୍କର ଜାତୀୟ ଦଳ ପାଇଁ ଏବଂ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ମିଜୋରାମର ଏହି ୨୬ ବର୍ଷୀୟ ଖେଳାଳି ୨୦୨୨-୨୩ ଅନ୍ତର୍ଜାତୀୟ ସିଜନରେ ଭାରତ ତରଫରୁ ୧୨ଟି ମ୍ୟାଚ ଖେଳି ବ୍ୟକ୍ତିଗତ ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଗୋଟିଏ ଗୋଲ୍‌ରେ ସାଥି ଖେଳାଳିଙ୍କୁ ସହଯୋଗ କରିଥିଲେ। ଏହି ପୁରସ୍କାର ଦୌଡ଼ରେ ସେ ତାଙ୍କ ଜାତୀୟ ଟିମ୍‌ମେଟ୍ ନନ୍ଦକୁମାର ସେକର ଓ ନାଓରେମ୍ ମହେଶ ସିଂଙ୍କୁ ପଛରେ ପକାଇ ଦେଇଥିଲେ। ଗତ ସିଜନରେ ମୁମ୍ବାଇ ସିଟି ଏଫ୍‌ସିର ଆଇଏସ୍‌ଏଲ୍ ୱିନର୍ସ' ଶିଲ୍ଡ ବିଜୟ ଅଭିଯାନରେ ସେ ୧୦ ଗୋଲ ସ୍କୋର କରିଥିବା ବେଳେ ୬ଟି ସହାୟତା କରିଥିଲେ। ସେ ଆହୁରି ମଧ୍ୟ ଗତ ସିଜନ ଡୁରାଣ୍ଡ କପ୍‌ରେ ୭ଟି ମ୍ୟାଚ ଖେଳି ୭ ଗୋଲ୍ ସ୍କୋର କରିଥିଲେ। ସୁପର କପ୍‌ରେ ମଧ୍ୟ ସେ ୩ଟି ଗେମ୍ ଖେଳି ଗୋଟିଏ ଗୋଲ ଦେଇଥିଲେ। ଏଠାରେ ମଙ୍ଗଳବାର ଏଆଇଏଫ୍‌ଏଫ୍ ବାର୍ଷିକ ସାଧାରଣ ବୈଠକ ବସିଥିଲା। ସେଥିରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ସାଇପ୍ରସରେ ପ୍ରଥମ ଡିଭିଜନ କ୍ଲବ ଆପୋଲନ ଲେଡିଜ ତରଫରୁ ଖେଳୁଥିବା ପଞ୍ଜାବର ୨୧ ବର୍ଷୀୟା ଫରୱାର୍ଡ ମନୀଷା ମହିଳା ପୁରସ୍କାର ଦୌଡ଼ରେ ଥିବା ଅନ୍ୟ ଖେଳାଳି ଡାଲିମା ଛିବର ଓ ଏନ୍‌ଗାଙ୍ଗ୍‌ବାମ୍ ସ୍ୱିଟି ଦେବୀଙ୍କୁ ପଛରେ ପକାଇ ଦେଇଥିଲେ। ଭାରତର ପୂର୍ବତନ ଖେଳାଳି କ୍ଲିଫର୍ଡ ମିରାଣ୍ଡା ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ପୁରସ୍କାର ଜିତିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ସୁପର କପ୍ ସଫଳତା ଏବଂ ଏଏଫ୍‌ସି କପ୍ କ୍ୱାଲିଫିକେଶନ ହାସଲ କରିଥିଲା। ପ୍ରିୟା ପରାଥି ଭାଲାପିଲ୍ ବର୍ଷର ଶ୍ରେଷ୍ଠ ମହିଳା କୋଚ୍ ବିବେଚିତ ହୋଇଛନ୍ତି।



ଲାଲିଆନଜୁଆଲା ଚାଙ୍ଗ୍‌ଟେ ଓ ମନୀଷା କଲ୍ୟାଣ।

# ମ୍ୟାଚ ଦେଖିଲେ କାତାର ଫୁଟ୍‌ବଲ ମୁଖ୍ୟ


ଏଚ୍.ଇ. ଶେଖ୍ ହମଦ ବିନ୍ ଖଲିଫା ବିନ୍ ଅହମଦ ଅଲ୍-ଥାନିଙ୍କୁ ଏଆଇଏଫ୍‌ଏଫ୍ କର୍ମକର୍ତ୍ତା ସ୍ୱାଗତ କରୁଛନ୍ତି।

ବେଙ୍ଗାଲୁରୁ, ୪।୭

ଭାରତ-କୁଏତ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଫାଇନାଲ ଦେଖିବାକୁ ଅତିଥିଭାବେ ଆମନ୍ତ୍ରିତ ହୋଇଥିଲେ କାତାର ଫୁଟବଲ ଆସୋସିଏଶନ ସଭାପତି ଏଚ୍.ଇ. ଶେଖ୍ ହମଦ ବିନ୍ ଖଲିଫା ବିନ୍ ଅହମଦ ଅଲ୍-ଥାନି। ଅଲ୍-ଥାନିଙ୍କୁ ସ୍ୱାଗତ କରିଥିଲେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ସଭାପତି କଲ୍ୟାଣ ଚୌବେ ଓ କାର୍ଯ୍ୟକାରିଣୀ ସଦସ୍ୟ ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲ।

# ନେମାରଙ୍କୁ ୩.୩ ନିୟୁତ ଡଲାର ଜରିମାନା

ସାଓ ପାଉଲୋ, ୪।୭ (ଏପି)

ବ୍ରାଜିଲିଆନ ଫୁଟ୍‌ବଲ ଷ୍ଟାର ନେମାରଙ୍କୁ ୩.୩ ନିୟୁତ ଆମେରିକୀୟ ଡଲାରରୁ ଊର୍ଦ୍ଧ୍ୱ ଜରିମାନା ହୋଇଛି। ରିଓ ଡି' ଜେନିରୋ ବାହାରେ ମଙ୍ଗାରାଟିବା ସହରସ୍ଥିତ ବିରାଟ ଅଟ୍ଟାଳିକାର ନବୀକରଣ ସମୟରେ ସ୍ଥାନୀୟ ପରିବେଶ ନିୟମର ଉଲ୍ଲଂଘନ କରିଛନ୍ତି। ନେମାର ତାଙ୍କ ବାସଭବନରେ ବେଆଇନ ଭାବେ ଏକ କୃତ୍ରିକ ହ୍ରଦ ତିଆରି କରିଛନ୍ତି। ଖେଳାଳି ଜଣକ ଏକ ଡଜନ ଅନଧିକୃତ ନିର୍ମାଣ ସମୟରେ ସବୁଜିମା ନଷ୍ଟ କରିଛନ୍ତି। ନଦୀର ମାର୍ଗକୁ କବ୍‌ଜା କରି ବିନା ଅନୁମତିରେ ଏହା ଗତିପଥ ବଦଳାଇବା ଏବଂ ବାଲି ଓ ପଥର ସ୍ଥାନାନ୍ତର କରିବା ଆଦି ବେନିୟମ କାର୍ଯ୍ୟକରିଛନ୍ତି। ୩୧ବର୍ଷୀୟ ନେମାର ଏ ପ୍ରସଙ୍ଗରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

# ଅଗରକର ଚୟନ କମିଟି ଚେୟାରମ୍ୟାନ୍

ନୂଆଦିଲ୍ଲୀ, ୪।୭(ପି.ଟି.)

ପୂର୍ବତନ କ୍ରିକେଟର ଅଜିତ୍ ଅଗରକରଙ୍କୁ ବିସିସିଆଇ ଜାତୀୟ କ୍ରିକେଟ ଚୟନକମିଟି ମୁଖ୍ୟ ଭାବେ ନିଯୁକ୍ତି ଦେଇଛି। ଆଇପିଏଲ ଫ୍ରାଞ୍ଚାଇଜି ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)ର ସହକାରୀ କୋଚ୍ ରହିଥିବା ଅଗରକର ଗୁରୁବାର ଇସ୍ତଫା ପ୍ରଦାନ କରିବା ପରେ ସେ ମୁଖ୍ୟ ଚୟନକର୍ତ୍ତା ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ମଙ୍ଗଳବାର ଅଗରକରଙ୍କୁ ଚେତନ ଶର୍ମାଙ୍କ ସ୍ଥାନରେ ନିଯୁକ୍ତି ମିଳିଛି। ଅଶୋକ ମଲହୋତ୍ରା, ଜତିନ୍ ପରାଞ୍ଜପେ ଓ ସୁଲକ୍ଷଣା ନାଏକଙ୍କ ୩ ଜଣିଆ କ୍ରିକେଟ୍ ପରାମର୍ଶଦାତା କମିଟି(ସିଏସି) ପକ୍ଷରୁ ମଙ୍ଗଳବାର ଏହି ଘୋଷଣା କରାଯାଇଛି। ଏହା ସହିତ ବିସିସିଆଇ ପକ୍ଷରୁ ମୁଖ୍ୟ ଚୟନକର୍ତ୍ତାଙ୍କ ବେତନ ବୃଦ୍ଧି କରାଯିବାର ସମ୍ଭାବନା ରହିଛି। ପୂର୍ବରୁ ଚୟନ କମିଟିର ଅନ୍ୟ ସଦସ୍ୟଙ୍କୁ ମାସିକ ୯୦ ଲକ୍ଷ ଓ ମୁଖ୍ୟ ଚୟନକର୍ତ୍ତାଙ୍କୁ ୧ କୋଟି ଟଙ୍କାର ବେତନ ପ୍ରଦାନ କରାଯାଇଥାଏ।



ଅଜିତ ଅଗରକର

ଅଗରକର ଭାରତ ପକ୍ଷରୁ ୧୯୧ ଦିନିକିଆ, ୨୬ ଟେଷ୍ଟ ଓ ୪ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏହା ବ୍ୟତିତ ସେ ଭାରତ ପାଇଁ ୧୯୯୯, ୨୦୦୩ ଓ ୨୦୦୭ରେ ୩ଟି ବିଶ୍ୱକପ ଖେଳିଛନ୍ତି। ୨୦୦୭ରେ ବିଶ୍ୱକପ୍ ଜିତିଥିବା ଟି୨୦ ଦଳର ମଧ୍ୟ ସେ ପ୍ରମୁଖ ସଦସ୍ୟ ରହିଥିଲେ। ରମାକାନ୍ତ ଆଚ୍ରେକରଙ୍କ ଏହି ଶିଷ୍ୟ ଜଣଙ୍କ ଲର୍ଡ୍ସରେ ଶତକ ହାସଲର ରେକର୍ଡ ନିଜ ନାମରେ ରଖିଥିବା ବେଳେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୬ ଉଇକେଟ ଅକ୍ତିଆର କରିଛନ୍ତି। ଏହା ବ୍ୟତିତ ତାଙ୍କ ନାମରେ ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ ରହିଛି। ୨୧ ବଲ୍‌ରୁ ସେ ୫୦ ରନ୍ ସ୍କୋର କରିଥିଲେ। ଅଗରକର ଏକମାତ୍ର ଖେଳାଳି ଭାବରେ ସିଏସି ଆଗରେ ସାକ୍ଷାତକାର ପାଇଁ ହାଜର ହୋଇଥିଲେ। ବର୍ତ୍ତମାନ ସେ ପରିବାର ସହ ବିଦେଶରେ ଛୁଟି କାଟୁଥିବା ବେଳେ ସେ ଫେରିବା ପରେ ଅନ୍ୟ ପ୍ରକ୍ରିୟା ପୁରଣ କରାଯିବ।

ପୂର୍ବରୁ ୨୦୨୧ରେ ମଧ୍ୟ ଅଗରକର ଚୟନ କମିଟି ପାଇଁ ସାକ୍ଷାତକାର ଦେଇଥିଲେ। ୱେଷ୍ଟ ଜୋନ୍‌ରୁ ଆବେ କୁରୁଭିଲାଙ୍କୁ ଚୟନ କରାଯାଇଥିଲା। ମୁମ୍ବାଇ କ୍ରିକେଟ ଆସୋସିଏଶନ ପକ୍ଷରୁ ସେତେବେଳେ ଅଗରକରଙ୍କୁ ସମର୍ଥନ ମିଳି ନ ଥିଲା। ଅନ୍ୟ ଖେଳାଳିଙ୍କ ଅପେକ୍ଷା ମୁଖ୍ୟ ଚୟନକର୍ତ୍ତା ପାଇଁ ଅଧିକ ଯୋଗ୍ୟ ଥିଲେ। ଯଦି ଅଗରକର ୨୦୨୧ରେ ଚୟନ କମିଟିରେ ସାମିଲ ହୋଇଥାନ୍ତେ ତେବେ ଚେତନ ଶର୍ମାଙ୍କ ସ୍ଥାନରେ ତାଙ୍କୁ ମୁଖ୍ୟ ଚୟନକର୍ତ୍ତା ଘୋଷଣା କରାଯାଇଥାନ୍ତା। ନୂତନ ନିୟମ ଅନୁସାରେ ଜଣେ ଖେଳାଳି ସର୍ବାଧିକ ୪ ବର୍ଷ ଚୟନ କମିଟିରେ କାର୍ଯ୍ୟ କରିପାରିବେ।

# ଓଡ଼ିଶା ଅଭିଯାନ ଶେଷ

ଭୁବନେଶ୍ୱର, ୪।୭
(ସରୋଜ ଜେନା)

ଛତିଶଗଡ ନିକଟରୁ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହାରିବା ସହିତ ଜାତୀୟ ଜୁନିୟର ମହିଳା ହକିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ମଙ୍ଗଳବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୦-୦ରେ ଶେଷ ହୋଇଥିଲା। ପରେ ପେନାଲ୍ଟି ଶୁଟ ଆଉଟରେ ଆୟୋଜକ ଦଳକୁ ୪-୨ରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲା ଛତିଶଗଡ।

# ଭାରତୀୟ ଦଳରେ ଓଡ଼ିଶାରୁ ୪

ଭୁବନେଶ୍ୱର, ୪।୭

### ହୁଇଲଚେୟାର ଫେନ୍ସିଂ ବିଶ୍ୱକପ୍

ଆସନ୍ତା ୬ ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ପୋଲାଣ୍ଡର ୱାରସ ସହରରେ ହୁଇଲ ଚେୟାର ଫେନ୍‌ସିଂ ବିଶ୍ୱକପ୍ ୨୦୨୩ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଭି.ରମେଶ ରାଓ, ରାଖାଲ କୁମାର ସେଠୀ, ପୂଜାସୱନି ନାୟକ ଓ ମାଳତୀ ପାନୌରେଙ୍କୁ ସ୍ଥାନ ମିଳିଛି। ସେମାନେ ମଙ୍ଗଳବାର ପୋଲାଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି। ସେମାନଙ୍କ ସହିତ ହୁଇଲ ଚେୟାର ଫେନ୍ସିଂ ଓଡ଼ିଶା ଅଧ୍ୟକ୍ଷା ବେଲା ଜେଶ୍ୱଲ ଗସ୍ତ କରିଛନ୍ତି। ୨୦୨୩ ଜାତୀୟ ଚାମ୍ପିୟନଶିପ୍‌ରେ ରାଖାଲ, ମାଳତୀ ଓ ପୂଜାସୱନି ବ୍ୟକ୍ତିଗତ ଓ ଦଳଗତ ୬ ପଦକ ହାସଲ କରିଥିଲା ବେଳେ ଭି.ରମେଶ ରାଓ ବ୍ୟକ୍ତିଗତ ଓ ଦଳଗତ ୪ ଲେଖାଏଁ ପଦକ ହାସଲ କରିଥିଲେ। ଖେଳାଳିମାନେ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଆଶା ପ୍ରକାଶ କରିଛି।


ହୁଇଲ ଚେୟାର ଫେନ୍ସିଂ ବିଶ୍ୱକପପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ଜିମ୍ବାୱେକୁ ଏଲିମିନେଟ୍ କଲା ସ୍କଟ୍‌ଲାଣ୍ଡ

ବୁଲାୱାୟୋ, ୪।୭

୨୦୧୮ ପରି ଏଥର ମଧ୍ୟ ଜିମ୍ବାୱେର ଦିନିକିଆ କ୍ରିକେଟ ବିଶ୍ୱକପ ଖେଳିବା ଆଶା ଧୂଳିସାତ ହୋଇଛି। ଦୁଇଟି ଯାକ ବିଶ୍ୱକପ କ୍ୱାଲିଫାୟର୍ସରେ ଦଳ ସମାନ ଦଶା ଭୋଗିଛି। ୨୦୧୮ରେ ଶେଷ ୨ଟି ମ୍ୟାଚରୁ ଦଳ ଯୋଗ୍ୟତା ଅର୍ଜନ ପାଇଁ ଅତିକମ୍‌ରେ ଗୋଟିଏ ବିଜୟ ଆବଶ୍ୟକ କରୁଥିଲା। ମାତ୍ର ୱେଷ୍ଟଇଣ୍ଡିଜ ଏବଂ ୟୁଏଇ ନିକଟରୁ ହାରି ଯାଇଥିଲା। ଏଥର ଦଳ ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିଲେ ହେଁ ସୁପର ସିକ୍ସର ଶେଷ ୨ ମ୍ୟାଚରେ ଯଥାକ୍ରମେ ଶ୍ରୀଲଙ୍କା ଓ ସ୍କଟଲାଣ୍ଡଠାରୁ ହାରି ବିଦାୟ ପଥ ଦେଖିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ସ୍କଟଲାଣ୍ଡ ୩୧ ରନରେ ଜିମ୍ବାୱେକୁ ହରାଇ ବିଶ୍ୱକପ ଯୋଗ୍ୟତାର ଦ୍ୱାରରେ ପହଞ୍ଚି ଯାଇଛି। ଏହି ଦଳ ୪ ମ୍ୟାଚରୁ ୬ ପଏଣ୍ଟରେ ପହଞ୍ଚିଥିବାବେଳେ ଶେଷ ସୁପରସିକ୍ସ ମ୍ୟାଚରେ ଗୁରୁବାର ନେଦରଲାଣ୍ଡସ୍‌କୁ ଭେଟିବ। ଦଳର ରନ୍‌ହାର ମଧ୍ୟ ବହୁତ ଭଲ ରହିଛି। ଅନ୍ୟପକ୍ଷରେ ଜିମ୍ବାୱେ ୫ଟିଯାକ ମ୍ୟାଚ ଖେଳି ସାରିଥିବାବେଳେ ୬ ପଏଣ୍ଟରେ ସୀମିତ ରହିଛି। ଏହି ଟୁର୍ନାମେଣ୍ଟରୁ ଶ୍ରୀଲଙ୍କା ପ୍ରଥମ ଦଳଭାବେ ୮ ପଏଣ୍ଟ ପାଇ ମୁଖ୍ୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ସ୍କଟଲାଣ୍ଡ। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ଟପ୍ ଅର୍ଡରରୁ ଲୋୟର ଅର୍ଡର ପର୍ଯ୍ୟନ୍ତ ଅଧିକାଂଶ ବ୍ୟାଟରଙ୍କ ଉପଯୋଗୀ ଅବଦାନ ବଳରେ ଦଳ ୫୦ ଓଭରରେ ୮ ଉଇକେଟ ହରାଇ ୨୩୪ ରନ କରିଥିଲା। ୭ ନମ୍ବର ବ୍ୟାଟର ମିଚେଲ ଲିସ୍କ ସର୍ବାଧିକ ୪୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଥ୍ୟୁ କ୍ରସ୍ ୩୮, ବ୍ରେଣ୍ଡନ ମ୍ୟାକମୁଲେନ ୩୪, ଜର୍ଜ ମୁନ୍‌ସେ ୩୧, ଖ୍ରିଷ୍ଟୋଫର ମ୍ୟାକବ୍ରିଡ୍ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଜିମ୍ବାୱେ ବୋଲରଙ୍କ ମଧ୍ୟରେ ସିଅନ ୱିଲିୟମ୍ସ ୩ଟି, ଟେଣ୍ଡାଇ ଚତରା ୨ଟି ଓ ରିଚାର୍ଡ ନଗର୍ଭା ଗୋଟିଏ ଉଇକେଟ ନେଇଥିଲେ।

କୁଇନ୍ସ ସ୍ପୋର୍ଟ୍ସ କ୍ଲବ ପିଚ୍‌ରେ ୨୩୫ ରନର ବିଜୟ ଲକ୍ଷ୍ୟ ସହଜ ମନେ ହେଉଥିଲା। ମାତ୍ର ସ୍କଟଲାଣ୍ଡ ବୋଲରମାନେ ଚମତ୍କାର ବୋଲିଂ କରି ଜିମ୍ବାୱେ ପାଇଁ ମ୍ୟାଚ କଷ୍ଟସାଧ୍ୟ କରି ଦେଇଥିଲେ। ସ୍କଟଲାଣ୍ଡ ବୋଲିଂ ଆକ୍ରମଣର ନେତୃତ୍ୱ ନେଇଥିଲେ ଡାହାଣହାତୀ ମିଡିୟମ ପେସର କ୍ରିସ୍ ସୋଲ୍। ସେ ଜିମ୍ବାୱେ ଟପ୍ ଅର୍ଡରର ୩ ବ୍ୟାଟରଙ୍କୁ ଆଉଟ କରି ଜିମ୍ବାୱେର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ୭.୫ ଓଭର ବେଳକୁ ଜିମ୍ବାୱେ ସ୍କୋର ୩୭.୪ ହୋଇ ଯାଇଥିଲା। ମିଡିଲ ଅର୍ଡରରେ ର୍ୟାନ ବୁର୍ଲ ୮୪ ବଲ୍‌ରୁ ୮୩ ଓ ୱେସଲି ମାଧଭେରେ ୩୯ ବଲ୍‌ରୁ ୪୦ ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ ହେଁ ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦଳ ୪୧.୧ ଓଭରରେ ୨୦୩ ରନକରି ସମସ୍ତ ଉଇକେଟ ହରାଇଥିଲା। ନିର୍ଭରଯୋଗ୍ୟ ବ୍ୟାଟର ସିକନ୍ଦର ରାଜା ୩୪ ରନ କରିବାକୁ ସକ୍ଷମ ହୋଇଥିଲେ। ସୋଲ୍‌ଙ୍କ ୩ ଉଇକେଟ ବ୍ୟତୀତ ବ୍ରେଣ୍ଡନ ମ୍ୟାକମୁଲେନ ଓ ମିଚେଲ ଲିସ୍କ ୨ଟି ଲେଖାଏ ଏବଂ ସାଫ୍ୟାନ ଶରିଫ, ମାର୍କ ୱାଟ ଓ କ୍ରିସ୍ ଗ୍ରେଭ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୭ ଓଭରରେ ୩୩ ରନଦେଇ ୩ ଉଇକେଟ ନେଇଥିବା କ୍ରିସ୍ ସୋଲ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ଦିନିକିଆ କ୍ରିକେଟ ବିଶ୍ୱକପ କ୍ୱାଲିଫାୟର୍ସ



ପ୍ଲେୟର ଅଫ୍ ଦି ମ୍ୟାଚ କ୍ରିସ୍ ସୋଲ୍।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ ୫୦ ଓଭରରେ ୨୩୪/୮ (ମିଚେଲ ଲିସ୍କ-୪୮, ମାଥ୍ୟୁ କ୍ରସ୍-୩୮, ବ୍ରେଣ୍ଡନ ମ୍ୟାକମୁଲେନ-୩୪, ଜର୍ଜ ମୁନ୍‌ସେ-୩୧, ଖ୍ରିଷ୍ଟୋଫର ମ୍ୟାକବ୍ରିଡ୍-୨୮, ସିଅନ ୱିଲିୟମ୍ସ ୩/୪୧, ଟେଣ୍ଡାଇ ଚତରା-୨/୪୬, ରିଚାର୍ଡ ନଗର୍ଭା-୧/୪୨)। ଜିମ୍ବାୱେ ୪୧.୧ ଓଭରରେ ୨୦୩/ଅଲ୍‌ଆଉଟ (ର୍ୟାନ ବୁର୍ଲ-୮୩, ୱେସଲି ମାଧଭେରେ-୪୦, ସିକନ୍ଦର ରାଜା-୩୪, କ୍ରିସ୍ ସୋଲ୍-୩/୩୩, ବ୍ରେଣ୍ଡନ ମ୍ୟାକମୁଲେନ-୨/୩୧, ମିଚେଲ ଲିସ୍କ-୨/୩୩, ସାଫ୍ୟାନ ଶରିଫ-୧/୩୮, ମାର୍କ ୱାଟ-୧/୩୬, କ୍ରିସ୍ ଗ୍ରେଭ୍ସ-୧/୨୯)।

# ଆଖୁ ଜମିରେ ଅଧିକ ପାଣି ଜମି ରହିଲେ

**ଆ**ଖୁଜମିରେ ଯଦି ଅଧିକ ପାଣି ଜମି ରହୁଛି ତେବେ ଏହାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪-୫ ମାସର ହୋଇଥିଲେ ଭେଳାବନ୍ଧା କାମ କରନ୍ତୁ । ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରୋଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ



ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାରର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗକରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ବର୍ଷାଦିନେ ଗୁହାଳର ଯତ୍ନ

**ବ**ର୍ଷାଦିନେ ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ । ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣା ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦେଇଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷାକରି କୃମିନାଶକ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ । ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ ପାଣି ଜମାହେବା ପାଇଁ ଦିଅନ୍ତୁ ନାହିଁ ।



# ଡାଲିଜାତୀୟ ଫସଲରେ ଘାସମରା

**ଡା**ଲିଫସଲରେ ଘାସମରା ଔଷଧ ଲାଗି ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲ୍ଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇ.ପି.ଏମ୍. ୦୨-୩, ଆଇ.ପି.ଏମ୍. ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶି), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶି କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ । ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପି.ଏସ୍.ବି.) ସହିତ ଗୋଳାଇ ବୁଣନ୍ତୁ ।





ଡା. ମାନସ ରଞ୍ଜନ ପଟ୍ଟନାୟକ

# ସମନ୍ୱିତ କୃଷି



**ଭା**ରତର ପ୍ରାୟ ୬୦-୭୦ ପ୍ରତିଶତ ଲୋକଙ୍କ ପ୍ରାଥମିକ ଜୀବିକା ହେଲା କୃଷି। ଏହା ଯୁଗ ଯୁଗରୁ ଚାଲି ଆସିଛି। କିନ୍ତୁ ବୁଦ୍ଧିମାନ ଲୋକମାନେ କୃଷି ବଦଳରେ ଅନ୍ୟ ବୃତ୍ତିକୁ ଗ୍ରହଣ କରିବାକୁ ଅଧିକ ଇଚ୍ଛା ପ୍ରକାଶ କରୁଛନ୍ତି। ଏହାର ଏକମାତ୍ର କାରଣ ହେଲା- କୃଷିରେ ଚାଷୀମାନେ ଯେତିକି ନିବେଶ କରୁଛନ୍ତି, ତା' ବଦଳରେ ସେମାନଙ୍କୁ ସେତିକି ମିଳୁନାହିଁ। କୃଷକମାନଙ୍କର ସ୍ଥିତି ଭାରତରେ ଏତେ ଉନ୍ନତ ଧରଣ ନୁହେଁ, କୃଷି ପାଇଁ ଋଣ ନେଇ ଶୁଝିବା ଏକ ବୋଝ ହୋଇଯାଏ। ପାରମ୍ପରିକ ଭାବରେ ପ୍ରାୟତଃ ଗୋଟିଏ ପ୍ରକାର ଫସଲ କରିବା ଦ୍ୱାରା ଅନେକ ସମୟରେ କୃଷକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପୋଜିଟ୍ ଫାର୍ମିଂ ବା ସମନ୍ୱିତ କୃଷିକୁ ଗୁରୁତ୍ୱ ଦେବା ଆରମ୍ଭ ହେଲାଣି । ଏହା ଏକ ନୂଆ ପଦ୍ଧତି। ଏହା ମାଧ୍ୟମରେ କୃଷକ ନିଜ ନିବେଶରେ ୧୦ଗୁଣ ଅଧିକ ଲାଭ ପାଇପାରିବ। ଏକ ସ୍ଥାନରେ ଏକା ସମୟରେ ଫସଲ ସହ ମାଛଚାଷ, ଗୋପାଳନ ,ଛେଳି,ମେଣ୍ଢା,କୁକୁଡ଼ା ଚାଷ ଇତ୍ୟାଦି ବହୁବିଧ କାର୍ଯ୍ୟକୁ କମ୍ପୋଜିଟ୍‌କୁ ଫାର୍ମିଙ୍ଗ କୁହାଯାଏ। ଯେଉଁ ସ୍ଥାନରେ ବର୍ଷକୁ ଗୋଟିଏ ଫସଲ ହୁଏ , ଯେଉଁଠି ଜଳସେଚନ ସୁବିଧା ନାହିଁ ଏବଂ ବର୍ଷା କମ୍ ହୁଏ, ସେ ସବୁସ୍ଥାନରେ କମ୍ପୋଜିଟ୍ ଫାର୍ମିଂ ହିଁ ଚାଷୀଙ୍କ ପାଇଁ ଲାଭଜନକ ହେବ। ଏହି ପଦ୍ଧତିରେ ଜଳ, ଜମି, ଫସଲ,ପ୍ରାଣୀ ଓ କୁକୁଡ଼ା ପାଳନ ତଥା ମାନବ ସମ୍ବଳର ଉତ୍ତମ ଉପଯୋଗ ହୋଇପାରେ। ଏହାଦ୍ୱାରା କମ୍ ସ୍ଥାନରୁ ଅଧିକ ଆୟ ମିଳିବ। ସାଧାରଣତଃ କମ୍ପୋଜିଟ୍ ଫାର୍ମିଂରେ ଏକ ଫାର୍ମିଂ କମ୍ପ୍ଲେକ୍ସ ମଧ୍ୟରେ ବିଭିନ୍ନ ପ୍ରକାର ଚାଷକରି କିପରି ଅଧିକ ଅମଳ ଓ ଅଧିକ ଲାଭ ଉଠେଇ ହେବ, ତା' ଉପରେ ପ୍ରାଧାନ୍ୟ ଦିଆଯାଏ। ଏହା ସାଧାରଣତଃ ଉତ୍ପାଦନ କ୍ଷମତା ଓ ନିବେଶ ଉପରେ ନିର୍ଭରଶୀଳ। ଏହାଦ୍ୱାରା ଜମିରେ ଉତ୍ପାଦନ କ୍ଷମତା ବୃଦ୍ଧିପାଏ। କମ୍ପୋଜିଟ୍ ମଡେଲ ପଦ୍ଧତି କୃଷକମାନଙ୍କ ପାଇଁ ଲାଭଦାୟକ ହୋଇଥାଏ। ଏହି ପଦ୍ଧତିରେ ରୋଗ ନିୟନ୍ତ୍ରଣ କରିବା ସହଜ । ଗେଣ୍ଡୁଗଛ କିମ୍ବା ଜଡ଼ାଗଛ ଜମି ହିଡ଼ରେ ଯଦି ଲଗାଇବା ଏହା ଧାନ ଫସଲକୁ କୀଟପତଙ୍ଗ ଦାଉରୁ ରକ୍ଷା କରିପାରିବ। ସାଧାରଣତଃ ଡାଲି ଜାତୀୟ ଫସଲ ମୃତ୍ତିକାରେ ଯବକ୍ଷାରଜାନ ପରିମାଣକୁ ନିୟନ୍ତ୍ରଣ ରଖିବାରେ ଏହା ସାହାଯ୍ୟ କରେ। ସେହିପରି ଧନିଆ,ଆକାଶିଆ ଇତ୍ୟାଦିକୁ ମୃତ୍ତିକାର ଉର୍ବରତା ବଢ଼ାଇବାରେ ବ୍ୟବହାର କରାଯାଇପାରିବ। ଏହି ସବୁକୁ ମୁଖ୍ୟ ଫସଲ ମଝିରେ ଲଗାଇଲେ ଉର୍ବରତା କମ୍ ହେବାକୁ ଦିଅନ୍ତି ନାହିଁ। ସେହିପରି ସୁବାବୁଲ ଗଛର ପତ୍ର ଓ ଚେର ମାଟିରେ ମିଶାଇଲେ ମାଟିର ଉର୍ବରତା ବଢ଼େ। ଉଦାହରଣ ସ୍ୱରୂପ ଧାନ ଚାଷ ସହ ଆମେ ମତ୍ସ୍ୟଚାଷକୁ ଏକା ସମୟରେ ଅଳ୍ପ ଖର୍ଚ୍ଚରେ କରିପାରିବା। ଧାନ ଜମିରେ ପାଣିକୁ ମତ୍ସ୍ୟ ଚାଷରେ ବିନିଯୋଗ କରିହେବ। ଧାନଚାଷ ପରେ ବିରି,ମୁଗ ଓ ବିଭିନ୍ନ ଡାଲିଜାତୀୟ ଫସଲ ଚାଷ କରିହେବ। ଏହାଦ୍ୱାରା ମୃତ୍ତିକାର ଉତ୍ପାଦନ କ୍ଷମତା ହ୍ରାସ ପାଇବନାହିଁ। ଅଧିକ ଲାଭ ପାଇବା ନିମନ୍ତେ ବିଭିନ୍ନ ପନିପରିବା ଚାଷ ମଧ୍ୟ କରିହେବ। ଜମିରେ ଗାଈ ,ମଇଁଷିଙ୍କ ଗୋବରକୁ ଖତ ହିସାବରେ ବ୍ୟବହାର କରିହେବ। ଧାନ ଉତ୍ପାଦନ ପରେ ଯାହା ବଳିଯାଏ,ତାକୁ ପାଳ ହିସାବରେ ଗୋଖାଦ୍ୟ ରୂପେ ବ୍ୟବହାର କରିହେବ। କମ୍ପୋଜିଟ୍ ମଡେଲ ମାଧ୍ୟମରେ ଥରେ ଜମି ପରିମାଣ ଓ ମୃତ୍ତିକା ଶ୍ରେଣୀ ବିଷୟରେ ଜଣାପଡ଼ିବା ପରେ ବୈଷୟିକ ଜ୍ଞାନ ବିନିଯୋଗରେ ଉତ୍ପାଦନ ବଢ଼ାଇ ହେବ। ଜଳସେଚନ ଓ ଜୈବିକ ପଦାର୍ଥର ଯେପରି ଅଭାବ ନ ହୁଏ। ଗୋଟିଏ ପୋଖରୀକୁ ମଧ୍ୟ ଗୋଟିଏ କମ୍ପୋଜିଟ୍ ମଡେଲ ମଧ୍ୟରେ ସାମିଲ କରିହେବ। ଏହାକୁ ମାଛଚାଷ ଓ ଚିଙ୍ଗୁଡ଼ିଚାଷ ସହ ବତକଙ୍କ ବାସସ୍ଥଳୀ ଭାବେ ବ୍ୟବହାର କରିହେବ। ଏଥିରେ ମୃତ୍ତିକାର ଉର୍ବରତା ବଢ଼େ। ତାଳଗଛ ଓ ନଡ଼ିଆଗଛର ଚେର ବହୁତ ମଜଭୁତ ଥାଏ। ଏହାଦ୍ୱାରା ମୃତ୍ତିକା କ୍ଷୟରୁ ରକ୍ଷାପାଇବା ସହ ମସଲାଜାତୀୟ ବୃକ୍ଷରୋପଣ କରାଯାଇପାରିବ। ସେହିଭଳି ଫଳଜାତୀୟ ଓ ରୋପଣ ଜାତୀୟ ଫସଲ ସାଧାରଣତଃ ଅଧିକ ଲାଭ ଦିଅନ୍ତି। ସେମାନେ ଗୋଟିଏ ବର୍ଷରେ ଥରକୁ ଅଧିକ ଥର ଉତ୍ପାଦନକ୍ଷମ ଅଟନ୍ତି। ଏହି ପ୍ରକାର ଚାଷରେ ବିନିଯୋଗ ଅପେକ୍ଷା ଲାଭ ଅଧିକ ହୋଇଥାଏ। କମ୍ପୋଜିଟ୍ ଫାର୍ମିଂରେ ସରକାରଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାର ବିଭିନ୍ନ ପ୍ରକାର ନୀତିନିୟମ ଅନୁସାରେ ପ୍ରଚାରକଲେ ଚାଷୀମାନେ ଉପକୃତ ହେବେ।



-ଅଧ୍ୟକ୍ଷ,ଆଗ୍ରୋ ପଲିଟେକ୍‌ନିକ୍ ସେଣ୍ଟର,ଓୟୁଏଟି, ରଙ୍ଗେଇଲୁଣ୍ଡା,ବ୍ରହ୍ମପୁର
ମୋ: ୯୪୩୯୬୩୮୦୦୪

# ଚିନାବାଦାମରେ ଜୀବାଣୁ ଉପଚାର

**ଚି**ନାବାଦାମ ମଞ୍ଜିକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୩ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଓ ରାଇଜୋବିୟମ କଲ୍‌ଚର ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ । ବୁଣିବାର ୧ ସପ୍ତାହ ପୂର୍ବରୁ ଫିମ୍ପି ନାଶକ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ। ୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।



# ବାଇଗଣର ଉନ୍ନତ କିସମ

**ବା**ଇଗଣର ଉନ୍ନତ କିସମ ଗୁଡ଼ିକ ହେଲା - ମୁକ୍ତାକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍ । ସଙ୍କର ଜାତୀୟ କିସମ ହିସାବରେ ଜେକେ-୮୦୩୧, ଜେକେ-୮୦୩୫, ତାରିଣି, ଅଖିତା, ସୁଙ୍ଗ୍ରୋ-୧୩୨, ସୁଙ୍ଗ୍ରୋ-୩୮, ଭି.ଏନ୍.ଆର୍.-୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ ।

# ଫଳବଗିଚା: ଯତ୍ନ କିପରି ନେବେ

**ଆ**ମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ସଜନା, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ । କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତୁ। ଫଳବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟକରି ସଫାସୁତୁରା ରଖନ୍ତୁ। ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ। ଦରକାର ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ । ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।



# ପନିପରିବା ଫସଲରେ ହୁଡ଼ା ଟେକା

**କ**ଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗା ସରିଥିଲେ କୋଡ଼ାଖୁସା କରନ୍ତୁ। ଏଥିସହ ଏଥିରେ ପ୍ରଥମ କିସ୍ତି ସାର ଦେବା ପରେ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ । ମନେରଖନ୍ତୁ ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାଇବେ ନାହିଁ। ଭେଣ୍ଡି ଫସଲକୁ କୋଡ଼ାଖୁସା କରି ସାର ଦେଇ ହୁଡ଼ା ଟେକନ୍ତୁ । ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ ।

# ତଳିଘରା କିପରି ପ୍ରସ୍ତୁତି କରିବେ...

**ଅ**ନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ୨ ପଟାଳି ମଝିରେ ୩୦ସେ.ମି. ଓସାର ନାଳ ଛାଡ଼ିବେ । କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନ କରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ ୨,୪-ଡି ସୋଡିୟମ୍ ସଲ୍‌ଟ ପ୍ରୟୋଗକରି ଧଣିଚା ମରିଗଲା ପରେ ଜମିରେ ଚାଷକରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ (ଫୁଲହେବା ପୂର୍ବରୁ) ସିଧାସଳଖ ହଳ ଦ୍ୱାରା ମାଟିରେ ମିଶାଇ ଦିଅନ୍ତୁ। ଏହା ଧଣିଚା ବୁଣାର ୬ ରୁ ୭ ସପ୍ତାହ ବେଳକୁ କରାଯାଏ। ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟରଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରିବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ । ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡ୍‌ର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।



# ନଳିତାରେ କୋଡ଼ାଖୁସା ସମ୍ପର୍କରେ...

ନଳିତା ବୁଣା କାର୍ଯ୍ୟ ସାଧାରଣତଃ ଜୁନ୍ ମାସରେ କରାଯାଏ। ଆଉ ଆପଣ ନଳିତା ଚାଷ କରିଥିଲେ, ଗଛ ୩ ସପ୍ତାହର ହୋଇଯାଇଥିଲେ ସେଥିରେ ଯଥାଶୀଘ୍ର କୋଡ଼ାଖୁସା କାର୍ଯ୍ୟ ଶେଷ କରନ୍ତୁ। ଏହାପରେ ପ୍ରଥମ ଦଫା ଘାସ ବାଛି ଦିଅନ୍ତୁ । ଗଛ ଯଦି ଗହଳିଆ ହୋଇଥିବ ତେବେ ପତଳା କରନ୍ତୁ। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ତେବେ ବର୍ଷା ହୋଇଥିବା ସ୍ଥାନରେ ସଅଳ ନଳିତା ବୁଣିଥିଲେ ତାହା ଯଦି ୫ରୁ ୬ ସପ୍ତାହର ହୋଇ ଯାଇଥାଏ ତାହେଲେ କୋଡ଼ାଖୁସା କରିବା ସହ ଘାସ ବାଛି ଦିଅନ୍ତୁ। ଏକର ପିଛା ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୫/୨୦୨୩ Bhubaneswar, Wednesday, July 5/ 2023

# ଦ୍ୱିତୀୟ ରାଉଣ୍ଡରେ ଅଲକାରାଜ, ରିବାକିନା

ୱିମ୍ବେଲଡନ୍, ୪ା୭ (ପି.ଟି.)

ସର୍ବପୁରାତନ ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ୍‌ର ଦ୍ୱିତୀୟ ଦିନରେ ବର୍ଷା କାରଣରୁ ଏକାଧିକ ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ତେବେ ପୁରୁଷ ଟପ୍ ସିଡ୍ ଖେଳାଳି କାର୍ଲୋସ୍ ଅଲକାରାଜ ଗାର୍ଫିଆ, ଜାନିକ୍ ସିନର ଓ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଏଲିନା ରିବାକିନା ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବର୍ଗରେ

**ୱିମ୍ବେଲଡନ୍ ୨୦୨୩**

ମାତ୍ର ଦୁଇଟି ମ୍ୟାଚ୍ ଖେଳ ହେବା ସମ୍ଭବ ହୋଇଥିବା ବେଳେ ମହିଳା ବର୍ଗରେ ମଧ୍ୟ ମାତ୍ର ଗୋଟିଏ ମ୍ୟାଚ୍ ସମ୍ପୂର୍ଣ୍ଣ ହୋଇଥିଲା। ଟପ୍ ସିଡ୍ ରହିଥିବା ଅଲକାରାଜ ଫ୍ରାନ୍ସର ଜେରେମି ଚାର୍ଡିଙ୍କୁ ୬-୦, ୬-୨ ଓ ୭-୫ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌କୁ ୬-୦ରେ ଜିତିବା ପରେ ଦ୍ୱିତୀୟ ସେଟ୍‌କୁ ମଧ୍ୟ ଏକପାଖିଆ ଭାବେ ଜିତି ନେଇଥିଲେ ଅଲକାରାଜ। ନିର୍ଣ୍ଣାୟକ ସେଟ୍‌ରେ ଏକଦା ମ୍ୟାଚ୍ ୫-୫ ସ୍ଥିତିରେ ରହିଥିଲେ ମଧ୍ୟ ଅଲକାରାଜ ୭-୫ରେ ମ୍ୟାଚ୍‌କୁ ଜିତି ନେଇଥିଲେ। ୧ ଘଣ୍ଟା ୫୩ ମିନିଟ ସମୟ ନେଇ ସେ ଏହି ମ୍ୟାଚକୁ ଜିତି ନେବା ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ପୁରୁଷ ସିଙ୍ଗଲ୍ସରେ ସମାପ୍ତ ହୋଇଥିବା ଅନ୍ୟ ମ୍ୟାଚ୍‌ଟିରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଅଷ୍ଟମ ସିଡ୍ ଜାନିକ୍ ସିନର। ଆର୍ଜେଣ୍ଟିନାର ଜୁଆନ୍ ମାନୁଏଲ ସେରୁଣ୍ଡୋଲୋଙ୍କୁ ସେ .୬-୨, ୬-୨ ଓ ୬-୨ର ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ଷ୍ଟିଫାନୋସ୍ ସିତ୍‌ସିପାସ ଓ ହୋଲ୍‌ଗର ରୁନଙ୍କ ପରି ସିଡେଡ ଖେଳାଳିଙ୍କ ବର୍ଷା କାରଣରୁ ବନ୍ଦ ରହିଛି।

ମହିଳା ସିଙ୍ଗଲ୍ସରେ ମାତ୍ର ଗୋଟିଏ ମ୍ୟାଚ୍ ସମ୍ପୂର୍ଣ୍ଣ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିୟନ୍ କାଜାଖସ୍ତାନର ଏଲିନା ରିବାକନା ଏହି ମ୍ୟାଚରେ ଆମେରିକାର ସେଲ୍‌ବି ରୋଜର୍ସଙ୍କୁ ୪-୬, ୬-୧ ଓ ୬-୨ ସେଟରେ ପରାସ୍ତ କରିଥିଲେ। ସେଲ୍‌ବି ପ୍ରଥମ ସେଟ୍‌ରେ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ରିବାକିନାଙ୍କୁ ପରାସ୍ତ କରିଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ରିବାକିନା ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ। ସେଣ୍ଟର କୋର୍ଟରେ ଖେଳା ଯାଇଥିବା ଏହି ମ୍ୟାଚ୍ ଦେଖିବାକୁ ଟେନିସ୍ କିମ୍ବଦନ୍ତୀ ରୋଜର ଫେଡେରର ଓ ୱେଲ୍ସ ରାଜକୁମାରୀ ଉପସ୍ଥିତ ରହିଥିଲେ। ଫେଡେରରଙ୍କୁ ନିଜର ଆଦର୍ଶ ମାନୁଥିବା ରିବାକିନା ମ୍ୟାଚ୍ ପରେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ମୋର ଆଦର୍ଶ ଦର୍ଶକ ଷ୍ଟାଣ୍ଡରେ ବସି ମୋ ମ୍ୟାଚ ଦେଖିବା ମୋ ପାଇଁ ଗର୍ବର ବିଷୟ ବୋଲି କହିଥିଲେ ରିବାକିନା।


ରିଟର୍ନ ଶଟ୍ ଖେଳିବା ଅବସରରେ ଏଲିନା ରିବାକିନା।

# ଉପଅଧିନାୟିକା ରହିଲେ ଦୀପ୍‌ଗ୍ରେସ୍


ୟୁରୋପ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

## ୟୁରୋପ ଗସ୍ତ ପାଇଁ ଭାରତୀୟ ମହିଳା ହକି ଦଳ ଘୋଷିତ

ନୂଆଦିଲ୍ଲୀ, ୪ା୭ (ପି.ଟି.)

ୟୁରୋପ ଗସ୍ତ ପାଇଁ ୨୦ ଜଣିଆ ମହିଳା ହକି ଦଳ ଘୋଷଣା କରିଛି ହକି ଇଣ୍ଡିଆ। ଏହି ଦଳ ପ୍ରଥମେ ଜର୍ମାନୀରେ ମ୍ୟାଚ୍ ଖେଳିବା ସହିତ ସ୍ପେନ୍‌ରେ ଏକ ଚତୁଃରାଷ୍ଟ୍ରୀୟ ଟି୨୦ ଟୁର୍ନାମେଣ୍ଟ ଖେଳିବ। ଉଭୟ ଇଭେଣ୍ଟ ହାଙ୍ଗଝୌ ଏସିଆନ୍ ଗେମ୍ସ ପାଇଁ ପ୍ରସ୍ତୁତି ଶିବିର ରହିବ। ଆସନ୍ତା ସେପ୍ଟେମ୍ବରରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଦଳରେ ଗୋଲକିପର ସବିତା ପୁନିଆ ଅଧିନାୟିକା ରହିଥିବା ବେଳେ ଉପ ଅଧିନାୟିକା ପଦ ବଜାୟ ରଖିଛନ୍ତି ଓଡ଼ିଆ ଝିଅ ଦୀପ୍‌ଗ୍ରେସ୍ ଏକ୍କା। ଓଡ଼ିଶାର ଜ୍ୟୋତି ଛତ୍ରି ମଧ୍ୟ ଦଳର ଅନ୍ୟତମ ସଦସ୍ୟା ରହିଛନ୍ତି। ଜର୍ମାନୀରେ ଜୁଲାଇ ୧୬ରୁ ଭାରତୀୟ ଦଳ ୩ ମ୍ୟାଚର ଟେଷ୍ଟ ସିରିଜ୍ ଖେଳିବ। ପ୍ରଥମେ ଚାଇନା ବିପକ୍ଷରେ ଓ ପରବର୍ତ୍ତୀ ଦୁଇ ମ୍ୟାଚ୍ ଜର୍ମାନୀ ବିପକ୍ଷରେ ଖେଳିବେ ଭାରତୀୟ ମହିଳା। ଏହାପରେ ଜୁଲାଇ ୨୫ରୁ ୩୦ ମଧ୍ୟରେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ସ୍ପେନ୍‌କୁ ନେଇ ଏକ ଚୁତଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ ଭାରତ। ସ୍ପାନିଶ ହକି ଫେଡେରେଶନର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ।

ଅଷ୍ଟ୍ରେଲିଆ ଗସ୍ତରୁ ବିଶ୍ରାମ ପାଇଥିବା ଭେଟେରାନ ଡିଫେଣ୍ଡର ସୁଶୀଳା ଚାନୁ ପୁଖରାମବାମ ଓ ଫରୱାର୍ଡ ଦୀପିକା ଦଳକୁ ଫେରିଛନ୍ତି। ସେହିପରି ଜାତୀୟ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ପରେ ମିଡ୍‌ଫିଲ୍ଡର ବୈଷ୍ଣବୀ ବିଠଲ ଫାଲକେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭାରତୀୟ ଦଳ ପାଇଁ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି, କୋଚ୍ ଜାନେକ୍ ଶପମାନ୍। ଶକ୍ତିଶାଳୀ ଦଳମାନଙ୍କ ବିପକ୍ଷରେ ଖେଳିବାର ଅଭିଜ୍ଞତା ଭାରତୀୟ ଦଳକୁ ମିଳିବ ବୋଲି ସେ କହିଛନ୍ତି।

**ଭାରତୀୟ ଦଳ: ଗୋଲକିପର:** ସବିତା (ଅଧିନାୟିକା), ବିଚୁ ଦେବୀ ଖରିବାମ। **ଡିଫେଣ୍ଡର:** ଦୀପ୍‌ଗ୍ରେସ୍ ଏକ୍କା(ଉପ ଅଧିନାୟିକା), ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ଉଦିତା, ସୁଶୀଳା ଚାନୁ ପୁଖରାମବାମ। **ମିଡ୍‌ଫିଲ୍ଡର:** ନିଶା, ମୋନିକା, ସଲିମା ଟେଟେ, ନେହା, ନବନୀତ କୌର, ସୋନିକା, ବଲଜିତ କୌର, ବୈଷ୍ଣବୀ ବିଠଲ ଫାଲ୍‌କେ, ଜ୍ୟୋତି ଛତ୍ରି। **ଫରୱାର୍ଡ:** ଲାଲରେମସିଆମି, ବନ୍ଦନା କଟାରିୟା, ସଙ୍ଗୀତା କୁମାରୀ, ଦୀପିକା।

# ରୋଜର ଫେଡେରରଙ୍କୁ ଷ୍ଟାଣ୍ଡିଂ ଓଭେଶନ

ୱିମ୍ବେଲଡନ୍, ୪ା୭(ପି.ଟି.)

ୱିମ୍ବେଲଡନ୍ ଇତିହାସର ସଫଳତମ ଖେଳାଳି ରୋଜର ଫେଡେରରଙ୍କୁ ମିଳିଛି ଷ୍ଟାଣ୍ଡିଂ ଓଭେଶନ। ଅବସର ପରେ ପ୍ରଥମ ଥର ପାଇଁ ମ୍ୟାଚ୍ ଦେଖିବାକୁ ଅଲ ଇଂଲଣ୍ଡ ଟେନିସ୍ କ୍ଲବରେ ପହଞ୍ଚିଥିଲେ ଫେଡେରର। ସେ ପହଞ୍ଚିବା କ୍ଷଣି ସମସ୍ତ ଦର୍ଶକ ଛିଡା ହୋଇ ଦେଢ ମିନିଟ ଧରି କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏକ କ୍ରିମ୍ କଲର ସୁଟ୍‌ରେ ରହିଥିବା ଫେଡେରର ନିଜ ପତ୍ନୀ ମିର୍କା ଓ ୱେଲ୍ସର ରାଜକୁମାରୀ କେଟ୍ ମିଡିଲଟନ୍‌ଙ୍କ ମଝିରେ ଛିଡା ହୋଇଥିବା ନଜର ଆସିଥିଲେ। ଏହି ସମ୍ମାନପାଇଁ ଫେଡେରର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ୨୦୨୧ରେ ଶେଷଥର ପାଇଁ ୱିମ୍ବେଲଡନ୍ ଖେଳିଥିବା ଫେଡେରର କ୍ୱାର୍ଟର ଫାଇନାଲରେ ହୁବର୍ଟ ହୁରକାଜଙ୍କଠାରୁ ହାରିଥିଲେ। ୨୦ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଥିବା ଫେଡେରର ୮ ଥର ୱିମ୍ବେଲଡନ୍ ବିଜୟୀ ହୋଇଛନ୍ତି। ପୁରୁଷ ଖେଳାଳିଙ୍କ ମଧ୍ୟରେ ଏହା ସର୍ବାଧିକ ହୋଇଥିବା ବେଳେ ମହିଳା ଖେଳାଙ୍କ ମଧ୍ୟରେ ମାର୍ଟିନା ନାଭ୍ରାତିଲୋଭା ୯ ଥର ବିଜୟୀ ହୋଇଛନ୍ତି।


ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଦେଖିବାପାଇଁ ମଙ୍ଗଳବାର ଦର୍ଶକ ଷ୍ଟାଣ୍ଡରେ ସ୍ତ୍ରୀ ମିର୍କାଙ୍କ ସହ ରୋଜର ଫେଡେରର।

# ଓଲି ପୋପ୍ ଆଶେସରୁ ବାହାର

**ଲିଡ୍ସ, ୪ା୭ (ପି.ଟି.):** ଇଂଲଣ୍ଡ ଉପ ଅଧିନାୟକ ଓଲି ପୋପ୍ ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ଲର୍ଡ୍ସଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯାଉଥିବା ବେଳେ ତାଙ୍କ ଡାହାଣ କାନ୍ଧ ଖସି ଯାଇଛି। ଆଗାମୀ କିଛି ଦିନ ମଧ୍ୟରେ ତାଙ୍କର ଅସ୍ତ୍ରୋପଚାର ହେବ। ଗତ ସପ୍ତାହରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ଏହି ୨୫ ବର୍ଷୀୟ ବ୍ୟାଟର ଅଜବ ପ୍ରକାର ତଳେ ପଡ଼ିଯିବାରୁ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡକୁ ଜଣେ ବଦଳ ଫିଲ୍ଡର ନେବାକୁ ଅନୁମତି ନ ମିଳିବାରୁ ତାଙ୍କ ଇଞ୍ଜୁରି ସମସ୍ୟା ବୃଦ୍ଧି ପାଇଥିଲା। ସୋମବାର ତାଙ୍କର ସ୍କାନ କରାଯାଇଥିଲା। ତାଙ୍କର ଅସ୍ତ୍ରୋପଚାର ଜରୁରୀ ବୋଲି ଜଣାପଡ଼ିଥିଲା। ସିଜନର ଅବଶିଷ୍ଟ ସେ ଖେଳିପାରିବେ ନାହିଁ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମଙ୍ଗଳବାର ପ୍ରକାଶ କରିଛି।

# ଧୂଲ୍ ଭାରତ 'ଏ' ଅଧିନାୟକ

ନୂଆଦିଲ୍ଲୀ, ୪ା୭ (ପି.ଟି.)

ଚଳିତ ମାସ ୧୩ରୁ ୨୩ ପର୍ଯ୍ୟନ୍ତ ଶ୍ରୀଲଙ୍କାରେ ହେବାକୁଥିବା ଏମର୍ଜିଂ ଏସିଆ କପ୍ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରତିଭାସମ୍ପନ୍ନ ୟାଶ ଧୂଲଙ୍କୁ ଭାରତ ଏ' ଦଳର ଅଧିନାୟକ ମନୋନୀତ କରାଯାଇଛି। ପ୍ରଥମ ଶ୍ରେଣୀ ସିଜନରେ ପ୍ରଦର୍ଶନ ଭଲ ନ ଥିବାରୁ ଧୂଲ ଦୁଲୀପ ଟ୍ରଫିରେ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏମର୍ଜିଂ ଟୁର୍ନାମେଣ୍ଟରେ ମୁଖ୍ୟତଃ ୨୩ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ନେଇ ହୋଇଥାଏ। ପଞ୍ଜାବ ରଣଜୀ ଅଧିନାୟକ

**ଏମର୍ଜିଂ ଏସିଆ କପ୍**

ଅଭିଷେକ ଶର୍ମାଙ୍କୁ ଧୂଲଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି।

## ଟୁର୍ନାମେଣ୍ଟର ଫର୍ମାଟ

ଭାଗ ନେଉଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପାକିସ୍ତାନ, ନେପାଳ, ୟୁଏଇର 'ଏ' ଦଳ ସହ ଭାରତ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଗ୍ରୁପ୍-ଏ'ରେ ରହିଛନ୍ତି ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ଓମାନର 'ଏ' ଦଳ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଫାଇନାଲ ଜୁଲାଇ ୨୩ରେ ହେବ।

**ଭାରତ-ଏ' ଦଳ:** ସାଇ ସୁଦର୍ଶନ, ଅଭିଷେକ ଶର୍ମା, ନିକିନ ବୋଷ, ପ୍ରଦୋଷ ରଞ୍ଜନ ପଲ୍, ୟାଶ ଧୂଲ, ର୍ୟାନ ପରାଗ, ନିଶାନ୍ତ ସିନ୍ଧୁ, ପ୍ରଭସିମରନ ସିଂ, ଧ୍ରୁବ ଜୁରେଲ, ମାନବ ସୁଥାର, ୟୁବରାଜ ସିଂ ଡୋଡିଆ, ହର୍ଷିତ ରାଣା, ଆକାଶ ସିଂ, ନୀତିଶ କୁମାର ରେଡ୍ଡୀ ଏବଂ ରାଜ୍ୟବର୍ଦ୍ଧନ ହାଙ୍ଗରଗେକର। ଷ୍ଟାଣ୍ଡବାଏ ତାଲିକା: ହର୍ଷ ଦୁବେ, ନେହାଲ ୱାଧେରା, ସ୍ନେଲ ପଟେଲ ଓ ମୋତ ରେଡ୍‌କର।




# 'ଦକ୍ଷତାକୁ ପରଖି ପରିଶ୍ରମ କଲେ ସଫଳତା ମିଳିଥାଏ'

**"ବାପା କହୁଥିଲେ ମୁଁ କ୍ୟାଣ୍ଟିନ ଚଳାଇ ତୁମମାନଙ୍କୁ ପୋଷିବି। ତୁ ରାଜ୍ୟ ଓ ଦେଶ ପାଇଁ ଯେଉଁଦିନ ଖେଳିବୁ ସେ ଦିନ ମୋ ସ୍ୱପ୍ନ ପୂରଣ ହେବ। ବାପା ଦେଖିଥିବା ସ୍ୱପ୍ନକୁ ମୁଁ ସାକାର କରିଛି"।**

ରାଉରକେଲା,୪ା୭
(ଦିନେଶ ମିଶ୍ର)

"ବାପା କହୁଥିଲେ ମୁଁ କ୍ୟାଣ୍ଟିନ ଚଳାଇ ତୁମମାନଙ୍କୁ ପୋଷିବି । ତୁ ରାଜ୍ୟ ଓ ଦେଶ ପାଇଁ ଯେଉଁ ଦିନ ଖେଳିବୁ ସେ ଦିନ ମୋ ସ୍ୱପ୍ନ ପୂରଣ ହେବ। ବାପା ଦେଖିଥିବା ସ୍ୱପ୍ନକୁ ମୁଁ ସାକାର କରିଛି" ବୋଲି କହିଛନ୍ତି ହରିୟାଣା ଦଳର ଫରୱାର୍ଡ ଖେଳାଳି ସାକ୍ଷୀ ରାଣା। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ହରିୟାଣା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି ସାକ୍ଷୀ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପଞ୍ଜାବକୁ ୪-୨ ଗୋଲରେ ହରାଇ ହରିୟାଣା ସେମିଫାଇନାଲରେ ପ୍ରବେଶ କରିଛି। ସାକ୍ଷୀ ମଧ୍ୟ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ମୋଟ ୯ଟି ଗୋଲ ସ୍କୋର କରି ସର୍ବାଧିକ ଗୋଲ କରିଥିବା ଖେଳାଳିଙ୍କ ତାଲିକାରେ ପଞ୍ଚମ ସ୍ଥାନରେ ରହିଛନ୍ତି।


ସାକ୍ଷୀ ରାଣା

ହରିୟାଣାର ସୋନେପତରେ ସାକ୍ଷୀଙ୍କ ଜନ୍ମ। ତାଙ୍କ ବାପା ସତ୍‌ପାଲ ସିଂ ସୋନେପତରେ ଏକ ଛୋଟିଆ କ୍ୟାଣ୍ଟିନ କରି ସେଥିରେ ପରିବାର ଭରଣପୋଷଣ କରନ୍ତି। ମା' ରାଜକୁମାରୀ ଜଣେ ଗୃହିଣୀ। ସାକ୍ଷୀ ୧୧ ବର୍ଷର ହୋଇଥିବାବେଳେ ବଡ ଭାଇ ରୋହିତ ସିଂଙ୍କ ସହ ଘର ପାଖ ପଡିଆକୁ ହକି ଖେଳିବାକୁ ଯାଉଥିଲେ। ଝିଅର ହକି ଖେଳିବାର ପ୍ରବଳ ଇଚ୍ଛାକୁ ଦେଖି ବାପା ସତ୍‌ପାଲ ପ୍ରୀତମ୍ ସିୱାଚ ହକି ସୋନେପତ ଏକାଡେମୀରେ ହକି ଖେଳିବାକୁ ଝିଅକୁ ଛାଡିଥିଲେ। ସେଠାରେ ସାକ୍ଷୀ କୋଚ୍ ପ୍ରୀତମ୍ ସିୱାଚଙ୍କ ପାଖରୁ ତାଲିମ ନେଇ ହକିର ବିଭିନ୍ନ କୌଶଳ ଶିଖିଥିଲେ। ଉକ୍ତ ଏକାଡେମୀରେ ଦୀର୍ଘ ୬ ବର୍ଷ ତାଲିମ ନେବା ପରେ ହରିୟାଣା ଜିଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସାକ୍ଷୀ ଚଳିତବର୍ଷ ରାଜ୍ୟ ଦଳରେ ଖେଳିବାକୁ ସୁଯୋଗ ପାଇଥିଲେ। କେବଳ ସେତିକି ନୁହେଁ ସୁଯୋଗର ଭରପୂର ସଦୁପଯୋଗ କରିଛନ୍ତି ସାକ୍ଷୀ। ହରିୟାଣାକୁ ସେମିଫାଇନାଲରେ ପହଞ୍ଚାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହାକୁ ସ୍ୱୀକାର କରିଛନ୍ତି ହରିୟାଣା କୋଚ୍ ଆଜାଦ ସିଂ ମଲିକ। ନିଜ ସମ୍ପର୍କରେ ସାକ୍ଷୀ କହିଛନ୍ତି ଯେ, "ମୁଁ ବର୍ତ୍ତମାନ ଲିଟିଲ ଆଞ୍ଜେଲ ସୋନେପତ ଲୋକାଲ ଏକାଡେମୀ ସ୍କୁଲରେ ଯୁକ୍ତ୨ର ଛାତ୍ରୀ। ପାଠପଢ଼ା ସଙ୍ଗେ ସଙ୍ଗେ ଯଦି ଜଣେ ବିଦ୍ୟାର୍ଥୀ ନିଜ ଭିତରେ ଥିବା ଦକ୍ଷତାକୁ ପରଖି ନିଷ୍ଠାର ସହ କଠିନ ପରିଶ୍ରମ କରିବ ତେବେ ସୁନିଶ୍ଚିତ ସଫଳତା ପାଇବ। ଆମ ଦଳ ଜାତୀୟ ଜୁନିୟର ମହିଳା ହକିର ସେମିଫାଇନାଲରେ ପ୍ରବେଶ କରିଥିବାରୁ ମୁଁ ବହୁତ ଖୁସି । ଆଗାମୀ ଦିନରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ବିଶ୍ୱକପ ଜିତିବା ମୋର ଲକ୍ଷ୍ୟ। ଏଥିପାଇଁ ମୋର ସଂଘର୍ଷ ଜାରି ରହିବ"।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ